# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୨୦/୨୦୨୪ (୧୬ ପୃଷ୍ଠା) | Bhubaneswar, Wednesday, March 20/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୧୧୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 117 | ମୂଲ୍ୟ₹୭/-




**ପଦାର୍ପଣରେ ନାଗାଲଙ୍କ ବିଜୟ**

ଭାରତର ସୁମିତ ନାଗାଲ ମାୟାମି ଓପନ ଟେନିସ ଟୁର୍ଣ୍ଣାମେଣ୍ଟ ପଦାର୍ପଣରେ ବିଜୟ ହାସଲ କରିଛନ୍ତି।

୧୪

୦୨

**ଏଥର ଭାରତରେ ହୋଲି ପାଳିବେ ପ୍ରିୟଙ୍କା**

ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏଥର ସ୍ୱାମୀ ତଥା ଆମେରିକୀୟ ଗାୟକ ନିକ୍ ଜୋନ୍ସଙ୍କ ସହ ଭାରତରେ ହୋଲି ପାଳିବେ।



# ବୃହତ୍ତର ସ୍ୱାର୍ଥ ପାଇଁ ମୋଦି-ନବୀନ ଏକାଠି ହେବାକୁ ଚାହୁଁଛନ୍ତି: ପାଣ୍ଡିଆନ

ଭୁବନେଶ୍ୱର,୧୯।୩(ଅନିଲ ଦାସ)

ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ପରେ ମଧ୍ୟ ରାଜ୍ୟରେ ବିଜେଡି ଓ ଭାଜପା ମଧ୍ୟରେ ସମ୍ଭାବ୍ୟ ମେଣ୍ଟକୁ ନେଇ ଦ୍ୱନ୍ଦ୍ୱ ଓ କଳ୍ପନାଜଳ୍ପନା ଲାଗି ରହିଛି। ଏଭଳିସ୍ଥଳେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଗଣମାଧ୍ୟମକୁ ଦେଇଥିବା ବିବୃତି ମେଣ୍ଟ ଚର୍ଚ୍ଚାରେ କିଛିଟା ସ୍ୱଷ୍ଟତା ଆଣିଛି। ବୃହତ୍ତର ସ୍ୱାର୍ଥ ଉଦ୍ଦେଶ୍ୟରେ ଦେଶର ଦୁଇ ମହାନ୍ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକାଠି ହେବାକୁ ଚାହାନ୍ତି, ଯାହାକି ରାଜନୀତିଠାରୁ ଊର୍ଦ୍ଧ୍ୱରେ ଏବଂ ଏହା ହିଁ ରାଷ୍ଟ୍ରନୀତି ବୋଲି ପାଣ୍ଡିଆନ କହିଛନ୍ତି। ମଙ୍ଗଳବାର ନୂଆଦିଲ୍ଲୀଠାରେ ଏକ ଜାତୀୟ ଗଣମାଧ୍ୟମ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ପାଣ୍ଡିଆନ କହିଛନ୍ତି, ଭାଜପା କେନ୍ଦ୍ରରେ ଏବଂ ବିଜେଡି



କାର୍ତ୍ତିକ ପାଣ୍ଡିଆନ

ରାଜ୍ୟରେ ନିର୍ବାଚନ ଜିଣି ସରକାର ଗଢ଼ିବା ପାଇଁ ପରସ୍ପରର ସହଯୋଗ ଆବଶ୍ୟକ ନାହିଁ। ମେଣ୍ଟକୁ ନେଇ ଯାହା କିଛି ହେବ ତାହା ସମସ୍ତେ ଜାଣିବେ ବୋଲି ସେ କହିଛନ୍ତି।

ରାଜ୍ୟରେ ଭାଜପା ଓ ବିଜେଡି ମଧ୍ୟରେ ନିର୍ବାଚନ ମେଣ୍ଟକୁ ନେଇ ଚାଲିଥିବା ଚର୍ଚ୍ଚା ☞ପୃଷ୍ଠା-୧୨

## ‘ନବୀନଙ୍କ ଉତ୍ତରାଧିକାରୀ ଲୋକେ ବାଛିବେ’

ଭୁବନେଶ୍ୱର,୧୯।୩(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ ଗୁରୁ। ତାଙ୍କ ନୀତି ଓ ଆଦର୍ଶରେ ମୁଁ ଅନୁପ୍ରାଣିତ। ତାଙ୍କ ଆଦର୍ଶରେ ହିଁ ମୁଁ ରାଜନୀତିରେ ଯୋଗଦେଇଛି। ମୁଖ୍ୟମନ୍ତ୍ରୀ କେବେ ବି ରାଜନୀତି ପାଇଁ ରାଜନୀତି କରନ୍ତି ନାହିଁ। ସେ ରାଜନୀତିକୁ ଜନସେବା ବୋଲି ଭାବନ୍ତି। ଏହା ହିଁ ନବୀନ ପଟ୍ଟନାୟକଙ୍କ ସଫଳତାର ରହସ୍ୟ। ଯେଉଁଥିପାଇଁ କ୍ରମାଗତ ଭାବେ ଅଢ଼େଇ ଦଶନ୍ଧି ଧରି ସେ ଓଡ଼ିଶାବାସୀଙ୍କ ଆଶା ଓ ଭରସା ଜିତୁଛନ୍ତି। ପ୍ରତି ନିର୍ବାଚନରେ ତାଙ୍କ ପ୍ରତି ଓଡ଼ିଶାବାସୀଙ୍କ ଭଲପାଇବା ବଢୁଛି ବୋଲି ଜାତୀୟ ଗଣମାଧ୍ୟମର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉତ୍ତରାଧିକାରୀ ଓଡ଼ିଶାର ସାଧାରଣ ଜନତା ବାଛିବେ। ଲୋକଙ୍କ ସେବା ଆଉ ବିକାଶ ହିଁ ମୁଖ୍ୟମନ୍ତ୍ରୀଙ୍କ ଏକମାତ୍ର ଲକ୍ଷ୍ୟ। ରାଜ୍ୟର ସବୁ ଶ୍ରେଣୀର ଲୋକଙ୍କ ବିକାଶ ପାଇଁ ସେ ସବୁବେଳେ କାମ କରୁଥାନ୍ତି। ସେଥିପାଇଁ ପ୍ରତି ନିର୍ବାଚନରେ ବିଜେଡିର ☞ପୃଷ୍ଠା-୧୨

## ସିଏଏ ଉପରେ କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୯।୩(ପି.ଟି.)

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) କାର୍ଯ୍ୟକାରିତାକୁ ସ୍ଥଗିତ ରଖିବା ଲାଗି ହୋଇଥିବା ଏକାଧିକ ଆବେଦନ ଉପରେ ସୁପ୍ରିମକୋର୍ଟ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। ୩ ସପ୍ତାହ ମଧ୍ୟରେ ଜବାବ ଦେବା ପାଇଁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେବା ସହ ପରବର୍ତ୍ତୀ ଶୁଣାଣି ଏପ୍ରିଲ ୯କୁ ଧାର୍ଯ୍ୟ କରିଛନ୍ତି। ତେବେ ସିଏଏ ନିୟମାବଳୀ ଉପରେ ସ୍ଥଗିତାଦେଶ ଲଗାଇବାକୁ ଖଣ୍ଡପୀଠ ମନା କରିଦେଇଛନ୍ତି। ସିଏଏର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରାଯାଇ ଦାଏର ପିଟିଶନଗୁଡ଼ିକର ☞ପୃଷ୍ଠା-୧୨








## କଟକରେ ସୁନା ଦୋଳବିମାନ

କଟକ,୧୯।୩(ଶିଲ୍ପା ପ୍ରିୟଦର୍ଶିନୀ)

କଟକ କାଠଗଡ଼ା ସାହିସ୍ଥିତ ଶ୍ରୀଶ୍ରୀ ମଦନ ମୋହନଜୀଉ ଦୁର୍ଗା କମିଟି ପକ୍ଷରୁ ନିର୍ମିତ ସୁନାର ଦୋଳ ବିମାନ ମଙ୍ଗଳବାର ଉଦ୍‌ଘାଟନ ହୋଇଯାଇଛି। ଗ୍ରାମର ପୁରୋହିତ ଦୟାନିଧି ଶତପଥୀ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଗ୍ରାମର ଅଧିକାରୀ ବିରଞ୍ଚି ନାରାୟଣ ମହାରଣା, ମହନ୍ତ ଦୁର୍ଗାଚରଣ ମହାରଣା, ସଭାପତି ବିଜନ୍ ସିହ୍ନା, ସମ୍ପାଦକ ସଦାଶିବ ଓଝା, କତୁଆଳ ଶିବପ୍ରସାଦ ସାହୁ, ମେଢ଼ ☞ପୃଷ୍ଠା-୧୩

## ୨ ଥର ଅନୁରୋଧ ସତ୍ତ୍ୱେ ଉତ୍ତର ଦେଇନାହାନ୍ତି ସରକାର: ସିବିଆଇ

କଟକ,୧୯।୩(କାର୍ତ୍ତିକ ସାହୁ)

**ବ୍ଲାକ୍‌ରୋଜ୍ ଜାହାଜ ବୁଡ଼ି ମାମଲା**

ପାରାଦୀପ ସମୁଦ୍ର ଉପକୂଳରେ ୨୦୦୯ ସେପ୍ଟେମ୍ବର ୯ତାରିଖରେ ମଙ୍ଗୋଲିଆର ପଣ୍ୟବାହୀ ଏମ୍‌ଭି ବ୍ଲାକ୍‌ରୋଜ ଜାହାଜ ବୁଡ଼ି ଘଟଣାରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା(ସିବିଆଇ) ମଙ୍ଗଳବାର ସତ୍ୟପାଠ ହାଇକୋର୍ଟରେ ଦାଖଲ କରିଛି। ଜାହାଜ ଚଳାଚଳ ମନ୍ତ୍ରଣାଳୟର ପ୍ରସ୍ତାବ ଅନୁସାରେ ଏହି ଘଟଣାର ତଦନ୍ତ ଭାର କେନ୍ଦ୍ରୀୟ ସଂସ୍ଥାକୁ ପ୍ରଦାନ କରିବାକୁ ସିବିଆଇ ଦୁଇ ଥର ଅନୁମତି ଲୋଡ଼ିଥିଲେ ସୁଦ୍ଧା ଓଡ଼ିଶା ରାଜ୍ୟ ସରକାର ଅନିଚ୍ଛା ପ୍ରକାଶ କରିଥିବା ସତ୍ୟପାଠରେ ଉଲ୍ଲେଖ ରହିଛି। ମାମଲାର ପରବର୍ତ୍ତୀ ଶୁଣାଣି ୨ସପ୍ତାହ ପରେ ହେବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ପାରାଦୀପ ନିକଟସ୍ଥ ସମୁଦ୍ରରେ ଏମ୍‌ଭି ବ୍ଲାକ୍‌ରୋଜ୍ ଜାହାଜ ବୁଡ଼ି ଘଟଣାର ସିବିଆଇ ତଦନ୍ତ ଦାବି ନେଇ ହାଇକୋର୍ଟରେ ରୁଜୁ ମାମଲାରେ ସିବିଆଇ ମଙ୍ଗଳବାର ସତ୍ୟପାଠ ଦାଖଲ କରିଛି। ମଙ୍ଗୋଲିଆର ପଣ୍ୟବାହୀ ଜାହାଜ ବ୍ଲାକ୍‌ରୋଜ ଲୁହାପଥର ଏବଂ ଫର୍ନେସ ଅଏଲ ନେଇ ଚାଇନା ଯାଉଥିବାବେଳେ ପାରାଦୀପଠାରୁ ୫କି.ମି. ଦୂର ସମୁଦ୍ରରେ ବୁଡ଼ି ଯାଇଥିଲା। କେନ୍ଦ୍ରୀୟ ସଂସ୍ଥା ଦ୍ୱାରା ଏହି ମାମଲାର ତଦନ୍ତ ଅନୁମତି ପାଇଁ ରାଜ୍ୟ ସରକାରଙ୍କୁ ଦୁଇ ଥର ଅନୁରୋଧ କରାଯାଇଥିଲେ ବି ରାଜ୍ୟ ☞ପୃଷ୍ଠା-୧୩

**ଆଜିର ସମ୍ପାଦକୀୟ** ପୁଣି ପୁଟିନ୍

## ୩ ବନ କର୍ମଚାରୀଙ୍କୁ ଶିକାରୀଙ୍କ ଗୁଳିମାଡ଼

ନୀଳଗିରି(ପ୍ରଶାନ୍ତ କୁମାର ବିଶ୍ୱାଳ)/ କଟକ(ଶିଳ୍ପା ପ୍ରିୟଦର୍ଶିନୀ), ୧୯।୩

**କୁଲଡିହା ଅଭୟାରଣ୍ୟ**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ କୁଲଡିହା ଅଭୟାରଣ୍ୟରେ ଦିନକୁ ଦିନ ବଢିଚାଲିଛି ଶିକାରୀଙ୍କ ଆତଙ୍କରାଜ। ସୋମବାର ରାତିରେ ବନ ବିଭାଗର ଏକ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ଶିକାରୀଙ୍କ ସହ ମୁହାଁମୁହିଁ ହୋଇଥିଲେ। ଶିକାରୀମାନେ ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ବନକର୍ମଚାରୀମାନେ ବାଧା ଦେବାରୁ ସେମାନେ ନିଜ ଦେଶୀ ବନ୍ଧୁକରୁ ଗୁଳି ଚଳାଇଥିଲେ। ଗୁଳିମାଡ଼ରେ ୩ ଜଣ ବନ କର୍ମଚାରୀ ଆହତ ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଯାଇ ଚିକିତ୍ସା କରାଯାଇଥିଲା। ହେଲେ ସେଠାରେ ୨ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ବିଳମ୍ବିତ ରାତିରେ ଏସ୍‌ସିବି ମେଡିକାଲ ସ୍ଥାନାନ୍ତର କରାଯାଇଛି। ଏସ୍‌ସିବି କାଜୁଆଲଟିରେ ☞ପୃଷ୍ଠା-୧୩

## ଜଙ୍ଗଲ ନିଆଁ ଆୟତ୍ତ କଲେ ଗାଁ ପିଲା

ପାଲଲହଡ଼ା,୧୯।୩ (ଦିବ୍ୟଜ୍ୟୋତି ଦାଶ)

ଖେଳକୁଦ କରିବା ବୟସରେ ୭ ଜଣ ପିଲା ଦେଖାଇଛନ୍ତି ସାହସିକତା। ସଚେତନ ମଣିଷଙ୍କ ପରି ସେମାନେ ବୁଦ୍ଧି ଖଟାଇ ଜଙ୍ଗଲ ନିଆଁକୁ କରିଛନ୍ତି ଆୟତ୍ତ। ଏଥିପାଇଁ ପଞ୍ଚାୟତ ପକ୍ଷରୁ ସେମାନଙ୍କୁ ସମ୍ମାନିତ କରାଯାଇଛି। ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ପେଚାମୁଣ୍ଡି ପଞ୍ଚାୟତରେ ଘଟିଥିବା ଏପରି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ହରିଜନ ସାହିର ଏହି ପିଲାମାନଙ୍କୁ ଚାରିଆଡୁ ପ୍ରଶଂସା କରାଯାଇଛି।

ସୂଚନା ଅନୁଯାୟୀ, ପାଲଲହଡ଼ା ଉପଖଣ୍ଡ ପେଚାମୁଣ୍ଡି ପଞ୍ଚାୟତ ଜୋକପାଣି ଜଙ୍ଗଲରେ ରବିବାର ନିଆଁ ଲାଗିଥିଲା। କିନ୍ତୁ ଏହାକୁ ଲିଭାଇବା ପାଇଁ ଅନ୍ୟ ☞ପୃଷ୍ଠା-୧୩



ଜୋକପାଣି ଜଙ୍ଗଲରେ ଲାଗିଥିବା ନିଆଁ ଲିଭାଉଛନ୍ତି ପିଲାମାନେ।




## ସଂକ୍ଷେପରେ

### ସୁନାଖଣି ଭୁଶୁଡ଼ିଲା: ଫସିଛନ୍ତି ୧୩ ଶ୍ରମିକ

**ମସ୍କୋ, ୧୯।୩:** ରୁଷିଆର ପୂର୍ବ ଭାଗରେ ଥିବା ଏକ ସୁନାଖଣି ଭୁଶୁଡ଼ି ପଡ଼ିବାରୁ ଏହା ଭିତରେ ୧୩ ଜଣ ଶ୍ରମିକ ଫସିରହିଛନ୍ତି। ସେମାନଙ୍କୁ ବାହାର କରିବା ଲାଗି ଉଦ୍ୟମ ଜାରି ରହିଛି। ଜିସ୍କ ଜିଲାରେ ଥିବା ଉକ୍ତ ଖଣିର କିଛି ଅଂଶ ଭୁଶୁଡ଼ି ପଡ଼ିଛି। ଶ୍ରମିକମାନେ ୧୨୫ ମିଟର ଗଭୀରରେ ରହିଥିବାବେଳେ ଭେଣ୍ଟିଲେଶନ ଶାଫ୍ଟ ଦେଇ ସେମାନଙ୍କ ନିକଟରେ ପହଞ୍ଚିବାକୁ ଉଦ୍ଧାରକାରୀ ଟିମ୍ ଉଦ୍ୟମ ଚଳାଇଛି। ଖଣି ଭୁଶୁଡ଼ିବାର କାରଣ ଜଣାପଡ଼ିନାହିଁ।

### ଭାଜପାରେ ଯୋଗଦେଲେ ପୂର୍ବତନ ରାଷ୍ଟ୍ରଦୂତ ସାନ୍ଧୁ



ତରନଜିତ୍ ସିଂ ସାନ୍ଧୁ

**ନୂଆଦିଲ୍ଲୀ, ୧୯।୩:** ଆମେରିକାରେ ପୂର୍ବରୁ ଭାରତର ପୂର୍ବତନ ରାଷ୍ଟ୍ରଦୂତ ଥିବା ତରନଜିତ୍ ସିଂ ସାନ୍ଧୁ ମଙ୍ଗଳବାର ଭାଜପାରେ ଯୋଗଦେଇଛନ୍ତି। ସେ ପଞ୍ଜାବର ଅମୃତସର ଆସନରୁ ଲୋକ ସଭା ପାଇଁ ଲଢ଼ିପାରନ୍ତି ବୋଲି କୁହାଯାଉଛି। ଭାଜପା ସାଧାରଣ ସମ୍ପାଦକ ବିନୋଦ ତାୱଡେ ଏବଂ ତରୁନ ଚୁଗ୍‌ଙ୍କ ଉପସ୍ଥିତିରେ ସାନ୍ଧୁ ପଦ୍ମ ଧରିଛନ୍ତି। ଭାରତ-ଆମେରିକା ସମ୍ପର୍କ ବୃଦ୍ଧି ପାଇଥିବାବେଳେ ଭାଜପା ନେତୃତ୍ୱ ସେମିକଣ୍ଡକ୍ଟର ଶିଳ୍ପ ସମେତ ସବୁ କ୍ଷେତ୍ରରେ ବିକାଶକୁ ପ୍ରାଧାନ୍ୟ ଦେଇଆସିଛି। ଏହି ବିକାଶକୁ ସେ ଅମୃତସରରେ ପହଞ୍ଚାଇବେ ବୋଲି ଏହି ଅବସରରେ ସାନ୍ଧୁ କହିବା ସହ ତାଙ୍କୁ ଦଳରେ ସୁଯୋଗ ଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ଏନ୍‌କାଉଣ୍ଟରରେ ୪ ମାଓବାଦୀ କମାଣ୍ଡର ନିହତ

**ମୁମ୍ବାଇ, ୧୯।୩:** ମହାରାଷ୍ଟ୍ର-ଛତିଶଗଡ଼ ସୀମାରେ ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୪ ଜଣ ମାଓବାଦୀ କମାଣ୍ଡର ନିହତ ହୋଇଛନ୍ତି। ସେମାନେ ତେଲଙ୍ଗାନାରୁ ପ୍ରନହିତା ନଦୀ ଅତିକ୍ରମ କରି ଗଡ଼ଚିରୋଲିରେ ପ୍ରବେଶ କରିଥିଲେ। ଉକ୍ତ କମାଣ୍ଡରମାନଙ୍କୁ ଧରାଇଦେଲେ ୩୬ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ପୋଲିସ ପୂର୍ବରୁ ଘୋଷଣା କରିଥିଲା। ସେମାନେ ନଦୀ ପାରହୋଇ ଗଡ଼ଚିରୋଲିରେ ପ୍ରବେଶ କରିଥିବା ସମ୍ପର୍କରେ ସୋମବାର ଅପରାହ୍ନରେ ପୋଲିସକୁ ଗୋଇନ୍ଦା ସୂଚନା ମିଳିଥିଲା। ଲୋକ ସଭା ନିର୍ବାଚନ ପୂର୍ବରୁ ସେମାନେ ହିଂସାକାଣ୍ଡ ଘଟାଇଥାନ୍ତେ ବୋଲି ସୂଚନା ପାଇବା ପରେ ଗଡଚିରୋଲି ପୋଲିସ୍ କମାଣ୍ଡୋ ଏବଂ ସିଆର୍‌ପିଏଫ୍ ଯବାନଙ୍କ ପକ୍ଷରୁ ମହାରାଷ୍ଟ୍ର-ଛତିଶଗଡ଼ ସୀମାରେ ମିଳିତ ଅଭିଯାନ ଆରମ୍ଭ ହୋଇଥିଲା। ଏନ୍‌କାଉଣ୍ଟର ସ୍ଥଳରୁ ଏକେ-୪୭, କାର୍ବାଇନ ଏବଂ ଦେଶୀ ପିସ୍ତଲ ସମେତ ଗୁଳିଗୋଳା ଜବତ ହୋଇଛି।

# ୫ ନ୍ୟାୟ, ୨୫ ଗ୍ୟାରେଣ୍ଟିକୁ କଂଗ୍ରେସର ଫୋକସ୍

## ସିଡବ୍ଲ୍ୟୁସି ବୈଠକରେ ନିର୍ବାଚନୀ ଇସ୍ତାହାର ଆଲୋଚନା

ନୂଆଦିଲ୍ଲୀ, ୧୯।୩



ନୂଆଦିଲ୍ଲୀର ଏଆଇସିସି ମୁଖ୍ୟାଳୟରେ ଅନୁଷ୍ଠିତ ସିଡବ୍ଲ୍ୟୁସି ବୈଠକରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସହ ରାହୁଲ ଗାନ୍ଧୀ ଏବଂ କେ.ସି ବେଣୁଗୋପାଳ।

କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇ ଲୋକ ସଭା ନିର୍ବାଚନ ପାଇଁ ଦଳର ଇସ୍ତାହାର ସମ୍ପର୍କରେ ବ୍ୟାପକ ବିଚାରବିମର୍ଶ କରାଯାଇଥିଲା। ଏଥିରେ ମୁଖ୍ୟତଃ ୫ ନ୍ୟାୟ ଏବଂ ୨୫ଟି ଗ୍ୟାରେଣ୍ଟିକୁ ଫୋକସ୍ କରାଯାଇଥିଲା। ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ସୃଷ୍ଟି ହୋଇଥିବା ମାହୋଲକୁ ବଜାୟ ରଖିବା ଦିଗରେ ଦଳ କାର୍ଯ୍ୟ କରିବ ବୋଲି କଂଗ୍ରେସ ନେତା କେ.ସି. ବେଣୁଗୋପାଳ ଏବଂ ଜୟରାମ ରମେଶ କହିଛନ୍ତି। ଯାତ୍ରା ସମୟରେ ଦଳ ଦେଇଥିବା ୫ ଗ୍ୟାରେଣ୍ଟି ଓ ପ୍ରତିଶ୍ରୁତିକୁ ତୃଣମୂଳ ସ୍ତରକୁ ନେବା ଦିଗରେ ଦଳ କାର୍ଯ୍ୟ କରିବ। କଂଗ୍ରେସର ୫ ନ୍ୟାୟ ମଧ୍ୟରେ ରହିଛି ହିସେଦାରି ନ୍ୟାୟ, କିଷାନ ନ୍ୟାୟ, ଶ୍ରମିକ ନ୍ୟାୟ, ଯୁବ ନ୍ୟାୟ ଏବଂ ନାରୀ ନ୍ୟାୟ।

ଜନସାଧାରଣଙ୍କୁ ହିସେଦାରି ନ୍ୟାୟ ଦେବାକୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ ପାଇଁ ବିସ୍ତୃତ ସାମାଜିକ, ଅର୍ଥନୈତିକ ଓ ଜାତି ଜନଗଣନା କରାଯିବ। ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣ କ୍ଷେତ୍ରରେ ରହିଥିବା ୫୦ ପ୍ରତିଶତ ସୀମା ଉଚ୍ଛେଦ ପାଇଁ ସମ୍ବିଧାନରେ ସଂଶୋଧନ କରାଯିବ। ଫଳରେ ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ସମାନ ସୁବିଧା ମିଳିପାରିବ। ଏସ୍‌ସି/ଏସ୍‌ଟି ଉପଯୋଜନାରେ ଲୋକସଂଖ୍ୟା ଅନୁପାତରେ ସେମାନଙ୍କ ପାଇଁ ଅନୁରୂପ ସ୍ୱତନ୍ତ୍ର ବଜେଟର ପ୍ରସ୍ତାବ ରଖାଯାଇଛି। ଜଙ୍ଗଲ ଅଧିକାର ଆଇନ ଅଣାଯାଇ ଅନୁସୂଚିତ ଜନଜାତିମାନଙ୍କୁ ଜଙ୍ଗଲ ଜମି ଉପରେ ଅଧିକାର ପ୍ରଦାନ କରାଯିବ। ସେହିପରି କିଷାନ ନ୍ୟାୟ ଗ୍ୟାରେଣ୍ଟିରେ ଚାଷୀଙ୍କୁ ସହାୟତା ପାଇଁ କଂଗ୍ରେସ ବିସ୍ତୃତ ପ୍ୟାକେଜ୍ ଆଣିବ। ସ୍ୱାମୀନାଥନ ସୂତ୍ର ଅନୁଯାୟୀ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଧାର୍ଯ୍ୟ କରାଯିବ। ବକେୟା ଋଣ ଛାଡ଼ ପାଇଁ କମିଶନ ଗଢ଼ାଯାଇ କୃଷକଙ୍କୁ ସହାୟତା ପ୍ରଦାନ କରାଯିବ। ଫସଲ କ୍ଷତିଗ୍ରସ୍ତ ହେଲେ ୩୦ ଦିନରେ ବୀମା ରାଶି ପ୍ରଦାନର ଗ୍ୟାରେଣ୍ଟି ଦିଆଯିବ। କୃଷି ଉତ୍ପାଦଗୁଡ଼ିକ ପାଇଁ ସ୍ଥାୟୀ ଆମଦାନୀ-ରପ୍ତାନୀ ନୀତି କାର୍ଯ୍ୟକାରୀ କରାଯିବ। ଏଥିସହିତ କୃଷିଜାତ ସମାଗ୍ରୀକୁ ଜିଏସ୍‌ଟିରୁ ବାଦ୍ ଦିଆଯିବ।

ଶ୍ରମିକ ନ୍ୟାୟ ଗ୍ୟାରେଣ୍ଟିରେ ସ୍ୱାସ୍ଥ୍ୟ ଅଧିକାର ଉପକ୍ରମ ଆଣିବା ପାଇଁ କଂଗ୍ରେସ ପ୍ରସ୍ତାବ ରଖିଛି। ଏଥିପାଇଁ ସ୍ୱାସ୍ଥ୍ୟ ଅଧିକାର ଆଇନ ଅଣାଯାଇ ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରାଯିବ। ଶ୍ରମ କା ସମ୍ମାନ ଯୋଜନାରେ ସର୍ବନିମ୍ନ ଦୈନିକ ମଜୁରି ୪୦୦ ଟଙ୍କା ହେବ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ ଶ୍ରମିକମାନଙ୍କୁ ଏହି ହାରରେ ମଜୁରି ମିଳିବ। ସହରୀ ଲୋକଙ୍କୁ ନିଶ୍ଚିତ କାମ ଯୋଗାଇ ଦେବାକୁ ସହରୀ ରୋଜଗାର ଗ୍ୟାରେଣ୍ଟି ଯୋଜନା ପ୍ରଚଳନ କରାଯିବ। ଯୁବ ନ୍ୟାୟ ଗ୍ୟାରେଣ୍ଟିରେ କେନ୍ଦ୍ର ସରକାରରେ ୩୦ ଲକ୍ଷ ନୂଆ ପଦବୀ ସୃଷ୍ଟି ଲକ୍ଷ୍ୟରେ ଭାରତୀ ଭରୋସା ଉପକ୍ରମ ଅଣାଯିବ। ପେହେଲି ନୌକରୀ ପକ୍କି ଯୋଜନାରେ ଶିକ୍ଷିତ ଯୁବବର୍ଗଙ୍କୁ ଗୋଟିଏ ବର୍ଷ ଆପ୍ରେଣ୍ଟିସ୍‌ଶିପ୍‌ର ପ୍ରତିଶ୍ରୁତି ଦିଆଯିବ। ଫଳରେ ସେମାନଙ୍କୁ ଦକ୍ଷତା ବିକାଶ ହେବା ସହ କାର୍ଯ୍ୟ ଅଭିଜ୍ଞତା ସୃଷ୍ଟି ହୋଇପାରିବ। ପେପର ଲିକ୍‌ରୁ ମୁକ୍ତି ପାଇଁ କଂଗ୍ରେସ କଠୋର ଆଇନ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖିଛି, ଯାହା ଫଳରେ ପରୀକ୍ଷା ପ୍ରକ୍ରିୟା ସ୍ୱଚ୍ଛ ହୋଇପାରିବ। ଅସ୍ଥାୟୀ କର୍ମଚାରୀଙ୍କ କାର୍ଯ୍ୟ ସ୍ଥିତିରେ ଉନ୍ନତି ଲାଗି ୫,୦୦୦ କୋଟି ଟଙ୍କାର ଷ୍ଟାର୍ଟଅପ୍ ଫଣ୍ଡ ପ୍ରତିଷ୍ଠା ହେବ।

ନାରୀ ନ୍ୟାୟ ଗ୍ୟାରେଣ୍ଟିରେ ଗରିବ ପରିବାରରେ ଆର୍ଥିକ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ମହାଲକ୍ଷ୍ମୀ ଇନିସିଏଟିଭ୍ ଅଣାଯିବ। ଯେଉଁଥିରେ ପ୍ରତି ଗରିବ ପରିବାରର ଜଣେ ମହିଳାଙ୍କୁ ବର୍ଷକୁ ଲକ୍ଷେ ଟଙ୍କା ଯୋଗାଇଦିଆଯିବ। କେନ୍ଦ୍ର ସରକାରୀ ନିଯୁକ୍ତିରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିବ। ଆଶା, ଅଙ୍ଗନୱାଡ଼ି, ମଧ୍ୟାହ୍ନ ଭୋଜନ ପାଚିକାଙ୍କ ଜୀବନଧାରଣ ମାନ ବଢ଼ାଇବା ପାଇଁ କେନ୍ଦ୍ରୀୟ ବେତନ ଅନୁଦାନ ଦୁଇଗୁଣା କରାଯିବ। ମହିଳାମାନଙ୍କୁ ଆଇନଗତ ଅଧିକାରର ସୁରକ୍ଷା ପାଇଁ ପ୍ରତି ଗ୍ରାମରେ ଅଧିକାର ମୈତ୍ରୀମାନଙ୍କୁ ନିଯୁକ୍ତି ମିଳିବ। ଦସ୍ତାବିଜ୍‌କୁ ଚୂଡ଼ାନ୍ତ କରିବା ପାଇଁ ସିଡବ୍ଲ୍ୟୁସି ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ କ୍ଷମତା ପ୍ରଦାନ କରିଥିବା ବେଣୁଗୋପାଳ ଏବଂ ଜୟରାମ ଗଣମାଧ୍ୟମକୁ କହିଛନ୍ତି।

### ନିର୍ବାଚନରେ ତୂରୀ ଚିହ୍ନ ବ୍ୟବହାର ଲାଗି ପାୱାର ଗୋଷ୍ଠୀକୁ ଅନୁମତି



ନୂଆଦିଲ୍ଲୀ, ୧୯।୩(ପି.ଟି.)

ଆଗାମୀ ଲୋକ ସଭା ଏବଂ ବିଧାନସଭା ନିର୍ବାଚନରେ ଶରଦ ପାୱାରଙ୍କ ଗୋଷ୍ଠୀ ଏହାର ନାମ 'ନ୍ୟାଶନାଲିଷ୍ଟ କଂଗ୍ରେସ ପାର୍ଟି-ଶରଦଚନ୍ଦ୍ର ପାୱାର' ଏବଂ ଦଳୀୟ ଚିହ୍ନ 'ତୂରୀ ବଜାଉଥିବା ବ୍ୟକ୍ତି' ବ୍ୟବହାର କରିପାରିବେ। ଏଥିପାଇଁ ସୁପ୍ରିମକୋର୍ଟ ମଙ୍ଗଳବାର ଅନୁମତି ପ୍ରଦାନ କରିଛନ୍ତି। ଅଜିତ ପାୱାରଙ୍କ ଗୋଷ୍ଠୀ ନିର୍ବାଚନରେ 'ଘଣ୍ଟା' ଚିହ୍ନ ବ୍ୟବହାର ଉପରେ ରୋକ ଲଗାଇବାକୁ ଶରଦ ପାୱାର ଗୋଷ୍ଠୀ ଆବେଦନ କରିଥିଲା। ଶରଦ ପାୱାର ଏନ୍‌ସିପି ପ୍ରତିଷ୍ଠା କରିଥିବାବେଳେ ଏହା ବିଭାଜିତ ହେବା ପୂର୍ବରୁ ଦଳୀୟ ଚିହ୍ନ ଘଣ୍ଟା ରହିଥିଲା। ଅଜିତ ପାୱାରଙ୍କ ଗୋଷ୍ଠୀକୁ ନିର୍ବାଚନ କମିଶନ ପ୍ରକୃତ ଏନ୍‌ସିପିର ମାନ୍ୟତା ଦେବା ସହ ଘଣ୍ଟା ଚିହ୍ନ ପ୍ରଦାନ କରିଥିବାରୁ ଏହା ନିର୍ବାଚନରେ ଭୋଟରଙ୍କୁ ବିଭ୍ରାନ୍ତ କରିବ ବୋଲି ଅଭିଯୋଗ କରି ପାୱାର ଗୋଷ୍ଠୀ ଉକ୍ତ ଚିହ୍ନରେ ଲଢ଼ିବା ପାଇଁ ଅଜିତ ଗୋଷ୍ଠୀକୁ ଅନୁମତି ନ ଦେବାକୁ ଅନୁରୋଧ କରିଥିଲେ। ଏହା ବିଚାରାଧୀନ ଥିବାବେଳେ ଚଳିତ ନିର୍ବାଚନରେ ଅଜିତ ଗୋଷ୍ଠୀ ଘଣ୍ଟା ଚିହ୍ନ ବ୍ୟବହାର କରିବାକୁ ଅଦାଲତ କହିଛନ୍ତି।



ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଜେଲରେ ଥିବା ଏଏପି ନେତା ସଞ୍ଜୟ ସିଂ ମଙ୍ଗଳବାର ପାର୍ଲାମେଣ୍ଟ ଆସି ରାଜ୍ୟ ସଭା ସଦସ୍ୟ ଭାବେ ଶପଥ ନେବା ପରେ ଦସ୍ତାବିଜ୍‌ରେ ସ୍ୱାକ୍ଷର କରୁଛନ୍ତି। ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର ଏବଂ ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଉପସ୍ଥିତ ଅଛନ୍ତି।

### ଭାଷଣ ଦେଲାବେଳେ ଭାବୁକ ହେଲେ ମୋଦି

**ସାଲେମ୍, ୧୯।୩:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ତାମିଲନାଡୁର ସାଲେମ୍‌ଠାରେ ଏକ ସଭାକୁ ସମ୍ବୋଧନ କଲାବେଳେ କିଛି ସମୟ ପାଇଁ ଭାବବିହ୍ୱଳ ହୋଇପଡ଼ିଥିଲେ। ୨୦୧୩ରେ ସାଲେମରେ ଭାଜପାର ରାଜ୍ୟ ସାଧାରଣ ସମ୍ପାଦକ 'ଅଡିଟର' ଭି. ରମେଶଙ୍କୁ ହତ୍ୟା କରାଯାଇଥିଲା। ସେ ଦିନରାତି ଦଳ ପାଇଁ କାମ କରୁଥିଲେ। ତାଙ୍କ କଥା ମନେପକାଇ ପ୍ରଧାନମନ୍ତ୍ରୀ ଭାବୁକ ହୋଇଯାଇଥିଲେ। ଆଜି ସାଲେମର ମୋ ରମେଶ ନାହିଁ ବୋଲି ସେ କହିଥିଲେ। ରମେଶ ଜଣେ ମହାନ୍ ବକ୍ତା ଏବଂ ପରିଶ୍ରମୀ ଥିଲେ ବୋଲି ମୋଦି କହିବା ସହ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

### ଭାଜପାରେ ଶିବୁ ସୋରେନ୍‌ଙ୍କ ବଡ଼ବୋହୂ

ନୂଆଦିଲ୍ଲୀ, ୧୯।୩(ପି.ଟି.)



ସୀତା ସୋରେନ୍

ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍)ର ପ୍ରତିଷ୍ଠାତା ଶିବୁ ସୋରେନ୍‌ଙ୍କ ପରିବାରରେ ରାଜନୈତିକ ବିଭାଜନ ଘଟିଛି। ଶିବୁଙ୍କ ବଡ଼ବୋହୂ ତଥା ଜେଏମ୍‌ଏମ୍ ବିଧାୟିକା ସୀତା ସୋରେନ୍ ମଙ୍ଗଳବାର ଦଳ ଛାଡ଼ି ଭାଜପାରେ ଯୋଗ ଦେଇଛନ୍ତି। ଦଳରେ ତାଙ୍କୁ ଅଣଦେଖା କରାଯାଉଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଭାଜପାର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ବିନୋଦ ତାୱଡେ ଏବଂ ଝାଡ଼ଖଣ୍ଡ ପ୍ରଭାରୀ ଲକ୍ଷ୍ମୀକାନ୍ତ ବାଜପାଇଙ୍କ ଉପସ୍ଥିତିରେ ସୀତା ପଦ୍ମ ଧରିଛନ୍ତି। ୩ ଥରର ବିଧାୟିକା ସୀତା ଭାଜପାରେ ଯୋଗଦେଇଥିବାରୁ ଝାଡ଼ଖଣ୍ଡରେ ଅନୁସୂଚିତ ଜନଜାତି ସହ ଦଳର ସମ୍ପର୍କ ବଢ଼ାଇବାରେ ସହାୟକ ହେବ ବୋଲି କୁହାଯାଉଛି। ଲୋକ ସଭା ନିର୍ବାଚନ ପାଇଁ ଶିବୁଙ୍କ ସାନବୋହୂ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ସ୍ତ୍ରୀ କଳ୍ପନା ଦଳର ପ୍ରଚାର ମଙ୍ଗ ଧରିବାକୁ ଯାଉଥିବାବେଳେ ବଡ଼ବୋହୂ ବିରୋଧୀ ଶିବିରରେ ଯୋଗଦେବା ଜେଏମ୍‌ଏମ୍‌କୁ ଶକ୍ତ ଝଟକା ହୋଇଛି। ଗତ ଜାନୁଆରୀରେ ଦୁର୍ନୀତି ମାମଲାରେ ହେମନ୍ତଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଗିରଫ କରିବା ପରେ କଳ୍ପନା ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେବା ନେଇ ଚର୍ଚ୍ଚା ଜୋର୍ ଧରିଥିଲା।

### କେନ୍ଦ୍ର କ୍ୟାବିନେଟରୁ ପଶୁପତିଙ୍କ ଇସ୍ତଫା

ନୂଆଦିଲ୍ଲୀ, ୧୯।୩(ପି.ଟି.)



ପଶୁପତି କୁମାର ପାରସ

ଲୋକ ସଭା ନିର୍ବାଚନ ପାଇଁ ବିହାରରେ ଆସନ ବୁଝାମଣାରେ ଭାଜପା ରାଷ୍ଟ୍ରୀୟ ଲୋକ ଜନଶକ୍ତି ପାର୍ଟି (ଆର୍‌ଏଲ୍‌ଜେପି) ପ୍ରତି ଅନ୍ୟାୟ କରିଥିବା ଅଭିଯୋଗ କରି ପଶୁପତି କୁମାର ପାରସ ମଙ୍ଗଳବାର କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଛନ୍ତି। ସୋମବାର ବିହାରରେ ଏନ୍‌ଡିଏ ମେଣ୍ଟ ପାଇଁ ଆସନ ବୁଝାମଣା ଚୂଡ଼ାନ୍ତ ହୋଇଥିଲା। ଭାଜପା ସେଠାରେ ୧୭ ଆସନରେ ନିର୍ବାଚନ ଲଢ଼ିବାକୁ ଥିବାବେଳେ ଜେଡିୟୁକୁ ୧୬ ଏବଂ ଚିରାଗ ପାଶ୍ୱାନଙ୍କ ନେତୃତ୍ୱାଧୀନ ଏଲ୍‌ଜେପି(ରାମବିଲାସ)କୁ ୫ ଆସନ ଛାଡ଼ିଥିଲା। ତେବେ ପଶୁପତିଙ୍କ ଦଳ ଆର୍‌ଏଲ୍‌ଜେପିକୁ ମେଣ୍ଟରେ ଅଣଦେଖା କରାଯାଇଥଲା। ଏଥିରେ ଅସନ୍ତୁଷ୍ଟ ପ୍ରକାଶ କରି ପଶୁପତି ଏକ ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ଘୋଷଣା କରିଛନ୍ତି। ତେବେ ସେ ତାଙ୍କର ଭବିଷ୍ୟତ ଯୋଜନା ସମ୍ପର୍କରେ କିଛି କହିବାକୁ ମନା କରିଦେଇଛନ୍ତି।

### ଭାରତ ତୃତୀୟ ସର୍ବାଧିକ ପ୍ରଦୂଷିତ ଦେଶ

ନୂଆଦିଲ୍ଲୀ, ୧୯।୩



ବାଂଲାଦେଶ ଏବଂ ପାକିସ୍ତାନ ପରେ ଭାରତ ବିଶ୍ୱର ତୃତୀୟ ସବୁଠୁ ପ୍ରଦୂଷିତ ଦେଶ। ସୁଇସ୍ ବାୟୁ ମାନ ପର୍ଯ୍ୟବେକ୍ଷଣ ସଂସ୍ଥା ଆଇକ୍ୟୁଏୟାର ପକ୍ଷରୁ ପ୍ରକାଶିତ 'ୱାର୍ଲ୍ଡ ଏୟାର କ୍ୱାଲିଟି ରିପୋର୍ଟ ୨୦୨୩'ରେ ଏହା କୁହାଯାଇଛି। ଏହି ରିପୋର୍ଟ ଅନୁଯାୟୀ ଭାରତର ହାରାହାରି ବାର୍ଷିକ ପିଏମ୍୨.୫ ସାନ୍ଦ୍ରତା ଘନମିଟର ପ୍ରତି ୫୪.୪ ମାଇକ୍ରୋଗ୍ରାମ ଥିଲା, ଯାହାକି ୧୩୪ ଦେଶ ମଧ୍ୟରୁ ତୃତୀୟ ନିକୃଷ୍ଟ। ବାଂଲାଦେଶର ପିଏମ୍୨.୫ ସାନ୍ଦ୍ରତା ୭୯.୯ ମାଇକ୍ରୋଗ୍ରାମ ହୋଇଥିବାବେଳେ ପାକିସ୍ତାନର ୭୩.୭ ମାଇକ୍ରୋଗ୍ରାମ। ୨୦୨୨ରେ ଭାରତ ୫୩.୩ ମାଇକ୍ରୋଗ୍ରାମ ପିଏମ୍୨.୫ ସାନ୍ଦ୍ରତା ସହ ପ୍ରଦୂଷିତ ସହର ତାଲିକାର ଅଷ୍ଟମ ସ୍ଥାନରେ ରହିଥିଲା।

ବିଶ୍ୱର ସବୁଠୁ ପ୍ରଦୂଷିତ ୫୦ ସହର ମଧ୍ୟରୁ ଭାରତର ୪୨ଟି ରହିଛି। ବିହାରର ବେଗୁସରାଇ ସବୁଠୁ ପ୍ରଦୂଷିତ ମେଟ୍ରୋପଲିଟାନ ଅଞ୍ଚଳ ହୋଇଥିବାବେଳେ ଏହା ପଛକୁ ଗୁଆହାଟୀ ଏବଂ ଦିଲ୍ଲୀ ରହିଛି। ଗତବର୍ଷ ବେଗୁସରାଇରେ ପ୍ରତି ଘନମିଟର ବାୟୁରେ ହାରାହାରି ପିଏମ୍୨.୫ ୧୧୮.୯ ମାଇକ୍ରୋଗ୍ରାମ ରହିଥିଲା। ୨୦୨୨ରେ ଉକ୍ତ ସହରର ପିଏମ୍୨.୫ ସାନ୍ଦ୍ରତା ଥିଲା ୧୯.୭ ମାଇକ୍ରୋଗ୍ରାମ। ସେହିପରି ଗୁଆହାଟୀର ପିଏମ୍୨.୫ ସାନ୍ଦ୍ରତା ପୂର୍ବବର୍ଷ ୫୧ରୁ ବଢ଼ି ୧୦୫.୪ ମାଇକ୍ରୋଗ୍ରାମ ହୋଇଥିବାବେଳେ ଦିଲ୍ଲୀରେ ଏହା ୮୯.୧ରୁ ୯୨.୭ ମାଇକ୍ରୋଗ୍ରାମକୁ ବୃଦ୍ଧି ପାଇଛି। ଭାରତର ଅନ୍ୟ ପ୍ରମୁଖ ପ୍ରଦୂଷିତ ସହର ମଧ୍ୟରେ ରହିଛି ଗ୍ରେଟର ନଏଡ଼ା, ମୁଜାଫରନଗର, ଗୁରୁଗ୍ରାମ, ଦାଦ୍ରି, ପାଟନା, ଫରିଦାବାଦ, ନଏଡ଼ା, ମିରଟ, ଗାଜିଆବାଦ ଏବଂ ରୋହତକ।

#### ୫୦ ସବୁଠୁ ପ୍ରଦୂଷିତ ସହର ମଧ୍ୟରେ ଭାରତରୁ ୪୨

ଫୁରସତ୍

## ଖୁସି ଜୀବନର ମୌଳିକ ଲକ୍ଷ୍ୟ

### ଅନ୍ତର୍ଜାତୀୟ ଖୁସି ଦିବସ



ମିଳିତ ଜାତିସଂଘର ସାଧାରଣ ସଭାର ଘୋଷଣା ପରେ ୨୦୧୩ରେ ଅନ୍ତର୍ଜାତୀୟ ଖୁସି ଦିବସ ବା ଇଣ୍ଟରନ୍ୟାଶନାଲ ଡେ' ଅଫ୍ ହାପିନେସ୍ ପାଳନ ପରିକଳ୍ପନା ଆରମ୍ଭ ହୋଇଥିଲା। ସୂଚନାଯୋଗ୍ୟ, ଜୀବନରେ ଆମର ଅନ୍ୟ ଲକ୍ଷ୍ୟ ପରି, ଖୁସି ହେଉଛି ଏକ ମୌଳିକ ଲକ୍ଷ୍ୟ । ଆମେ ସର୍ବଦା ଖୁସି ହେବା ପାଇଁ ଚେଷ୍ଟା କରିବା ଆବଶ୍ୟକ। ଏକ ସକାରାତ୍ମକ ପରିବେଶ ସୃଷ୍ଟି ସହ ଆମ ଚତୁର୍ଦ୍ଦିଗରେ ଅନ୍ୟମାନଙ୍କୁ ଖୁସି କରିବା ପାଇଁ ମଧ୍ୟ ଚେଷ୍ଟା କରିବା । ଖୁସି ହେଉଛି ମଣିଷର ଅସ୍ତିତ୍ୱର ମୂଳ। ଆଉ ଏହା ଏକ ମୌଳିକ ଲକ୍ଷ୍ୟ, ଯାହା ମିଳିତ ଜାତିସଂଘ ଦ୍ୱାରା ସ୍ୱୀକୃତିପ୍ରାପ୍ତ। ଭୁଟାନ ହିଁ ଏହି ଧାରଣା ଆରମ୍ଭ କରିଥିଲା। ଏହାପରଠାରୁ ୨୦ ମାର୍ଚ୍ଚ ଅନ୍ତର୍ଜାତୀୟ ଖୁସି ଦିବସ ଭାବରେ ପାଳନ କରାଯାଇଆସୁଛି। ବର୍ତ୍ତମାନ ସମୟରେ ଖୁସି ହେବା ଏକ ବିଶ୍ୱ ଅଭିଯାନରେ ପରିଣତ ହୋଇଛି। ଜଣଙ୍କ ଜୀବନରେ ଖୁସିର ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି ଏହାର ମୂଳ ଲକ୍ଷ୍ୟ।

ଭୁଟାନର ପଦକ୍ଷେପ: ମୋଟ ଜାତୀୟ ଖୁସି (ଜିଏନ୍‌ଏଚ୍) ମାପିବାର ସଂକଳ୍ପ ୧୯୭୦ ଦଶକରେ ଭୁଟାନରେ ଆରମ୍ଭ ହୋଇଥିଲା। ସାମଗ୍ରିକ ସମ୍ପତ୍ତି ଏବଂ ଅର୍ଥନୈତିକ ଅଭିବୃଦ୍ଧି ଉପରେ ଭୁଟାନ ଖୁସି ଏବଂ ସୁସ୍ଥତାକୁ ପ୍ରାଧାନ୍ୟ ଦେଇ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ବିକଳ୍ପ ଭାବରେ ଜାତୀୟ ଖୁସି ସୂଚକାଙ୍କ ବିକାଶକୁ ଆଗେଇ ନେଇଥିଲା।

ଚଳିତ ବର୍ଷ ଅନ୍ତର୍ଜାତୀୟ ଖୁସି ଦିବସ ପାଇଁ ଥିମ୍ ରହିଛି ଖୁସି ପାଇଁ ପୁନଃ ସଂଯୋଗ: ସ୍ଥିର ସମ୍ପ୍ରଦାୟ ଗଠନକୁ ଆଚ୍ଛାଦିତ ଥାଏ । ପାରସ୍ପରିକ ସଂଯୋଗ ବଢାଇବା, ସାମାଜିକ ବନ୍ଧନକୁ ମଜଭୁତ କରିବା ଓ ବିଭିନ୍ନ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇ ଖୁସି ଏବଂ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ପାଇଁ ସ୍ଥିର ସମ୍ପ୍ରଦାୟ ଗଠନ କରିବାର ଗୁରୁତ୍ୱକୁ ସୂଚିତ କରେ।

## ଏଥର ଭାରତରେ ହୋଲି ପାଳିବେ ପିସି



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ତଥା ଗ୍ଲୋବାଲ ଷ୍ଟାର ପ୍ରିୟଙ୍କା ଚୋପ୍ରା (ପିସି) ଏବେ ଭାରତରେ ଅଛନ୍ତି। ନିକଟରେ ଅଭିନେତା, ଚଳଚ୍ଚିତ୍ର ନିର୍ମାତା ତଥା ଲେଖକ ଫର୍‌ହାନ ଅଖ୍‌ତରଙ୍କ ଘରକୁ ପିସି ତାଙ୍କ ସ୍ୱାମୀ ନିକ୍ ଜୋନ୍‌ସଙ୍କ ସହ ଯାଇଥିଲେ। ଏହାର ଫଟୋ ଏବେ ସାମ୍ନାକୁ ଆସିଛି। ଏହି ଦମ୍ପତି ଏଠାରେ ବହୁତ ଷ୍ଟାଇଲିଶ୍ ଏଣ୍ଟ୍ରି କରିଥିଲେ। ବସ୍ ବେବର ଝଲକ ସହ ପ୍ରିୟଙ୍କା ଏକ ସିମର ଟିଲ ଗ୍ରୀନ୍ କଲରର ଆଉଟ୍‌ଫିଟ ପୋଷାକ ପିନ୍ଧିଥିଲେ। ସର୍ବନିମ୍ନ ମେକ୍‌ଅପ୍ ଏବଂ ହେୟାର ଷ୍ଟାଇଲ ସହିତ ସେ ଏହି ଲୁକ୍‌କୁ ଆହୁରି ସ୍ୱତନ୍ତ୍ର କରିଥିଲେ। ମିଲିୟନ ଡଲାରର ସ୍ମାଇଲ ସହ ପ୍ରିୟଙ୍କା ଅତ୍ୟଧିକ ଆତ୍ମବିଶ୍ୱାସରେ ଫଟୋଗ୍ରାଫରଙ୍କୁ ପାଇଁ ପୋଜ୍ କରୁଥିବା ଦେଖିବାକୁ ମିଳିଥିଲା।

ଖବର ରହିଛି ଯେ, ଆମେରିକୀୟ ଗାୟକ ନିକ୍ ଜୋନ୍‌ସ ଏଥର ଭାରତରେ ହୋଲି ପାଳନ କରିବାକୁ ଯାଉଛନ୍ତି। ଆଉ ପ୍ରିୟଙ୍କାଙ୍କ ଝିଅ ମାଲତି ମେରିଙ୍କର ମଧ୍ୟ ଏଠାରେ ପ୍ରଥମ ହୋଲି ହେବାକୁ ଯାଉଛି। ନିକ୍ ଉପସ୍ଥିତ ଫଟୋଗ୍ରାଫରଙ୍କୁ ଅଭିବାଦନ ଜଣାଇବା ସହ କାଜୁଆଲ ଲୁକ୍‌ରେ ମଧ୍ୟ ମନ ଚୋରି କରିଥିଲେ। କିଛିଦିନ ପୂର୍ବେ ପିସି ତାଙ୍କ ସ୍ୱାମୀ ଓ ଝିଅ ମାଲତିଙ୍କ ସହ ଭାରତ ଫେରିଥିଲେ। ମା'ଝିଅ ଯୋଡ଼ି ମୁମ୍ବାଇ ବିମାନବନ୍ଦରରେ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଦୋସ୍ତାନା ଅଭିନେତ୍ରୀ ଖୁସିରେ ଫଟୋଗ୍ରାଫରଙ୍କ ସହ ଫଟୋ ମଧ୍ୟ କ୍ଲିକ୍ କଲେ। ୧୦ଦିନିଆ ଗସ୍ତରେ ସେ ଭାରତ ଆସିଛନ୍ତି। ସେ ନିକଟରେ ଝିଅ ମାଲତି ଏବଂ ନିକ୍‌ଙ୍କ ସହ ବିତାଇଥିବା ରୋମାଣ୍ଟିକ୍ ମୁହୂର୍ତ୍ତର ଫଟୋ ଶେୟାର କରିଥିଲେ।

# କୁଲାଙ୍ଗେ ଓମ୍‌ଫେଡ ଏମ୍‌ଡି

ଭୁବନେଶ୍ୱର,୧୯।୩ (ଅନିଲ ଦାସ)

୨୦୧୩ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ପୂର୍ବତନ ଭୁବନେଶ୍ୱର ମହାନଗର ନିଗମ କମିଶନର ବିଜୟ ଅମୃତ କୁଲାଙ୍ଗେଙ୍କୁ ରାଜ୍ୟ ସରକାର ଓମ୍‌ଫେଡ ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଭାବେ ନିଯୁକ୍ତି ଦେଇଛନ୍ତି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଏହି ପଦବୀ ଯୁଗ୍ମ ସଚିବ ପାହ୍ୟା ସହ ସମାନ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ବିନା ଅନୁମତିରେ କୁଲାଙ୍ଗେ ଫେବୃୟାରୀ ୨୩ ତାରିଖରେ ଅନୁଷ୍ଠିତ ବିଏମ୍‌ସି ବୈଠକ ପରେ ମେୟର ଓ କର୍ପୋରେଟରଙ୍କ ଭତ୍ତା (ସିଟିଂ ଆଲାଉନ୍ସ) ବୃଦ୍ଧି ନେଇ ଘୋଷଣା କରିଥିଲେ। ସରକାରଙ୍କ ବିନାନୁମତିରେ ଏଭଳି ଘୋଷଣା କରିଥିବାରୁ ବିଏମ୍‌ସି ପକ୍ଷରୁ ତୁରନ୍ତ ସ୍ପଷ୍ଟୀକରଣ ଦିଆଯାଇଥିଲା। ସରକାରଙ୍କ କଡ଼ା ତାଗିଦ୍ ଯୋଗୁ କୁଲାଙ୍ଗେ ନିଜକୁ ଅସମ୍ମାନିତ ବୋଧକରି ୧ ମାସ ଛୁଟିରେ ଯାଇଥିଲେ। ତାଙ୍କ ସ୍ଥାନରେ ୨୦୦୫ ବ୍ୟାଚ୍ ଆଇଏଏସ୍ ଅଫିସର ରାଜେଶ ପ୍ରଭାକର ପାଟିଲଙ୍କୁ ନୂଆ କମିଶନର ଭାବେ ନିଯୁକ୍ତି ଦିଆଯାଇଥିଲା।

# ୩ ଯନ୍ତ୍ରୀଙ୍କୁ ଇଡି ନୋଟିସ

**ଯଶୀପୁର ବ୍ଲକ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି ମାମଲା**

ବାରିପଦା,୧୯।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଯଶୀପୁର ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ନୋଟିସ ଜାରି ହୋଇଛି। ସହକାରୀ ଯନ୍ତ୍ରୀ ରାଜେନ୍ଦ୍ର କୁମାର ପାତ୍ର, କନିଷ୍ଠ ଯନ୍ତ୍ରୀ ସମୀର କବି ଓ କନିଷ୍ଠ ଯନ୍ତ୍ରୀ ଦିବ୍ୟଲୋଚନ ନାଏକଙ୍କୁ ୨୦ ତାରିଖରେ ହାଜର ହେବା ପାଇଁ ଇଡି ପକ୍ଷରୁ ମୟୂରଭଞ୍ଜ ଜିଲାପାଳଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି । ସୂଚନାଯୋଗ୍ୟ, ୨୦୨୦ରେ

## ■ ଆଜି ହାଜର ହେବାକୁ ନିର୍ଦ୍ଦେଶ

ଯଶୀପୁର ବ୍ଲକ ପୋଡ଼ାଗଡ଼, ବରେହିପାଣି, ଅସ୍ତକୁଆଁର, ଗୁଡୁଗୁଡ଼ିଆ ଓ ଧଳାବଣି ଗ୍ରାମପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ କରା ନ ଯାଇ ଅର୍ଥ ଆତ୍ମସାତ୍ ହୋଇଥିବା ଅଭିଯୋଗ ହୋଇଥିଲା। ଅଧିକାରୀ ଓ କର୍ମଚାରୀମାନେ ମିଳିତ ଭାବେ ୩ କୋଟି ୨୧ଲକ୍ଷ ଟଙ୍କା ହଡ଼ପ କରିଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହାକୁ ନେଇ ସେତେବେଳର ବିଡିଓ ଅନୁପମା ଘୋଷ ଦୁର୍ନୀତିରେ ଜଡ଼ିତ ଥିବା ୨୫ ଜଣଙ୍କ ନାମରେ ଯଶୀପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତପୂର୍ବକ ରିପୋର୍ଟ ପ୍ରଦାନ କରିଥିଲା। ଉଲ୍ଲେଖଯୋଗ୍ୟ, ତତ୍କାଳୀନ ସହକାରୀ ଯନ୍ତ୍ରୀ ପାତ୍ର, କନିଷ୍ଠ ଯନ୍ତ୍ରୀ ନାଏକ ବର୍ତ୍ତମାନ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଓ ପୋଡ଼ାଗୋଡ଼ ପଞ୍ଚାୟତର ତତ୍କାଳୀନ କନିଷ୍ଠ ଯନ୍ତ୍ରୀ କବି ଏବେ କେନ୍ଦୁଝର ଜିଲା ସଦର ବ୍ଲକରେ କାର୍ଯ୍ୟରତ ଅଛନ୍ତି।

# ରାଜ୍ୟରେ ଝଡ଼ବର୍ଷା: ଆଜି ବି ବର୍ଷିବ

ଭୁବନେଶ୍ୱର,୧୯।୩(ଅନିଲ ଦାସ)

ଝାଡ଼ଖଣ୍ଡ, ଓଡ଼ିଶା ଏବଂ ଆନ୍ଧ୍ର ଉପକୂଳରେ ସୃଷ୍ଟି ହୋଇଥିବା ଟ୍ରଫ୍‌ଲାଇନ ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ଝଡ଼ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ହୀରାକୁଦରେ ୩୦.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁର ୧୭.୪, ସୁନ୍ଦରଗଡ଼ ୧୭.୪, ଝାରସୁଗୁଡ଼ା ୨୪.୨, ଚାନ୍ଦବାଲି ୯.୨, ପାରାଦୀପ ୯.୬, ଅନୁଗୋଳ ୧୦, ଭୁବନେଶ୍ୱର ୭.୧, ତାଳଚେର ୧୫, ଦାରିଙ୍ଗବାଡ଼ି ୨୬, ପାରଳାଖେମୁଣ୍ଡି ୮, ଯାଜପୁର ୮, ଟିଟିଲାଗଡ଼ ୨ ଏବଂ କଟକରେ ୬.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବୁଧବାର ମଧ୍ୟ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, ଗଜପତି, ରାୟଗଡ଼ା, କୋରାପୁଟ ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବ। ଏହି ସବୁ ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଢେଙ୍କାନାଳ, ବୌଦ୍ଧ, ମାଲକାନଗିରି, ନବରଙ୍ଗପୁର ଏବଂ କେନ୍ଦୁଝର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବ। ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ବେଗରେ ପବନ ବୋହିବା ସମ୍ଭାବନା ରହିଛି। ରବି ଫସଲ ଉପରେ ଏହାର ପ୍ରଭାବ ପଡ଼ିବା ସମ୍ଭାବନା ରହିଛି।

# ଆଜି ସରିବ ଯୁକ୍ତ୨ ପରୀକ୍ଷା

ଭୁବନେଶ୍ୱର, ୧୯।୩ (ଅସମାପିକା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ବୁଧବାର ଶେଷ ହେବ। ଶେଷଦିନ କଳା, ବାଣିଜ୍ୟ ଓ ଧନ୍ଦାମୂଳକ ବିଭାଗର ପରୀକ୍ଷା ରହିଛି। ଚଳିତ ବର୍ଷ ଗୋଟିଏ ଦିନରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ରେଜଲ୍ଟ ପ୍ରକାଶ ପାଇବ। ଏ ନେଇ ପୂର୍ବରୁ ସିଏଚ୍‌ଏସ୍‌ଇ ପକ୍ଷରୁ ସୂଚନା ଦିଆଯାଇଥିଲା। ନିର୍ବାଚନକୁ ଦୃଷ୍ଟିରେ ରଖି ମେ' ୧୫ ତାରିଖ ଭିତରେ ରେଜଲ୍ଟ ପ୍ରକାଶ କରାଯିବାର ଯୋଜନା ରହିଛି। ପରୀକ୍ଷା ସରିବାର ଦୁଇଦିନ ପରେ ଅର୍ଥାତ୍ ମାର୍ଚ୍ଚ ୨୨ ତାରିଖରୁ ଖାତା ଦେଖା ଆରମ୍ଭ ହେବ। ଦୁଇଟି ପର୍ଯ୍ୟାୟରେ ଖାତାଦେଖା ହେବ। ମାର୍ଚ୍ଚ ୨୨ରୁ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ମୂଲ୍ୟାୟନ ହେବ। ସେହିପରି ଏପ୍ରିଲ ୪ରୁ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ମୂଲ୍ୟାୟନ କରାଯିବ। ସବୁବର୍ଷ ପରି ଚଳିତବର୍ଷ ମଧ୍ୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ ଖାତାଦେଖା ହେବ। କଳା, ବିଜ୍ଞାନ ଓ ବାଣିଜ୍ୟ ଅନ୍‌ଲାଇନରେ ଖାତାଦେଖା ହେବ। ଧନ୍ଦାମୂଳକ ଶିକ୍ଷାର ମୂଲ୍ୟାୟନ ଅଫ୍‌ଲାଇନରେ ହେବ। ଚଳିତ ବର୍ଷ ଖାତାଦେଖାରେ ପ୍ରାୟ ୧୫ ହଜାର ଅଧ୍ୟାପିକା ଓ ଅଧ୍ୟାପକ ନିୟୋଜିତ ହେବେ। ସୂଚନାଯୋଗ୍ୟ, ଯୁକ୍ତ୨ ପରୀକ୍ଷା ଫେବୃଆରୀ ୧୬ରୁ ଆରମ୍ଭ ହୋଇଥିଲା। ଚଳିତ ବର୍ଷ ୩ ଲକ୍ଷ ୮୬ ହଜାର ୨୫୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ସେମାନଙ୍କ ମଧ୍ୟରେ ରେଗୁଲାର ୩ ଲକ୍ଷ ୬୦ ହଜାର ୧୯୮ ଏବଂ ଏକ୍ସରେଗୁଲାର ପରୀକ୍ଷାର୍ଥୀ ୨୬ ହଜାର ୫୨ ଜଣ ରହିଛନ୍ତି। କଳାରେ ୨ ଲକ୍ଷ ୩୭ ହଜାର ୭୫୦, ବିଜ୍ଞାନରେ ୧ ଲକ୍ଷ ୧୬ ହଜାର ୬୨୦, ବାଣିଜ୍ୟରେ ୨୬ ହଜାର ୮୯ ଏବଂ ଧନ୍ଦାମୂଳକରେ ୫ ହଜାର ୭୯୧ ଜଣ ଏଥର ପରୀକ୍ଷା ଦେଉଛନ୍ତି।

**୨୨ରୁ ଖାତାଦେଖା**







Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ##Highest sales for any 2 Wheeler Corporate Entity in the world for Calendar Year 2022 - Data source: DNA Consult & Advisory's report Assessment of Global Two Wheelers Market (CY22). ^^Based on offers from empaneled dealers on Wheels of Trust platform. Available at select dealerships. For more details please visit your nearest authorised Hero outlet. ~Offers amount and combination of offers may vary for model/variant & states. **Ex-showroom price of Pleasure LX variant in Bhubaneswar. T&Cs. Terms and Conditions apply.

Authorised Dealers: Bhubaneswar: Rohan Hero, Ph: 9289922474, Bharat Hero, Ph: 7799766378, DD Hero, Ph: 0674-2747448 / 9439650824, Arundhati Hero, Ph: 9289923183, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Angul: Parbati Hero, Ph: 9289922902, Balasore: Neelam Hero, Ph: 9289922519, Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Chandikhol: S. K. Hero, Ph: 9289922900, Jajpur Road: Soumik Hero, Ph: 9289922611, Jaleswar: Sai Hero, Ph: 9289922844, Jatni: Vishal Hero, Ph: 9289922984, Keonjhar: Supreme Hero, Ph: 9289922182, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph: 9289923107, Behrampur: Lakshmi Motors, Dharma Nagar, Ph: 9289923187, Lakshmi Automotives, Gajapati Nagar, Ph: 9289922184, Jeypore: Supreme Hero, Ph: 9289922183, Phulbani: Narayani Hero, Ph: 9289922991, Rayagada: Ajit Hero, Ph: 9289922819, Bargarh: Aakash Hero, Ph: 9289922181, Bhawanipatna: Arundhati Hero, Ph: 9289922837, Bolagir: Arundhati Hero, Ph: 9289923033, Jharsuguda: Vijaylaxmi Hero, Ph: 9289922595, Rourkela: Dua Hero, Ph: 9289922179, Sambalpur: Sri Shyam Hero, Ph: 9289922484, Sonepur: Jai Jawan Hero, Ph: 9289922800, Sundergarh: Robotech Hero, Ph: 9289923063, Dhenkanal: Som Hero, Ph: 9289922614, Talcher: Tarini Hero, Ph: 9289922736, Authorized HeroSure Dealers: Bhubaneshwar: Arundhati Motobikes, Ph: 7682841658, Rourkela: Dua Motors, Ph: 6372753989.

**ଆଜିର ମନ୍ତବ୍ୟ**

"ଦେଶ ପରିବର୍ତ୍ତନ ଚାହୁଁଛି। ୨୦୦୪ରେ 'ଇଣ୍ଡିଆ ସାଇନିଂ' ସ୍ଲୋଗାନର ଯେଉଁ ଦଶା ହୋଇଥିଲା, ଏଥର ଭୋଟରଙ୍କୁ ପ୍ରଲୋଭିତ କରିବା ପାଇଁ ସରକାରଙ୍କ 'ଗ୍ୟାରେଣ୍ଟି' ସ୍ଲୋଗାନ ସେଇ ଦଶା ଭୋଗିବାକୁ ଯାଉଛି।

–ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶ୍ରୀ ଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ ଅନ୍ତର୍ଜାତୀୟ ପଖାଳ ଦିବସ, ସ୍ଥାନ: ବ୍ୟାସକବି ଫକୀରମୋହନ ଭବନ, ନୟାପଲ୍ଲୀ, ସମୟ: ସକାଳ ୯ଟା।
- ଓଡ଼ିଶା ପ୍ରଗତି ଦଳର ୬ଷ୍ଠ ପ୍ରତିଷ୍ଠା ଦିବସ, ସ୍ଥାନ: ଲୋହିଆ ଏକାଡେମୀ, ୟୁନିଟ୍–୯, ସମୟ: ପୂର୍ବାହ୍ନ ୧୧ଟା।
- ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ 'ପଖାଳ ଦିବସ' ପାଳନ, ସ୍ଥାନ: ଗୌତମନଗରସ୍ଥିତ ବାସଭବନ, ସମୟ: ପୂର୍ବାହ୍ନ ୧୧ଟା।
- ସାନିଟାରି ପ୍ୟାଡ୍ ସମ୍ପର୍କିତ କର୍ମଶାଳା, ସ୍ଥାନ: ହୋଟେଲ ନ୍ୟୁ ମାରିଅନ୍, ଖାରବେଳନଗର, ସମୟ: ମଧ୍ୟାହ୍ନ ୧୨ଟା।
- ସୁଜନ ଫାଉଣ୍ଡେଶନ ପକ୍ଷରୁ ପଖାଳ ଦିବସ ପାଳନ, ସ୍ଥାନ: ଏକାମ୍ର ହାଟ, ସମୟ: ମଧ୍ୟାହ୍ନ ୧୨ଟା।
- ଓଡ଼ିଶା ପ୍ରଦେଶ ୟୁଥ କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କଂଗ୍ରେସ ଭବନ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଶହୀଦ ନଗର ଦୁର୍ଗା ପୂଜା କମିଟି ପକ୍ଷରୁ ଅନ୍ତର୍ଜାତୀୟ ପଖାଳ ଦିବସ ପାଳନ, ସ୍ଥାନ: ଦୁର୍ଗାପୂଜା ମଣ୍ଡପ, ରୂପାଲି ଛକ, ସମୟ: ଅପରାହ୍ନ ୧ଟା।
- ୟୁଥ୍ ଫର ୱାଟର ପ୍ଲସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ରେସ କ୍ଲବ ଅଫ ଓଡ଼ିଶା, ସମୟ: ଅପରାହ୍ନ ୫ଟା।
- ଓଡ଼ିଶା ଏଣ୍ଟରପ୍ରିନ୍ୟୁୟରଶିପ୍ ଆୱାର୍ଡ, ସ୍ଥାନ:ହୋଟେଲ ପଦ୍ମଜା ପ୍ରିମିୟମ୍, ସମୟ: ଅପରାହ୍ନ ୫ଟା ୩୦।
- ମାସିକ ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ଓଡ଼ିଶା ଲେଖକ ସମବାୟ ସମିତି ପରିସର, ପୁରୁଣା ବସ୍‌ଷ୍ଟାଣ୍ଡ ନିକଟ,ସମୟ: ସନ୍ଧ୍ୟା ୬ଟା।
- ଉତ୍ତର ପୁରୁଷ ନାଟକ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୦।

## କଟକ

- ପଞ୍ଚ ଦିନାତ୍ମକ ଗୀତାଯଜ୍ଞ ପ୍ରବଚନ, ସ୍ଥାନ: ରାମେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣ ନୂଆପାଟଣା, ତିଗିରିଆ, ସମୟ: ସକାଳ ୭ଟା।
- ପଞ୍ଚୁଦୋଳ ମେଳଣର ଶୁଭାରମ୍ଭ, ସ୍ଥାନ: ଟାଙ୍ଗୀ–ଚୌଦ୍ୱାର ବ୍ଲକ ଆଗ୍ରାହାଟ ଗ୍ରାମ ଉତ୍ତରେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୮ଟା।
- ଦୋଳ ମେଳଣ ଅବସରରେ ଚୌଦ୍ୱାର ଓଟିଏମ୍ କଲୋନୀସ୍ଥିତ ରାଧାମୋହନଜୀଉ ନାଟ୍ୟ ପରିଷଦ ଆନୁକୂଲ୍ୟରେ ସାମାଜିକ ନାଟକ କାର୍ଯ୍ୟକ୍ରମ, ସ୍ଥାନ: ଓଟିଏମ୍ ଦୋଳଯାତ୍ରା ପଡିଆ, ସମୟ: ରାତି ୧୦ଟା।

## ପୁରୀ

- ସାକ୍ଷୀଗୋପାଳ ଠାକୁରଙ୍କ ଦୋଳ ଚାଚେରୀ ଭୋଗ, ସ୍ଥାନ: ଗୋପାଳପୁରପାଟଣା, ସମୟ: ରାତି ୮ଟା।

## ଖୋର୍ଦ୍ଧା

- ୫୫ତମ ଅଷ୍ଟପ୍ରହର ନାମଯଜ୍ଞର ଅଧିବାସ, ସ୍ଥାନ: ଶ୍ରୀଭଗବତ ମନ୍ଦିର ପରିସର, ନୂଆସାହି, ବୋଲଗଡ଼, ସମୟ: ପ୍ରାତଃ ୫ଟା।
- ବୋଲଗଡ଼ ପ୍ରିମିୟର ଲିଗ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ପି.ଏନ୍ କଲେଜ ନିକଟ ଖେଳପଡ଼ିଆ, ବୋଲଗଡ଼, ସମୟ: ଅପରାହ୍ନ ୩ଟା।
- ଉତ୍କଳ ଶାକାହାରୀ ରଙ୍ଗଣି ସମାଜର ବାର୍ଷିକ ଅଧିବେଶନ ଉଦ୍‌ଯାପନ, ସ୍ଥାନ: ଶ୍ରୀରଘୁନାଥ ପୀଠ, ସଂପୁର, ବୋଲଗଡ଼, ସମୟ: ସନ୍ଧ୍ୟା ୫ଟା।
- ବାବା ମାଲଜେନାଙ୍କ ପୀଠରେ ୩୮ତମ ବିଷ୍ଣୁ ମହାଯଜ୍ଞ ଅବସରରେ ଅଙ୍କୁରାରୋପଣ, ସ୍ଥାନ: ଚମ୍ପାଦେଇପୁର, ଚିଲିକା, ସମୟ: ସନ୍ଧ୍ୟା ୫ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ସାନ୍ଧ୍ୟ ପ୍ରବଚନ ଓ ଜ୍ଞାନଯଜ୍ଞ, ସ୍ଥାନ: ତାରେଶ୍ୱର ଦେବ ମନ୍ଦିର ପରିସର, ବାଙ୍କୋଇ, ବୋଲଗଡ଼, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ବାର୍ଷିକ ପୂଜା ଉତ୍ସବ ଏବଂ ହରିବଂଶ ପଠନ ଶୁଭାରମ୍ଭ, ସ୍ଥାନ: ବାରାପାଳ ଗ୍ରାମ ପୂଜାମଣ୍ଡପ, ରୁପସା, ସମୟ: ସକାଳ ୭ଟା।
- ସାହାରା ଇଣ୍ଡିଆ ଜମାକାରୀ ଓ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଘେରାଉ, ସ୍ଥାନ: ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଦୁଇ ଦିବସୀୟ ଜାତୀୟ ସମ୍ମିଳନୀ(ଆରଟିପିଏଏ ଏମ୍–୨୦୨୪), ସ୍ଥାନ: ପିଜି କାଉନସିଲ୍ ହଲ୍ ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ୧୦ଟା ୩୦।
- ବସ୍ତା କୋର୍ଟ ନୂତନ ଗୃହର ଭୂମି ପୂଜନ ଓ ଶିଳାନ୍ୟାସ ଉତ୍ସବ, ସ୍ଥାନ: ବାହାର୍ଦ୍ଦା ପଞ୍ଚାୟତ ବସ୍ତା ଅବକାରୀ ଥାନା ନିକଟ ପଡିଆ, ସମୟ: ଅପରାହ୍ନ ୩ଟା।

## ମୟୂରଭଞ୍ଜ

- ଫଗୁ ଦଶମୀ ହୋଲି ଉତ୍ସବ ଉପଲକ୍ଷେ ବସନ୍ତ ରାସ ଉତ୍ସବ,ଅବିର ଖେଳ, ପ୍ରସାଦ ସେବନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ଉଦଳା ବ୍ଲକ ଡିହିରାକୁଳ ଦୋଳଯାତ୍ରା ପଡ଼ିଆ,ସମୟ: ସକାଳ ୮ଟା।
- ବି. ବି. ୟୁଥ୍ କ୍ଲବ ପକ୍ଷରୁ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବଡ଼ସାହି ବ୍ଲକ ଅଧୀନ ଧାନପୋତା, ସମୟ: ସକାଳ ୯ଟା।
- ସଦ୍‌ଗୋପ ସମାଜ କମ୍ୟୁନିଟି ହଲ୍‌ର ଭୂମିପୂଜନ ଉତ୍ସବ, ସ୍ଥାନ: ଭୁଗୁଡ଼ାକୋଟା, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ସିପିଏଲ୍ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କଲେଜ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୪ଟା।

## ଭଦ୍ରକ

- ଉତ୍କଳ କେଶରୀ ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: ହେମପଦ୍ମ ଗାଲାକ୍ସି, ଆଗରପଡ଼ା, ସମୟ: ଅପରାହ୍ନ ୫ଟା।
- ବୁଢ଼ୀ ଜାଗୁଳାଇ ପୀଠରେ ଯଜ୍ଞ, ସ୍ଥାନ: ଆର୍ଡୁ, ବାସୁଦେବପୁର, ସମୟ: ସକାଳ ୯ଟା।

## କେନ୍ଦୁଝର

- ରାମନବମୀ ପୂଜା ନିମନ୍ତେ ମାଟି ପୂଜା ଉତ୍ସବ, ସ୍ଥାନ: ଢେଙ୍କିକୋଟ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ପଖାଳ ଦିବସ ପାଳନ, ସ୍ଥାନ: ନୀଳାଦ୍ରି କାର୍ଯ୍ୟାଳୟ, ପିଏଚ୍‌ଡି ରୋଡ୍, ବଡ଼ବିଲ, ସମୟ: ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୩ଟା।
- ୧୬ ପ୍ରହର ନାମଯଜ୍ଞ, ସ୍ଥାନ: ଘଟଗାଁ ବ୍ଲକ ମନହରପୁର ପଞ୍ଚାୟତ ଅଧୀନ ଖଜୁରୀଜିଆଣୀ ଗ୍ରାମ, ସମୟ: ଅପରାହ୍ନ ୫ଟାରୁ ଆରମ୍ଭ।

## ବ୍ରହ୍ମପୁର

- ରାଧାଶ୍ୟାମ ମନ୍ଦିରର ଜୀର୍ଣ୍ଣୋଦ୍ଧାର ପ୍ରତିଷ୍ଠା ଉତ୍ସବ,ସ୍ଥାନ:ନିମଖଣ୍ଡି, ମହାନ୍ତି ସାହି,ସମୟ: ସକାଳ ୭ଟା୩୦
- ଘରଚଟିଆ ଦିବସ ପାଳନ, ସ୍ଥାନ:ଗୁଣ୍ଡବୋଧ ପ୍ରାଥମିକ ବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।
- ସାତଭିକ ସୋଲ ଫାଉଣ୍ଡେସନ ପକ୍ଷରୁ ପାଠଚକ୍ର, ସ୍ଥାନ: ରୋଲାଣ୍ଡ କଲେଜ,ସମୟ: ପୂର୍ବାହ୍ନ ୧୦ଟା।
- ପ୍ରମିଳା ଦେବୀ ଓମେନ୍ସ ୱେଲଫେୟାର ୟୁନିୟନର ସ୍ମାରକପତ୍ର ପ୍ରଦାନ, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଆକାଶ ପକ୍ଷରୁ ଶିକ୍ଷାବୃତ୍ତି ଘୋଷଣା, ସ୍ଥାନ:କମାପଲ୍ଲୀ ଅନନ୍ୟା ଆରକେଡ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବିଶ୍ୱ ପଖାଳ ଦିବସ ପାଳନ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ,ସମୟ: ମଧ୍ୟାହ୍ନ ୧୨ଟା।
- ବିଏମସି ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ, ସ୍ଥାନ: ମାନସ ଭବନ, ସମୟ: ଅପରାହ୍ନ ୪ଟା।

## ଗଞ୍ଜାମ

- ନାମଯଜ୍ଞ ଆରମ୍ଭ, ସ୍ଥାନ: ଜଗନ୍ନାଥପ୍ରସାଦ ବ୍ଲକ ଭୂଷଣପାଲ, ସମୟ: ସକାଳ ୬ଟା।
- ମନ୍ଦିର ପୁନରୁଦ୍ଧାର ଅବସରରେ ପୂଜାର୍ଚ୍ଚନା, ସ୍ଥାନ: ଜଗନ୍ନାଥପ୍ରସାଦ ବ୍ଲକ ଛାମୁଣ୍ଡା,ସମୟ: ସକାଳ ୭ଟା।
- ରକ୍ତଦାନ ଶିବିର, ସ୍ଥାନ: ଭଞ୍ଜନଗର ବ୍ଲକ ଟୋକାଗଣ୍ଡା, ସମୟ: ସକାଳ ୮ଟା।
- ପଖାଳ ଦିବସ ପାଳନ, ସ୍ଥାନ: ଭଞ୍ଜନଗର ବ୍ଲକ ବଡ଼କୋଦଣ୍ଡା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ଘରଚଟିଆ ଦିବସ, ସ୍ଥାନ: ଭଞ୍ଜନଗର ସତ୍ୟସାଇ ବିଦ୍ୟାବିହାର, ସମୟ: ପୂର୍ବାହ୍ନ ୧୧ଟା।
- ଦିବାକର ପଟ୍ଟନାୟକ ଉଚ୍ଚତର ଗବେଷଣା ଶିକ୍ଷା ପ୍ରତିଷ୍ଠାନ ବାର୍ଷିକୋତ୍ସବ, ସ୍ଥାନ: କନିଷି ହାଟ, ସମୟ: ମଧ୍ୟାହ୍ନ ୧୨ଟା।

## ରାୟଗଡ଼ା

- ରାଧାକୃଷ୍ଣ ମନ୍ଦିରରେ ଦୋଳଯାତ୍ରା ଆରମ୍ଭ, ସ୍ଥାନ:ପଦ୍ମପୁର, ସମୟ: ସକାଳ ୭ଟା।

## କୋରାପୁଟ

- ଶିଶୁମାନଙ୍କ ବିଭିନ୍ନ ସମସ୍ୟା ନେଇ ସଚେତନତା କର୍ମଶାଳା, ସ୍ଥାନ:ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା୩୦।

## ନବରଙ୍ଗପୁର

- ଝରିଗାଁ ଜେଏମ୍‌ଏଫ୍‌ସି କୋର୍ଟ ଗୃହ ଶିଳାନ୍ୟାସ, ସ୍ଥାନ: ଝରିଗାଁ, ସମୟ: ଅପରାହ୍ନ ୪ଟା ୩୦।
- ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପ୍ରସ୍ତୁତି ବୈଠକ, ସ୍ଥାନ: ଉମରକୋଟ ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୫ଟା୩୦।

## ମାଲକାନଗିରି

- ଭାଜପାର ବିଭିନ୍ନ ଅଞ୍ଚଳରେ ସମୃଦ୍ଧ ଭାରତ କାର୍ଯ୍ୟକ୍ରମ, ସ୍ଥାନ: ମାଲକାନଗିରି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।
- ଅନିଲ ଦଶମନ୍ତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବାଲିମେଳା ଅଫିସର୍ସ କ୍ଲବ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ।
- କୃଷି ବିଭାଗର ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ମୁଣ୍ଡାଗୁଡା କୃଷି ବିଜ୍ଞାନ କେନ୍ଦ୍ର, ସମୟ– ପୂର୍ବାହ୍ନ ୧୦ଟା ୩୦।
- ବଟାରାମଶ୍ୱେର ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ମାଲକାନଗିରି, ସମୟ: ଅପରାହ୍ନ ୨ଟା।

## ସମ୍ବଲପୁର

- ଗାୟତ୍ରୀ ସମୂହ ଶିକ୍ଷାନୁଷ୍ଠାନ ପକ୍ଷରୁ ବାର୍ଷିକ ଉତ୍ସବ– ସଂକଳ୍ପ, ସ୍ଥାନ: ଜମାଦାରପାଲି ଗାୟତ୍ରୀ ବିହାର, ସମୟ: ସକାଳ ୮ଟା।
- ଭାଗବତ ପାରାୟଣ, ସ୍ଥାନ: ଗୋପାଳପାଲି ବନଦୁର୍ଗା ମନ୍ଦିର, ସମୟ: ସକାଳ ୯ଟା।
- 'ବିଶ୍ୱ ପଖାଳ ଦିବସ' ଭାଜପା କୃଷକ ମୋର୍ଚ୍ଚା, ସ୍ଥାନ: ତବଲା ଫୁଟ୍‌ବଲ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା। –ଏସ୍‌ଡିଏ ମହିଳା ସଂଘ, ସ୍ଥାନ: ଭତରା ବ୍ରାହ୍ମଣପଡ଼ା, –ପଶ୍ଚିମାଞ୍ଚଳ ଏକତା ମଞ୍ଚ ନାରୀଶକ୍ତି, ସ୍ଥାନ: ଜଗନ୍ନାଥ କଲୋନୀ, ସମୟ: ଅପରାହ୍ନ ୧ଟା।

## ବଲାଙ୍ଗୀର

- ୨୪ପ୍ରହର ନାମଯଜ୍ଞ ପାଇଁ ଶୁଭସ୍ତମ୍ଭ ସ୍ଥାପନ, ସ୍ଥାନ: ସଇଁତଲା ବ୍ଲକ ଡେଙ୍ଗ ଗ୍ରାମ ଜଗନ୍ନାଥ ମନ୍ଦିର ନିକଟ, ସମୟ: ସକାଳ ୭ଟା।
- ଲୋଇସିଂହା ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମି ଶିବିରର ସପ୍ତମ ଦିବସ, ସ୍ଥାନ: କଲେଜ ଲେକଚରାର ହଲ, ସମୟ: ସକାଳ ୯ଟା ୩୦।
- ଲୋଇସିଂହା ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ଜିଲାପାଳଙ୍କୁ ସାକ୍ଷାତ୍ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।

## ସୁବର୍ଣ୍ଣପୁର

- ବିଶ୍ୱଶାନ୍ତି ଛପନ ପ୍ରହର ନାମଯଜ୍ଞ ଉଦ୍‌ଯାପିତ, ସ୍ଥାନ: ବୀରମହାରାଜପୁର ବ୍ଲକର କେନ୍ଦୁପାଲି ଗାଁ, ସମୟ: ସକାଳ ୭ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ସୁବର୍ଣ୍ଣପୁର ସହରସ୍ଥିତ ସୁବର୍ଣ୍ଣମେରୁ ଶୈବପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଥମ ଡିଉଜ ବଲ କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ବିନିକା ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସମୟ : ପୂର୍ବାହ୍ନ ୧୦ଟା।

## ବରଗଡ଼

- ଶ୍ରୀ ଶ୍ରୀ ଗୁଣ୍ଡିଚା ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: କାଠଡ଼େରା, ସମୟ: ସକାଳ ୯ଟା।
- ସଂଯୁକ୍ତ କୃଷକ ସଙ୍ଗଠନର ଧାରଣା, ସ୍ଥାନ: ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- କୈଳାସୀ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ବୃନ୍ଦଧର, ସମୟ: ପୂର୍ବାହ୍ନ ୧୧ଟା।
- ପଖାଳ ଦିବସ ପାଳନ, ସ୍ଥାନ: ରାଣାପ୍ରତାପ ସ୍କୁଲ, ବରଗଡ଼, ସମୟ: ମଧ୍ୟାହ୍ନ ୧୨ଟା।
- ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ପାଇଁ କଳସ ଯାତ୍ରା, ସ୍ଥାନ: ଚର୍ଦ୍ଦାପାଲି ମହିମା ଆଶ୍ରମ, ସମୟ: ଅପରାହ୍ନ ୨ଟା।

## ସୁନ୍ଦରଗଡ଼

- ପରିବେଶ ସଚେତନତା ସୃଷ୍ଟି ସହ ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ସ୍ଥାନ: କୁତ୍ରା ବ୍ଲକ ତୁନମୁରା ସାର୍ଗୁ କିଷାନ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ପଖାଳ ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: କୁତ୍ରା ବ୍ଲକ ତୁନମୁରା ସାର୍ଗୁକିଷାନ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- ରାଧାକୃଷ୍ଣ ମନ୍ଦିରରେ ୨୪ ପ୍ରହରୀ ନାମଯଜ୍ଞ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: କୋଇଡ଼ା ବ୍ଲକର କାଦହିହା ଗ୍ରାମ, ସମୟ: ଅପରାହ୍ନ ୪ଟା।

## ରାଉରକେଲା

- ବିଇଡ଼ି କଲେଜର ବାର୍ଷିକ ଉତ୍ସବ 'ହୃଦ୍ୟତା', ସ୍ଥାନ: ସେକ୍ଟର–୨୧ ନୟାବଜାର, ସମୟ: ପୂର୍ବାହ୍ନ ୧୦ଟା।
- ନ୍ୟାଶନାଲ କ୍ଲବରେ ଯୁବ ଦକ୍ଷତା ଶିବିର, ସ୍ଥାନ: ପାୱାରହାଉସ୍ ରୋଡ୍, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାମୀ ସଦାନନ୍ଦ ସରସ୍ୱତୀ ମହାରାଜଙ୍କ ପ୍ରବଚନ, ସ୍ଥାନ କଚେରି ରୋଡ୍, ସମୟ: ପୂର୍ବାହ୍ନ ୧୧ଟା।
- ସମ୍ପର୍କ ନାଟ୍ୟ ଅନୁଷ୍ଠାନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କଲଚରାଲ ଏକାଡେମୀ, ସେକ୍ଟର–୫, ସମୟ: ପୂର୍ବାହ୍ନ ୧୧ଟା ୩୦।
- 'ବିଶ୍ୱ ପଖାଳ ଦିବସ' ଡ୍ରିମ୍ ଟିମ୍, ସ୍ଥାନ: ସିଭିଲଟାଉନଶିପ୍ , ଫାଷ୍ଟ ଚଏସ୍, ସ୍ଥାନ: ଛେଣ୍ଡ ଭିଏସ୍‌ଏସ୍ ମାର୍କେଟ,ଗାରିମା ପରିବାର, ସ୍ଥାନ: ସେକ୍ଟର–୨ ସାହାନାଇ ମଣ୍ଡପ, ସମୟ: ମଧ୍ୟାହ୍ନ ୧୨ଟା।
- ବସନ୍ତ ଉତ୍ସବ ସମାରୋହର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼

- ମହାବିଷ୍ଣୁ ଅଷ୍ଟପ୍ରହର ନାମଯଜ୍ଞର ଅଧିବାସ, କଳସ ଯାତ୍ରା, ସ୍ଥାନ: ରିଆମାଳ ବ୍ଲକର ରେଙ୍ଗଲବାହାଲ, ସମୟ: ମଧ୍ୟାହ୍ନ ୧୨ଟା।
- ଦୋଳ ଉତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ହାତୀଶାଳ, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।
- ମହାବିଷ୍ଣୁ ଅଷ୍ଟପ୍ରହରୀ ନାମଯଜ୍ଞ ଉପଲକ୍ଷେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ରିଆମାଳ ବ୍ଲକର ରେଙ୍ଗଲବାହାଲ, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ୨୪ କୁଣ୍ଡୀୟ ମହାଯଜ୍ଞର ଉଦ୍‌ଯାପନୀ ସମାରୋହ, ସ୍ଥାନ: ପୂର୍ବାଞ୍ଚଳ କାର୍ଯ୍ୟାଳୟ ଓପିଏମ୍ ସ୍କୁଲ ସମ୍ମୁଖ, ସମୟ: ସକାଳ ୯ଟା।
- ବ୍ରଜରାଜନଗର ବିଧାୟିକାଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: କୁରମାଲ ଆଇବି, ଲଖନପୁର, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି

- ନିୟମିତ ଦାବିରେ ଆୟୁଷ ଡାକ୍ତରଙ୍କ ଅସହଯୋଗ ଆନ୍ଦୋଳନ, ସ୍ଥାନ: ଭବାନୀପାଟଣା ଓପିଡି ଡାକ୍ତରଖାନା, ସମୟ: ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା।
- ସାଧାରଣ ନିର୍ବାଚନ ପାଇଁ ପୋଲିଂ ୨, ୩, ୪ ଅଧିକାରୀଙ୍କ ତାଲିମ ଶିବିର, ସ୍ଥାନ: ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଓ ସରକାରୀ ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।ଶ୍
- ତାରିଣୀ ମନ୍ଦିରର ବାର୍ଷିକ ଉତ୍ସବ ଉପଲକ୍ଷେ ନଗର ସଂକୀର୍ତ୍ତନ, ସ୍ଥାନ: ଭବାନୀପାଟଣା ପୁରୁଣାପଡା, ସମୟ: ଅପରାହ୍ନ ୪ଟା।

## ନୂଆପଡ଼ା

- ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ରେଙ୍ଗାବାହାଲ ଗାଁ, ସମୟ: ରାତି ୧୦ଟା।

## ବୌଦ୍ଧ

- ବୌଦ୍ଧ ବ୍ଲକ କମିରା ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞ ଅବସରରେ କଳସ ଶୋଭାଯାତ୍ରା, ସ୍ଥାନ: କମିରା, ସମୟ: ସକାଳ ୬ଟା।
- କଣ୍ଟାମାଳ ବ୍ଲକ ମନମୁଣ୍ଡା ପଞ୍ଚାୟତର ନୁର୍ପା ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ: ନୁର୍ପା କୁଞ୍ଜମଣ୍ଡପ , ସମୟ: ସକାଳ ୬ଟା।
- କଣ୍ଟାମାଳ ବ୍ଲକ ଘଣ୍ଟାପଡା ପଞ୍ଚାୟତ ତବଡା ଗ୍ରାମର ଶିବମନ୍ଦିର ପ୍ରତିଷ୍ଠା ଉତ୍ସବ,ସ୍ଥାନ: ତବଡା ଶିବ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- କଣ୍ଟାମାଳ ବ୍ଲକ ଖମନମୁଣ୍ଡା ପଞ୍ଚାୟତ ଲଣ୍ଡାବାହଲରେ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଆଦର୍ଶ ଖେଳପଡିଆ ଲଣ୍ଡାବାହଲ , ସମୟ: ଅପରାହ୍ନ ୧୨ଟା ୩୦।
- ବୌଦ୍ଧ ବ୍ଲକ ଅଁଳାପାଲିରେ ଧନୁଯାତ୍ରା ମହୋତ୍ସବ ଓ କଂସ ଦରବାରର ଦ୍ୱିତୀୟ ଦିବସ, ସ୍ଥାନ: ଅଁଳାପାଲି , ସମୟ: ସନ୍ଧ୍ୟା ୭ଟା।
- ବୌଦ୍ଧ ବ୍ଲକ ବହିରାରେ ଧନୁଯାତ୍ରା ମହୋତ୍ସବ ଓ କଂସ ଦରବାରର ଦ୍ୱିତୀୟ ଦିବସ, ସ୍ଥାନ: ବହିରା ଉଚ୍ଚ ବିଦ୍ୟାଳୟ ପଡିଆ, ସମୟ: ସନ୍ଧ୍ୟା ୭ଟା।

## ଢେଙ୍କାନାଳ

- ସଚେତନ ନାଗରିକ ଫୋରମ ପକ୍ଷରୁ ବିଶ୍ୱ ପଖାଳ ଦିବସ, ସ୍ଥାନ:କଲ୍ୟାଣ ମଣ୍ଡପ, ଗୁଡିଆନାଳୀ, ସମୟ: ପୂର୍ବାହ୍ନ ୧୧ଟା।
- ଢେଙ୍କାନାଳ ଜିଲା ଶ୍ରୀଜଗନ୍ନାଥ ସେବା ପରିଷଦ ପକ୍ଷରୁ ବିଶ୍ୱ ପଖାଳ ଦିବସ, ସ୍ଥାନ: ବଳରାମ ମନ୍ଦିର ପରିସର, ସମୟ: ଅପରାହ୍ନ ୧ଟା୩୦।
- ବିଜେଡି ମିଶ୍ରଣ ପର୍ବ, ସ୍ଥାନ: ଢେଙ୍କାନାଳ ଶ୍ରୀରାମ ମଣ୍ଡପ, ସମୟ: ଅପରାହ୍ନ ୪ଟା।
- ୪୭ତମ ଶ୍ରୀରାମଚରିତ ମାନସ ପାରାୟଣର ୮ମ ଦିବସ, ସ୍ଥାନ: ଯାଉଁଳି ପୋଖରୀ ମଠ, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ

- ବାବା ସର୍ପେଶ୍ୱରଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଏବଂ ବିଗ୍ରହ ସ୍ଥାପନ, ସ୍ଥାନ: ମରଣ୍ଡା, ସମୟ: ସକାଳ ୭ ଟା।
- ସାଧାରଣ ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୯ ଟା।
- ମା' ଦକ୍ଷୀଣକାଳୀ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: କାଣ୍ତସର, ସମୟ: ସକାଳ ୯ଟା।
- ନିର୍ବାଚନ ପରିଚାଳନା ଅଧିକାରୀଙ୍କ ପ୍ରଶିକ୍ଷଣ, ସ୍ଥାନ: ପିଟିସି ହାଇସ୍କୁଲ, ଅନୁଗୋଳ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ ଟା।
- ନିର୍ବାଚନ ଜନିତ ସେକ୍ଟର ଅଧିକାରୀଙ୍କ ପ୍ରଶିକ୍ଷଣ, ସ୍ଥାନ: ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ଅନୁଗୋଳ ମେଳା, ସ୍ଥାନ: ବିଜୁ ମଇଦାନ, ସମୟ: ପୂର୍ବାହ୍ନ ୧୦ ଟା।
- ଭଜନ ସମାରୋହ, ସ୍ଥାନ: ମରଣ୍ଡା, ସମୟ: ମଧ୍ୟାହ୍ନ ୧୨ ଟା।
- କେନ୍ଦ୍ରୀୟ ଖଣି ସଚିବଙ୍କ ସମୀକ୍ଷା, ସ୍ଥାନ: ନାଲକୋ, ସମୟ: ଅପରାହ୍ନ ୧ଟା।
- ରାଧାକୃଷ୍ଣଙ୍କ ଦୋଳ ମେଳଣ ବାର୍ଷିକ ଯାତ୍ରା ଉତ୍ସବ, ସ୍ଥାନ: କଣିହାଁ ବ୍ଲକ ଗ୍ରାମ ଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।
- ବାଦଦଣ୍ଡ ପ୍ରତିଯୋଗିତା, ସ୍ଥାନ: କାଣ୍ତସର, ସମୟ: ରାତି ୯ ଟା।

## ଜଗତ୍‌ସିଂହପୁର

- ସାଧାରଣ ନିର୍ବାଚନ ପାଇଁ ପୋଲିଂ ଟିମ୍‌କୁ ପ୍ରଶିକ୍ଷଣ, ସ୍ଥାନ: ପୋର୍ଟ ଟ୍ରଷ୍ଟ ହାଇସ୍କୁଲ, ଭୂତମୁଣ୍ଡାଇ, ପାରାଦୀପ: ପୂର୍ବାହ୍ନ ୧୦ଟା।
- ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବିଶାଳ ଚାଷୀ ସମାବେଶ, ସ୍ଥାନ: ଇଚ୍ଛାପୁର ମାଧୁରୀ ବଜାର, ବାଲିକୁଦା, ସମୟ: ପୂର୍ବାହ୍ନ ୧୦ଟା।
- ଷ୍ଟ୍ରଙ୍ଗରୁମ୍ ବ୍ୟବସ୍ଥା ଉପରେ ଅନୁଧ୍ୟାନ, ସ୍ଥାନ: ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।
- ଲାଫିଙ୍ଗ କ୍ଲବ ପକ୍ଷରୁ ପଖାଳ ଦିବସ, ସ୍ଥାନ: ଗଲ୍ଫ ପଡ଼ିଆ, ମଧୁବନ, ପାରାଦୀପ, ସମୟ: ମଧ୍ୟାହ୍ନ ୧୨ଟା।
- ହୋଟେଲ ଏମ୍ପାୟର୍ସ ପକ୍ଷରୁ ପଖାଳ ଦିବସ, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ମଧ୍ୟାହ୍ନ ୧୨ଟା।

## ନୟାଗଡ଼

- ରାମଚରିତ ମାନସ ନବାହ୍ନ ପାରାୟଣର ପଞ୍ଚମ ଦିବସ, ସ୍ଥାନ: ପଶ୍ଚିମମୁଖା ହନୁମାନ ମନ୍ଦିର,ଖଣ୍ଡପଡ଼ା, ସମୟ: ସକାଳ ୮ଟା।
- ବିଶ୍ୱଶାନ୍ତି ଯଜ୍ଞ, ସ୍ଥାନ:ନୟାଗଡ଼ ବ୍ଲକ୍ ଭାଟସାହି ସିଦ୍ଧେଶ୍ୱର ଜୀଉଙ୍କ ପୀଠ, ସମୟ:ସକାଳ ୮ଟା।
- ବିଶ୍ୱ ପଖାଳ ଦିବସ, ସ୍ଥାନ:ବରଦାୟିନୀ ପାହାଡ଼ ମହାବୀର କ୍ଷେତ୍ର,ଦଶପଲ୍ଲା, ସମୟ: ଅପରାହ୍ନ ୧ଟା।
- ମହାବାରୁଣୀ ବୁଡ଼ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ପୂର୍ତ୍ତ ବିଭାଗ ଡାକବଙ୍ଗଳା, ସମୟ: ଅପରାହ୍ନ ୪ଟା।
- ନୀଳମାଧବ ଜୀଉ ପୀଠରେ ଦୋଳ ପରିକ୍ରମା, ସ୍ଥାନ: ଦୟଣାଚୋରି ବଗିଚା, କଣ୍ଟିଲୋ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ୩୧ତମ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶ୍ରୀରଘୁନାଥଜୀଉ ପୀଠ, ସନ୍ଥପଡ଼ା, ଗୋବିନ୍ଦପୁର, ରାଜନଗର, ସମୟ: ସକାଳ ୬ଟା।
- ବ୍ରହ୍ମ ସନାତନ ଯଜ୍ଞ, ସ୍ଥାନ: ଅଭିରାମ ପରମହଂସ ଆଶ୍ରମ, ପାଣିଓଲା, ଡେରାବିଶ, ସମୟ: ସକାଳ ୮ଟା।
- ଶ୍ରୀଅଭିରାମ ପରମହଂସ ଆଶ୍ରମ ବାର୍ଷିକ ଉତ୍ସବ, ସ୍ଥାନ: ପାଣିଓଲା, ଚାନ୍ଦୋଳ, ଡେରାବିଶ, ସମୟ: ସକାଳ ୯ଟା।
- ବାବା ମଣିକେଶ୍ୱର କ୍ରିକେଟ କ୍ଲବ ପକ୍ଷରୁ ଦକ୍ଷିଣା ପ୍ରିମିୟର ଲିଗ, ସ୍ଥାନ: ଦକ୍ଷିଣା କ୍ରିକେଟ୍ ଗ୍ରାଉଣ୍ଡ, ଚଉଦକୁଳାଟ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।
- 'ବିଶ୍ୱ ପଖାଳ ଦିବସ' ପାଳନ, ସ୍ଥାନ: ଚଣ୍ଡିଆ ହୋଟେଲ ପ୍ୟାଲେସ, ଶ୍ୟାମସୁନ୍ଦରପୁର ଗଡ଼ା, ସଦର ଥାନା ଛକ, କେନ୍ଦ୍ରାପଡ଼ା ସହର,–ପୋଡାରି ୟୁଥ କ୍ଲବ, ସ୍ଥାନ: ପୋଡାରି, ମାର୍ଶାଘାଇ,– ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ, ସ୍ଥାନ: ଶାରଳା ହୋଟେଲ, ପୁରୁଣା ମେଡିକାଲ ଛକ, କେନ୍ଦ୍ରାପଡ଼ା ସମୟ: ପୂର୍ବାହ୍ନ ୧୦ଟା।
- ମା'କେନ୍ଦୁଖାଇ ଦୁଆସୁଣୀ ଦେବୀଙ୍କ ସପ୍ତମ ଜନ୍ମବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: ଭ୍ରମରଦିଆପାଟଣା, ଡେରାବିଶ, ସମୟ: ରାତି ୧୦ଟା।

## ଯାଜପୁର

- ନୀଳାଚଳ ବାସଚ୍ୟୁତ କମିଟି ପକ୍ଷରୁ ଧାରଣା, ସ୍ଥାନ:ନୀଳାଚଳ କାରଖାନା ସମ୍ମୁଖ, ସମୟ : ସକାଳ ୭ଟା।
- ଭୀମ ଆର୍ମି ପକ୍ଷରୁ ବାସଚ୍ୟୁତଙ୍କ ଧାରଣାର ୮ମ ଦିନ,ସ୍ଥାନ : କଳିଙ୍ଗନଗର ଟାଟା ଷ୍ଟିଲ କାରଖାନା ସମ୍ମୁଖ,ସମୟ : ସକାଳ ୭ଟା।

# ଝାରପଡ଼ା ଜେଲରେ ମାରପିଟ

## ବିଚାରାଧୀନ ବନ୍ଦୀ ଶମ୍ଭୁଙ୍କ ଆଖିରେ ଆଘାତ

ଭୁବନେଶ୍ୱର,୧୯।୩(ସୂର୍ଯ୍ୟକାନ୍ତ ବେହେରା)

ରାଜ୍ୟ ରାଜଧାନୀର ଝାରପଡ଼ା ଜେଲ କିଛିଦିନ ପରେ ପୁଣି ଚର୍ଚ୍ଚାକୁ ଆସିଛି। ଜେଲ ପରିସରକୁ ଅବାଧ ଭାବେ ନିଶାଦ୍ରବ୍ୟ ଯିବା ଏବଂ ନିଶାସେବନ କରି ଜଣେ କଏଦୀ ଗୁରୁତର ହେବା ଘଟଣାର ଚର୍ଚ୍ଚା ଥମି ନ ଥିବାବେଳେ ରବିବାର ଅପରାହ୍ନରେ ଜେଲ ପରିସରରେ ଦୁଇ ବିଚାରାଧୀନ ଅନ୍ତେବାସୀ ଗୋଷ୍ଠୀ ମଧ୍ୟରେ ମାରପିଟ ଘଟଣା ସାମ୍ନାକୁ ଆସିଛି। ଶମ୍ଭୁନାଥ ବାରିକ ଓ ଚକ୍ରଧର ବାରିକ ଓରଫ ଚକରା ଗ୍ୟାଙ୍ଗ ମଧ୍ୟରେ ଗଣ୍ଡଗୋଳ ହୋଇ ମାରପିଟ ହେବାରୁ ଏଥିରେ ଶମ୍ଭୁନାଥ ଆହତ ହୋଇଛନ୍ତି। ଶମ୍ଭୁଙ୍କ ଆଖିରେ ଗଭୀର ଆଘାତ ଲାଗିଛି। ପ୍ରଥମେ ତାଙ୍କୁ ଜେଲ ପରିସରରେ ଚିକିତ୍ସା କରାଯାଇଥିଲା। ହେଲେ ଆଖି ଭଲ ନ ହେବାରୁ ମଙ୍ଗଳବାର ତାଙ୍କୁ ଜେଲ ପରିସରରୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସା କରାଯିବା ପରେ ପୁଣି ଜେଲକୁ ପଠାଇ ଦିଆଯାଇଛି। ଶମ୍ଭୁଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଟିକେ ଟିକେ କଥାରେ ଝଗଡା କରୁଥିବାରୁ ବିଚାରାଧୀନ ବନ୍ଦୀ ଚକରାଙ୍କୁ ଅନ୍ୟତ୍ର ନେବାକୁ କୋର୍ଟଙ୍କୁ ଅବଗତ କରାଇବୁ ବୋଲି ଡିସିପି ମଙ୍ଗଳବାର ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ଅପରପକ୍ଷରେ ଏହି ଘଟଣାକୁ ପ୍ରଥମେ ଜେଲ ମଧ୍ୟରେ ଚାପିବାକୁ ଚେଷ୍ଟା କରାଯାଇଥିଲା। ହେଲେ ଶମ୍ଭୁଙ୍କ ଆଖି ଭଲ ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯିବାରୁ କଥା ପ୍ରଘଟ ହୋଇଥିଲା।

ଜେଲ ସୁପରିଣ୍ଟେଣ୍ଡେଣ୍ଟ ସତ୍ୟପ୍ରକାଶ ସ୍ୱାଇଁଙ୍କ ସୂଚନାନୁସାରେ ଗତ ୧୭ ତାରିଖ ଅପରାହ୍ନରେ ସାମାନ୍ୟ କଥାକୁ ନେଇ ଜେଲରେ ବିଚାରାଧୀନ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ମାରପିଟି ହୋଇଥିଲା। ଅନ୍ତେବାସୀ ଚକ୍ରଧର ବାରିକ, ଜଗନ୍ନାଥ ମହାନ୍ତି ଓ ପାପୁନ ମାଝି ଅପରାହ୍ନରେ ଜେଲ କ୍ୟାଣ୍ଟିନରୁ ଆସୁଥିବାବେଳେ ଶମ୍ଭୁନାଥ ବାରିକଙ୍କ ସହିତ ଧକ୍କା ହୋଇଥିଲା। ଫଳରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା ଏବଂ ଚକରା ଗ୍ୟାଙ୍ଗର ସମସ୍ତେ ମିଳିତ ଭାବରେ ଶମ୍ଭୁନାଥଙ୍କୁ ଆକ୍ରମଣ କରିଥିବାରୁ ସେ ଗୁରୁତର ହୋଇଥିଲେ। ଶମ୍ଭୁନାଥଙ୍କୁ ପ୍ରଥମେ ଜେଲ ହସ୍ପିଟାଲରେ ଚିକିତ୍ସା କରାଯାଇଥିଲା। ହେଲେ ତାଙ୍କ ଆଖିରେ ଆଘାତ ଲାଗିଥିବାରୁ କ୍ୟାପିଟାଲ ହସ୍ପିଟାଲକୁ ଅଣାଯାଇଥିଲା। ଏବେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ରହିଥିବାବେଳେ ଜେଲ ହସ୍ପିଟାଲକୁ ଅଣାଯାଇ ତାଙ୍କର ଚିକିତ୍ସା କରାଯାଉଥିବା ସ୍ୱାଇଁ କହିଛନ୍ତି। ଚକରା ଏବଂ ଆକ୍ରମଣ କରିଥିବା ଅନ୍ୟ ୨ ଦୁଇ ଅନ୍ତେବାସୀଙ୍କୁ ସ୍ୱତନ୍ତ୍ର ସେଲ୍‌ରେ କଡ଼ା ନଜରରେ ରଖାଯାଇଛି। ସ୍ୱାଇଁଙ୍କ ଅଭିଯୋଗ ଆଧାରରେ ଲକ୍ଷ୍ମୀସାଗର ଥାନାରେ ଆଇପିସି ଦଫା ୨୯୪,୩୨୩,୫୦୬,୩୪ରେ ମାମଲା (ନଂ ୧୭୧/୨୪) ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ କରାଯାଉଛି। ଅନ୍ୟପଟେ ଜେଲ ଭିତରେ ଏପରି କ୍ରିମିନାଲ ୱାର ସାମ୍ନାକୁ ଆସିବା ପରେ ଏବେ ସୁରକ୍ଷାକୁ ନେଇ ଭୟ ବଢ଼ିବା ସହିତ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଗକୁ ନିର୍ବାଚନ ଆସୁଥିବାବେଳେ ଅନେକ ଅପରାଧୀ ଏବେ ଜେଲ ଭିତରେ ରହିଛନ୍ତି। ହେଲେ ଜେଲ ଭିତରେ ଏପରି ଆପରାଧିକ ଉତ୍ପାତ ଅନ୍ୟ ଅପରାଧୀଙ୍କ ମନରେ ଭୟ ଦେଖାଯାଇଛି। ସେହିପରି କ୍ଷମତାଠାରୁ ଅଧିକ କଏଦୀ ଓ ବିଚାରାଧୀନ ବନ୍ଦୀ ରହିଥିବାବେଳେ ଜେଲ ଷ୍ଟାଫ ମଧ୍ୟ ପର୍ଯ୍ୟାପ୍ତ ନାହାନ୍ତି। ତେଣୁ ସେମାନଙ୍କୁ ନିୟନ୍ତ୍ରଣ କରିବା ଏକପ୍ରକାର କଷ୍ଟକର ବ୍ୟାପାର ହେବା ସହ ପୂର୍ବ ଅପେକ୍ଷା ଜେଲର ସୁରକ୍ଷା ବ୍ୟବସ୍ଥା ବିଗିଡ଼ିବାରେ ଲାଗିଥିବା ସୂଚନା ମିଳିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରି ପାରିଲେ ନିଶ୍ଚିତ ଉପକୃତ ହେବେ। ଅଭାବ ପୂରଣ ଦିଗରେ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ଯୋଜନା କାର୍ଯ୍ୟକାରୀ ହେବାରେ ସହକର୍ମୀଙ୍କ ଅବଦାନ ସ୍ମରଣୀୟ ରହିବ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ସହ ଦୂରଯାତ୍ରାର ସୂଚନା ରହିଛି।

**ବୃଷ** – ଉଚ୍ଚାରୋହୀ ରବି ଓ ମିତ୍ରକ୍ଷେତ୍ରସ୍ଥ ଚନ୍ଦ୍ର ପ୍ରଭାବରୁ ଇଚ୍ଛାଶକ୍ତିର ପ୍ରାବଲ୍ୟଜନିତ ମାନସିକ ସ୍ଥିରତା ଅକ୍ଷୁଣ୍ଣ ରହିବ। ସାମାଜିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆତ୍ମୀୟଙ୍କ ପାଇଁ ଚିନ୍ତା ବଢ଼ିପାରେ। ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ଓ ପାରିବାରିକ ସମସ୍ୟା ମନକୁ ଆନ୍ଦୋଳିତ କରିବ। ମହିଳାମାନେ ପଶ୍ଚାତ୍ତାପ କରିପାରନ୍ତି।

**ମିଥୁନ** – ସାଧାରଣ କଥାରେ କଳହ ସୃଷ୍ଟି ହୋଇ ପାରିବାରିକ ସମ୍ପର୍କ ଖରାପ ହୋଇପାରେ। କର୍ମକ୍ଷେତ୍ରରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରି ବିବାଦୀୟ ହୋଇପାରନ୍ତି। ବନ୍ଧୁଙ୍କ ନିକଟରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ନିଜ ପରିସର ବ୍ୟକ୍ତିବିଶେଷଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**କର୍କଟ** – ଅଭାବବୋଧ ଦୂରେଇବାରେ ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେଇପାରନ୍ତି। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଆନୁଷ୍ଠାନିକ କିମ୍ବା ନିର୍ମାଣ କ୍ଷେତ୍ରରେ ସମସ୍ୟା ବୃଦ୍ଧି ହେତୁ ବ୍ୟସ୍ତତା ବଢ଼ିଯିବ। କଳା, କ୍ରୀଡ଼ା, ସାହିତ୍ୟଚର୍ଚ୍ଚା ତଥା ସଙ୍ଗୀତ ଓ ଚଳଚ୍ଚିତ୍ର ପ୍ରଭୃତିରେ ଉନ୍ନତି କରିବେ।

**ସିଂହ** – ବନ୍ଧୁଙ୍କ ପରାମର୍ଶକ୍ରମେ ଦୃଢ଼ ପଦକ୍ଷେପ ନେଇ ସ୍ଥଗିତ କାମକୁ ସମ୍ପନ୍ନ କରିପାରିବେ। କିନ୍ତୁ ପଡ଼ୋଶୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କଲେ ଅପଦସ୍ଥ ହେବେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ପରିବାରରେ ସହମତି ଭିତ୍ତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି।

**କନ୍ୟା** – କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ପରିବାରର ଆବଶ୍ୟକତାକୁ ନେଇ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି, ମାତ୍ର ପରକ୍ଷଣରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ମାଦକ ଦ୍ରବ୍ୟ ସେବନରୁ ବକ୍ଷ ବେଦନା ସୃଷ୍ଟି ହେବାର ସୂଚନା ରହିଛି।

**ତୁଳା** – ଆଜି ଆପଣ ହିତୈଷୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ। ପାରସ୍ପରିକ ବୁଝାମଣା ହେତୁ ପରିବାରରେ ପୁନର୍ବାର ଶାନ୍ତି ଫେରି ଆସିବ। କିନ୍ତୁ ବିଶାଖା ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କର୍ମକ୍ଷେତ୍ର ଉତ୍ସାହପ୍ରଦ ହେବ ନାହିଁ। ସାବଧାନତା ଅଭାବରୁ ଯାତ୍ରାରେ ସତର୍କ ନ ରହିଲେ କ୍ଷତିରେ ପଡ଼ିବେ।

**ବିଛା** – ଅଧିକାଂଶ ସମୟ ମନ ଅସ୍ଥିର ରହିବା କାରଣରୁ କାମ ସଂପୂର୍ଣ୍ଣ ହେବା କଷ୍ଟକର ହେବ। ସାଧାରଣ କଥାକୁ କେନ୍ଦ୍ରକରି ଅନ୍ୟ ଉପରେ ବିରକ୍ତି ହେବା ମହଙ୍ଗା ପଡ଼ିପାରେ। ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ।

**ଧନୁ** – ଭାବପ୍ରବଣତାବଶତଃ ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସମସ୍ୟାର କାରଣ ହୋଇପାରେ। ସାମାଜିକ ସ୍ତରରେ ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ଉତ୍ତମ ବୁଝାମଣା ହେତୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**ମକର** – ବାରମ୍ବାର ବିଭିନ୍ନ ପ୍ରତିରୋଧର ସାମ୍ନାକରି ହତୋତ୍ସାହିତ ହୋଇପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀ ଓ ଘରୋଇ କାମରେ ପଡ଼ୋଶୀ ସହଯୋଗ କରିବେ। ନୂତନ କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇ ପାରିବ ନାହିଁ। ସୀମା ବିବାଦ ଦୂର ହେବାରୁ ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବାରେ ପ୍ରତିବନ୍ଧକ ରହିବ ନାହିଁ।

**କୁମ୍ଭ** – ଆପଣଙ୍କ ପ୍ରଭାବଶାଳୀ ବକ୍ତବ୍ୟ ଜନମାନସକୁ ପ୍ରଭାବିତ କରିବାରେ ସମର୍ଥ ହେବ। ମାତ୍ର ନିଜ ଲୋକମାନଙ୍କ ଅପପ୍ରଚାର ଓ ପରୋକ୍ଷଶତ୍ରୁତା ସମସ୍ୟାକୁ ଦ୍ୱିଗୁଣିତ କରିବ। ପରିବାରରେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ପରକଥାକୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି।

**ମୀନ** – ଆଜି ଆପଣ ଲୋକସମ୍ପର୍କର ହ୍ରାସ ସଙ୍ଗକୁ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ। ସାଧାରଣ କଥାରେ ଯୁକ୍ତିତର୍କ କାରଣରୁ ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ। ଆୟ ତୁଳନାରେ ବ୍ୟୟ ବୃଦ୍ଧି ଲାଗି ରହିବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। ଆପଣ ଯାହା କରନ୍ତୁନା କାହିଁକି ନିଜର ଲୋକମାନେ ବିବାଦୀୟ ମନ୍ତବ୍ୟ ଦେଇଚାଲିବେ।

ଆଜି ମାର୍ଚ୍ଚ ୨୦ ତାରିଖ, ଫାଲଗୁନ୍ ଶୁକ୍ଳପକ୍ଷର ଆମଳକୀ ଏକାଦଶୀ ବୁଧବାର, ବିଶ୍ୱ ଘରଚଟିଆ ଦିବସ, ସାର୍ବଜନୀନ ପଖାଳ ଦିବସ। ଦିବା ରାଶିନକ୍ଷତ୍ର–ପୁଷ୍ୟା/କର୍କଟ, ଏକାଦଶୀରେ ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୫୪ମି. ଗତେ ଘ.୦୭.୩୦ମି. ମଧ୍ୟେ, ଘ.୧୦.୨୪ମି. ଗତେ ଘ.୧୧.୩୦ମି. ମଧ୍ୟେ ଶୁଦ୍ଧଶୁଭ ବେଳା। ଦିବା ଘ.୧୧.୫୪ମି. ଗତେ ଘ.୦୧.୨୪ମି. ମଧ୍ୟେ ରାହୁକାଳ।

# ଗ୍ରାହକ ସନ୍ତୁଷ୍ଟିକୁ ଗୁରୁତ୍ୱ



କୌଶଲ୍ ପୋଦ୍ଦାର

**ଉଚ୍ଚଶିକ୍ଷିତ ସାଙ୍ଗକୁ ବ୍ୟବସାୟିକ ବାତାବରଣ ମଧ୍ୟରେ ଜୀବନ ଅତିବାହିତ କରିଥିବାବେଳେ ରେଭେନ୍ସା ମହାବିଦ୍ୟାଳୟ (ବର୍ତ୍ତମାନର ବିଶ୍ୱବିଦ୍ୟାଳୟ)ରୁ ବାଣିଜ୍ୟରେ ସ୍ନାତକ ଏବଂ ସିମ୍ବୋସିସ୍ ପୁନେରୁ ସେ ଏମ୍‌ବିଏରେ ମ୍ୟାନେଜମେଣ୍ଟ ଶିକ୍ଷା ଶେଷ କରିଛନ୍ତି। ଏପରିକି ପାରିବାରିକ ବ୍ୟବସାୟ ଓ ପରିବାରର ଆବଶ୍ୟକତାକୁ ଆଖି ଆଗରେ ରଖି ସେ ୧୯୯୭ରେ ବାପାଙ୍କ ସହ ବ୍ୟବସାୟରେ ସହଯୋଗୀ ଭାବେ କାର୍ଯ୍ୟ କରି ଅନେକ ସଫଳତା ହାସଲ ସହିତ ଓଡ଼ିଶାର ଯୁବ ଉଦ୍ୟୋଗୀଙ୍କୁ ନୂଆ ଦିଶା ଦେଖାଇଥିବା ଯୁବ ଉଦ୍ୟୋଗୀ ତଥା ଓଡ଼ିଶା ପ୍ଲାଷ୍ଟୋ ପାଇପ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି କୌଶଲ୍ ପୋଦ୍ଦାରଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଳାପ....**

ଧରିତ୍ରୀ | OrissaPOST BUSINESS EMINENCE AWARDS

**ପ୍ର–ଓଡ଼ିଶା ବଜାରରେ ବ୍ରାଣ୍ଡର ଚାହିଦା କିଭଳି ରହିଛି?**

ଉ– ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟଗୁଡ଼ିକରେ ମଧ୍ୟ ବ୍ରାଣ୍ଡର ଚାହିଦା ଭଲ ରହିଛି। ବିଶେଷକରି ପିଭିସି ପାଇପ୍ସ ଉତ୍ପାଦନ କ୍ଷେତ୍ରରେ କମ୍ପାନୀ ୧୯୯୪ରେ ପାଦ ଥାପିଥିଲାବେଳେ ଦୀର୍ଘ ୩୦ ବର୍ଷ ହେବ ବ୍ରାଣ୍ଡ୍ ଗ୍ରାହକକେନ୍ଦ୍ରିକ ଓ ଗୁଣବତ୍ତା ଉତ୍ପାଦ ପାଇଁ ବଜାରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଦିନତମାମ କାରଖାନାରୁ ପିଭିସି, ୟୁପିଭିସି, ଏସ୍‌ଡବ୍ଲ୍ୟୁଆର୍, ସିପିଭିସି, ପାଇପ୍ସ ଆଣ୍ଡ ଫିଟିଂ ସମେତ ଏଚ୍‌ଡିପିଇ ପାଇପ୍ସ ଏବଂ ଘରୋଇ, କୃଷି, ଶିଳ୍ପଭିତ୍ତିକ ଗାର୍ଡେନ ହୋସ ସାମଗ୍ରୀ ମଧ୍ୟ ଉତ୍ପାଦନ ହେଉଛି।

**ପ୍ର–ବଜାରରେ ବ୍ରାଣ୍ଡର ସ୍ୱତନ୍ତ୍ରତା କ'ଣ ରହିଛି?**

ଉ– ବ୍ରାଣ୍ଡର ସ୍ୱତନ୍ତ୍ରତା ଆମର ବଜାର ଚାହିଦା ଓ ଗ୍ରାହକଙ୍କ ଆବଶ୍ୟକତାରୁ ମିଳିଥାଏ। କାରଣ ଆମେ ଗ୍ରାହକଙ୍କୁ ଗୁଣବତ୍ତା ସାମଗ୍ରୀ ଓ ଦୀର୍ଘସ୍ଥାୟୀ ଉତ୍ପାଦ ବଜାର ଉପଲବ୍ଧ କରାଇଥାଉ। ସେହିଭଳି ସୁଲଭ ମୂଲ୍ୟରେ ଗୁଣାତ୍ମକ ଉତ୍ପାଦ ଓ ଶତପ୍ରତିଶତ ମେଡ୍ ଇନ୍ ଓଡ଼ିଶା ସାମଗ୍ରୀ ଅତ୍ୟାଧୁନିକ ଜ୍ଞାନକୌଶଳରେ ଉତ୍ପାଦନ କରାଯାଉଛି।

**ପ୍ର– କଞ୍ଚାମାଲଜନିତ ସମସ୍ୟାକୁ ଆପଣ କିଭଳି ସାମ୍ନା କରିଥାନ୍ତି?**

ଉ– କଳକାରଖାନା ପରିଚାଳନା ପାଇଁ କଞ୍ଚାମାଲ ମୁଖ୍ୟ ଉପାଦାନ ହୋଇଥିବାବେଳେ ଉତ୍ପାଦନକାରୀ ହିସାବରେ ଆମେ ସର୍ବଦା ଆବଶ୍ୟକ ପରିମାଣଠାରୁ ଅଧିକ କଞ୍ଚାମାଲ ସଂଗ୍ରହ ସହିତ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ସଂସ୍ଥା (ସପ୍ଲାୟର ଓ ଡିଷ୍ଟ୍ରିବ୍ୟୁଟର) ସହିତ ବୁଝାମଣା କରି କାରବାର କରିଥାଉ। ଫଳରେ ବର୍ତ୍ତମାନ ସୁଦ୍ଧା କଞ୍ଚାମାଲଜନିତ ସମସ୍ୟା ଦେଖାଯାଇ ନାହିଁ, କିନ୍ତୁ ଯଦି ନୀତିନିୟମ ଓ ଆବଶ୍ୟକ ସାମଗ୍ରୀ (କଞ୍ଚାମାଲ)ର ଉପଯୁକ୍ତ ହିସାବପତ୍ର ସହିତ ପରିଚାଳନା ଠିକ୍ ନ ରହିବ ତାହାହେଲେ କଳକାରଖାନାଗୁଡ଼ିକରେ କଞ୍ଚାମାଲଜନିତ ସମସ୍ୟାରୁ ବିଭିନ୍ନ ପ୍ରକାରର ବାଧା ସୃଷ୍ଟି ହେବ, ଯାହା ବ୍ୟବସାୟକୁ ଏକ ଖରାପ ଦିଗକୁ ସୂଚିତ କରିବ।

**ପ୍ର–ବ୍ରାଣ୍ଡର ବ୍ୟବସାୟିକ ସମ୍ପ୍ରସାରଣ ଯୋଜନା କିଛି ରହିଛି କି?**

ଉ– ବ୍ୟବସାୟରେ ଅଭିବୃଦ୍ଧି ପାଇଁ ନବକଳେବରର ଆବଶ୍ୟକତା ରହିଥାଏ। ବର୍ତ୍ତମାନ ଆମେ ଆମର ଜଗତପୁରସ୍ଥିତ କାରଖାନା (ୟୁନିଟ)ର ସମ୍ପ୍ରସାରଣ ସହିତ ନୂତନ ଉତ୍ପାଦ ଓ ଜ୍ଞାନକୌଶଳର ପ୍ରୟୋଗ ସାଙ୍ଗକୁ ଆଉ ୨ଟି ଉତ୍ପାଦନ ସୁବିଧା ନିର୍ମାଣ କରିବାକୁ ଯୋଜନା କରିଛୁ। ୨୦୨୫ ସୁଦ୍ଧା ଆମେ ନୂଆ ଉତ୍ପାଦ ଓ ବଜାର ଆବଶ୍ୟକତା ସାମଗ୍ରୀ ନିର୍ମାଣ କରିବାକୁ ଯାଉଛୁ।

**ପ୍ର–ଆଶାୟୀ ଯୁବୋଦ୍ୟୋଗୀଙ୍କ ସମ୍ପର୍କରେ କ'ଣ କହିବେ?**

ଉ– ଉତ୍ପାଦନ ଶିଳ୍ପରେ ଅନେକ ସୁବିଧା ଓ କ୍ଷେତ୍ର ପଡ଼ିଥିବାବେଳେ କଠିନ ପରିଶ୍ରମ, ସାଧୁତା, ସହନଶୀଳତା ଏବଂ ସଚ୍ଚୋଟତା ଅବଲମ୍ବନ କରି ଧୈର୍ଯ୍ୟର ସହ କାର୍ଯ୍ୟ କଲେ ସଫଳତା ସୁନିଶ୍ଚିତ ମିଳିଥାଏ।

**ପ୍ର– ଗ୍ରାହକ ସନ୍ତୁଷ୍ଟିକୁ କିଭଳି ଗୁରୁତ୍ୱ ଦେଇଥାନ୍ତି?**

ଉ– ବ୍ୟବସାୟରେ ଗ୍ରାହକ ଈଶ୍ୱର ହୋଇଥିବାବେଳେ ସଚ୍ଚୋଟତା, ଗୁଣାତ୍ମକ ଉତ୍ପାଦ ଓ ଉଚିତ ମୂଲ୍ୟ ଏବଂ ସମୟାନୁବର୍ତ୍ତିତା ସହ ଗ୍ରାହକ ସମ୍ପର୍କକୁ ଆମେ ସର୍ବାଧିକ ପ୍ରାଧାନ୍ୟ ଦେଇଥାଉ।

**ପ୍ର– ପ୍ରତିଯୋଗିତାମୂଳକ ବ୍ୟବସାୟକୁ ଆପଣ କିଭଳି ସମ୍ମୁଖୀନ କରୁଛନ୍ତି?**

ଉ– ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱୀ ଓ ପ୍ରତିଯୋଗିତା ମୁଦ୍ରାର ଉଭୟ ପାର୍ଶ୍ୱ ଭଳି କାର୍ଯ୍ୟ କରିଥାଏ। ଆମେ ବ୍ୟବସାୟ କିଭଳି ଭଲ କରିପାରିବା ଓ ଗ୍ରାହକଙ୍କ ନିକଟତର ହେବା ପାଇଁ ଆବଶ୍ୟକ ନୀତି ନିୟମ ଓ ବଜାର ଚାହିଦାକୁ ଗୁରୁତ୍ୱ ଦେବା ସହିତ କାରବାରର ଅଭିବୃଦ୍ଧି ପାଇଁ କାର୍ଯ୍ୟ କରିଥାଉ।

**ପ୍ର– ବ୍ରାଣ୍ଡର ବଜାର ଉପସ୍ଥିତି କିଭଳି ରହିଛି?**

ଉ– ବର୍ତ୍ତମାନ ସମୟରେ ବ୍ରାଣ୍ଡର ଉପସ୍ଥିତି ସାରା ଓଡ଼ିଶା ସମେତ ପଡ଼ୋଶୀ ଝାଡ଼ଖଣ୍ଡ ସହିତ ଅନ୍ୟ ରାଜ୍ୟରେ ମଧ୍ୟ କମ୍ପାନୀ ଉତ୍ପାଦ ଉପଲବ୍ଧ। ସେହିପରି ଓଡ଼ିଶାର ୩୦ ଜିଲାର ସବୁ ବର୍ଗର ବଜାରରେ କମ୍ପାନୀ ଉତ୍ପାଦଗୁଡ଼ିକ ଛୋଟ ହାର୍ଡୱେର ଷ୍ଟୋରଠାରୁ ଆରମ୍ଭକରି ସର୍ବବୃହତ୍ ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍‌ରେ ମଧ୍ୟ ଉପଲବ୍ଧ।




# ଅମାନତ ହରାଉଥିବା ପ୍ରାର୍ଥୀଙ୍କ ସଂଖ୍ୟା ବଢୁଛି

**ଲୋକ ସଭା ନିର୍ବାଚନ**

ନୂଆଦିଲ୍ଲୀ,୧୯।୩(ପି.ଟି.)

ଲୋକ ସଭା ନିର୍ବାଚନରେ ଅମାନତ ହରାଉଥିବା ପ୍ରାର୍ଥୀମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ୧୯୫୧ ପ୍ରଥମ ଲୋକ ସଭା ନିର୍ବାଚନଠାରୁ ୭୧,୦୦୦ରୁ ଊର୍ଦ୍ଧ୍ୱ ପ୍ରାର୍ଥୀ ସେମାନଙ୍କ ଅମାନତ ଜମା ହରାଇଥିବା ନିର୍ବାଚନ କମିଶନଙ୍କ ତଥ୍ୟରୁ ଜଣାପଡ଼ିଛି। ୨୦୧୯ ନିର୍ବାଚନରେ ୮୬ ପ୍ରତିଶତ ପ୍ରାର୍ଥୀଙ୍କୁ ସେମାନଙ୍କ ଜମା ହରାଇବାକୁ ପଡ଼ିଥିଲା। ଜଣେ ପ୍ରାର୍ଥୀ ମୋଟ ବୈଧ ଭୋଟ୍‌ର ଅନ୍ୟୁନ ଏକ–ଷଷ୍ଠାଂଶ ପାଇବାକୁ ବିଫଳ ହେଲେ ସେ ତାଙ୍କ ଅମାନତ ଜମା ହରାଇଥାନ୍ତି। ପ୍ରଥମ ଲୋକ ସଭା ନିର୍ବାଚନଠାରୁ ଇତିମଧ୍ୟରେ ମୋଟ ୯୧,୧୬୦ ପ୍ରାର୍ଥୀ ନିର୍ବାଚନ ଲଢ଼ିଥିବାବେଳେ ସେଥିରୁ ୭୧,୨୪୬ ଜଣ ଅମାନତ ହରାଇଛନ୍ତି। ଏହା ମୋଟ ପ୍ରାର୍ଥୀ ସଂଖ୍ୟାର ୭୮ ପ୍ରତିଶତ।

୧୯୫୧ରେ ଅମାନତ ଜମା ପରିମାଣ ସାଧାରଣ ପ୍ରାର୍ଥୀଙ୍କ ପାଇଁ ୫୦୦ ଟଙ୍କା ଏବଂ ଅନୁସୂଚିତ ଜାତି/ଜନଜାତି ପ୍ରାର୍ଥୀଙ୍କ ପାଇଁ ୨୫୦ ଟଙ୍କା ରହିଥିଲା। ଏବେ ତାହା ବୃଦ୍ଧି ପାଇ ସାଧାରଣ ପ୍ରାର୍ଥୀଙ୍କ ନିମନ୍ତେ ୨୫,୦୦୦ ଏବଂ ଏସ୍‌ସି/ଏସ୍‌ଟି ପ୍ରାର୍ଥୀଙ୍କ ପାଇଁ ୧୨,୫୦୦ ରଖାଯାଇଛି। ଅମାନତ ସଂରକ୍ଷିତ ରଖିବା ପ୍ରାର୍ଥୀଙ୍କ ପାଇଁ ସମ୍ମାନର ବିଷୟ ହୋଇଥିବାବେଳେ ଏହାକୁ ହରାଇବା ଅପମାନଜନକ। ୨୦୧୯ ନିର୍ବାଚନରେ ବିଏସ୍‌ପି ୩୮୩ ଜଣ ପ୍ରାର୍ଥୀ ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ସର୍ବାଧିକ ୩୪୫ ଜଣ ଅମାନତ ହରାଇଥିଲେ। ସେହିପରି କଂଗ୍ରେସର ୪୨୧ ପ୍ରାର୍ଥୀଙ୍କ ମଧ୍ୟରୁ ୧୪୮ ଜଣଙ୍କୁ ଅମାନତ ହରାଇବାକୁ ପଡ଼ିଥିଲା। ଭାଜପାରୁ ୫୧ ଏବଂ ସିପିଆଇରୁ ୪୧ ପ୍ରାର୍ଥୀ ଅମାନତ ହରାଇଥିଲେ। ୧୯୫୧ରେ ମୋଟ ୧,୮୭୪ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିବାବେଳେ ସେଥିରୁ ୭୪୫ ଜଣ ଅର୍ଥାତ୍ ୪୦ ପ୍ରତିଶତ ଅମାନତ ହରାଇଥିଲେ। ୧୯୯୬ରେ ଅମାନତ ହରାଇଥିବା ପ୍ରାର୍ଥୀଙ୍କ ହାର ସର୍ବାଧିକ ୯୧ ପ୍ରତିଶତ ଥିଲା। ସେତେବେଳେ ୧୩,୯୫୨ ପ୍ରାର୍ଥୀଙ୍କ ମଧ୍ୟରୁ ୧୨,୬୮୮ ଜଣଙ୍କ ଅମାନତ ବାଜ୍ୟାପ୍ତ ହୋଇଥିଲା। ସେହିପରି ୧୯୯୧–୯୨ ନିର୍ବାଚନରେ ୮,୭୪୯ ପ୍ରାର୍ଥୀଙ୍କ ମଧ୍ୟରୁ ୭,୫୩୯ ଏବଂ ୨୦୦୯ରେ ୮,୦୭୦ ଜଣଙ୍କ ମଧ୍ୟରୁ ୬,୮୨୯ ପ୍ରାର୍ଥୀ ଅମାନତ ହରାଇଥିଲେ। ୨୦୧୪ରେ ୮୪ ପ୍ରତିଶତ ଅର୍ଥାତ୍ ୮,୨୫୧ ଜଣଙ୍କ ମଧ୍ୟରୁ ୭,୦୦୦ ପ୍ରାର୍ଥୀଙ୍କ ଅମାନତ ବାଜ୍ୟାପ୍ତ ହୋଇଥିଲା।




# ସିଙ୍ଗାପୁର ଗଲେ ବିଶ୍ୱ ଦକ୍ଷତା କେନ୍ଦ୍ରର ୪୦ ଛାତ୍ରୀଛାତ୍ର




ଭୁବନେଶ୍ୱର, ୧୯।୩(ଅସମାପିକା ସାହୁ)

ବିଶ୍ୱ ଦକ୍ଷତା କେନ୍ଦ୍ରରେ ବିଭିନ୍ନ ଅତ୍ୟାଧୁନିକ ବିଷୟରେ ତାଲିମ ନେଉଥିବା ଛାତ୍ରୀଛାତ୍ରଙ୍କୁ ବିଦେଶ ଅନୁଭୂତି ଦେବା ଲାଗି ୪୦ ଜଣଙ୍କୁ 'ଷ୍ଟୁଡେଣ୍ଟ ଏକ୍ସଚେଞ୍ଜ' କାର୍ଯ୍ୟକ୍ରମ ଜରିଆରେ ସିଙ୍ଗାପୁର ପଠାଯାଇଛି। ୨୦୨୩–୨୪ ବ୍ୟାଚ୍‌ର ଚୟନ ହୋଇଥିବା ଛାତ୍ରୀଛାତ୍ରମାନେ ମଙ୍ଗଳବାର ସିଙ୍ଗାପୁର ଯାଇଛନ୍ତି। ବିଶ୍ୱ ଦକ୍ଷତା କେନ୍ଦ୍ରର ଛାତ୍ରୀଛାତ୍ରମାନେ ଭୁବନେଶ୍ୱର–ସିଙ୍ଗାପୁର ସିଧାସଳଖ ବିମାନ ଯୋଗେ ଯାତ୍ରା କରିଛନ୍ତି। ପ୍ରଥମଥର ପାଇଁ ବିମାନରେ ବସି ବିଦେଶ ଯାଉଥିବାରୁ ସେମାନଙ୍କ ଭିତରେ ବିଶେଷ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି ଅବସରରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷା ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଅଳକା ମିଶ୍ର 'ଷ୍ଟୁଡେଣ୍ଟ ଏକ୍ସଚେଞ୍ଜ' କାର୍ଯ୍ୟକ୍ରମ ଲାଗି ସିଙ୍ଗାପୁର ଯାଇଥିବା ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଅନୁଭୂତି ସେମାନଙ୍କ ଶିକ୍ଷା ଓ ତାଲିମକୁ ଏକ ନୂଆ ଦିଗ ଦେବା ସହ ସେମାନଙ୍କ ମନରେ ନୂଆ ସାହସ ଆଣିଦେବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଏବଂ ସିଙ୍ଗାପୁର ସରକାରଙ୍କ ମଧ୍ୟରେ ହୋଇଥିବା ବୁଝାମଣା ଅନୁଯାୟୀ ପ୍ରତିବର୍ଷ ଏହି 'ଷ୍ଟୁଡେଣ୍ଟ ଏକ୍ସଚେଞ୍ଜ' କାର୍ଯ୍ୟକ୍ରମ କରାଯାଉଛି। ବିଶ୍ୱ ଦକ୍ଷତା କେନ୍ଦ୍ରର ୪୦ଜଣ ଛାତ୍ରୀଛାତ୍ରଙ୍କୁ ବଛାଯାଇ ୨ସପ୍ତାହ ପାଇଁ ସିଙ୍ଗାପୁରର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନିକାଲ ଏଜୁକେଶନ(ଆଇଟିଇ)କୁ ପଠାଯାଉଛି। ଏହି ସମୟ ମଧ୍ୟରେ ବିଶ୍ୱ ଦକ୍ଷତା କେନ୍ଦ୍ରରୁ ଯାଇଥିବା ଛାତ୍ରୀଛାତ୍ରମାନେ 'ଆଇଟିଇ'ରେ ଡ୍ରୋନ୍ ଟେକ୍ନୋଲୋଜି ଏବଂ ରୋବୋଟିକ୍ସ ଅଟୋମେଶନ ବିଷୟରେ ଅତିରିକ୍ତ ତାଲିମ ନେବା ସହ ସ୍ଥାନୀୟ ଛାତ୍ରୀଛାତ୍ରଙ୍କ ସହ ମିଶିବାର ସୁଯୋଗ ପାଇବେ। ଏହାବ୍ୟତୀତ ସେମାନେ ସିଙ୍ଗାପୁର ଭଳି ଅତ୍ୟାଧୁନିକ ସହରର ବିଭିନ୍ନ ସ୍ଥାନ ବୁଲି ଦେଖିବେ।

# ଦିଲ୍ଲୀରେ ଡେରା ପକାଇଛନ୍ତି ଭାଜପା ରାଜ୍ୟ ନେତା

ଭୁବନେଶ୍ୱର, ୧୯।୩(ସୁନିତ୍ ମିଶ୍ର)

- **ହୋଲି ପରେ କଂଗ୍ରେସର ସ୍କ୍ରିନିଂ କମିଟି**
- **ପୁରୀର ଏକ ବୈଠକରେ ଯୋଗଦେଲେ ଅରୂପ**
- **୩ୟ ପର୍ଯ୍ୟାୟ ଭାଜପା ପ୍ରାର୍ଥୀ ତାଲିକା ଉପରେ ନଜର**

ଓଡ଼ିଶାରେ ବିଜେଡି–ଭାଜପା ମେଣ୍ଟ ହେବ ନା ନାହିଁ ସେନେଇ ଏ ପର୍ଯ୍ୟନ୍ତ କିଛି ସ୍ପଷ୍ଟ ହୋଇନାହିଁ। ଏଭଳି ସ୍ଥିତିରେ ବର୍ତ୍ତମାନ ପର୍ଯ୍ୟନ୍ତ ବି ବିଭିନ୍ନ ରାଜନୈତିକ ଦଳର କର୍ମୀ ଏବଂ ନେତାଙ୍କ ମନରୁ ମେଣ୍ଟ ଦ୍ୱନ୍ଦ୍ୱ ଦୂରହେଉନାହିଁ। ହେଲେ ଉଭୟ ବିଜେଡି ଏବଂ ଭାଜପା ନିଜ ନିଜର ପ୍ରାର୍ଥୀ ଚୟନ ନେଇ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଦୁଇ ଦଳର ଯେଉଁ ନେତାମାନେ ବି ମେଣ୍ଟ ବାବଦରେ ପ୍ରତିକ୍ରିୟା ରଖୁଛନ୍ତି ସେମାନେ ତାଙ୍କ ଦଳର ଶୀର୍ଷ ନେତୃତ୍ୱଙ୍କ ନିଷ୍ପତ୍ତିକୁ ମାନିବେ ବୋଲି କହି କଥା ସାରୁଛନ୍ତି। ଓଡ଼ିଶାରେ ହେବାକୁ ଥିବା ୨୦୨୪ ନିର୍ବାଚନ ପାଇଁ ଆଉରି ପାଖାପାଖି ଦେଢ଼ ମାସ ରହିଛି। ତେଣୁ କୌଣସି ସମୟରେ ମେଣ୍ଟ ନେଇ କିଛି ସୂଚନା ଆସିଲେ ସେଥିରେ କୌଣସି ପ୍ରକାର ଆଶ୍ଚର୍ଯ୍ୟ ହେବାର ନାହିଁ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତ ରଖୁଛନ୍ତି। ଏଭଳି ସ୍ଥିତିରେ ଭାଜପାର ରାଜ୍ୟ ନିର୍ବାଚନ କମିଟି ବୈଠକରେ ଶର୍ଟଲିଷ୍ଟ ହୋଇଥିବା ପ୍ରାର୍ଥୀ ତାଲିକା ନେଇ ଦଳର ରାଜ୍ୟ ସଭାପତି ମନମୋହନ ସାମଲ ତୃତୀୟ ଥର ଲାଗି ରବିବାରଠାରୁ ଦିଲ୍ଲୀ ଗସ୍ତ କରିଛନ୍ତି। ତେଣୁ ଭାଜପାର ୨ୟ ପର୍ଯ୍ୟାୟରେ ପ୍ରକାଶ କରିଥିବା ପ୍ରାର୍ଥୀ ତାଲିକାରେ ଓଡ଼ିଶା ନାହିଁ। ତେଣୁ ୩ୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ଓଡ଼ିଶାର କିଛି ଆସନ ଲାଗି ଭାଜପା ପ୍ରାର୍ଥୀଙ୍କ ନାଁ ଘୋଷଣା କରିପାରେ ବୋଲି ଚର୍ଚ୍ଚା ହେଉଛି।

ଭାଜପା ରାଜ୍ୟ ସଭାପତି, ସଙ୍ଗଠନ ମନ୍ତ୍ରୀ ମାନସ ମହାନ୍ତି, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସମ୍ବିତ ପାତ୍ର ପ୍ରମୁଖଙ୍କୁ ନେଇ ରାଷ୍ଟ୍ରୀୟ ଅଧ୍ୟକ୍ଷ ସୋମବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଓଡ଼ିଶା ସମ୍ପର୍କରେ ବୈଠକ କରିଥିଲେ। ହେଲେ ବୈଠକରୁ ବାହାରିବା ପରେ ମନମୋହନ ମେଣ୍ଟ ପ୍ରସଙ୍ଗକୁ ଖଣ୍ଡନ କରିଥିବା ବେଳେ ସବୁ ଆସନ ଉପରେ ବିଚାରବିମର୍ଶ କରାଯାଇଥିବା କହିଥିଲେ। ଏ ପର୍ଯ୍ୟନ୍ତ ଭାଜପା ରାଜ୍ୟ ନେତାମାନେ ଓଡ଼ିଶା ଫେରି ନ ଥିବା ବେଳେ ମଙ୍ଗଳବାର ବିଳମ୍ବିତ ସନ୍ଧ୍ୟାରେ ଆଉ ଥରେ ଓଡ଼ିଶା ବାବଦରେ ଏକ ବୈଠକ କରି ଆଲୋଚନା କରାଯାଇଥିବା ଜଣାପଡ଼ିଛି। ତେବେ ଆସନ୍ତା କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକ ପରେ ୩ ୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ଓଡ଼ିଶାରୁ କେତେଜଣଙ୍କ ନାଁ ରହିପାରେ ବୋଲି ଆଲୋଚନା ଚାଲିଛି। ଅନ୍ୟପଟେ ହୋଲି ସରିବା ପରେ କଂଗ୍ରେସ ନିଜର ୩ୟ ସ୍କ୍ରିନିଂ କମିଟି ବୈଠକ କରିବାକୁ ନିଷ୍ପତ୍ତି ନେଇଥିବା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ମଙ୍ଗଳବାର ସୂଚନା ଦେଇଛନ୍ତି। ବିଜେଡି, ଭାଜପା ପ୍ରାର୍ଥୀ ଘୋଷଣାରେ ବିଳମ୍ବ କରୁଥିବା କାରଣରୁ କଂଗ୍ରେସ ନିଜର ସ୍କ୍ରିନିଂ କମିଟି ଘୁଞ୍ଚାଉଥିବା ବିଭିନ୍ନ ମହଲରେ ଚର୍ଚ୍ଚା ଚାଲିଛି। ଅନ୍ୟପଟେ ବିଜେଡି ସୋମବାର ପୁରୀ ଏବଂ କେନ୍ଦ୍ରାପଡ଼ା ଲୋକ ସଭା ଆସନ ଏବଂ ଏହାର ଅନ୍ତର୍ଗତ ବିଧାନସଭା କ୍ଷେତ୍ରକୁ ନେଇ ଦଳର ବିଭିନ୍ନ ନେତାଙ୍କ ସହ ଆଲୋଚନା କରିଛି। ପୁରୀରୁ ଅରୂପ ପଟ୍ଟନାୟକଙ୍କୁ ଦଳ ପ୍ରାର୍ଥୀ କରିବ ବୋଲି ଗ୍ରୀନ୍ ସିଗ୍‌ନାଲ ଦେଇଥିବା ବୈଠକ ପରେ ଚର୍ଚ୍ଚା ହେଉଥିଲା। ସେହି କ୍ରମରେ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରୁ ବିଧାୟକ ଉମା ସାମନ୍ତରାୟ ଏବଂ ସତ୍ୟବାଦୀରୁ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସ ବର୍ମାଙ୍କୁ ଦଳ ପ୍ରାର୍ଥୀ କରିବା ନେଇ ଚୂଡ଼ାନ୍ତ କରିଥିବା ମଧ୍ୟ ଆଲୋଚନା ହୋଇଥିଲା। ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର କେତେଜଣ ମୁଖ୍ୟ କର୍ମୀଙ୍କୁ ନେଇ ଏକ ବୈଠକ ମଙ୍ଗଳବାର ବସିଥିବା ବେଳେ ସେଥିରେ ସଞ୍ଜୟ, ଉମା ଏବଂ ଅରୂପଙ୍କୁ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଛି। ତେଣୁ ଅରୂପ ବିଜେଡି ଲୋକ ସଭା ପ୍ରାର୍ଥୀ ଭାବେ ପୁରୀରୁ ତାଙ୍କ କାର୍ଯ୍ୟ ଆରମ୍ଭ କରିଥିବା ଚର୍ଚ୍ଚାକୁ ବଢ଼ାଇ ଦେଇଛି। ତେଣୁ ଆଗକୁ ବିଜେଡି ନିର୍ବାଚନ ପ୍ରସ୍ତୁତି କିଭଳି କରୁଛି ତା'ଉପରେ ମଧ୍ୟ ସମସ୍ତଙ୍କ ନଜର ରହିଛି।



# ପୁଣି ପୁଟିନ୍

ଦୁଇ ବର୍ଷରୁ ଅଧିକ ସମୟ ଧରି ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଜାରି ରହିଛି। ଆମେରିକା ଓ ନାଟୋ ସହଯୋଗରେ ୟୁକ୍ରେନ୍ ଏହାର ମୁକାବିଲା କରୁଛି। ଏଭଳି ସ୍ଥିତିରେ ରୁଷିଆ ରାଷ୍ଟ୍ରପତି ନିର୍ବାଚନରେ ଭ୍ଲାଡିମିର ପୁଟିନ୍ ପାଖାପାଖି ୮୮ ପ୍ରତିଶତ ଭୋଟ ପାଇ ପୁନର୍ବାର ରାଷ୍ଟ୍ରମୁଖ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଏହା ପୂର୍ବରୁ ସେ ୪ ଥର ରାଷ୍ଟ୍ରପତି ଓ ଥରେ ପ୍ରଧାନମନ୍ତ୍ରୀ ହୋଇଥିଲେ। ପୁଟିନ୍ଙ୍କ ବିରୋଧରେ ନିର୍ବାଚନ ଲଢ଼ୁଥିବା କମ୍ୟୁନିଷ୍ଟ ପାର୍ଟିର ନିକୋଲାଇ ଖରିଟୋନୋଭ୍ ଏବଂ ନୂତନ ଭାବେ ନିର୍ବାଚନରେ ଭାଗନେଇଥିବା ଭ୍ଲାଡିସ୍ଲାଭ ଦାଭାନକୋଭ ଓ ଲିଓନିଡ୍ ସ୍ଲୁଟସ୍କି ପ୍ରତ୍ୟେକଙ୍କୁ ୫%ରୁ କମ୍ ଭୋଟ ମିଳିଛି। ଉଲ୍ଲେଖନୀୟ ଯେ, ପୁଟିନ୍ଙ୍କ ମୁଖ୍ୟ ବିରୋଧୀ ଭାବେ ଜଣାଶୁଣା ବୋରିସ୍ ନେମ୍ଟ୍ସୋଭଙ୍କୁ ୨୦୧୫ରେ ହତ୍ୟା କରାଯାଇଥିଲା। ନିକଟରେ ବିରୋଧୀଦଳର ନେତା ଆଲେକ୍ସି ନାଭାଲ୍ନିଙ୍କ ଜେଲରେ ମୃତ୍ୟୁ ଘଟିବା ସହ ଅନେକ ନେତା ଏବେ ଜେଲରେ ରହିଛନ୍ତି। ୱାଗ୍ନର ଗ୍ରୁପ୍ ମୁଖ୍ୟ ୟେଭଗେନି ପ୍ରିଗୋଜିନ୍ ମଧ୍ୟ ପୁଟିନ୍ଙ୍କ ବିରୋଧରେ ସ୍ୱର ଉଠାଇବା ପରେ ବିମାନ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ଏହିସବୁ ମୃତ୍ୟୁକୁ ନେଇ ଷଡ଼ଯନ୍ତ୍ରର ଅଭିଯୋଗ ଉଠିଥିଲେ ମଧ୍ୟ ଏହାକୁ ଏଡ଼ାଇ ଦିଆଯାଇ ନିର୍ବାଚନକୁ ଅତି ଚତୁରତାର ସହ ପରିଚାଳନା କରାଯାଇଥିଲା। ଗଣମାଧ୍ୟମର ମୁହଁବନ୍ଦ କରାଯିବା ସହ ପ୍ରାୟ ସମସ୍ତ ସରକାରୀ ସଂସ୍ଥା କ୍ରେମଲିନ୍ର ଶାଖା ଭାବେ କାମ କରୁଥିଲେ। କେବଳ କ୍ରେମଲିନ୍ ପସନ୍ଦର ପ୍ରାର୍ଥୀମାନଙ୍କୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଅନୁମତି ଥିଲା। ଯେଉଁମାନେ ବିରୋଧୀ ଥିଲେ ତାଙ୍କୁ ପୁଟିନ୍ଙ୍କ ନୀତି ଦ୍ୱାରା ନିର୍ବାଚନରେ ଲଢ଼ିବାକୁ ଦିଆଯାଇ ନ ଥିଲା। ଏମିତିକି ୟୁକ୍ରେନ୍ ଯୁଦ୍ଧ ସମ୍ପର୍କରେ କୌଣସି ମନ୍ତବ୍ୟ ଦେଲେ ତାହା ଅପରାଧ ବୋଲି ଏବେ ଆଇନ ପ୍ରଣୟନ କରାଯାଇଥିଲା। ଏସବୁ ଦୃଷ୍ଟିରୁ ବିଚାରକଲେ ନିର୍ବାଚନ ଫଳାଫଳ ଏକତରଫା ହେବ ବୋଲି ସମସ୍ତଙ୍କୁ ଜଣାଥିଲା। ରୁଷିଆରେ ଯେଉଁ ରାଜନୈତିକ ପରିସ୍ଥିତି ଦେଖାଦେଇଛି ସେଥିରୁ ସ୍ପଷ୍ଟ ହେଉଛି ଯେ,ସେହି ଦେଶରେ ଗଣତନ୍ତ୍ର ମୃତ୍ୟୁ ଘଟିସାରିଲାଣି। କେବଳ ଲୋକଦେଖାଣିଆ ଭୋଟ ବ୍ୟବସ୍ଥା କରିଦେବାର ଅର୍ଥ ନୁହେଁ ଯେ,ଗଣତନ୍ତ୍ର ସୁଦୃଢ଼ ଅଛି। ଆଜିର ବିଶ୍ୱର ମାନଚିତ୍ର ଦେଖିଲେ କେବଳ ରୁଷିଆ ସରକାର ଗଠନରେ ଅଗଣତାନ୍ତ୍ରିକ ଭୋଟ ହେଉଛି ବୋଲି କହିହେବ ନାହିଁ। ଏଥିସହିତ ୫ଥର ବିଜୟ ପରେ ପୁଟିନ୍ଙ୍କ ଭାଷଣ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ। ମାର୍ଚ୍ଚ ୧୮ ତାରିଖରେ ପୁଟିନ୍ ଦେଇଥିବା ମନ୍ତବ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ତାଙ୍କର ଚାଇନା ପ୍ରତି ପ୍ରକାଶ ପାଇଥିବା ସଦ୍ଭାବ। ପୁଟିନ୍ କହିଛନ୍ତି, ଆଗାମୀ ଦିନଗୁଡ଼ିକରେ ରୁଷିଆ ଏବଂ ଚାଇନାର ବନ୍ଧୁତ୍ୱକୁ ଆହୁରି ଶକ୍ତିଶାଳୀ କରାଯିବ। ତାଙ୍କ କହିବା ଅନୁଯାୟୀ ଏହି ଦୁଇ ଦେଶ ମିଳିତ ଭାବେ ଗଢ଼ିଉଠୁଥିବା ନିବିଡ଼ତା ଉଭୟଙ୍କୁ ସାହାଯ୍ୟ କରିବା ସହ ସମଗ୍ର ପୃଥିବୀରେ ଭାରସାମ୍ୟ ଆଣିବ। ଅବଶ୍ୟ ଏହିଭଳି କହିବା ପଛରେ ପୁଟିନ୍ଙ୍କ ପାଶ୍ଚାତ୍ୟ ଦେଶମାନଙ୍କର ମେଣ୍ଟ 'ନାଟୋ'କୁ ବିରୋଧ କରିବା ମୂଳଲକ୍ଷ୍ୟ ହୋଇଛି। ଅନ୍ୟପଟେ ଏହି ଦୁଇ ଦେଶ ମଧ୍ୟରେ ଗଢ଼ିଉଠୁଥିବା ବନ୍ଧୁତ୍ୱ ବିଶେଷକରି ଭାରତ ପାଇଁ ବିପଦ ସଙ୍କେତ।

ରୁଷିଆ, ଚାଇନା, ଉତ୍ତର କୋରିଆ ଓ ଇରାନକୁ ନେଇ ଏବେ ବଳବତ୍ତର ଥିବା ଏକଛତ୍ରବାଦୀ ମେଣ୍ଟ ଆହୁରି ଶକ୍ତିଶାଳୀ ହେବା ସମ୍ଭାବନା ବଢ଼ିଯାଇଛି ଏହା ହେଲେ ତାଇୱାନ୍କୁ ଚାଇନା ଏବଂ ୟୁକ୍ରେନ୍କୁ ରୁଷିଆ ଦଖଲ କରିବା ପ୍ରୟାସ ତୀବ୍ର ହୋଇପାରେ। ବିଶ୍ୱ ଗଣତନ୍ତ୍ର ପ୍ରତି ବିପଦ ମଧ୍ୟ ଦେଖାଦେବ। ଶେଷରେ ଏତିକି କୁହାଯାଇପାରେ ଯେ, ସବୁ ପକ୍ଷ ଏକ ଭୟଙ୍କର ମୂଲ୍ୟ ଦେବେ

ସବୁଠୁ ଚିନ୍ତାର ବିଷୟ ହେଉଛି ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ପୁଟିନ୍ ଆମେରିକା ଓ ନାଟୋକୁ ସତର୍କ କରି କହିଛନ୍ତି ଗୋଟିଏ ପଟେ ରୁଷିଆ ଏବଂ ଅନ୍ୟପଟେ ଆମେରିକା ଓ ନାଟୋ ମଧ୍ୟରେ ସିଧାସଳଖ ଯୁଦ୍ଧ ହେଲେ ତୃତୀୟ ବିଶ୍ୱଯୁଦ୍ଧର ନିକଟରେ ହେବ ବୋଲି ଦର୍ଶାଇଛନ୍ତି। ଏହା ବ୍ୟତୀତ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ପରଠାରୁ ପୁଟିନ୍ ପରମାଣୁ ଯୁଦ୍ଧର ଧମକ ଦେଇ ଆସୁଛନ୍ତି। ବାରମ୍ବାର କହିଆସୁଛନ୍ତି ଯେ, ରୁଷିଆ ସାର୍ବଭୌମତ୍ୱ ଓ ସ୍ୱାଧୀନତା ଉପରେ ଆକ୍ରମଣ ହେଲେ ପରମାଣୁ ଯୁଦ୍ଧ ହେବ। ତେବେ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ପୁଟିନ୍ଙ୍କ ମନ୍ତବ୍ୟ ଶାନ୍ତି ବଦଳରେ ବିଶ୍ୱଯୁଦ୍ଧ ଭୟ ସୃଷ୍ଟି କରିଛି। ଏହା ସହ ରୁଷିଆ, ଚାଇନା, ଉତ୍ତର କୋରିଆ ଓ ଇରାନକୁ ନେଇ ଏବେ ବଳବତ୍ତର ଥିବା ଏକଛତ୍ରବାଦୀ ମେଣ୍ଟ ଆହୁରି ଶକ୍ତିଶାଳୀ ହେବା ସମ୍ଭାବନା ବଢ଼ିଯାଇଛି। ଏହା ହେଲେ ତାଇୱାନ୍କୁ ଚାଇନା ଏବଂ ୟୁକ୍ରେନ୍କୁ ରୁଷିଆ ଦଖଲ କରିବା ପ୍ରୟାସ ତୀବ୍ର ହୋଇପାରେ। ବିଶ୍ୱ ଗଣତନ୍ତ୍ର ପ୍ରତି ବିପଦ ମଧ୍ୟ ଦେଖାଦେବ। ଶେଷରେ ଏତିକି କୁହାଯାଇପାରେ ଯେ, ସବୁ ପକ୍ଷ ଏକ ଭୟଙ୍କର ମୂଲ୍ୟ ଦେବେ। ଏପରି ସଂଘର୍ଷର ପରିଣାମ କ'ଣ ହେବ ତାହା କାହାରି ଧାରଣା ନାହିଁ। ପୃଥିବୀ ଏବେ କ୍ଷୁଧା ଓ ଜଳବାୟୁ ସଙ୍କଟର ସମ୍ମୁଖୀନ ହେଉଥିବାବେଳେ ମହାଶକ୍ତିଗୁଡ଼ିକ ମଧ୍ୟରେ ଏଭଳି ଉତ୍ତେଜନା ଶୁଭଙ୍କର ନୁହେଁ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 3 | | | | | 4 |
| 8 | | | | | | 3 | | |
| 5 | 4 | | | 1 | 6 | 2 | | |
| | | | | | 5 | 4 | 1 | |
| | | | | 2 | | | | 5 |
| 6 | | | | 4 | 1 | | | |
| | | | | | 7 | | | 2 |
| | 9 | | | | | 1 | | 7 |
| 1 | | | | 6 | 9 | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 8 | 3 | 4 | 6 | 2 | 9 | 7 | 1 |
| 4 | 6 | 9 | 1 | 7 | 5 | 2 | 3 | 8 |
| 7 | 1 | 2 | 3 | 9 | 8 | 4 | 6 | 5 |
| 6 | 3 | 5 | 2 | 4 | 7 | 8 | 1 | 9 |
| 2 | 9 | 1 | 5 | 8 | 6 | 3 | 4 | 7 |
| 8 | 7 | 4 | 9 | 3 | 1 | 5 | 2 | 6 |
| 3 | 2 | 8 | 7 | 1 | 9 | 6 | 5 | 4 |
| 1 | 4 | 6 | 8 | 5 | 3 | 7 | 9 | 2 |
| 9 | 5 | 7 | 6 | 2 | 4 | 1 | 8 | 3 |

ଗତକାଲିର ଉତ୍ତର

# ପେଟୁଙ୍କୁ ପ୍ରମାଦ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ଶରୀରର ଆବଶ୍ୟକତା ଅନୁସାରେ ସମସ୍ତ ପୁଷ୍ଟି ଯୋଗାଇ ପାରୁଥିବା ପରିମାଣ ଅପେକ୍ଷା ଅଧିକ ଖାଦ୍ୟ ଖାଉଥିବା ଲୋକଙ୍କୁ ସାଧାରଣ ଭାବେ ଆମେ ପେଟୁ ବୋଲି କହିପାରିବା। ଉଦାହରଣ ସ୍ୱରୂପ, ପୁଷ୍ଟି ବିଜ୍ଞାନୀମାନେ ଜଣେ ପ୍ରାୟ ୬୫ରୁ ୭୦ କିଲୋଗ୍ରାମ ଓଜନର ସୁସ୍ଥ ପୁରୁଷ ଏବଂ ବିଶେଷ ଶାରୀରିକ ଶ୍ରମ କରୁନଥିବା ଲୋକ ପାଇଁ ନିର୍ଦ୍ଧାରଣ କରିଥିବା ଦୈନିକ ଆହାର ହେଲା ୨୭୦ ଗ୍ରାମ ଚାଉଳ, ଗହମ ଓ ମିଲେଟ ଆଦି ଶ୍ୱେତସାରଯୁକ୍ତ ଖାଦ୍ୟ, ୯୦ ଗ୍ରାମ ଡାଲିଜାତୀୟ ପ୍ରୋଟିନ୍ଯୁକ୍ତ ପଦାର୍ଥ, ୧୦୦ ଗ୍ରାମ ଶାଗ ଆଦି ସବୁଜ ପନିପରିବା, ୨୦୦ ଗ୍ରାମ ଅନ୍ୟାନ୍ୟ ପନିପରିବା, ୧୦୦ ଗ୍ରାମ ଚେର ଓ କନ୍ଦାଜାତୀୟ (ଆଳୁ ବ୍ୟତୀତ), ୧୦୦ ଗ୍ରାମ ଫଳମୂଳ, ୩୦୦ ଗ୍ରାମ କ୍ଷୀର, ୩୦ ଗ୍ରାମ ତୈଳ, ଚର୍ବି ଓ ଅନ୍ୟାନ୍ୟ ସ୍ନେହସାର, ୪୦ ଗ୍ରାମ ତୈଳବୀଜ ଓ କୋଳି ଏବଂ ୧୦ ଗ୍ରାମ ମସଲା। ମାଛ ମାଂସ ଖାଉଥିବା ଲୋକେ ଡାଲି ଓ ସ୍ନେହସାରଯୁକ୍ତ ଖାଦ୍ୟ କିଛି କମ୍ କରିପାରିବେ। ପୁନଶ୍ଚ ବୟସ, ଲିଙ୍ଗଭେଦ, ସ୍ୱାସ୍ଥ୍ୟାବସ୍ଥା, ବୃତ୍ତି ଓ ଶ୍ରମ ଆଦି ଉପରେ ନିର୍ଭର କରି ଏହା ଅଲଗା ଅଲଗା ହୋଇଥାଏ। ଉପରୋକ୍ତ ଖାଦ୍ୟଗୁଡ଼ିକରୁ ମିଳିଥାଏ ଜଣେ ଲୋକର ସାଧାରଣ ଆବଶ୍ୟକତା ପୂରଣ କରିବାକୁ ୧୬୦୦ରୁ ୨୪୦୦ କ୍ୟାଲୋରି ଶକ୍ତି ଏବଂ ତା' ଶରୀରର ଅନ୍ୟସବୁ କ୍ରିୟା ପ୍ରକ୍ରିୟା ପାଇଁ ଆବଶ୍ୟକ ସମସ୍ତ ପୌଷ୍ଟିକ ଉପାଦାନ। ତହିଁରୁ ଅଧିକ ଭୋଜନ କଲେ ଏବଂ ସେହି ଅନୁପାତରେ ଶାରୀରିକ ଶ୍ରମ ନ କଲେ ତାହା ସ୍ୱାସ୍ଥ୍ୟ ପ୍ରତି ଅହିତକର ହୋଇଥାଏ।

ପେଟୁମାନଙ୍କର ଖାଦ୍ୟ ପ୍ରତି ଥାଏ ଅସାଧାରଣ ଆକର୍ଷଣ। ସେମାନେ ଯେ କେବଳ ଅଧିକ ଖାଦ୍ୟ ଖାଆନ୍ତି ତା' ନୁହେଁ, ତାଙ୍କ ଖାଇବାର ସମୟ ଅସମୟ ନ ଥାଏ। ଅନ୍ୟପକ୍ଷେ ତାଙ୍କ ମଧ୍ୟରୁ ଅନେକ ମାନସିକ କ୍ଷୁଧାର ମଧ୍ୟ ଶିକାର ହୋଇଥା'ନ୍ତି। ପୁନଶ୍ଚ ଏବେ ବଢ଼ି ବଢ଼ି ଚାଲିଛି ନାନାଦି ନୂଆ ପ୍ରକାରର ଅପପୁଷ୍ଟିକାରୀ ସୁସ୍ୱାଦୁ ଖାଦ୍ୟ ଓ ପାନୀୟଙ୍କ ଆବିର୍ଭାବ। ସାଧାରଣ ଲୋକଙ୍କର ଏଥିପ୍ରତି ବଢ଼ିବାର ଲାଗିଛି ଆକର୍ଷଣ। ପେଟୁମାନଙ୍କ କ୍ଷେତ୍ରରେ ତାହା ବହୁ ମାତ୍ରାରେ। ଏଗୁଡ଼ିକୁ ସାମଗ୍ରିକ ଭାବେ କୁହାଯାଉଛି ଜଙ୍କ୍ ଫୁଡ୍ ବା କଳଙ୍କି ଖାଦ୍ୟ। ଉଦାହରଣ ସ୍ୱରୂପ, ଆମେ ଗୋଟିଏ ଭୋଜନରେ ଖାଉଥିବା ବଡ଼ 'ହାମ ବର୍ଜର୍' ଓ ସେଥିପ୍ରତି ଅନ୍ୟାନ୍ୟ ଜିନିଷ ଯୋଗାଇଥାଏ ପ୍ରାୟ ୧୫୦୦ କ୍ୟାଲୋରି। ଏଣୁ ଜଣେ ଯଦି ଏହାକୁ ୩ ଥର ଖାଏ, ତା' ହେଲେ ଦୈନିକ ସେ ପ୍ରାପ୍ତ ହେବ ୪୫୦୦ କ୍ୟାଲୋରି (ସାଧାରଣତଃ ଅତିବେଶୀରେ ଆବଶ୍ୟକତା ୨୪୦୦ରୁ ୨୫୦୦ ହେବା ବେଳେ)। ସେହିପରି ଅଧିକ ମଦ୍ୟପାନ ଏବଂ ଚର୍ବିଓ ଶର୍କରାବହୁଳ ଖାଦ୍ୟ ପିଜା, କେକ୍, ନୁଡୁଲ୍ସ, ନରମ ପାନୀୟ, ଫଳରସ ଇତ୍ୟାଦିରେ ଅତ୍ୟଧିକ କ୍ୟାଲୋରି ଥାଏ, ଯାହାକି



ଶରୀର ମଧ୍ୟରେ ଚର୍ବି ରୂପେ ଜମା ହୋଇରହେ।

ଏହି ଅସ୍ୱାସ୍ଥ୍ୟକର ଖାଦ୍ୟାଭ୍ୟାସ ସହିତ ଶାରୀରିକ ଶ୍ରମହୀନତା ଏବେ ଆମ ଦେଶ ସମେତ ସାରା ବିଶ୍ୱରେ ସୃଷ୍ଟି କରିଛି ପୃଥୁଳତା ସମସ୍ୟା। ଏକ ଆକଳନରୁ ଜଣାପଡ଼ିଛି ଯେ, ୧୯୬୦ରୁ ୨୦୨୨ ମଧ୍ୟରେ ଯନ୍ତ୍ର ଉପରେ ନିର୍ଭରଶୀଳତା ବଢ଼ି ଚାଲିଥିବା ଦୃଷ୍ଟିରୁ ଶାରୀରିକ ଶ୍ରମ ପ୍ରାୟ ୪୫% ହ୍ରାସ ପାଇଛି। ବିଗତ ମାର୍ଚ୍ଚ ୪ ତାରିଖ ୨୦୨୪ ଦିନ ବିଶ୍ୱ ପୃଥୁଳତା ଦିବସ ପାଳନ ଉପଲକ୍ଷେ ସୁପ୍ରସିଦ୍ଧ ସ୍ୱାସ୍ଥ୍ୟ ଗବେଷଣା ପତ୍ରିକା 'ଲାନ୍ସେଟ୍' ପ୍ରଦାନ କରିଥିବା ଏକ ସୂଚନା ଅନୁସାରେ ୨୦୨୨ ମସିହାରେ ପୃଥିବୀରେ ପ୍ରାୟ ୧୦୩୮ ନିୟୁତ ଲୋକ ଥିଲେ ପୃଥୁଳକାୟ। ସେମାନଙ୍କ ମଧ୍ୟରୁ ପ୍ରାୟ ୧୫୯ ନିୟୁତ ଥିଲେ ଶିଶୁ (୫ରୁ ୧୯ ବର୍ଷ ବୟସ) ଏବଂ ପ୍ରାୟ ୮୭୯ ନିୟୁତ ଥିଲେ ପ୍ରାପ୍ତ ବୟସ୍କ। ଭାରତରେ (୨୦ରୁ ୫୯ ବର୍ଷ) ଏମାନଙ୍କ ସଂଖ୍ୟା ଯଥାକ୍ରମେ ୧ କୋଟି ଏବଂ ୭ କୋଟି (ସମୁଦାୟ ୮ କୋଟି)।

ପୃଥୁଳତାକୁ ମପାଯାଏ 'ବଡିମାସ୍ ଇଣ୍ଡେକ୍ସ'ରେ। ଏହା ହେଲା ବ୍ୟକ୍ତିର ଶରୀର ଓଜନ (କିଲୋଗ୍ରାମରେ) ହରଣ ତା' ଉଚ୍ଚତା (ମିଟରରେ)ର ବର୍ଗ। ଏଥି ଅନୁଯାୟୀ କାହାରି ଏହା ୧୮.୫ରୁ କମ୍ ହେଲେ ତାକୁ 'କମ୍ ଓଜନ' ବୋଲି ଗଣନା କରାଯାଏ। ଅନ୍ୟପକ୍ଷରେ 'ବଡିମାସ୍ ଇଣ୍ଡେକ୍ସ' (ବା ବିଏମ୍ଆଇ) ୧୮.୬ରୁ ୨୨.୯, ୨୩ରୁ ୨୪.୯ ଏବଂ ୨୫ ବା ଅଧିକ ହେଲେ ସେମାନଙ୍କୁ ସାଧାରଣ (ସୁସ୍ଥ) ଭାରି ଏବଂ ଅତି ଭାରି ବା ପୃଥୁଳ ଶ୍ରେଣୀର ଅନ୍ତର୍ଭୁକ୍ତ କରାଯାଏ। କିଛି ଲୋକ ପତଳା ବା କମ୍ ଓଜନ ବିଶିଷ୍ଟ ହେବାର ମୁଖ୍ୟ କାରଣ ହେଲା ଯଥେଷ୍ଟ ମାତ୍ରାରେ ସନ୍ତୁଳିତ ଆହାରର ଅଭାବ। ତେବେ ଏହା ଜିନୀୟ ମଧ୍ୟ ହୋଇପାରେ। ଅନ୍ୟପକ୍ଷରେ ପୃଥୁଳତା ହୋଇଥାଏ ଅଧିକ ମାତ୍ରାରେ ଅଣସନ୍ତୁଳିତ ଭୋଜନ ଏବଂ ଶ୍ରମହୀନତା ଯୋଗୁ ଉଭୟକୁ ଏବେ 'ଅପପୁଷ୍ଟି' ଶ୍ରେଣୀଭୁକ୍ତ କରାଯାଉଛି।

ଗଣନାରୁ ଜଣାଯାଇଛି ଯେ, କ୍ରମେ ପୃଥୁଳଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଥିବା ବେଳେ ପତଳାଙ୍କ ସଂଖ୍ୟା କମି କମି ଚାଲିଛି। ଉଦାହରଣ ସ୍ୱରୂପ, ଆମ ଦେଶରେ ୧୯୯୦ରୁ ୨୦୨୨ ମଧ୍ୟରେ ୫ରୁ ୧୯ ବର୍ଷୀୟା ଝିଅ ଏବଂ ପୁଅ ତଥା ପ୍ରାପ୍ତବୟସ୍କ, ଅର୍ଥାତ୍ ୨୦ରୁ ୫୯ ବର୍ଷୀୟା ନାରୀ ଏବଂ ପୁରୁଷମାନଙ୍କ କ୍ଷେତ୍ରରେ ଯଥାକ୍ରମେ ପୃଥୁଳତା ବୃଦ୍ଧି ଘଟିଛି। ୦.୧ରୁ ୩.୧ ଏବଂ ୦.୧ରୁ ୩.୯ ତଥା ୧.୨ରୁ ୯.୮ ଏବଂ ୦.୫ରୁ ୫.୪ ଶତାଂଶକୁ ଅର୍ଥାତ୍ ସଂଖ୍ୟାଦୃଷ୍ଟିରୁ ପୃଥୁଳକାୟ ନାରୀଙ୍କ ସଂଖ୍ୟା ୪.୪ କୋଟି, ପୁରୁଷଙ୍କ ସଂଖ୍ୟା ୨.୬ କୋଟି ବୃଦ୍ଧି ହେଲା ବେଳେ ଶିଶୁଙ୍କ ମଧ୍ୟରେ ପୁଅଙ୍କ ସଂଖ୍ୟା ୭୦ ଲକ୍ଷ ଏବଂ ଝିଅଙ୍କ ସଂଖ୍ୟା ୫୦ ଲକ୍ଷ ବଢ଼ିଛି। ଅନ୍ୟପକ୍ଷରେ ପତଳାମାନଙ୍କ ସଂଖ୍ୟା ୨୭.୩ରୁ ୨୦.୩ (ପ୍ରାପ୍ତବୟସ୍କା ନାରୀ), ୪୫.୧ରୁ ୨୧.୭ (ପ୍ରାପ୍ତବୟସ୍କ ପୁରୁଷ), ୪୧.୭ରୁ ୧୩.୭ (ଝିଅ) ଏବଂ ୩୯.୮ରୁ ୧୨.୫ (ପୁଅ) ଶତାଂଶକୁ ହ୍ରାସ ପାଇଛି।

ସ୍ୱାସ୍ଥ୍ୟ ଉପରେ ପୃଥୁଳତାର ପ୍ରଭାବ ଅତି ସୁଦୂରପ୍ରସାରୀ। ଏଣୁ 'ଆମେରିକାନ୍ ସୋସାଇଟି ଫର ମେଟାବୋଲିକ୍ ଆଣ୍ଡ ବାରିଆଟ୍ରିକ ସର୍ଜରି' ଏହାକୁ ଏକ ଗୁରୁତର ବ୍ୟାଧି ଏବଂ ବହୁବିଧ ବ୍ୟାଧି ସୃଷ୍ଟିକାରୀ ରୂପେ ଅଭିହିତ କରିଛି। ତଦନୁସାରେ ଏହା ଉଚ୍ଚ ରକ୍ତ ଶର୍କରାର ସମ୍ଭାବନା ୧୦ଗୁଣ ଏବଂ ମଧୁମେହ ଟାଇପ୍-୨ରେ ଅକାଳ ମୃତ୍ୟୁର ସମ୍ଭାବନା ଦୁଇଗୁଣ ବୃଦ୍ଧି କରେ। ସେହିପରି ଉଚ୍ଚ ରକ୍ତଚାପ ରୋଗୀଙ୍କ ମଧ୍ୟରେ ୪ ଜଣରୁ ୩ ଜଣ ହେଉଛନ୍ତି ପୃଥୁଳକାୟ। 'ଆମେରିକାନ୍ ହାର୍ଟ ଆସୋସିଏଶନ' ଏହାକୁ ବିଭିନ୍ନ ପ୍ରକାର ହୃଦ୍ରୋଗର ଏକ ମୁଖ୍ୟ କାରଣ ରୂପେ ଅଭିହିତ କରିଛି। ଏଥିଅନୁସାରେ ଏହା ହୃତ୍ସ୍ପନ୍ଦନକୁ ଅନିୟମିତ କରିଥାଏ। ପୁନଶ୍ଚ ଏହା ମଧ୍ୟ ଶ୍ୱାସକ୍ରିୟା ସମ୍ପର୍କରେ ସାମର୍ଥ୍ୟ ହ୍ରାସ କରେ। ଏଣୁ ଶରୀରରେ ଅମ୍ଳଜାନର ଅଭାବ, ଫୁସ୍ଫୁସ୍ ସଂକ୍ରମଣ, ଶ୍ୱାସରୋଗ ଏବଂ ସଂଘାତ ତଥା ବୃକକ୍ ଆଦି ରୋଗର ଏହା କାରଣ। ପୃଥୁଳକାୟଙ୍କ ମଧ୍ୟରେ ୩/୪ ଗୁଣ ଅଧିକ ଶ୍ୱାସରୋଗୀ ଦେଖାଯା'ନ୍ତି। ଅନ୍ୟପକ୍ଷରେ ୫୦ରୁ ୬୦ ଶତାଂଶ ପୃଥୁଳକାୟ ଏବଂ ୯୦ ଶତାଂଶ ଅତ୍ୟଧିକ ପୃଥୁଳକାୟ 'ଅବ୍ଷ୍ଟ୍ରକ୍ଟିଭ୍ ସ୍ଲିପ୍ ଆପ୍ନେଆ'ର ଶିକାର ହୁଅନ୍ତି। ପୃଥୁଳତା ପ୍ରାୟ ସବୁ ପ୍ରକାର କର୍କଟ ରୋଗର ସମ୍ଭାବନା ବୃଦ୍ଧି କରେ। ଏଣୁ ପୃଥିବୀରେ ୫୨ ଶତାଂଶ ପୁରୁଷ ଏବଂ ୬୨ ଶତାଂଶ ନାରୀ କର୍କଟରୋଗୀ ସାଧାରଣତଃ ପୃଥୁଳକାୟ। ପୃଥୁଳତା ରକ୍ତ ସଂଚାଳନ ପ୍ରକ୍ରିୟା ଉପରେ ଚାପ ପକାଏ। ଏଣୁ ହୃତ୍ପିଣ୍ଡରେ ଜ୍ୱଳନ, ପାକସ୍ଥଳୀରେ ଅମ୍ଳସୃଷ୍ଟି, ଅନ୍ତ୍ରନଳୀ ଏବଂ ଖାଦ୍ୟନଳୀ କ୍ଷତିଗ୍ରସ୍ତ ହେବାର ପ୍ରାୟ ୧୦ ଜଣ ପୃଥୁଳକାୟଙ୍କ ମଧ୍ୟରେ ୨ ଜଣଙ୍କଠାରେ ଦେଖାଯାଏ। ହାଡ଼ ଏବଂ ଗଣ୍ଠିକୁ ମଧ୍ୟ ପୃଥୁଳତା କ୍ଷତି ପହଞ୍ଚାଏ। ପୁନଶ୍ଚ ଏହା ଆଣ୍ଠୁଗଣ୍ଠିବାତ, ମେରୁଦଣ୍ଡରେ ଅବ୍ୟବସ୍ଥା, ପୃଷ୍ଠଦେଶରେ ଯନ୍ତ୍ରଣା, ମସ୍ତିଷ୍କ ଉପରେ ଚାପ ବୃଦ୍ଧି ସମେତ ମୁଣ୍ଡବ୍ୟଥା, ଦୃଷ୍ଟିଶକ୍ତି ସମସ୍ୟା, ବିଭ୍ରାନ୍ତି ଇତ୍ୟାଦି ସହିତ ସମ୍ପୃକ୍ତ।

ଏହାର ନିରାକରଣ ଓ ନିୟନ୍ତ୍ରଣ ଲାଗି କେତେକ ମାର୍ଗଦର୍ଶିକା ଜାରି କରିଛି ଆମେରିକାର 'ଡିପାର୍ଟମେଣ୍ଟ ଅଫ୍ ହେଲ୍ଥ କେୟାର ଆଡଲଟସ୍'। ନିୟନ୍ତ୍ରିତ ଆହାର, ଅର୍ଥାତ୍ ଯେଉଁସବୁ ଖାଦ୍ୟ ପୃଥୁଳତାର କାରଣ ସେସବୁ ନିୟନ୍ତ୍ରଣ କରିବା, ସପ୍ତାହକୁ ଅତିକମ୍ରେ ୧୫୦ ମିନିଟ୍ ସାଧାରଣ ମାତ୍ରାରେ ବ୍ୟାୟାମ ଯେପରିକି ସାଇକେଲ ଚଳାଇବା, ଶୀଘ୍ରଶୀଘ୍ର ଚାଲିବା ଆଦି ଏ ଦିଗରେ ସହାୟକ ହୋଇପାରେ ବୋଲି ଏଥିରେ ସୂଚିତ କରାଯାଇଛି।

ମୋ: ୯୯୩୭୩୦୧୪୬୦

# ମାତୃଭାଷାର ବଶିଷ୍ଠମାନେ



ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ଭୁବନେଶ୍ୱରରେ ଯେତେବେଳେ ଓଡ଼ିଆ ଭାଷା ସାହିତ୍ୟର ବିଶ୍ୱ ସମ୍ମିଳନୀ ଧୁମ୍ଧାମ୍ରେ ଚାଲିଥିଲା, ସେତିକିବେଳେ ଏ ଲେଖକ ଅର୍ଥାତ୍ ଫେବୃଆରୀ ୪ ରେ ଜଗତ୍ସିଂହପୁରର ଗୋଟିଏ ଗାଁରେ ଏକ ସାହିତ୍ୟ ଅନୁଷ୍ଠାନ ଦ୍ୱାରା ଆୟୋଜିତ ବାର୍ଷିକ ଉତ୍ସବରେ ଯୋଗଦେବାର ସୌଭାଗ୍ୟ ପାଇଥିଲା। ଉତ୍ସବର ଦ୍ୱିତୀୟ ଅଧିବେଶନ ଦିନ ଦୁଇଟାରେ ଆରମ୍ଭ ହେବାର ଥିଲେ ବି ପ୍ରଥମ ଅଧିବେଶନର କବିତା ପାଠୋତ୍ସବରେ ପାଖଆଖ ଗାଁର କବି, କବୟିତ୍ରୀମାନଙ୍କ କବିତା ଆବୃତ୍ତି, ପଠନ ଅପରାହ୍ନ ଚାରିଟା ପର୍ଯ୍ୟନ୍ତ ଗଡ଼ିଚାଲିବାରୁ ଦ୍ୱିତୀୟ ଅଧିବେଶନ ବେଳକୁ ଶୀତଦିନିଆ ଛୋଟ ଦିନଟି ନଇଁ ଆସିଥିଲା। ଦ୍ୱିତୀୟ ଅଧିବେଶନର ମୁଖ୍ୟ ଅତିଥି ଅଠାନବେ ବର୍ଷର ସେହି ମଣିଷ ଜଣକ ବସିରହିଥାନ୍ତି ନିଶ୍ଚଳ ଗୋଟିଏ ବଟବୃକ୍ଷ ମୂଳରେ କାହିଁ କେଉଁକାଳୁ ଥାପନା କରାଯାଇଥିବା ସିନ୍ଦୂରମଖା ଶିଳାଖଣ୍ଡ ପରି-ବରାଭୟ ମୁଦ୍ରାରେ। କବିତା ପାଠୋତ୍ସବର ଶେଷ କବି ଜଣକ ଯେତେବେଳେ ଭକ୍ତ କବିଙ୍କ ଅନୁକରଣରେ ଲେଖିଥିବା ତାଙ୍କ କବିତା ସୁଲଳିତ କଣ୍ଠରେ ଗାନ କରିବା ଆରମ୍ଭ କରିଦେଲେ, ଅଠାନବେ ବର୍ଷୀୟ ଏଇ ପୂର୍ଣ୍ଣପକ୍ୱ ମଣିଷ ଜଣକ ତାଙ୍କର ଶିରାଳ ହାତ ଦୁଇଟି ଉପରକୁ ଟେକି ଶୂନ୍ୟରେ ତୋଳିଚାଲିଲେ ଛନ୍ଦୋବଦ୍ଧ ତାଳ-ବୟସ ଭାରାରେ ଅବନତ ହୋଇସାରିଥିବା ତାଙ୍କ କ୍ଷୀଣ ଶରୀର ବି କମ୍ପି ଉଠୁଥାଏ ସମତାଳରେ। ଉପସ୍ଥିତ ଅତିଥି ଓ ଶ୍ରୋତାମାନେ ସେଇ ଜରାଜୀର୍ଣ୍ଣ ବୃଦ୍ଧଙ୍କ ପ୍ରତି ଶ୍ରଦ୍ଧାନ୍ୱିତ ନୀରବ ପ୍ରଣତି ଢାଳିଚାଲିଥିଲେ।

ଓଡ଼ିଆ ଭାଷା ସାହିତ୍ୟର ବିକାଶ, ସମୃଦ୍ଧି ତଥା ପ୍ରଚାର, ପ୍ରସାର ପାଇଁ ଆଜି ଯେତେବେଳେ ବହୁସ୍ତରରେ ମାନସ ମନ୍ଥନ ଚାଲିଛି ; ଯେତେବେଳେ ଆମ ମାତୃଭାଷା ଆଜି ମରଣୋନ୍ମୁଖୀ ହେବାକୁ ବସିଛି ବୋଲି ଏକପ୍ରକାର ଆତଙ୍କରେ ଆମେ ଘାରିହୋଇ ଚାଲିଛେ, ସେତିକିବେଳେ ମଧ୍ୟ ଆମ ସମସ୍ତଙ୍କ ଅଲକ୍ଷ୍ୟରେ ମାତୃଭାଷାର ଜାହ୍ନବୀଧାରା ଅପ୍ରତିହତ ଭାବରେ ବହିଚାଲିଛି ଆମ ଛାଇ ଆଲୁଅସ୍ନାତ ପୁରପଲ୍ଲୀରେ। ଲକ୍ଷ ଲକ୍ଷ ନାମହୀନ ଗ୍ରାମ୍ୟ ଜନସାଧାରଣଙ୍କ ତୁଣ୍ଡରେ ବଞ୍ଚିରହିଛି ଆମ ମାତୃଭାଷା ତା'ର ସ୍ନିଗ୍ଧ ଲାଳିତ୍ୟ ନେଇ। ସେଦିନ ଶୁଣୁଥିଲା ଏ ଲେଖକ କବିତା ପାଠୋତ୍ସବରେ ନିଜ ନିଜ କବିତା ଗାନ କରୁଥିବା, ଆବୃତ୍ତି କରୁଥିବା ତରୁଣ, ତରୁଣୀ, ପୌଢ଼ ଓ ବୃଦ୍ଧମାନଙ୍କୁ। କାହାର କବିତାର କାବ୍ୟିକ ମାନ କିପରି ସେଥିନେଇ କିଛି ମତମନ୍ତବ୍ୟ ଦେବାର ଅଧିକାର ନ ଥିଲା ଏ ଲେଖକର। କିଏ କହେ ଆମ ମାତୃଭାଷା ଆଜି ମରଣୋନ୍ମୁଖୀ ବୋଲି, କିଏ କହେ ଆଜିର ଏଇ ଅତ୍ୟାଧୁନିକ ଯାନ୍ତ୍ରିକ ସଭ୍ୟତା, ବୈଷୟିକ ବିଦ୍ୟା, ପ୍ରାବିଧିକ ଦକ୍ଷତାର ଝାଞ୍ଜପିଟା କୋଳାହଳ ଭିତରେ ଆମ ମାତୃଭାଷା ଓଡ଼ିଆ ହଜିଯାଇଛି ବୋଲି ?

ଦ୍ୱିତୀୟ ଅଧିବେଶନରେ ମଞ୍ଚ ଉପରକୁ ସସମ୍ମାନେ ପାଛୋଟି ନିଆଗଲା ତଥାପି ବି ନିଜ ଭାବଜଗତରେ ତଲ୍ଲୀନ ଥିବା ଅଠାନବେ ବର୍ଷୀୟ ମୁଖ୍ୟ ଅତିଥିଙ୍କୁ- ଆଦିକବି ସାରଳା ଦାସଙ୍କ ଭୂମି ବାଣୀକ୍ଷେତ୍ର ଜଗତ୍ସିଂହପୁରର ଏଇ ଯୋଗ୍ୟତମ, ଶ୍ରେଷ୍ଠତମ ପାଲାକାର ଜଗନ୍ନାଥ ବେହେରାଙ୍କୁ। ଏ ଲେଖକ ତା'ର ଶୈଶବ କାଳରୁ ହିଁ ଶୁଣିଥିଲା



ପାଲାକାର ଜଗନ୍ନାଥ ବେହେରାଙ୍କ ନାମ, ଶୁଣିଥିଲା ଗାୟକ ଶେଖର ଜଗନ୍ନାଥଙ୍କ ପାଲା ପରିବେଷଣର ଶୈଳୀ, ବିଷୟବସ୍ତୁ ଉପସ୍ଥାପନା, ବ୍ୟାଖ୍ୟାନ ଓ ବିଶ୍ଳେଷଣରେ ତାଙ୍କର ବୌଦ୍ଧିକ ଚାତୁରି, ଓଡ଼ିଆ ରୀତିଯୁଗୀୟ କାବ୍ୟକବିତା ଗାନ, ଆବୃତ୍ତିରେ ତାଙ୍କର ବିଲକ୍ଷଣୀୟ ପ୍ରଗଲ୍ଭତା। ମାତ୍ର ଆଦୌ ଭାବି ପାରି ନ ଥିଲା ଯେ ଏକଶହ ବର୍ଷର ଏରୁଣ୍ଡି ବନ୍ଧକୁ ଛୁଇଁବାକୁ ଯାଉଥିବା ଏଇ ଗାୟକଙ୍କ ଦିବ୍ୟାଶୀର୍ବାଦ ପ୍ରାପ୍ତ ସ୍ମୃତିଶକ୍ତି ଏବେବି ପୂର୍ବଭଳି ସତେଜ ବୋଲି ; ଭାବିପାରି ନ ଥିଲା ଏବେ ବି ତାଙ୍କର କଣ୍ଠ, ତାଙ୍କ ସ୍ୱର ଏତେ ଦୀପ୍ତ, ଏତେ ସ୍ପଷ୍ଟ, ପ୍ରାଞ୍ଜଳ ବୋଲି। ଦ୍ୱିତୀୟ ଅଧିବେଶନରେ ମଞ୍ଚାସୀନ ଅନ୍ୟ ଅତିଥିମାନେ କେହି କିଛି କହିବାକୁ ଅବସର ଦେଇ ନ ଥିଲେ ମୁଖ୍ୟ ଅତିଥି ବେହେରା ମହୋଦୟ। ଓଡ଼ିଆ ଭାଷା ସାହିତ୍ୟର ଇତିହାସ ତଥା ସାଂସ୍କୃତିକ ଐତିହ୍ୟ, ଅର୍ଦ୍ଧ ମାଗଧିରୁ ପ୍ରାକୃତ ଓ ଅପଭ୍ରଂଶ ବାଟ ଦେଇ ଓଡ଼ିଆ ଲିପି ଓ ଭାଷାର ସୃଷ୍ଟି ତଥା ବିବର୍ତ୍ତନ ସମ୍ପର୍କିତ ଅନେକ ଜଣା ଅଜଣା ତଥ୍ୟ, ଅଶୋକ ଓ ଖାରବେଳଙ୍କ ଶିଳାଲିପି ସହିତ ଅନ୍ୟାନ୍ୟ ଶିଳାଲିପିମାନଙ୍କରେ ପ୍ରଯତ୍ନ ଓଡ଼ିଆର ଆଦି ଆଭାସର ପ୍ରାମାଣିକ ବିବରଣୀଠାରୁ ଆରମ୍ଭକରି ରୀତିଯୁଗୀୟ କାବ୍ୟକବିତା ସହ ଆଧୁନିକ ଓଡ଼ିଆ ସାହିତ୍ୟର କାଳଜୟୀ କୃତିଗୁଡ଼ିକରୁ ସୁନିର୍ବାଚିତ ଉଦ୍ଧୃତି-ସବୁକିଛି ଅନର୍ଗଳ କହିଚାଲିଥାନ୍ତି, ବୋଲି ଚାଲିଥାନ୍ତି ସେ।

ଆମର ସୌଭାଗ୍ୟ, ଆଜି ଆମ ରାଜ୍ୟରେ ଜଗନ୍ନାଥ ବେହେରାଙ୍କ ଦାୟାଦ ଭାବରେ ଅଛନ୍ତି ବହୁ କୃତବିଦ୍ୟ ପାଲାକାର, ଯେଉଁମାନଙ୍କ ମଧ୍ୟରେ ମଧ୍ୟ ମଣିତୁଲ୍ୟ ଅଛନ୍ତି ବହୁ ବିଦୁଷୀ ତରୁଣୀ ଓ ମହିଳା। ସାମାଜିକ ଗଣମାଧ୍ୟମର ସୌଜନ୍ୟରୁ ଆଜି ଏଇ ଯଶସ୍ୱୀ ଗାୟକ, ଗାୟିକାମାନେ ପହଞ୍ଚି ଯାଉଛନ୍ତି ଆମ ପାଖରେ ଅତି ସହଜରେ। ଏଇମାନେ ହିଁ ଆମ ମାତୃଭାଷାର ସଶସ୍ତ୍ର ପ୍ରହରି, କର୍ଣ୍ଣଧାର। ଓଡ଼ିଆ ଭାଷା ସାହିତ୍ୟକୁ ଚିରକାଳ ପାଇଁ ବଞ୍ଚାଇ ରଖିବେ ଏମାନେ। ନବଲାବଣ୍ୟ ଏମାନେ ଭରିଦେଇ ଚାଲିବେ ଆମ ମାତୃଭାଷାରେ। ଏଇମାନେ ହିଁ ପ୍ରେରିତ କରିଚାଲିଥିବେ ପୁରପଲ୍ଲୀର ଅଗଣିତ ଜନସାଧାରଣଙ୍କୁ ଆମ ମାତୃଭାଷାର ଧ୍ୱଜାକୁ ସଗର୍ବେ, ସଗୌରବେ ଉତ୍ତୋଳିତ କରି ରଖିବା ପାଇଁ। ଆଉ ଏମାନଙ୍କ ସହିତ ଯୋଗଦେଉଥିବେ ଗ୍ରାମାଞ୍ଚଳର ସାହିତ୍ୟ ଅନୁଷ୍ଠାନଗୁଡ଼ିକୁ ଚଳଚଞ୍ଚଳ କରି ରଖୁଥିବା ଶତସହସ୍ର ମାତୃଭାଷାପ୍ରେମୀ। ସହରାଞ୍ଚଳ, ନଗରାଞ୍ଚଳର ବୁଦ୍ଧିଜୀବୀ ଭାଷାବିତ୍ମାନେ ଭାଷାତାତ୍ତ୍ୱିକ ଆଲୋଚନା, ଗବେଷଣା ଓ ବ୍ୟାକରଣସର୍ବସ୍ୱ ଜଟିଳ ବିଶ୍ଳେଷଣକୁ ଯେତେ ପ୍ରାଧାନ୍ୟ, ଅଗ୍ରାଧିକାର ଦେଲେ ମଧ୍ୟ ସ୍ୱୀକାର କରିବେ ଯେ ଓଡ଼ିଆ ଭାଷା ସାହିତ୍ୟର ବିକାଶ, ସମୃଦ୍ଧି ତଥା ପ୍ରଚାର, ପ୍ରସାରର ଅସଲ ଚାବିକାଠିଗୁଡ଼ିକ ରହିଛି ଆମ ଗ୍ରାମାଞ୍ଚଳ ଲୋକ ସିନ୍ଦୁକରେ ; ରହିଛି ଆମ ଲୋକ କଳାକାର, ଆମ ପାଲାକାରମାନଙ୍କ ଗାୟନ, ବାୟନ ଓ ଚାମର ଚାଳନାରେ, ତ୍ରିନାଥ ମେଳାରେ ତୁଣ୍ଡ ହେଉଥିବା ଭକ୍ତମାନଙ୍କ ଖଞ୍ଜଣିରେ, ଓଷା, ବ୍ରତ, ପର୍ବପର୍ବାଣିରେ ଗାନ କରାଯାଉଥିବା ଭଜନ, ଜଣାଣ ଓ ଲୋକଗୀତରେ- ସର୍ବୋପରି ଗ୍ରାମ୍ୟସ୍ତରରେ ଆୟୋଜିତ ହେଉଥିବା ସାହିତ୍ୟ ସଭାରେ ଓ କବିତା ପାଠୋତ୍ସବରେ। ଏଇମାନେ ଆମମାନଙ୍କୁ ଶୁଣାଇ ଚାଲିଥିବେ ଓଡ଼ିଆ ଭାଷା ସାହିତ୍ୟର ପ୍ରାଚୀନ କାକଳି ଓ ନବକାକଳି। ଆମ ମାତୃଭାଷାର ଏଇ ବଶିଷ୍ଠ ଓ ଅରୁନ୍ଧତୀମାନେ ଆମର ଚିରପ୍ରଣମ୍ୟ।

ମୋ-୯୮୫୩୩୫୫୧୦୭

## ଏଇ ଭାରତରେ

ମାନବ ଚାଲାଣ ଏବେ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ଏହା ଆନ୍ତଃରାଜ୍ୟରୁ ଆରମ୍ଭ କରି ଅନ୍ତର୍ଦ୍ଦେଶୀୟ ସ୍ତର ଯାଏ ସକ୍ରିୟ ହୋଇ ରହିଛି। ପୋଲିସ ଏମାନଙ୍କୁ ଉଦ୍ଧାର କରୁଥିବାବେଳେ ଜଣେ ସାହସୀ ବ୍ୟକ୍ତି ଚାଲାଣର ଶିକାର ହୋଇଥିବା ୧୫୦୦ ପିଲାଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଛନ୍ତି। ବ୍ୟକ୍ତି ଜଣକ ହେଉଛନ୍ତି ରାଜୁ ନେପାଳି। ପଶ୍ଚିମବଙ୍ଗ ନିବାସୀ ରାଜୁ ୨୦୦୭ରେ ପ୍ରତିଷ୍ଠା କରିଥିବା ଏନ୍ଜିଓ 'ଡୁରାସ ଏକ୍ସପ୍ରେସ୍ ମେଲ' ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ଏହି ଏନ୍ଜିଓ ରାଜୁ ଏବଂ ମାନବ ଚାଲାଣ ବିରୋଧୀ କର୍ମକର୍ତ୍ତା ରଙ୍ଗୁ ସୌରିୟା ଓ ନିର୍ଣ୍ଣୟ ଜନ୍ଙ୍କ ସହଭାଗିତାରେ ଚାଲିଛି। ଚାଲାଣ କରାଯାଇଥିବା ପିଲାଙ୍କୁ ଉଦ୍ଧାର କରିବା ସହ ସେମାନଙ୍କର କାଉନ୍ସିଲିଂ ମଧ୍ୟ କରାଉଛନ୍ତି। ଏହା ସହ ରାଜୁ ପଶ୍ଚିମବଙ୍ଗରେ ମାନବ ଚାଲାଣ ବିରୋଧରେ ସଚେତନତା ସୃଷ୍ଟି କରିବାରେ ଲାଗିଛନ୍ତି। ଶିଶୁଙ୍କୁ ଉଦ୍ଧାର କରିବା ଲାଗି ସେ ଏକ ହ୍ୱାଟ୍ସ ଆପ୍ ଗ୍ରୁପ 'ଷ୍ଟପ୍ ଇଫ୍ ୟୁ କ୍ୟାନ୍' ଆରମ୍ଭ କରିଛନ୍ତି। ଏଥିରେ ସେ ଭାରତ ସମେତ ନେପାଳ, ଭୁଟାନ ଓ ବାଂଲାଦେଶର ୨୫୦ରୁ ଊର୍ଦ୍ଧ୍ୱ ସାମ୍ବାଦିକ, ପୋଲିସ, ଆଇନଜୀବୀ ଓ ଆକ୍ଟିଭିଷ୍ଟଙ୍କୁ ସାମିଲ କରିଛନ୍ତି। ଚାଲାଣ ହୋଇଥିବା ପିଲାକୁ ଠାବ କରିବା ପରେ ଏମାନେ ନିକଟସ୍ଥ ରେଲୱେ ଷ୍ଟେଶନ ଓ ପୋଲିସ ଷ୍ଟେଶନକୁ ଅବଗତ କରିଦିଅନ୍ତି। ଗ୍ରୁପର ଏଭଳି ତତ୍ପରତା ଯୋଗୁ ପିଲାଟିକୁ ଶୀଘ୍ର ଉଦ୍ଧାର କରାଯାଇପାରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୦ ମାର୍ଚ୍ଚ ୧୯୭୫

- ଭାରତ ଓ ସୋଭିଏତ ରୁଷିଆ ମଧ୍ୟରେ ବ୍ୟବହାରିକ ବିଜ୍ଞାନ ଓ କାରିଗରୀ ବିଦ୍ୟା କ୍ଷେତ୍ରରେ ସହଯୋଗ ପାଇଁ ଚୁକ୍ତି ସ୍ୱାକ୍ଷରିତ।
- କୃଷ୍ଣା ନଦୀରେ ଏକ ନୌକା ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୨୦ ଯାତ୍ରୀଙ୍କ ମୃତ୍ୟୁ।
- ରୋଡେସିଆର ଜାତୀୟବାଦୀ ନେତା ହର୍ବଟ ଚିଟେପୋଙ୍କ ଏକ କାର୍ ଦୁର୍ଘଟଣାରେ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ଶୀତଳ ଭଣ୍ଡାର ହେଉ

ମହାଶୟ,

ପୁରୀ ଜିଲା ସତ୍ୟବାଦୀ(ସାକ୍ଷୀଗୋପାଳ) ବ୍ଲକ୍ରେ ଶୀତଳ ଭଣ୍ଡାରର ଅଭାବରୁ ପରିବାଚାଷୀମାନେ ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି। ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟି ପରିସରରେ ମାତ୍ରାଧିକ ଜମି ଥାଇ ମଧ୍ୟ ଶୀତଳ ଭଣ୍ଡାର ନିର୍ମାଣ କରିବାର ଯୋଜନା ଫସର ଫାଟିଯାଇଛି। କୁଚକ୍ରୀ ନେତାମାନଙ୍କ ଅଧୀନରେ ନିୟନ୍ତ୍ରିତ ବଜାର କମିଟି ରହିବାରୁ ଚାଷୀମାନେ ସମସ୍ତ ସୁବିଧାରୁ ବଞ୍ଚିତହେବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୂର୍ବରୁ ଏହି ପରିସରରେ ପରିବା ହାଟ ଖୋଲାଯାଇଥିଲା। ମାଛ, ମାଂସ ମାର୍କେଟ୍ ମଧ୍ୟ ନିର୍ମାଣ ହୋଇଥିଲା। ପରିଚାଳନା ଅଭାବ ହେତୁ ପରିବା ଚାଷୀମାନେ ୩୧୬ ନମ୍ବର ଜାତୀୟ ରାଜପଥ ଉପରେ ବେପାର କରିବା ଦ୍ୱାରା ଅଧିକାଂଶ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ରାଜ୍ୟରେ ଶୀତଳଭଣ୍ଡାର ଅଭାବ କାରଣରୁ ପରିବାଚାଷୀମାନେ ବହୁ କ୍ଷତି ସହୁଛନ୍ତି। ରାଜ୍ୟ ସରକାର ଅଗ୍ରାଧିକାର ଭିତ୍ତିରେ ଶୀତଳ ଭଣ୍ଡାର ନିର୍ମାଣ କରନ୍ତୁ। ପିପିପି ମୋଡ୍ରେ ଏହା କରାଗଲେ ଭଲ ହେବ। ପ୍ରତି ବ୍ଲକ୍ ପାଇଁ ଗୋଟିଏ ଲେଖାଏ ଶୀତଳ ଭଣ୍ଡାର ନିର୍ମାଣ କରାଗଲେ ପରିବା ଚାଷୀଙ୍କ ଆର୍ଥିକ ଦୁରବସ୍ଥା ଦୂରହୋଇପାରିବ।

**-ଦେବବ୍ରତ ମିଶ୍ର, ସତ୍ୟବାଦୀ ବିକାଶ ପରିଷଦ, ସତ୍ୟବାଦୀ,ପୁରୀ**

## ଚିରନ୍ତନୀ

ଆବରଣହୀନ କଳା ଦେହେ ତା'ର କି ରୂପ ଝରେ,
କଣ୍ଠେ ଲଗାଇ ଯବାଫୁଲ ସମ ପୋହଳାହାର !
ବନର ବିହଗ ପରାଏ ତାହାର ବିତଇ କାଳ
ତୋତେ ଚାହିଁ ସବୁ ପାସୋରି ଦିଏରେ ଶିମୁଳିପାଳ !
-(ପାସୋରି ଦେଲିରେ ଶିମୁଳିପାଳ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପୋଲ ତଳକୁ ଖସିପଡ଼ିଲା ବାଇକ୍, ୨ ମୃତ

ଆର.ଉଦୟଗିରି, ୧୯।୩ (ମନୋଜ କୁମାର ପାଢୀ)

ପୋଲ ତଳକୁ ବାଇକ୍ ଖସି ପଡ଼ିବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ଗଜପତି ଜିଲା ଆର. ଉଦୟଗିରିର ଡୁମ୍ବା ପାର୍କ ନିକଟରେ ଘଟିଛି ଏହି ଦୁର୍ଘଟଣା। ମୃତକ ଦ୍ୱୟ ହେଉଛନ୍ତି ଛେଲିଗଡ଼ ଗାଁର ମଣ୍ଟୁ ପାଲ ଓ ଟୁକୁନା ସିଂ। ମଙ୍ଗଳବାର ଅପରାହ୍ନରେ ଛେଲିଗଡ଼ ଗ୍ରାମ ଖ୍ରୀଷ୍ଟାଆନ ସାହିର ମଣ୍ଟୁ ଓ ଟୁକୁନା ଡୁମ୍ବା ପାର୍କ ନିକଟରେ ଥିବା ଝରଣାକୁ ଗାଧୋଇବାକୁ ଯାଉଥିଲେ। ବୁଲାଣି ରାସ୍ତାରେ ବାଇକ୍ଟି ଭାରସାମ୍ୟ ହରାଇ ଏକ ପୋଲରେ ପିଟି ହୋଇ ପ୍ରାୟ ୧୫ ଫୁଟ ତଳକୁ ଖସି ପଡ଼ିଥିଲା। ଗୁରୁତର ଅବସ୍ଥାରେ ଉଭୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚନ୍ଦ୍ରଗିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ସେଠାରେ ଦୁଇଜଣଙ୍କୁ ମୃତ ଘୋଷଣା କରିଥିଲେ। ଆର.ଉଦୟଗିରି ପୋଲିସ ନଂ ୩୮/୨୪ରେ ମାମଲା ରୁଜୁକରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

# ୧୦ କି.ମି. ଗୋଡ଼ାଇ ଧରିଲା ସ୍ପେଶାଲ ସ୍କ୍ୱାଡ୍

## ୨ ଟନ୍‌ରୁ ଊର୍ଦ୍ଧ୍ୱ ଚୋରା କୋଇଲା ଜବତ, ୩ ଗିରଫ

ଛେଣ୍ଡିପଦା, ୧୯।୩ (ଅଜିତ ଧଳ)

ଚୋରା କୋଇଲା ଚାଲାଣ ବେଳେ ମଙ୍ଗଳବାର ୩ଜଣଙ୍କୁ ଫିଲ୍ମଷ୍ଟାଇଲରେ ଧରିଛି ଅନୁଗୋଳ ସ୍ପେଶାଲ ସ୍କ୍ୱାଡ୍ ଓ ଛେଣ୍ଡିପଦା ପୋଲିସ। ଏପରି କି ୧୦ କିଲୋମିଟର ପିଛା କରିବା ପରେ ଗାଡ଼ି ଛାଡ଼ି ଫେରାର ହେବାକୁ ଚେଷ୍ଟା କରୁଥିବା ଅଭିଯୁକ୍ତମାନଙ୍କୁ ପୋଲିସ ଜଙ୍ଗଲ ମଧ୍ୟରେ ଗୋଡ଼ାଇ ଗୋଡ଼ାଇ ଧରିବା ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳରେ ଏକ ପିକ୍‌ଅପ୍ ଓ ମୋଟର ସାଇକେଲରେ ଚୋରା କୋଇଲା ଚାଲାଣ ହେଉଥିବା ସ୍ପେଶାଲ ସ୍କ୍ୱାର୍ଡ ଓ ପୋଲିସକୁ ଖବର ମିଳିଥିଲା। ଫଳରେ ସ୍ପେଶାଲ ସ୍କ୍ୱାଡ୍ ଓ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଏହି ଚଢ଼ାଉ ବେଳେ ପୋଲିସକୁ ଦେଖି କେତେଜଣ କୋଇଲା ଚୋରା ଚାଲାଣକାରୀ ଏକ ମୋଟର ସାଇକେଲ ଓ ପିକ୍‌ଅପ୍‌ରେ ଫେରାର ହୋଇଯାଉଥିବା ବେଳେ ପୋଲିସ ତାଙ୍କୁ ଗାଡ଼ିରେ ୧୦ କି.ମି. ପିଛା କରିଥିଲା। ତେବେ କୋଶଳା ଜଙ୍ଗଲ ନିକଟରେ ଚୋରା ଚାଲାଣକାରୀମାନେ ଗାଡ଼ି ଛାଡ଼ି ଜଙ୍ଗଲ ଦେଇ ଖସିଯିବାକୁ ଉଦ୍ୟମ କରିଥିଲେ। ହେଲେ ପିଛା କରୁଥିବା ପୋଲିସ ଜଙ୍ଗଲ ଭିତରେ ଗୋଡ଼ାଇ ଗୋଡ଼ାଇ ୩ ଜଣଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ବରପଦା ଗ୍ରାମର ଅନିଲ ଦେହୁରୀ, କୁମୁଣ୍ଡା ଗ୍ରାମର ରିଙ୍କୁ ସାହୁ ଓ ହଣ୍ଡପା ଥାନା ଲୁହାମୁଣ୍ଡା ଗ୍ରାମର ସନ୍ତୋଷ କୁମାର ସାହୁ। ଘଟଣାସ୍ଥଳରୁ ଏକ ପିକଅପ୍ ଭ୍ୟାନ ଓ ମୋଟର ସାଇକେଲ ସହ ୨ଟନ୍‌ରୁ ଅଧିକ ଚୋରା କୋଇଲା ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଛି। ବୁଧବାର ସମ୍ପୃକ୍ତ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ପ୍ରକାଶ କରିଛି।

**ଆଜି ବିଶ୍ୱ ପଖାଳ ଦିବସ**

# ପଖାଳକୁ ଖୋଜୁଛି ମନ





ପଖାଳ ହେଉଛି ଓଡ଼ିଆଙ୍କ ପ୍ରିୟ ଖାଦ୍ୟ। ଓଡ଼ିଆ ସଂସ୍କୃତି ଓ ଜନଜୀବନ ସହ ପଖାଳ ଓତପ୍ରୋତ ଭାବେ ଜଡ଼ିତ। ଓଡ଼ିଆମାନେ ଯେଉଁଠି ଥାଆନ୍ତୁ ନା କାହିଁକି ପଖାଳ କଂସାକୁ ସେମାନେ ଝୁରିହୁଅନ୍ତି। ପେଟରେ ପଖାଳ ମୁଠାଏ ପଡ଼ିଗଲେ ପେଟ ଥଣ୍ଡା ଓ ମନ ଶାନ୍ତି ହୋଇଯାଏ। ସମ୍ପ୍ରତି ସହରର ଚାକଚକ୍ୟ ଓ ଦେଶୀ, ବିଦେଶୀ ଖାଦ୍ୟପେୟ ଭିତରେ ବି ଲୋକେ ପଖାଳ ଖୋଜୁଛନ୍ତି। ବିଶେଷକରି ଗ୍ରୀଷ୍ମଦିନେ ଖରାର ପ୍ରକୋପ ଅନେକଙ୍କୁ ପଖାଳ କଂସା ପ୍ରତି ଆକୃଷ୍ଟ କରାଉଛି। ସମ୍ପ୍ରତି ଛୋଟବଡ଼ ହୋଟେଲରେ ବିଭିନ୍ନ ରକମର ପଖାଳ ପରଷା ଯାଉଛି। ତାରକା ହୋଟେଲ ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ପଖାଳ ଦିବସ ପାଳନ କରାଯାଉଛି। ଦେଶବିଦେଶର ଲୋକଙ୍କୁ ଓଡ଼ିଶା ସଂସ୍କୃତିର ମହକ ସ୍ୱରୂପ ପଖାଳ ପ୍ରତି ଆକୃଷ୍ଟ କରାଇବା ପାଇଁ ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୨୦ ତାରିଖକୁ ବିଶ୍ୱ ପଖାଳ ଦିବସ ଭାବେ ପାଳନ କରାଯାଉଛି। ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ପଖାଳକୁ ନେଇ ଭିନ୍ନ ଭିନ୍ନ ସ୍ୱତନ୍ତ୍ରତା ରହିଛି। କେଉଁଠି ୨୦ ଟଙ୍କାରେ ପଖାଳ ଗଣ୍ଡେ ବାଢ଼ି ଦେଇ ରବି ଭାଇ ଖଟିଖିଆଙ୍କ ପେଟ ଭରୁଛନ୍ତି ତ ଆଉ କେଉଁଠାରେ ବିଦେଶୀ ଅତିଥିଙ୍କ ପାଇଁ ପଖାଳ ପାଲଟିଛି ସ୍ୱତନ୍ତ୍ର ଖାଦ୍ୟ। ଲୋକଙ୍କର ରୁଚି ଏଥିପ୍ରତି ବଢ଼ୁଥିବାର ମଧ୍ୟ ଦେଖିବାକୁ ମିଳୁଛି।

## 'ନିମନ୍ତ୍ରଣ'ରେ ୮ ପ୍ରକାର ପଖାଳ

ଚଳିତବର୍ଷ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ଅଧୀନରେ ଥିବା ଭୁବନେଶ୍ୱରସ୍ଥିତ 'ନିମନ୍ତ୍ରଣ' ରେସ୍ତୋରାଁରେ ୮ ପ୍ରକାରର ପଖାଳ ପ୍ରସ୍ତୁତ କରାଯାଇଛି। ସୁବାସା ପଖାଳ, ଦହି ପଖାଳ, ମଲ୍ଲିଫୁଲ ପଖାଳ, ମିଠା ପଖାଳ, ଟଭା ପଖାଳ, ଚିପୁଡ଼ା ପଖାଳ, ଘିଅ ପଖାଳ, ପାଣି ପଖାଳ ରହିଛି। ପଖାଳ ପ୍ଲେଟର ଦାମ୍ ୩୯୯ ରଖାଯାଇଛି। ଆମିଷ ଖାଇବାକୁ ପସନ୍ଦ କରୁଥିବା ବ୍ୟକ୍ତିଙ୍କ ପାଇଁ ଅନେକ ଆଇଟମ୍ ମଧ୍ୟ ଉପଲବ୍ଧ ଅଛି। ଯିଏ ଯାହା ଖାଇପାରିବେ। ସେଗୁଡ଼ିକ ପାଇଁ ଅଲଗା ଦାମ୍ ରହିଛି। ନିମନ୍ତ୍ରଣରେ ପାରମ୍ପରିକ ପଦ୍ଧତିରେ ଖାଦ୍ୟ ମିଳୁଥିବାରୁ ସେଠାରେ ଖାଇବାକୁ ପ୍ରାୟ ସମସ୍ତେ ପସନ୍ଦ କରନ୍ତି।

## ଏକାମ୍ର ହାଟରେ ଲାଗିବ ଗହଳି

ଏକାମ୍ର ହାଟରେ ଖାଇବାକୁ ଲୋକେ ବେଶ୍ ପସନ୍ଦ କରନ୍ତି। ପଖାଳ ଦିବସ ପାଇଁ ସବୁ ବର୍ଷ ପରି ଏଥର ମଧ୍ୟ ଆୟୋଜନ କରାଯାଇଛି। ଲୋକେ ପଖାଳ ସହ ବିଭିନ୍ନ ଆଇଟମ ଖୋଜୁଥିବାରୁ ଖାଦ୍ୟର ଲମ୍ବା ତାଲିକା ରଖାଯାଇଛି। ଆଳୁଭର୍ତ୍ତା, ବଡ଼ିଚୂରା, ଶାଗ, ଚଟଣି, ଗୋଟା ପୋଟଳ, ପାମ୍ପଡ଼, ନଡ଼ିଆବରା, ତାୱା ମାଛ, ଚୂନାମାଛ ରାଇ ଆଦି ଅନେକ ଆଇଟମ୍ ରହିଛି। ତେଣୁ ଏଥର ମଧ୍ୟ ଏକାମ୍ର ହାଟରେ ଖାଇବାକୁ ଗହଳି ଲାଗିବ।

## ସୋସିଆଲ ମିଡିଆରେ ବଢ଼ୁଛି ପ୍ରଚାର ପ୍ରସାର

ଆଜିକାଲି ସୋସିଆଲ ମିଡିଆ ଯୁଗରେ ଅନେକ ଖାଦ୍ୟର ପ୍ରଚାର ପ୍ରସାର ହେଉଛି। ସେହିପରି ଓଡ଼ିଶାରେ ଥିବା ଫୁଡ୍ ବ୍ଲଗର ଓ ମାଷ୍ଟର ସେଫ୍‌ମାନେ ପଖାଳକୁ ନେଇ ସୋସିଆଲ ମିଡିଆରେ ପ୍ରଚାର ପ୍ରସାର କରୁଛନ୍ତି। କିଏ କେଉଁଠି ଭଲ ଓ କମ୍ ଦାମ୍‌ରେ ଥିବା ପଖାଳର ସୂଚନା ଦେଲେଣି ତ ଆଉ କିଏ ପଖାଳକୁ ନେଇ ଭିନ୍ନ ଧରଣର ଭିଡିଓ ଦେଖାଇଲେଣି। ଅନ୍ୟପକ୍ଷେ ଜାତୀୟସ୍ତରୀୟ ମାଷ୍ଟର ସେଫ୍ ପ୍ରତିଯୋଗିତାରେ ଭାଗନେଇଥିବା ଓଡ଼ିଶାର ସେଫ୍‌ମାନେ 'ପଖାଳ ପସରା' ନାମରେ ଅନେକ ଭିଡିଓ ଅପଲୋଡ୍ କରି ପଖାଳର ପ୍ରଚାର ପ୍ରସାରରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି।

## ବ୍ୟବସାୟ ପ୍ରଭାବିତ କରିପାରେ ବର୍ଷା

ଖରାଦିନେ ପଖାଳ ଖାଇବାର ମଜା ନିଆରା। ପେଟ ଥଣ୍ଡା କରିବାକୁ ଲୋକେ ପ୍ରାୟତଃ ଖରାଦିନେ ବେଶୀ ପଖାଳ ଖାଇଥାନ୍ତି। ମାତ୍ର ଏଥର ପାଗ ମେଘୁଆ ରହିଛି। ଗତ ୨ଦିନ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି। ଆଗକୁ ମଧ୍ୟ କୋହଲା ପାଗ ସହ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ତେଣୁ ଏହା ବ୍ୟବସାୟ ମାନ୍ଦା କରିପାରେ ବୋଲି ହୋଟେଲ ବ୍ୟବସାୟୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ମାତ୍ର ଲୋକଙ୍କର ପଖାଳ ପ୍ରତି ଥିବା ଭଲପାଇବା ଯେଭଳି ରହିଛି, ଯଦି ବର୍ଷା ହୁଏ ବେପାର ଅତି ଭଲ ନ ହେଲେ ବି ସମ୍ପୂର୍ଣ୍ଣ ମାନ୍ଦା ହେବ ନାହିଁ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି।

(ପ୍ରସ୍ତୁତି– ଶର୍ମିଷ୍ଠା ପାଣିଗ୍ରାହୀ)

# କ୍ଷୁଦ୍ର ଚଳଚ୍ଚିତ୍ର 'ଦାଦାଜୀ କା ଥେଲା' ପାଇଁ ତରୁଣଙ୍କୁ ରାଷ୍ଟ୍ରୀୟ ପୁରସ୍କାର



ଶିକ୍ଷକ ତରୁଣ କୁମାର ଦାଶଙ୍କୁ ସମ୍ମାନିତ କରାଯାଉଛି।

କୋରାପୁଟ, ୧୯।୩ (ଅମିତାଭ ବେହେରା)

ନୂଆଦିଲ୍ଲୀର ସିଆଇଇଟି, ଏନ୍‌ସିଆର୍‌ଟି ପକ୍ଷରୁ ଆୟୋଜିତ ଅଖିଳ ଭାରତୀୟ ଶିଶୁ ଇ-ଶିକ୍ଷଣ ପ୍ରତିଯୋଗିତା ୨୦୨୩-୨୪ରେ ଭାଗନେଇ କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟ ଶିକ୍ଷକ ତରୁଣ କୁମାର ଦାଶ ରାଷ୍ଟ୍ରୀୟ ପୁରସ୍କାର ପାଇଛନ୍ତି। ପ୍ଲାଷ୍ଟିକ ପ୍ରଦୂଷଣ ଉପରେ ପର୍ଯ୍ୟବସିତ ତଥା କୋରାପୁଟ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ବ୍ୟାନରରେ ନିର୍ମିତ 'ଦାଦାଜୀ କା ଥେଲା ' ଚଳଚ୍ଚିତ୍ରକୁ ଶିକ୍ଷକ ତରୁଣ ରଚନା ସହ ପ୍ରଯୋଜନା କରିଥିଲେ। ଏହା ମେଘାଳୟର ଶିଲଂଠାରେ ଗତ ମାର୍ଚ୍ଚ ୧୫ ଓ ୧୬ରେ ଆୟୋଜିତ ଅଖିଳ ଭାରତୀୟ ଶିଶୁ ଇ-ଶିକ୍ଷଣ ସାମଗ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲା। ପ୍ରତିଯୋଗିତାରେ ଏହା ଶ୍ରେଷ୍ଠ ଚଳଚ୍ଚିତ୍ର ରୂପେ ବିବେଚିତ ହୋଇଛି। ନିଜର ଏହି କ୍ଷୁଦ୍ର ଚଳଚ୍ଚିତ୍ର ପାଇଁ ଶିକ୍ଷକ ଦାଶ ମେଘାଳୟ ଶିକ୍ଷାମନ୍ତ୍ରୀ ଓ ଏନ୍‌ସିଆର୍‌ଟି ନିର୍ଦ୍ଦେଶକଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ସୂଚନାଯୋଗ୍ୟ, ଏହି ଚଳଚ୍ଚିତ୍ରର ଲିଛମନ ରାମ ସହକାରୀ ଲେଖକ ରହିଥିବା ବେଳେ ବିଦ୍ୟାଳୟର ପୁରାତନ ଛାତ୍ର ଆୟୁଷ ଦାଶ ଚିତ୍ର ଉତ୍ତୋଳନ, ସମ୍ପାଦନା ଏବଂ ଧ୍ୱନି ସଂଯୋଜନା କରିଛନ୍ତି। ଏଥିରେ ଶିକ୍ଷକ ଡାଏମଣ୍ଡ ସେଠ, ସନ୍ତୋଷ ସିଂହ ଖୁଣ୍ଟିଆଙ୍କ ସମେତ ଛାତ୍ର ପ୍ରୟାସ ଜେନା, ଭି.ଗୌତମ ଅଭିଶ୍ରୁମତ, ଛାତ୍ରୀ ରୁହାନୀ ରୀତ ଦାଶ ଓ ଡିମ୍ପଲ୍ କୁମାରୀ ଅଭିନୟ କରିଛନ୍ତି। ବିଦ୍ୟାଳୟର ଏହି ସଫଳତା ପାଇଁ ଶିକ୍ଷକ ତରୁଣଙ୍କୁ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର ଆଞ୍ଚଳିକ କାର୍ଯ୍ୟାଳୟ ଡେପୁଟି କମିଶନର ଡ. ଶିହରଣ ବୋଷ ଓ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କମାନୁ ପୁରସ୍କୃତ କରିଛନ୍ତି। ସୂଚନାଯୋଗ୍ୟ, କ୍ଷୁଦ୍ର ଚଳଚ୍ଚିତ୍ର 'ସଡ଼କ'ରୁ ତରୁଣଙ୍କ ଆରମ୍ଭ ହୋଇଥିବା ଏହି ଅଭିଯାନ ଏଯାଏ ବଜାୟ ରହିଛି।

# ମାଓବାଦୀ ଦମ୍ପତିଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୯।୩ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକମା ଜିଲା ପୋଲିସ ନିକଟରେ ୭ ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀ ଦମ୍ପତି ମଙ୍ଗଳବାର ଆତ୍ମ ସମର୍ପଣ କରିଛନ୍ତି। ସେମାନେ ହେଲେ ସୋଡି ସୁକ୍କା ଓରଫ ସୋଡି କେସା ଓ ସୋଡି ସୁକି। ସୁକୁମା ପୋଲିସ ତଥ୍ୟ ଅନୁଯାୟୀ, ସୁକମା ଜିଲା କିସ୍ତାରାମ ଅଞ୍ଚଳର ସକ୍ରିୟ ମାଓବାଦୀ ଦମ୍ପତି ସୋଡି ସୁକ୍କା ଓରଫ ସୋଡି କେସା ଓ ସୋଡି ସୁକି ଆତ୍ମ ସମର୍ପଣ କରିଛନ୍ତି। ଛତିଶଗଡ ସରକାର ସୋଡି ସୁକ୍କାଙ୍କ ଉପରେ ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିବା ବେଳେ ସୋଡି ସୁକ୍କିଙ୍କ ଉପରେ ୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ସେ ଏରିଆ କୃଷି କମିଟି ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିବା ବେଳେ ସୋଡି ସୁକି ଏରିଆ କେଏଏମ୍‌ଏସ୍ ସଦସ୍ୟା ଭାବେ କାର୍ଯ୍ୟ କରୁଥିଲେ। ସୋଡି ସୁକା ୨୦୦୧ ରେ ମାଓବାଦୀ ସଂଗଠନରେ ଯୋଗ ଦେଇଥିବା ବେଳେ ସେ ୨୦୦୧ରୁ ୨୦୦୪ ପର୍ଯ୍ୟନ୍ତ ଗୋଲାପଲ୍ଲୀ ଏଲ୍‌ଓଏସ୍ ସଦସ୍ୟ, ୨୦୦୫ରୁ ୨୦୦୭ ପର୍ଯ୍ୟନ୍ତ ଏଲ୍‌ଓଏସ୍ କମାଣ୍ଡର ଓ ୨୦୦୭ରୁ ୨୦୧୪ ପର୍ଯ୍ୟନ୍ତ କିସ୍ତାରାମ ଏରିଆ କୃଷି କମିଟି ଅଧ୍ୟକ୍ଷ, ୨୦୧୫ରୁ ବର୍ତ୍ତମାନ ପର୍ଯ୍ୟନ୍ତ କୃଷି ଶାଖା ଡିଏକେଏମ୍‌ଏସ୍ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ। ସେହିପରି ସୋଡି ସୁକ୍କି ୨୦୦୬ରେ ଗୋଲାପଲ୍ଲୀ ଏଲ୍‌ଓସି ସଦସ୍ୟା ଭାବେ ଯୋଗ ଦେଇଥିବା ବେଳେ ୨୦୦୮ ରୁ ୨୦୧୧ ପର୍ଯ୍ୟନ୍ତ କୃଷି କମିଟି ସଦସ୍ୟା, ୨୦୧୪ରୁ ବର୍ତ୍ତମାନ ପର୍ଯ୍ୟନ୍ତ କେଏମ୍‌ଏସ୍ ସଦସ୍ୟା ଭାବେ କାର୍ଯ୍ୟ କରୁଥିଲେ। ତେବେ ବର୍ତ୍ତମାନ ଛତିଶଗଡ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, ଆତ୍ମସମର୍ପଣକାରୀଙ୍କ ଥଇଥାନ, ବିଭିନ୍ନ ସ୍ଥାନରେ ପୋଲିସ କ୍ୟାମ୍ପ ପ୍ରତିଷ୍ଠା ହୋଇଥିବା ବେଳେ ମାଓବାଦୀମାନେ ସମ୍ମାନ ନ ଦେବା, ଗ୍ରାମବାସୀଙ୍କୁ ହତ୍ୟା କରୁଥିବାରୁ ଏହି ଦମ୍ପତି ଆତ୍ମସମର୍ପଣ କରିଥିବା କହିଛନ୍ତି। ଆତ୍ମ ସମର୍ପଣ ସମୟରେ ସୁକମା ଏସ୍‌ପି କିରଣ ଚୌହାନ, ଅତିରିକ୍ତ ଏସ୍‌ପି ଉତ୍ତମ ପ୍ରତାପ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଆରଟିଓ ଅଫିସ୍ ଆଗରେ ଓଲଟି ପଡ଼ିଲା ବାଲି ବୋଝେଇ ଟିପ୍ପର



କୋରାପୁଟ, ୧୯।୩ (ଅମିତାଭ ବେହେରା)

କୋରାପୁଟ ସହରର ଆର୍‌ଟିଓ ଅଫିସ ସମ୍ମୁଖରେ ମଙ୍ଗଳବାର ବ୍ରେକ୍ ଫେଲ୍ ହୋଇ ଏକ ବାଲି ବୋଝେଇ ଟିପ୍ପର ଓଲଟି ପଡ଼ିଥିଲା। ମାଲକାନଗିରି ଜିଲା ଗୋବିନ୍ଦପାଲିରୁ କୋରାପୁଟ ଜିଲାର ସେମିଳିଗୁଡ଼ାକୁ ବାଲି ନେଇ ଯାଉଥିବା ଏହି ଟିପ୍ପର (ଓଡି ୧୦-ଏସ୍-୦୪୭୧) ହଠାତ୍ ବ୍ରେକ୍ ଫେଲ୍ ହୋଇଯିବାରୁ ଏପରି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଗାଡ଼ିର ବ୍ରେକ୍ ଫେଲ୍ ହୋଇଥିବା ଜାଣି ଟ୍ରକ୍ ଡ୍ରାଇଭର ଉପସ୍ଥିତ ବୁଦ୍ଧି ଖଟାଇ ଟ୍ରକ୍‌କୁ ରାସ୍ତାକଡ଼କୁ ନେଇଯାଇଥିଲେ। ପରେ ହେଲ୍‌ପର ଟ୍ରକ୍‌ରୁ ଡେଇଁପଡ଼ିଥିବା ବେଳେ ଡ୍ରାଇଭର ଭିତରେ ରହିଯାଇଥିଲେ । ଘଟଣାସ୍ଥଳରେ ପୋଲିସ ପହଞ୍ଚି ଟିପ୍ପର ଭିତରୁ ଡ୍ରାଇଭରଙ୍କୁ ଉଦ୍ଧାରକରି ମେଡିକାଲ ପଠାଇଥିଲା। ସହରର ଏହି ସ୍ଥାନ ବୁଲାଣି ଏବଂ ଗଡ଼ାଣି ହୋଇଥିବାରୁ ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଛି । ମାସକ ମଧ୍ୟରେ ଏଠାରେ ୩ଟି ଦୁର୍ଘଟଣା ଘଟିଲାଣି । ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

**Required**
Graduates in Bhubaneswar
Good Odia & Hindi Communication skill.
SALARY + INCENTIVE.
IKONTEL (Software Company)
Office: Esplanade Mall, 6th floor, Rasulgarh
7008230175, 8763191697

**URGENTLY REQUIRED**
Accountant / Marketing / Floor Manager required with experience in similar line
Contact:
Rajrani Trading, Jaydurga Nagar, Bomikhal, Bhubaneswar
Mob.: 9437210342/7008671875

# ଏସ୍‌ସିବିରେ ଅମ୍ବୋଦର ପାଇଲେ ନୂଆ ଜୀବନ



କଟକ, ୧୯।୩ (ଶିଳ୍ପା ପ୍ରିୟଦର୍ଶିନୀ)

**ଅସ୍ତ୍ରୋପଚାର ପରେ ପିଠିରୁ ବାହାରିଲା ଡାଳର କିଛି ଅଂଶ**

କଟକ ଏସ୍‌ସିବି ମେଡିକାଲର କାର୍ଡିଆଥେରିକ୍ ଭାସ୍କୁଲାର ସର୍ଜରି ବିଭାଗରେ ମୟୂରଭଞ୍ଜ ଜିଲା ଉଦଳା ଅଞ୍ଚଳର ଅମ୍ବୋଦର ମାରାଣ୍ଡି ନୂଆ ଜୀବନ ପାଇଛନ୍ତି। ରବିବାର ସନ୍ଧ୍ୟାରେ ସେ ମହୁଲ ତୋଳିବା ପାଇଁ ଗଛରେ ଚଢିଥିଲେ। ହଠାତ୍ ଗଛର ଡାଳ ଭାଙ୍ଗି ପଡିବାରୁ ସେ ତଳେ ପଡିଯାଇଥିଲେ। ଏହି ସମୟରେ ତାଙ୍କ ପିଠିରେ ଗଛ ଡାଳର କିଛି ଅଂଶ ପଶିଯାଇଥିଲା। ଚିକିତ୍ସା ଲାଗି ତାଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ସୋମବାର ଅପରାହ୍ନରେ ତାଙ୍କୁ ଏସ୍‌ସିବି ମେଡିକାଲ କାଜୁଆଲ୍‌ଟିରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ହୃଦ୍‌ରୋଗ ବିଭାଗକୁ ସ୍ଥାନାନ୍ତର କରାଯାଇ ସମସ୍ତ ପରୀକ୍ଷା କରାଯାଇଥିଲା। ପରେ ତାଙ୍କର ଅସ୍ତ୍ରୋପଚାର ପାଇଁ ମେଡିକାଲ ପକ୍ଷରୁ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗଠନ କରାଯାଇଥିଲା। ରାତି ୯ଟାରୁ ୨ଟା ପର୍ଯ୍ୟନ୍ତ ପ୍ରାୟ ୫ଘଣ୍ଟା ଧରି ଡାକ୍ତରମାନେ ଅସ୍ତ୍ରୋପଚାର କରିଥିଲେ। କାର୍ଡିଆଥେରିକ୍ ଭାସ୍କୁଲାର ସର୍ଜରି ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ମନୋଜ ପଟ୍ଟନାୟକଙ୍କ ନେତୃତ୍ୱରେ ଆନାସ୍ଥେସିଆ, ୟୁରୋଲୋଜି, ଜେନାରଲ ସର୍ଜନ, ହୃଦ୍‌ରୋଗ ବିଭାଗର ଡାକ୍ତର ଏହି ଅସ୍ତ୍ରୋପଚାରରେ ସାମିଲ ହୋଇଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି। ପ୍ରଫେସର ପଟ୍ଟନାୟକ କହିଛନ୍ତି, ଏହି ଅସ୍ତ୍ରୋପଚାର ଆମ ପାଇଁ ଚ୍ୟାଲେଞ୍ଜିଂ ଥିଲା। ଗଛ ଡାଳ ପଶିବା ଯୋଗୁ ସଂକ୍ରମଣ ହେବାର ସମ୍ଭାବନା ଥିଲା। ଅସ୍ତ୍ରୋପଚାର ମାଧ୍ୟମରେ ଅମ୍ବୋଦରଙ୍କ ପିଠିରୁ ଗଛ ଡାଳର କିଛି ଅଂଶ ବାହାର କରାଯାଇଛି। ଏବେ ସେ ବିପଦମୁକ୍ତ ଅଛନ୍ତି। ଅପରପକ୍ଷରେ ଏସ୍‌ସିବି ମେଡିକାଲର ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ କହିଛନ୍ତି, ଏଭଳି କେସ୍ ମେଡିକାଲକୁ କ୍ୱଚିତ୍ ଆସିଥାଏ। ଡାକ୍ତରମାନେ ସଫଳ ଭାବେ ଅସ୍ତ୍ରୋପଚାର କରିଛନ୍ତି।

# ନାବାଳିକାଙ୍କୁ ବଳାତ୍କାର: ନାଟକ ମାଷ୍ଟ୍ରଙ୍କୁ ୨୦ ବର୍ଷ ଜେଲ

ବ୍ରହ୍ମପୁର, ୧୯।୩ (ସୁବାସ ଚନ୍ଦ୍ର ପାଢ଼ୀ)

ଫାଷ୍ଟଟ୍ରାକ ପୋକ୍‌ସୋ ଜଜ୍ ଗଣେଶ୍ୱର ପତି ମଙ୍ଗଳବାର ଏକ ବଳାତ୍କାର ମାମଲାରେ ଦୋଷୀଙ୍କୁ ୨୦ବର୍ଷ ଜେଲଦଣ୍ଡ ସହିତ ୧ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୮ ମାସ କାରାଦଣ୍ଡ ଭୋଗିବାକୁ ଜଜ୍ ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀ ଜଣଙ୍କ ହେଲେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବାଲିଆସରା ଗ୍ରାମର ଭାରତଲୀଳା ନାଟକ ମାଷ୍ଟ୍ର କାଳିଆ ବିଶ୍ୱାଳ(୩୨)। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବାକୁ ଜଜ୍ ଜିଲା ଆଇନ ସେବା ପ୍ରାଧିକରଣ ସଚିବ( ଡିଏଲଏସଏ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୯ରେ କାଳିଆ କେ. ନୂଆଗାଁ ଥାନା ଅଞ୍ଚଳର ଜଣେ ଆଦିବାସୀ ନାବାଳିକାଙ୍କୁ ପ୍ରହ୍ଲାଦ ନାଟକ ଶିକ୍ଷା ଦେବାକୁ ତାଙ୍କ ପରିବାର ଲୋକଙ୍କୁ କହିଥିଲେ। ଏ ବାବଦକୁ ମାସିକ କିଛି ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେଇ ନାବାଳିକାଙ୍କୁ ସାଥିରେ ନେଇଯାଇଥିଲେ। ତାଙ୍କୁ ଆସ୍କା ପଲ୍ଲୀରେ ଏକ ଘର ଭଡ଼ା ନେଇ ରଖି ସେଠାରେ ବଳାତ୍କାର କରିଥିଲେ। ୨୦୨୧ ଏପ୍ରିଲ ୨୧ ତାରିଖରେ ପୀଡ଼ିତା ଜଣଙ୍କ ସେଠାରୁ କୌଶଳକ୍ରମେ ଖସି ଆସି ଘଟଣା ସମ୍ପର୍କରେ କେ. ନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୭/୨୧ ରେ ଏକ ମାମଲା ରୁଜୁ କରିଥିଲା। ୪ ଦିନ ପରେ ଅଭିଯୁକ୍ତ କାଳିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଚିକିଟି ଏସଡ଼ିପିଓ ସୁରେନ୍ଦ୍ର ନାଥ ମୁର୍ମୁ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ୨୦୨୨ ଜୁଲାଇ ୧୫ ତାରିଖରେ ଅଭିଯୁକ୍ତଙ୍କୁ ହାଇକୋର୍ଟରୁ ଜାମିନ ମିଳିଥିଲା। ମାମଲାର ବିଚାର ବେଳେ ୯ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ କାଳିଆ ବିଶ୍ୱାଳ କୋର୍ଟରେ ହାଜର ହୋଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ମୋହନ ସିଙ୍ଗାରୀ ମକଦ୍ଦମା ପରିଚାଳନା କରୁଥିଲେ।

**अखिल भारतीय आयुर्वेद संस्थान**
**ଅଖିଳ ଭାରତୀୟ ଆୟୁର୍ବେଦ ସଂସ୍ଥାନ (ଏଆଇଆଇଏ)**
(आयुष मंत्रालय, भारत सरकार के अंतर्गत स्वायत्त संस्थान)
(ଆୟୁଷ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନସ୍ଥ ଏକ ସ୍ୱୟଂଶାସିତ ସଂଗଠନ)
**ଡକ୍ଟର ଅଫ୍ ଫିଲୋସୋଫି (ପିଏଚ୍‌ଡି) କାର୍ଯ୍ୟକ୍ରମ ୨୦୨୪-୨୫ ନିମନ୍ତେ ଅଧିସୂଚନା**
- ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନରେ ଅଖିଳ ଭାରତୀୟ ଆୟୁର୍ବେଦ ସଂସ୍ଥାନଠାରେ ଆୟୁର୍ବେଦର ବିଭିନ୍ନ ଶୃଙ୍ଖଳାରେ ଡକ୍ଟର ଅଫ୍ ଫିଲୋସୋଫି (ପିଏଚ୍‌ଡି) କାର୍ଯ୍ୟକ୍ରମରେ ନାମଲେଖା ପାଇଁ ଆବେଦନ ଆହ୍ୱାନ କରାଯାଉଛି।
- ଉପରୋକ୍ତ କାର୍ଯ୍ୟକ୍ରମଗୁଡ଼ିକରେ ନାମ ଲେଖାଇବା ପାଇଁ ଇଚ୍ଛୁକ ପ୍ରାର୍ଥୀମାନେ www.aiia.gov.in ମାଧ୍ୟମରେ ସେଥିଲାଗି ଆବେଦନ କରିପାରିବେ। ପିଏଚ୍‌ଡି କାର୍ଯ୍ୟକ୍ରମରେ ଆବେଦନ କରିବା ପୂର୍ବରୁ ୱେବ୍‌ସାଇଟ୍‌ରେ ଉପଲବ୍ଧ ପିଏଚ୍‌ଡି ବୁଲେଟିନ୍‌କୁ ପଢ଼ିନେବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
- ପଞ୍ଜୀକରଣ ଆରମ୍ଭ ହେବା ତାରିଖ ହେଉଛି ୨୦ ମାର୍ଚ୍ଚ ୨୦୨୪ ଏବଂ ଶେଷ ତାରିଖ ହେଉଛି ୨୦ ଏପ୍ରିଲ ୨୦୨୪
- ପିଏଚ୍‌ଡି ପ୍ରବେଶିକା ପରୀକ୍ଷାର ତାରିଖ ହେଉଛି ୦୪ ମେ, ୨୦୨୪

cbc 17219/12/0011/2324 ସ୍ୱା./- ନିର୍ଦ୍ଦେଶକ, ଏଆଇଆଇଏ

**PARADIP PORT AUTHORITY**
**E-TENDER CALL NOTICE**
TD/TM/GEN-235(Vol-VII)/23/507, dtd.15.03.2024
Name of the work: "Allotment of 04 (Four) nos. of Mechanical Iron Ore plots at IOHP." License Fees: Rs.2,93,21,820/-, Wharfage Fees: Rs.18,98,620/-, Last date & time of submission of bid: 04.04.2024 upto 15:00 hrs., Date and time of opening (technical bid): 04.04.2024 upto 15:00 hrs.
Refer our website for details https://eprocure.gov.in/eprocure/app & http://paradipport.gov.in/.
Sd/- Trafic Manager, Paradip Port Authority
PPA/PR/96/2023-2024 dtd.19.03.2024

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ସିଗ୍‌ନାଲିଂ କାର୍ଯ୍ୟ ପାଇଁ ଇ-ଟେଣ୍ଡର ବିଜ୍ଞପ୍ତି**
ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୭୨-ଏସ୍ଏନ୍‌ଟି-ପିଆର୍‌ଓଜେ-ଟେଣ୍ଡର-୨୦୨୪, ତାରିଖ: ୦୯।୦୩।୨୦୨୪। କାର୍ଯ୍ୟର ନାମ: ଦକ୍ଷିଣ ପୂର୍ବ ମଧ୍ୟ ରେଳପଥର ବିଳାସପୁର ଡିଭିଜନର ଚମ୍ପା - ସରଗାଁଓ - ବରଦୁଆର - ସକ୍ତି ସେକ୍ସନ ମଧ୍ୟରେ ବିଦ୍ୟମାନ ଇଣ୍ଟରଲକିଂରେ ପରିବର୍ତ୍ତନ ସହିତ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ (ଓଏଫ୍‌ସି ଆଧାରିତ) ସମେତ ଅଟୋ ସିଗ୍‌ନାଲିଂର ବ୍ୟବସ୍ଥା କରିବା ଏବଂ ଚମ୍ପା - ସକ୍ତି ସେକ୍ସନରେ ନୂଆ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ, ଏମ୍‌ଏସ୍‌ଡିଏସି ଏବଂ ଆଇପିଏସ୍ ଇତ୍ୟାଦିର ଯୋଗାଣ, ସ୍ଥାପନ, ପରୀକ୍ଷଣ, କମିଶନିଂ, ସମସ୍ତ ଆଭ୍ୟନ୍ତରୀଣ ଏବଂ ବାହ୍ୟ କାର୍ଯ୍ୟ ନିର୍ବାହ ଓ କୁଡ଼ିଆ ଇତ୍ୟାଦିର ନିର୍ମାଣ ଓ ବିଦ୍ୟୁତୀକରଣ। **ଟେଣ୍ଡର ମୂଲ୍ୟ:** ₹୩୯,୩୧,୬୦,୬୨୩.୫୦ (₹ ଅଣଚାଳିଶ କୋଟି ଏକତିରିଶ ଲକ୍ଷ ଷାଠିଏ ହଜାର ଛଅଶହ ତେଇଶ ଟଙ୍କା ପଚାଶ ପଇସା ମାତ୍ର)। **ବିଡ୍ ଅମାନତ (ଅଗ୍ରିମ ଟଙ୍କା):** ₹୨୧,୧୫,୮୦୦ (₹ ଏକୋଇଶ ଲକ୍ଷ ପନ୍ଦର ହଜାର ଆଠଶହ ଟଙ୍କା ମାତ୍ର)। **ଟେଣ୍ଡର ସମାପ୍ତି:** ତା୧୦।୦୪।୨୦୨୪ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ।
ଅଧିକ ବିବରଣୀ/ଟେଣ୍ଡର କାଗଜପତ୍ର କ୍ରୟ, ଯୋଗ୍ୟତା ମାନଦଣ୍ଡ ଏବଂ "ଇ" ଟେଣ୍ଡର ଦସ୍ତାବିଜର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ଆମର ୱେବ୍‌ସାଇଟ୍: https://www.ireps.gov.in ପରିଦର୍ଶନ କରନ୍ତୁ।
ଡେପୁଟି ସିଏସ୍‌ଟିଇ (ପ୍ରୋଜେକ୍ଟ)/ସାଇଡିଂ । ବିଳାସପୁର
CPR/10/478
South East Central Railway @secrail

## ସଂକ୍ଷେପରେ

### ବଜ୍ରପାତରେ ଯୁବକ ମୃତ

ନୂଆପଡ଼ା,୧୯।୩(ମକାରୁ ବେମାଲ)

ନୂଆପଡା ସଦର ବ୍ଲକ କୋଟେନଚୂଆଁ ପଞ୍ଚାୟତ ଖାଜ୍ଜିମୁଣ୍ଡା ଗାଁରେ ମଙ୍ଗଳବାର ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଯୁବକ ଜଣକ ହେଲେ ଖାଜ୍ଜିମୁଣ୍ଡା ଗାଁର ହେମସିଂ ମାଝି (୨୯)। ସୂଚନା ମୁତାବକ ସୋମବାର ସନ୍ଧ୍ୟାରୁ ଜିଲାରେ ମେଘୁଆ ପାଗ ଦେଖା ଦେଇଥିଲା। ମଙ୍ଗଳବାର ସକାଳେ ଝିପି ଝିପି ବର୍ଷା ହୋଇଥିଲା। ସେହି ସମୟରେ ଜମିରେ ତିଆରି କରିଥିବା ଇଟାକୁ ତାରପୋଲିନରେ ଢାଙ୍କିବା ଥିବା ସମୟରେ ହଠାତ୍ ବଜ୍ରପାତ ହୋଇଥିଲା। ଯୁବକଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲେ। ଇଟା ତିଆରି କରିଥିବା ସ୍ଥାନରୁ ମୁର୍ମୁଷୁ ଅବସ୍ଥାରେ ଉଦ୍ଧାର କରିଥିଲେ ମଧ୍ୟ ତାଙ୍କର ପ୍ରାଣବାୟୁ ଚାଲି ଯାଇଥିଲା। ନୂଆପଡା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ନୂଆପଡା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

### ବାଇକ୍‌ରୁ ପଡ଼ି ୨ ଯୁବକ ଗୁରୁତର

ଲାଞ୍ଜିଗଡ଼,୧୯।୩(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଥାନା ଅନ୍ତର୍ଗତ ହରେକୃଷ୍ଣପୁର ଛକ ନିକଟରେ ମଙ୍ଗଳବାର ଅପରାହ୍ନରେ ଭାରସାମ୍ୟ ହରାଇ ବାଇକରୁ ପଡି ୨ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଲାଖବାହିଲି ପଞ୍ଚାୟତ ସୋରଗୁଡା ଗାଁର ତରୁଣୀ ବାଗ (୩୫) ଓ ପାହାଡ଼ପଦର ପଞ୍ଚାୟତ ବୋରପଦର ଗାଁର ଅକ୍ଷୟ ବିଭାର (୪୦)। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସୂଚନା ପାଇ ବେନଗାଁ ସମିତି ସଭ୍ୟା ପ୍ରତିନିଧି ଦିଲୀପ ହରିଜନ, ପଦ୍ମଥପା ଗାଁର ଗୋପୀନାଥ ବେନାଲ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ପ୍ରାଥମିକ ଚିକିତ୍ସା ପରେ ୨ଜଣଙ୍କୁ ଏକ ଆମ୍ବୁଲାନ୍ସ ଯୋଗେ ଭବାନୀପାଟଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନନ୍ତର କରାଯାଇଥିବା ଜଣାପଡିଛି। ସୂଚନା ମୁତାବକ ଅପରାହ୍ନରେ ଲାଞ୍ଜିଗଡ଼ ବ୍ଲକ ଲାଖବାହିଲି ପଞ୍ଚାୟତ ସୋରଗୁଡା ଗାଁର ତରୁଣୀ ଓ ପାହାଡ଼ପଦର ପଞ୍ଚାୟତ ବୋରପଦର ଗାଁର ଅକ୍ଷୟ ଏକ ବାଇକରେ ଲାଞ୍ଜିଗଡ଼ ପଟୁ ଅମ୍ବାଦଳା ରେଳଷ୍ଟେଶନକୁ ଯାଉଥିଲେ। ହରେକୃଷ୍ଣପୁର ଛକ ନିକଟରେ ଭାରସାମ୍ୟ ହରାଇ ବାଇକରୁ ପଡିଯାଇଥିଲେ। ଉଭୟଙ୍କ ନିଜ ସମ୍ପର୍କୀୟ ଜଣେ ଅସୁସ୍ଥ ହୋଇ ରାୟପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଅମ୍ବାଦଳା ରେଳ ଷ୍ଟେଶନରୁ ରାୟପୁର ଯିବା ପାଇଁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ୨ ଗୁରୁତର ମଧ୍ୟରୁ ଅକ୍ଷୟଙ୍କ ଗୋଡ଼ ଭାଙ୍ଗି ଯାଇଥିବା ଡାକ୍ତରଙ୍କ ସୂତ୍ରରୁ ଜଣାପଡ଼ିଛି।

### ଆଚରଣବିଧି ଲାଗୁ: ଚିରାଗଲା ନେତାଙ୍କ ହୋର୍ଡ଼ିଂ



ଥୁଆମୂଳ ରାମପୁର,୧୯।୩(ଦୁର୍ଗା କୀର୍ତ୍ତି)

ସାଧାରଣ ନିର୍ବାଚନ ୨୦୨୪ ନେଇ ତାରିଖ ଘୋଷଣା ପରେ ଆଚରଣ ବିଧି ଲାଗୁ ହୋଇଛି। ଏହା ହେବା ପରେ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର ବିଭିନ୍ନ ସ୍ଥାନ ଏବଂ ୨୪ଟି ଗ୍ରାମପଞ୍ଚାୟତରେ ଲାଗିଥିବା କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ହୋର୍ଡିଂକୁ ଚିରିବା ଏବଂ ଢାକିବାରେ ବ୍ୟସ୍ତ ବ୍ଲକ ପ୍ରଶାସନ। ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ବ୍ଲକର କିଛି କର୍ମଚାରୀ ବ୍ଲକର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଲାଗିଥିବା ବିଜ୍ଞାପନଗୁଡ଼ିକୁ ହଟାଇବାରେ ଲାଗିପଡିଛନ୍ତ। ବ୍ଲକର ୨୪ଟି ଗ୍ରାମପଞ୍ଚାୟତରେ ଲାଗିଥିବା ବ୍ୟାନର ସବୁ ଚିରିଥିବା ଦେଖାଇଯାଇଛି। କିଛି ସ୍ଥାନରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟାନର ଉପରେ ରଙ୍ଗ ବୋଳାଇଥିବା ମଧ୍ୟ ଦେଖିବାକୁ ମିଳିଛି।

# ଟାଙ୍ଗରା ଭୂଇଁରେ ସୁନା ଫଳାଉଛନ୍ତି ଆଦିମ ଜନଜାତି

ନୂଆପଡ଼ା,୧୯।୩(ମକାରୁ ବେମାଲ)



ଆଳୁ ଅମଳ କରୁଛନ୍ତି

ଓଡିଶା ଭୌଗଳିକ ମାନଚିତ୍ରରେ ମାଓବାଦୀଗଡ ଭାବେ ପରିଚିତ ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ନୂଆପଡ଼ା ଜିଲା ସୁନାବେଡା ଅଞ୍ଚଳ ଦିନେ ଟାଙ୍ଗରା ଭୂଇଁରେ ପରିଣତ ହୋଇଥିଲା। ବର୍ତ୍ତମାନ ଆଦିମ ଜନଜାତି ସମ୍ପ୍ରଦାୟ ତଥା ଅନ୍ୟାନ୍ୟ ବର୍ଗର ଲୋକେ ସେଠାରେ ଆଳୁ, ଷ୍ଟ୍ରବେରି, ରସୁଣ, ପିଆଜ, ଅଦା, ପନିପରିବା ସହ ଧାନ, ବିରି, ମୁଗ ଓ ଦୁଇ ଫସଲିଆ ମାଣ୍ଡିଆ ଚାଷ କରି ସୁନା ଫଳାଉଛନ୍ତି। ଏଥିସହ ବେଶ ଦୁଇ ପଇସା ରୋଜଗାର କରି ହସଖୁସିରେ ଚଳୁଛନ୍ତି। ଚକୋଟିଆ ଭୁଞ୍ଜିଆ ଉନ୍ନୟନ ଅଧିକାରୀ ହିମାଂଶୁ ଶେଖର ମହାପାତ୍ରଙ୍କ ତ୍ୱତାବଧାନରେ ଚକୋଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା ସୁନାବେଡା ସହାୟତାରେ ଓଡିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ କାର୍ଯ୍ୟକ୍ରମ ମାଧ୍ୟମରେ ସୁନାବେଡା ଅଭୟାରଣ୍ୟ ଭିତରେ ବାସ କରୁଥିବା ଆଦିମ ଜନଜାତି ଓ ଅନ୍ୟାନ୍ୟ ବର୍ଗର ଲୋକଙ୍କୁ ସଶକ୍ତ କରିବା ପାଇଁ ବିଭିନ୍ନ ପ୍ରକାର ବିହନ ଯୋଗାଇ ଦେଉଛନ୍ତି। ଚଳିତ ରବି ଋତୁରେ ୧୯ଟି ଗାଁର ୧୬୫ ଜଣ ଚାଷୀଙ୍କୁ ଆଳୁ ବିହନ ଯୋଗାଇ ଦିଆଯାଇଥିଲା। ଲୋକେ ଚାଷ କରି ବେଶ ଉପକୃତ ହୋଇଛନ୍ତି। ପରୀକ୍ଷା ମୂଳକ ଭାବେ ପ୍ରଥମ କରି ୧୬୫ଜଣ ଚାଷୀ ୮୨.୫ ଏକର ବା ୩୩ ହେକ୍ଟର ଜମିରେ ଆଳୁ ଚାଷ କରିଥିଲେ। ଜଣେ ଚାଷୀଙ୍କୁ ଅଧା ଏକର ହିସାବରେ ୩ କୁଇଣ୍ଟାଲ ଆଳୁ ବିହନ ଦିଆଯାଇଥିଲା। ସେହି ବିହନକୁ ଅଧା ଏକର ଜମିରେ ଚାଷ କରି ୨୫ ରୁ ୩୦ କୁଇଣ୍ଟାଲ ପର୍ଯ୍ୟନ୍ତ ଉତ୍ପାଦନ କରିଛନ୍ତି। ନଭେମ୍ବରରେ ଆଳୁ ଚାଷ କରି ଫେବୃଆରୀ ଶେଷ ଭାଗକୁ ଅମଳ ହୋଇଯାଇଛି। ୯୦ରୁ ଶହେ ଦିନ ଦିନ ଭିତରେ ଆଳୁ ଅମଳ ହୋଇଥାଏ। ଶିତଳ ଭଣ୍ଡାର ବ୍ୟାବସ୍ଥା ହୋଇ ନ ଥିବାରୁ ଚାଷୀ ଖୋଲା ବଜାରରେ ୧୫ ରୁ ୨୦ ଟଙ୍କାରେ ବିକ୍ରୟ କରୁଛନ୍ତି। ୭ ରୁ ୧୦ଜଣ ଚାଷୀଙ୍କୁ ନେଇ ଗୋଟିଏ କ୍ଲଷ୍ଟର କରି ସୋଲାର ଚାଳିତ ବୋରୱେଲରେ ମିଶି ଚାଷ କରିବେ। ଏହି ପ୍ରକାରେ ୧୫ରୁ ଉର୍ଦ୍ଧ୍ୱ କ୍ଲଷ୍ଟର ହୋଇସାରିଲାଣି। ଆଗକୁ ଆଉ କ୍ଲଷ୍ଟର ହେବାକୁ ଯାଉଛି। ଚଳିତ ରବିରେ ଆଳୁ ଚାଷ କରି ଚାଷୀ ଉପକୃତ ହୋଇଥିବାରୁ ଆସନ୍ତା ଥର ୫ ଶହ ଚାଷୀଙ୍କୁ ଆଳୁ ବିହନ ଦେବା ବ୍ୟବସ୍ଥା କରାଯିବ ବୋଲି କନିଷ୍ଠ କୃଷି ଅଧିକାରୀ ସିଦ୍ଧାର୍ଥ କୁମାର ସାହୁ କହିଛନ୍ତି। ପୂର୍ବରୁ ଷ୍ଟ୍ରବେରି ଚାଷ କରି ସୁନାବେଡା ଅଞ୍ଚଳର ଅଧିକ ଚାଷୀ ଉପକୃତ ହୋଇଛନ୍ତି। ସୁନାବେଡା ଷ୍ଟ୍ରବେରୀ ଚର୍ଚ୍ଚାର ବିଷୟ ହୋଇଛି। ବର୍ତ୍ତମାନ ମଧ୍ୟ ବାହାର ରାଜ୍ୟରେ ଚାହିଦା ରହିଛି। ପ୍ରତି ଦିନ ୨ରୁ ୩ କୁଇଣ୍ଟାଲ ଷ୍ଟ୍ରବେରୀ ବାହାର ରାଜ୍ୟକୁ ଯାଉଛି। ଷ୍ଟ୍ରବରୀ ପାଇଁ ସୁନାବେଡା ପ୍ରସିଦ୍ଧି ଲାଭ କରିଛି। ଚାଷ ସମ୍ବନ୍ଧରେ କୃଷି ଅଧିକାରୀ ଜଗଦୀଶ ସାହୁ, ଦଳ ମୁଖ୍ୟ ଶିବରାମ ସ୍ୱାଇଁ ଚାଷ ଜମିକୁ ଯାଇ ତାଲିମ ଦେଉଛନ୍ତି।

**ଷ୍ଟ୍ରବେରୀ ପରେ ଆଳୁ ଚାଷ କରି ଚର୍ଚ୍ଚାରେ ସୁନାବେଡ଼ା**

## ଜାମୁଲି ଘାଟିରେ ଓଲଟିଲା ଅଟୋ

**୨ ବୃଦ୍ଧା, ଜଣେ ଶିଶୁ ସମେତ ୭ ଗୁରୁତର**

କର୍ଲାମୁଣ୍ଡା/ଏମ୍.ରାମପୁର,୧୯।୩
(ପ୍ରଦୀପ କୁମାର ସାହୁ/ଶଶିଭୂଷଣ ପ୍ରହରାଜ)

କଳାହାଣ୍ଡି ଜିଲା ଏମ୍. ରାମପୁର ବ୍ଲକ ଆଦିବାସୀ ଅଧ୍ୟୁଷିତ ତଥା ବଣପାହାଡ ଘେରା ଦେଢ଼ଶୁଳି ଗ୍ରାମପଞ୍ଚାୟତ ଜାମୁଲି ଘାଟିରେ ଅଟୋ ଓଲଟି ଦୁଇ ବୃଦ୍ଧା, ଜଣେ ଶିଶୁ ସମେତ ସାତ ଗୁରୁତର ହେଇଥିବା ଜଣାପଡିଛି। ଗୁରୁତର ଆହତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଦେଢ଼ଶୁଳି ଗ୍ରାମପଞ୍ଚାୟତ ସାରେଙ୍ଗପଦା ଗ୍ରାମର ପ୍ରାୟ ୧୫ଜଣ ତାଗାବାଜୁ ଗ୍ରାମର ଏକ ଅଟୋରେ ପଡୋଶୀ କନ୍ଧମାଳ ଜିଲା ମାସ୍କାପୋଡ଼ି ଗ୍ରାମକୁ ଏକ ବିବାହ ଭୋଜି ଖାଇବାକୁ ଯିବା ବେଳେ ଜାମୁଲି ଘାଟିରେ ଅଟୋ ଭାରସାମ୍ୟ ହରାଇ ତଳକୁ ଖସି ପଡିଥିଲା। ତୁରନ୍ତ ଆହତମାନଙ୍କୁ ମୋହନଗିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୁରୁତର ଆହତମାନଙ୍କୁ ଏମ୍. ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସମସ୍ତ ଗୁରୁତର ସାରଙ୍ଗପଡାର ସୁରନ୍ତ ମାଝି (୪), ବାଦୁଲି ହରିଜନ (୬୦), ବକେଲ ମାଝି (୬୦), କରାଲି ମାଝି (୩୦), ନିଲାନ୍ଦ୍ରୀ ହରିଜନ (୨୮), ସୋମାଲି ମାଝି (୨୮), ମିଖାଲ ହରିଜନ (୧୮)। ସୂଚନାଯୋଗ୍ୟ, ଯେ ଘାଟି ଅଞ୍ଚଳଗୁଡିକରେ କ୍ଷମତାଠାରୁ ଅଧିକ ସଂଖ୍ୟକ ଲୋକଙ୍କୁ ଧରି ଅଟୋଗୁଡ଼ିକ ଯାତ୍ରା କରୁଥିବାରୁ ଏଭଳି ଦୁର୍ଘଟଣା ଦିନକୁ ଦିନ ବୃଦ୍ଧି ପାଉଛି।



ଆହତମାନଙ୍କୁ ମ.ରାମପୁର ଡାକ୍ତରଖାନାରେ ଚିକିତ୍ସା କରାଯାଉଛି।

## ଭାଜପାର ନିର୍ବାଚନ ପ୍ରସ୍ତୁତି ବୈଠକ, ମିଶ୍ରଣ ପର୍ବ



ଭାଜପାର ନିର୍ବାଚନ ପ୍ରସ୍ତୁତି ବୈଠକ।

ଭବାନୀପାଟଣା,୧୯।୩(ଉତ୍ତମ କୁମାର ଦାଶ)

**ସାଧାରଣ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ**

କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ଭାଜପାର ନିର୍ବାଚନ ପ୍ରସ୍ତୁତି ବୈଠକ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ପୂର୍ବତନ ଏମପି ଅର୍କକେଶରୀ ଦେଓ, ପୂର୍ବତନ ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦୀପ ଜ୍ୟୋତି ମୁଣ୍ଡ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ନମିତା ରାଣି ସାହୁ, ଜିଲା ସାଧାରଣ ସମ୍ପାଦକ ଯୁଗଳ କିଶୋର ପୋଦ୍ଦ, କଳାହାଣ୍ଡି ଲୋକ ସଭା ସଂଯୋଜକ ଶିବ ପ୍ରସାଦ ମୁଣ୍ଡ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭବେନ୍ଦ୍ର ପଣ୍ଡା, ରମେଶ ମାଝି, ମନୋଜ ମେହେର, ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲ, ଜିଲା କୋଷାଧ୍ୟକ୍ଷ ପ୍ରମୋଦ ଜୈନ୍ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଆଗାମୀ ସାଧାରଣ ନିର୍ବାଚନ ପାଇଁ ବିଭିନ୍ନ ରଣନିତୀ ପ୍ରସ୍ତୁତ କରାଯାଇଥିଲା। ସେହିପରି ମୋଦି ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚାଇବା ସହ ୪ ଶହ ପାରା ନାରାକୁ ସଫଳ କରିବା ପାଇଁ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦିଆଯାଇଥିଲା। ପରେ ବିଜେଡିରୁ ଆସିଥିବା ପୂର୍ବତନ ବିଧାୟକ ଅନାମ ନାଏକ ଓ କଂଗ୍ରେସରୁ ଆସିଥିବା ରବୀନ୍ଦ୍ର ପାଢୋଷୀଙ୍କୁ ଦଳ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଜିଲା ସାଧାରଣ ସମ୍ପାଦକ ଜୟଶଙ୍କର ନାଏକ ମଞ୍ଚ ପରିଚାଳନା କରିଥିଲେ। ଜିଲା ଉପସଭାପତି ମୁକେଶ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।

## ୧୬ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଖଡ଼ିଆଳ,୧୯।୩(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଲୋହରାପାଲି ଗ୍ରାମଠାରେ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଚାଲିଥିବା ୧୬ ପ୍ରହର ନାମଯଜ୍ଞ ମଙ୍ଗଳବାର ପୂର୍ଣାହୁତି ହୋଇଯାଇଛି। ୧୬ ତାରିଖ କଳସ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଶତାଧିକ ମହିଳା କଳସ ଯାତ୍ରାରେ ସାମିଲ ହୋଇଥିଲେ। କର୍ତ୍ତା ଭାବେ ପର୍ଶୁରାମ ନାଏକ ଓ ଧନମତି ନାଏକ ସମ୍ପାଦନ କରିଥିବା ବେଳେ ୮ଟି ଦଳ ଯୋଗଦାନ କରିଥିଲେ। ବଲାଙ୍ଗୀର ଜିଲା ସୋଲବନ୍ଧର ଗୁରୁ ଓମ ପ୍ରକାଶ ତ୍ରିପାଠୀ, ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡିର ଗୁରୁ ଅଚୁତାନନ୍ଦ ଶତପଥୀ, ଖଡ଼ିଆଳ ବ୍ଲକ ଲୋହରାପାଲି ଗ୍ରାମର ଗୁରୁ ଗୁରେଖ ନାଏକ, ଖଡ଼ିଆଳ ବ୍ଲକ ନେହେନା ଗ୍ରାମର ଅରୁଣ ଗହୀର, ଖଡ଼ିଆଳ ବ୍ଲକ ଭିମାପଦରର ଗୁରୁ ବୈଦୁର୍ଯ୍ୟ ମାଝି, ବଲାଙ୍ଗୀର ଜୋରାବନ୍ଧର ଗୁରୁ ରାସବିହାରୀ ଘିଭେଲା, ଛତିଶଗଡ଼ ଗୁଡ଼ଭେଳି ଗରିଆବନ୍ଧର ଗୁରୁ ଅର୍ଜୁନ ବାଗ, ସିନାପାଲି ବ୍ଲକ ଚଳନା ଗ୍ରାମର ଗୁରୁ ଅଶୋକ କୁମାର ନାଏକ, ବୋଡ଼େନ ବ୍ଲକ ବୁଢ଼ୀପଦର ଗ୍ରାମର କ୍ଷୀରୋଦ କୁମାର ସାହାଙ୍କ ବାଦ୍ୟରେ ଦର୍ଶକ ଝୁମୀ ଉଠିଥିଲେ । ଷୋହଳ ପ୍ରହର ନାମଯଜ୍ଞ କମିଟି ସଭାପତି ଲୋକନାଥ ବେହେରା, ସମ୍ପାଦକ କ୍ଷୀତିଶ ନାଏକ, କୋଷାଧ୍ୟକ୍ଷ ପୃଥିରାଜ ମହାରଥାଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ଆର୍‌ଡବ୍ଲ୍ୟୁଏସଏସ, ଠିକାଦାରଙ୍କ ଦୌରାତ୍ମ୍ୟ ବସ୍ତିବାସିନ୍ଦା ହନ୍ତସନ୍ତ

ନର୍ଲା/ଛତିକୁଡ଼ା,୧୯।୩(ସନ୍ତୋଷ ପାତ୍ର/ ଦିପକ ସାହୁ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଞ୍ଚଳରେ ଗତ ଛମାସ ଧରି ରାସ୍ତା ପ୍ରଶସ୍ତିକରଣ ନାଁରେ ପରିମଳ ବିଭାଗର ଠିକାଦାର ପାନୀୟ ଜଳ ଯୋଗାଣ ପାଇପ ପୁରୁଣା ହଟାଇ ନୂଆଁ ପାଇପ ଦେବା ବ୍ୟବସ୍ଥା ଥିବାବେଳେ ସମ୍ପୃକ୍ତ ଠିକାଦାର ପାଇପ ଲାଇନ ଏଣେ ତେଣେ ଖୋଲିଦେଇ ଫିଙ୍ଗା ଫୋପଡ଼ା କରିଛନ୍ତି। ଫଳରେ ବସ୍ତି ମଧ୍ୟରେ ବଡ଼ବଡ଼ ଖାଲ ସୃଷ୍ଟି ହୋଇ ପୁରୁଣା ପାଇପମାନ ସଂଯୋଗ କରିଥିବାରୁ ପାଣି ଲିକ୍ ହେଉଛି। ବିଭିନ୍ନ କାର୍ଯ୍ୟାଳୟ ଏବଂ ବ୍ୟକ୍ତିଗତ ଘର ସାମ୍ନା, ରାସ୍ତାରେ ପାଣି ଜମି ରହିଥିବା ଏବଂ ଖାଲଢିପ ଯୋଗୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇ ଥିବା ଅଭିଯୋଗ ହୋଇଛି। ଏଭଳି କି ମଙ୍ଗଳବାର ଅପରାହ୍ନ ପ୍ରାୟ ୫ଟାରେ ବିଦ୍ୟୁତ୍ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟକୁ ଟ୍ରାନ୍ସଫର୍ମର ବୋଝେଇ ହୋଇଆସୁଥିବା ଏକ ପିକଅପ୍ ଭ୍ୟାନ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛି। ଠିକାଦାର ଜଣକ ଛମାସରୁ ଅଧିକ ସମୟ ଧରି ମନ୍ଥର ଗତିରେ କାମ କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ନିର୍ବାଚନ ପାଇଁ ପୋଲିଂ ଅଧିକାରୀଙ୍କ ତାଲିମ



କେସିଙ୍ଗା ମହାବିଦ୍ୟାଳୟରେ ଅନୁଷ୍ଠିତ ନିର୍ବାଚନ ତାଲିମ ଶିବିର।

କେସିଙ୍ଗା,୧୯।୩(ତୁମେଶ୍ୱର ସାହୁ)

ନିର୍ବାଚନ ତାରିଖ ଘୋଷଣା ହେବା ପରେ ପ୍ରଶାସନିକସ୍ତରରେ ଜୋର୍‌ସୋରରେ ପ୍ରସ୍ତୁତି କରାଯାଉଛି। ଏହିକ୍ରମରେ ମଙ୍ଗଳବାର କଳାହାଣ୍ଡି ଜିଲା କେସିଙ୍ଗା ମହାବିଦ୍ୟାଳୟ ସଭା ଗୃହରେ ନିର୍ବାଚନ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାଲିମ ଶିବିରରେ ୪୫୦ଜଣଙ୍କୁ ତାଲିମ ଦେବା ବ୍ୟବସ୍ଥା କରାଯାଇଛି। ସେଥି ମଧ୍ୟରୁ ୧୪୭ଜଣଙ୍କୁ ଟ୍ରେନିଂ ଦିଆଯାଇ ଥିବାବେଳେ ବାକି ଦୁଇ ଦିନରେ ସମ୍ପୂର୍ଣ୍ଣ ହେବ। ତାଲିମ ଶିବିରରେ ତହସିଲଦାର ପ୍ରଶାନ୍ତି ପ୍ରଧାନ, ବିଡିଓ ପଦ୍ମନାଭ ପୁରୋହିତ, ଏବିଡିଓ ସିଦ୍ଧେଶ୍ୱର ମେହେର, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦ, ନିର୍ବାହୀ ଅଧିକାରୀ ଲମ୍ବୋଦର ଶିଖାଙ୍କ ସମେତ ସମସ୍ତ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ଖଡ଼ିଆଳ,୧୯।୩(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ଚନାବେଡା ପଞ୍ଚାୟତ ଡ଼ମଝର ନିକଟ ବୋଲାଣି ରାସ୍ତାରେ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ହେଲେ ଚନାବେଡା ଗ୍ରାମର ଶ୍ରୀପତି ବେହେରା(୧୮)। ସୂଚନା ଅନୁଯାଇ ଗ୍ରାମରେ ଏକ ବିବାହ କାର୍ଯ୍ୟ ଚାଲୁଥିବା ବେଳେ ନିଜ ସମ୍ପର୍କୀୟ ଯୁବକଙ୍କୁ ଡ଼ମଝର ଗ୍ରାମକୁ ଛାଡିବାକୁ ଯାଇ ଘରକୁ ଫେରୁଥିଲେ। ଏହି ସମୟରେ ଡ଼ମଝର ପାଖରେ ଥିବା ବୋଲାଣି ରାସ୍ତାରେ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଥିଲେ। ସୂଚନା ପାଇବା ପରେ ଖଡ଼ିଆଳ ଏବଂ ବୋଡ଼େନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିବା ଜଣାପଡିଛି। ଏ ନେଇ ବୋଡ଼େନ ଥାନାରେ ଏକ ମାମାଲା ରୁଜୁ ହୋଇଥିବା ଥାନା ଅଧିକାରୀ ଗୋବର୍ଦ୍ଧନ ମାଝି ପ୍ରକାଶ କରିଛନ୍ତି।

## ପୁରୁଣାପଡ଼ା ମା'ତାରିଣୀ ମନ୍ଦିର ପ୍ରଥମ ବାର୍ଷିକ ଉତ୍ସବ

ଭବାନୀପାଟଣା,୧୯।୩(ଉତ୍ତମ କୁମାର ଦାଶ)

କଳାହାଣ୍ଡିଜିଲା ଭବାନୀପାଟଣା ପୁରୁଣାପଡ଼ା ମା'ତାରଣୀ ମନ୍ଦିର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଉଛି। ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ସୋମବାର ପ୍ରଥମ ଦିବସରେ କଳସ ଯାତ୍ରା ହୋଇଥିଲା। ଏଥିରେ ଶତାଧିକ ମହିଳା ପୁରୁଷ ସାମିଲ ହୋଇଥିଲେ। ମଙ୍ଗଳବାର ଦ୍ୱିତୀୟ ଦିବସରେ ଅଷ୍ଟପ୍ରହର ନାମଯଜ୍ଞ ତଥା ମା'ଙ୍କ ମନ୍ଦିରରେ ହୋମ ଯଜ୍ଞ ପୂଜାର୍ଚ୍ଚନା କରାଯାଇଥିଲା। ବୁଧବାର ନଗର କୀର୍ତ୍ତନ ଅନୁଷ୍ଠିତ ହେବ। ଏଥିରେ କର୍ତ୍ତା ଭାବେ ସଞ୍ଜୀବ ପ୍ରଧାନ, ମଧୁସ୍ମିତା ପ୍ରଧାନ କାର୍ଯ୍ୟ ତୁଲାଉଛନ୍ତି। ମା'ତାରଣୀ ମନ୍ଦିର ବାର୍ଷିକ ଉତ୍ସବରେ ସହର ତଥା ଆଖପାଖ ଅଞ୍ଚଳର ହଜାର ହଜାର ଭକ୍ତ ଯୋଗଦେଇଥିଲେ। ମା' ତାରଣୀ ମନ୍ଦିର ପରିଚାଳନା କମିଟି ସଭାପତି ଜୋନ୍ସ ମହାରଣା, ସମ୍ପାଦକ ରୋହିଣୀ କାନ୍ତ ଚଲାନ, କୋଷାଧ୍ୟକ୍ଷ ପ୍ରସନ୍ନ ମହାରଣା, ଯୁଗ୍ମ ସମ୍ପାଦକ ଭାବଗ୍ରାହୀ ମହାରଣା, କମିଟି ସଦସ୍ୟ ରାଧେଶ୍ୟାମ ବେହେରା, ଦେବରାଜ ପ୍ରଧାନ, ସୁବାସ ପ୍ରଧାନ, ମନମୋହନ ପ୍ରଧାନ ସମେତ କମିଟିର ସମସ୍ତ ସଦସ୍ୟ ସତ୍ୟନାରାୟଣ ପାଠାଗାରର ସଦସ୍ୟ ଓ ଯୁବକମାନେ ସହଯୋଗ କରିଥିଲେ।



ବାର୍ଷିକ ଉତ୍ସବ ଉପଲକ୍ଷେ ମା'ଙ୍କ କଳସ ଯାତ୍ରା।

# ୨ଟି ଆସନରେ ବିଜୟୀ ହୋଇ ଦେଖାଇବୁ

ନୂଆପଡ଼ା,୧୯।୩(ମକାରୁ ବେମାଲ)




ଖବରଦାତା ସମ୍ମିଳନୀରେ ବିଜେଡି ନେତୃମଣ୍ଡଳୀ ସୂଚନା ଦେଉଛନ୍ତି।

**ବିଜେଡି ପକ୍ଷରୁ ଖବରଦାତା ସମ୍ମିଳନୀ**

ରାଜେନ୍ଦ୍ର ଢୋଲକିଆ ବିଧାୟକରୁ ମନ୍ତ୍ରୀ ହେବା ପରେ ଜିଲାର ଶତପ୍ରତିଶତ ବିକାଶ ହୋଇଛି। ବିକାଶ ଧାରାକୁ ଦେଖି ଲୋକେ ଇର୍ଷାରେ ଜଳୁଛନ୍ତି ଓ ବିଭିନ୍ନ ମିଥ୍ୟା ଆରୋପ ଆଣୁଛନ୍ତି। ଆସନ୍ତା ୨୨ରେ ଖରିଆର ରୋଡ ଶିବ ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ବାହାରି ନୂଆପଡା ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ଢୋଲକିଆଙ୍କ ଉପକାରିତା ବିଷୟରେ ଦଳ ସୁପ୍ରିମୋଙ୍କୁ ଜଣାଇବୁ ବୋଲି ନୂଆପଡା ଜିଲା ଖରିଆର ରୋଡ ସାହୁ ସମାଜ ଭବନଠାରେ ମଙ୍ଗଳବାର ବିଜୁ ଜନତା ଦଳ ନୂଆପଡା ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ବିଜେଡି ରାଜ୍ୟ ସମ୍ପାଦକ ରାଜେଶ ନିଗମ ସୂଚନା ଦେଇଛନ୍ତି। ରାଜେନ୍ଦ୍ର ଢୋଲକିଆ ଜଣେ ସମାଜସେବୀ ସେବା କାର୍ଯ୍ୟରେ ସବୁବେଳେ ତାଙ୍କର ମନ ରହିଥାଏ। ତାଙ୍କର ସେବା କାର୍ଯ୍ୟ ଦେଖି ଲୋକଙ୍କ ବିଶ୍ୱାସ ଜାଗ୍ରତ ହୋଇ ନିର୍ବାଚନରେ ବିଧାୟକ ଭାବେ ବିଜୟ କଲେ। ସେ ସବୁବେଳେ ଲୋକଙ୍କ ହିତ କାର୍ଯ୍ୟ କରିଥାନ୍ତି। କେବେ ହେଲେ କାହାର ଅମଙ୍ଗଳ କାମନା କରନ୍ତି ନାହିଁ। ଢୋଲକିଆଙ୍କ ବିରୋଧରେ ଦୁର୍ନୀତି, ପିସି କାରବାର, ଦଳୀୟ କର୍ମୀଙ୍କୁ ଅଣଦେଖା ଯେଉଁ ସବୁ ଆରୋପ ଆସିଛି। ଏସବୁ ମନଗଢା ଓ ମିଥ୍ୟା ଅଟେ। ଯେଉଁମାନେ ବିରୋଧ କରୁଛନ୍ତି ସେମାନେ ଜଣେ ଜଣେ ଆଶାୟୀ ପ୍ରାର୍ଥୀ, ଟିକେଟ ପାଇଁ ସତଚେଷ୍ଟା କରିଥିଲେ। ଟିକେଟ ନ ମିଳିବାରୁ ଗୋଟିଏ ପରେ ଗୋଟିଏ ମିଥ୍ୟା ଆରୋପ କରି ଚାଲିଛନ୍ତି। ବିଜେଡି ଗୋଟିଏ ନିରପେକ୍ଷ ଦଳ ଆମେ ସମସ୍ତେ ଗୋଟିଏ ପରିବାର। ଦଳ ସଭାପତି ଯାହାକୁ ଟିକେଟ ଦେବେ ଆମେ ସ୍ୱୀକାର କରି ନୂଆପଡା ଓ ଖଡିଆଳ ନିର୍ବାଚନ ମଣ୍ଡଳୀରେ ବିଜୟୀ ହୋଇ ଦେଖାଇ ଦେବୁ ବୋଲି ରାଜ୍ୟ ସମ୍ପାଦକ ନିଗମ କହିଛନ୍ତି। ବିଜେଡି ରାଜ୍ୟ ସମ୍ପାଦକ ନିଗମଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ନୂଆପଡା ଭଗତରାମ ମାଝି, ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଉପାଧ୍ୟକ୍ଷ ଦିଲୀପ ନିର୍ମଳକର, ଜୟଦେବ ପ୍ରଧାନ, ଜିଲା ପରିଷଦ ଅବନି ରଞ୍ଜନ ଯୋଶୀ, ଉମା ଠାକୁର, ମୁରଲିଧର ଭୋଇ, କ୍ଷମା ସିଂ ନିଆଲ, ରମାକାନ୍ତ ଠାକୁର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ସମୟରେ ଧନିରାମ ସାହୁ, ରବି ବାଗ, ମହିଳା ନେତ୍ରୀ ସରସ୍ୱତି ବାଗ, ମନୋଜ ଦୀପ, ଟିଟୁ ପାଣ୍ଡେ, ଅମିତ ସିଂଦେଓ, ଗୋଲି ତିୱାରୀ, ନମିତ ସିଂ, ପ୍ରମୋଦ ସାହୁ ପ୍ରମୁଖ ଓ ଶତାଧିକ ମହିଳା, ପୁରୁଷ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

**ବାଉଁଶୁଣୀ, ୧୯।୩(ଦେବାଶିଷ ନେପାକ)**

ମଙ୍ଗଳବାର ସନ୍ଧ୍ୟା ୫ ଘଣ୍ଟା ସମୟରେ ବୌଦ୍ଧ ବ୍ଲକ ଗୋଛାପଡା ଗ୍ରାମ ପଞ୍ଚାୟତ ଅଁଳାଝୁଲି ଗ୍ରାମର ସ୍କୁଲ ଜମି ଜବରଦଖଲ କରି ହେଉଥିବା ବାସଗୃହ ନିର୍ମାଣକୁ ଉଚ୍ଛେଦ ଦାବିରେ ଗ୍ରାମବାସୀ ମଙ୍ଗଳବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଅଁଳାଝୁଲି ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟ ଜମି ଗଣଶିକ୍ଷା ବିଭାଗ ନାମରେ ରେକର୍ଡ ରହିଛି । ମାତ୍ର ଗ୍ରାମର ଜଣେ ବ୍ୟକ୍ତି ସେଠାରେ ବେଆଇନ ଭାବେ ବାସଗୃହ ନିର୍ମାଣ କରିବା ସହ ପରିସରରେ ଲାଗିଥିବା ଗଛଗୁଡ଼ିକୁ କାଟି ଦେଇଥିବା ଅଭିଯୋଗ କରିଛନ୍ତି । ଏ ନେଇ ଗ୍ରାମବାସୀ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ରଙ୍କୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିବା ସୂଚନା ମିଳିଛି ।

### ସାପ୍ତାହିକ ଭାଗବତ ପାରାୟଣ

**ବାଉଁଶୁଣୀ, ୧୯।୩(ଦେବାଶିଷ ନେପାକ)**

ବୌଦ୍ଧ ଜିଲା ସଦର ବ୍ଲକ ବହିରାଠାରେ ସାପ୍ତାହିକ ଭାଗବତ ପାରାୟଣ ଓ କଂସ ଦରବାର ଉପଲକ୍ଷେ ମଙ୍ଗଳବାର ପୂର୍ବାହ୍ନରେ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ସାଂସ୍କୃତିକ ଦଳ ସହିତ କୀର୍ତ୍ତନ୍ୟ ମଣ୍ଡଳୀ ଯୋଗ ଦେଇଥିଲେ । ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ବହିରା ସରପଞ୍ଚ ଯଯାତି କେଶରୀ ମହାଲିକ, ପୂର୍ବ ବ୍ଲକ ଅଧ୍ୟକ୍ଷ ପୟୋଧର ମହାକୁଳ, କଂସ ଦରବାର ଆୟୋଜକ ଆଞ୍ଚଳିକ ସାଂସ୍କୃତିକ ପରିଷଦ ସଭାପତି ସୁଶାନ୍ତ ବାଘ, ସଂପାଦକ ଶ୍ରୀତମ ଡାଙ୍ଗଙ୍କ ସମେତ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାଲା ଗାୟକ କୃଷ୍ଣଚନ୍ଦ୍ର ମିଶ୍ର, ନବଘନ ନାଏକ, ରଞ୍ଜିତ ରଣା, ପ୍ରକାଶ ସାହୁ, ଧୋବାଇ ମହାଲିକ, ଦୁଃଖୁ ସାହୁ, ନିରଞ୍ଜନ ଦାଶ, ସୁଜିତ ସାହୁ, ଭାଗରଥୀ ଭୁକ୍ତା, ନରେନ୍ଦ୍ର ମହାକୁଳଙ୍କ ସମେତ ଶତାଧିକ ଭକ୍ତ ଉପସ୍ଥିତ ଥିଲେ । ସଂଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ୨୧ ତାରିଖ ଠାରୁ କଂସ ଦରବାର ଅନୁଷ୍ଠିତ ହେବ ।

### ଶ୍ରୀମଦ ଭଗବଦ୍ ଗୀତା ଓଡିଆ ଅନୁବାଦ ଲୋକାର୍ପିତ

**ଅମରପାଲି, ୧୯।୩(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନ୍ଦୁପାଲିଠାରେ ଅଞ୍ଚଳର ବରିଷ୍ଠ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ପାଢୀଙ୍କ ଦ୍ୱାରା ଅନୁବାଦିତ ଶ୍ରୀମଦ ଭଗବଦ୍ ଗୀତା ଓଡ଼ିଆ ପଦ୍ୟାନୁବାଦ ଓ ଶଙ୍କା ବିମୋଚାନୀ ଟିକା ଉନ୍ମୋଚିତ ହୋଇଯାଇଛି । କେନ୍ଦୁପାଲି ଠାରେ ଚାଲିଥିବା ପ୍ରବଚନ କାର୍ଯ୍ୟକ୍ରମ ମଧ୍ୟରେ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଶିବାନନ୍ଦ ପରିବାର, ଓଡ଼ିଶାର ମୁଖ୍ୟ ସଂସ୍ଥାପକ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ (ଶ୍ରୀଧାମ, ବୃନ୍ଦାବନ) ଉକ୍ତ ଧର୍ମଗ୍ରନ୍ଥକୁ ଲୋକାର୍ପଣ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଲେଖକ କୃଷ୍ଣଚନ୍ଦ୍ର ପାଢୀଙ୍କ ସମେତ ବରିଷ୍ଠ ନାଟ୍ୟକାର ତଥା କମିଟି ସଭାପତି ତ୍ରିଲୋଚନ ମେହେର (ମନା), ଯୁଗଳ କିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ରହି ଲୋକାର୍ପଣ କରିଥିଲେ । ଉକ୍ତ ଗ୍ରନ୍ଥରେ ସ୍ୱାମୀ ସ୍ୱରୂପା ନନ୍ଦ ସରସ୍ୱତୀଙ୍କ ଅଭିମତ ରହିଥିବା ବେଳେ ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ, ଗଜପତି ମହାରାଜା ଦିବ୍ୟସିଂହ ଦେବ, ପୁରୀ ରାମଜୀ ମଠର ମଠାଧୀଶ ମହନ୍ତ ବଂଶୀଧର ଦାସ ଏବଂ ବରିଷ୍ଠ ଲେଖକ ତଥା ପୂର୍ବତନ ଏମପି ଡ. ପ୍ରସନ୍ନ ପାଟଶାଣୀଙ୍କ ବାର୍ତ୍ତା ରହିଛି । ଗ୍ରନ୍ଥରେ ମୂଳ ସଂସ୍କୃତ ଶ୍ଳୋକ ସହିତ ଉକ୍ତ ଶ୍ଳୋକଗୁଡ଼ିକର ଓଡ଼ିଆ ପଦ୍ୟାନୁବାଦ, କଠିନ ଶବ୍ଦଗୁଡ଼ିକର ଅର୍ଥ ସହିତ ସହଜ ଓ ସରଳ ଭାଷାରେ ବ୍ୟାଖ୍ୟା ରହିଥିବାରୁ ସମସ୍ତ ବର୍ଗର ପାଠକ ଉକ୍ତ ଗ୍ରନ୍ଥ ପାଠ କରି ଗୀତାକୁ ସହଜରେ ବୁଝିପାରିବେ ଏବଂ ଏହା ବହୁ ମାତ୍ରାରେ ପାଠକୀୟ ଆଦୃତି ଲାଭ କରିପାରିବ ବୋଲି ସ୍ୱାମୀ ସ୍ୱରୁପାନନ୍ଦ ସରସ୍ୱତୀ ଆଶା ପୋଷଣ କରିଛନ୍ତି । ଗ୍ରନ୍ଥଟି ପ୍ରସ୍ତୁତ କରିବାରେ ପ୍ରାୟ ତିନି ବର୍ଷ ସମୟ ଲାଗିଥିଲା ଏବଂ ଏହା ଲୋକ କଲ୍ୟାଣରେ ଲାଗି ପାରିଲେ ଶ୍ରମ ସାର୍ଥକ ହେବ ବୋଲି ଲେଖକ ପାଢ଼ୀ ପ୍ରକାଶ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଲେଖକଙ୍କ ଜ୍ୟେଷ୍ଠ ପୁତ୍ର ଡ. ହିମାଂଶୁ ଶେଖର ପାଢ଼ୀ, କନିଷ୍ଠ ପୁତ୍ର ଶୁଭ୍ରାଂଶୁ ଶେଖର ପାଢ଼ୀ ତଥା କେନ୍ଦୁପାଲି ନାମଯଜ୍ଞର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।



ସୁବର୍ଣ୍ଣପୁର ସହରରେ ମଙ୍ଗଳବାର ପୋଲିସ ଫ୍ଲାଗମାର୍ଚ୍ଚ କରୁଛି ।

# ଶାନ୍ତିଶୃଙ୍ଖଳା ପାଇଁ ସହରରେ ପୋଲିସର ଫ୍ଲାଗମାର୍ଚ୍ଚ

**ସୋନପୁର, ୧୯।୩(ମୃତ୍ୟୁଞ୍ଜୟ ଶତପଥୀ)**

୨୦୨୪ ଲୋକସଭା ନିର୍ବାଚନ ଓ ଓଡିଶା ବିଧାନସଭା ନିର୍ବାଚନ ପାଇଁ ଭାରତର ନିର୍ବାଚନ କମିଶନର ତାରିଖ ଘୋଷଣା କରିଛନ୍ତି । ଏଥିସହ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି । ମେ ୨୦ରେ ସୁବର୍ଣ୍ଣପୁର ଜିଲାରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି । ତେଣୁ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ଜିଲା ପୋଲିସ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି । କମିଶନରଙ୍କ ପକ୍ଷରୁ ଜାରି ସମସ୍ତ ନିୟମାବଳୀକୁ ଠିକ୍ ଭାବେ ପାଳନ କରିବା ସହ ଶାନ୍ତିପୂର୍ଣ୍ଣ, ଅବାଧ, ଅପରାଧମୁକ୍ତ ଏବଂ ନିରପେକ୍ଷତାର ସହ ନିର୍ବାଚନ ପରିଚାଳନା ପାଇଁ ଏସ୍‌ପି ଯଶପ୍ରତାପ ଶ୍ରୀମାଲ ଗୁରୁତ୍ୱାରୋପ କରିଛନ୍ତି । ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପୋଲିସର ଉପସ୍ଥିତି ଜଣାଇବା ସହ ଜନସାଧାରଣଙ୍କୁ ସଚେତନ କରିବା ସକାଶେ ସୁବର୍ଣ୍ଣପୁର ସହରରେ ପୋଲିସ ଫ୍ଲାଗ୍ ମାର୍ଚ୍ଚ କରିଛି । ଡିଏସପି ପ୍ରତାପ କୁମାର ରଣା, ରେଣୁକା ସୁନା ଓ ଚନ୍ଦ୍ରଶେଖର ଶବରଙ୍କ ତତ୍ତ୍ୱାବଧାନରେ ୬ ପ୍ଲାଟୁନ୍ ସଶସ୍ତ୍ର ପୋଲିସ ଫୋର୍ସକୁ ନେଇ ଏହି ଫ୍ଲାଗ୍ ମାର୍ଚ୍ଚ ସହର ପରିକ୍ରମା କରିଥିଲା । ସୋନପୁର ଆଇଆଇସି ଲୋକନାଥ ସାହୁ, ଇନ୍ସପେକ୍ଟର ସରୋଜିନୀ ନାୟକ, ଏସଆଇ ଆର୍ମସ୍ ଆର୍ତ୍ତତ୍ରାଣ ଭୋଇ, ରିଜର୍ଭ ଇନ୍ସପେକ୍ଟର ସରୋଜ କୁମାର ବେହେରା, ଆର୍ମସ୍ ଏସଆଇ ଆର୍ତ୍ତତ୍ରାଣ ଭୋଇ, ନୀଳକଣ୍ଠ କହଁର, କନଷ୍ଟେବଲ ଓ ହାବିଲଦାରମାନେ ଏଥିରେ ସାମିଲ ହୋଇଥିଲେ ।

## ଶ୍ରୀମଦ୍ ଭାଗବତ ପାରାୟଣ, ଯଜ୍ଞ ଉଦ୍‌ଯାପିତ

**ସୋନପୁର, ୧୯।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହରସ୍ଥିତ ଗୋପାଳଜୀ ମନ୍ଦିର ପରିସରରେ ଚାଲିଥିବା ଶ୍ରୀମଦ ଭାଗବତ ପାରାୟଣ ଓ ଭାଗବତ ଯଜ୍ଞ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ପରମପୂଜ୍ୟ ଶ୍ରୀମହନ୍ତ ବଂଶୀଧର ଦାସଜୀ ମହାରାଜଙ୍କ ପ୍ରେରଣାରେ ଏହି ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଗତ ୧୨ ତାରିଖ ଠାରୁ ଆରମ୍ଭ ହୋଇଥିବା ଭାଗବତ ପାରାୟଣ ଓ ଯଜ୍ଞର ପୂର୍ଣ୍ଣାହୁତି ହୋଇଛି । ଯଜ୍ଞରେ କର୍ତ୍ତା ଭାବେ ସୂର୍ଯ୍ୟନାରାୟଣ ଦାଶ ସପତ୍ନୀକ ଦାୟିତ୍ୱ ନିର୍ବାହ କରିଥିଲେ । ଯଜ୍ଞ ଆଚାର୍ଯ୍ୟ ଭାବେ ରାମାନୁଜ ପୂଝାରୀ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ । ଏହି ଯଜ୍ଞରେ ସଂସ୍କୃତ ମୂଳ ଭାଗବତ ଶ୍ଳୋକରେ ହୋମଯଜ୍ଞ କରାଯାଇଥିଲା । ବ୍ୟାସ ଭାବେ ରାଧେଶ୍ୟାମ ମିଶ୍ର ଭାଗବତ ପାଠ କରିଥିଲେ । ସୂର୍ଯ୍ୟପୂଜା, ଗୁରୁପୂଜନ, ସାଧୁ ସେବା କାର୍ଯ୍ୟ ଓ ପୁରାଣ ଶ୍ରବଣ କରିବା ପାଇଁ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା । ୧୭ ତାରିଖରେ ୧୦ଜଣ ବ୍ରାହ୍ମଣ ବାଳକଙ୍କ ସାମୂହିକ ବ୍ରତୋପନୟନ ଆୟୋଜିତ ହୋଇଥିଲା । ଆନନ୍ଦ ପୂଝାରୀ, ଗୋପାଳଜୀ ମନ୍ଦିରର ପୂଜକ ହାରାଧନ ପୂଝାରୀ, ବାବା ପୀତାମ୍ବର ଦାଶ, ପୁରୁଷୋତ୍ତମ ଦାଶ, ଶ୍ରୀବସ୍ତ ମଲ୍ଲିକ, ଦାମ ନାଏକ, ଗୋପାଳ ପଧାନ, ଲକ୍ଷ୍ମଣ ପାଣ୍ଡିଆ, ମନ ବାଗ ଓ ଗୋପାଳ ପୂଝାରୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।


ଗୋପାଳଜୀ ମନ୍ଦିରରେ ଆୟୋଜିତ ଧାର୍ମିକ କାର୍ଯ୍ୟକ୍ରମ ।

## ଆଗକୁ ନିର୍ବାଚନ: ପ୍ରଶାସନ ପକ୍ଷରୁ ହଟାଯାଉଛି ହୋର୍ଡିଂ



ପ୍ରଶାସନ ପକ୍ଷରୁ ବ୍ୟାନର ହଟାଯାଉଛି ।

**ବୌଦ୍ଧ, ୧୯।୩(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାରେ ଆସନ୍ତା ମେ ୨୦ ତାରିଖରେ ସାଧାରଣ ନିର୍ବାଚନ ପାଇଁ ଭୋଟଗ୍ରହଣ ହେବାକୁ ଥିବା ବେଳେ ପ୍ରଶାସନ ପକ୍ଷରୁ ନିର୍ବାଚନକୁ ଶାନ୍ତିଶୃଙ୍ଖଳାରେ କରିବା ସହ ଅବାଧ ଓ ସ୍ୱଚ୍ଛ କରିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି । ବର୍ତ୍ତମାନ ପ୍ରଶାସନ ପକ୍ଷରୁ ନିର୍ବାଚନ ନିୟମ ଅନୁଯାୟୀ, ଜିଲାରେ ଥିବା ୩ ଗୋଟି ବ୍ଲକ ଓ ପୌରପରିଷଦ ଅଞ୍ଚଳରେ ଲାଗିଥିବା ସରକାରୀ ହୋର୍ଡିଂ, ବ୍ୟାନର ଆଦି ଯୁଦ୍ଧକାଳୀନ ଭିତ୍ତିରେ ହଟାଯାଉଥିବା ଦେଖିବାକୁ ମିଳିଛି । ଯେଉଁ ହୋର୍ଡିଂ ଗୁଡ଼ିକୁ ବାହାର କରାଯାଇ ପାରୁନାହିଁ ସେଗୁଡିକ ଜରି ଲଗାଯାଇ ଘୋଡା ଯାଉଥିବା ଦେଖିବାକୁ ମିଳିଛି । ପ୍ରଶାସନ ପକ୍ଷରୁ ଗତ ରବିବାର ଦିନ ନିର୍ବାଚନ ନେଇ ରାଜନୈତିକ ଦଳଗୁଡିକୁ ନେଇ ଏକ ବୈଠକ ହୋଇଥିଲା । ବୈଠକରେ ଜିଲାପାଳ ଜେ. ସୋନାଲ ନିର୍ବାଚନ କମିଶନଙ୍କ ନିୟମ ଅନୁଯାୟୀ, ନିର୍ବାଚନ ପରିଚାଳନା କରାଯାଉଥିବା କହିବା ସହ ଜିଲାରେ ଯେପରି ଅବାଧ ଓ ମୁକ୍ତ ନିର୍ବାଚନ ହୋଇପାରିବ ସେନେଇ ଗୁରୁତ୍ୱ ଦିଆଯାଉଥିବା କହିଥିଲେ । ବୈଠକରେ ଭାଜପାର ଜିଲା ସଭାପତି ବିପ୍ରଚରଣ ମହାନ୍ତି ସରକାରୀ ବିଜ୍ଞାପନ ଥିବା ହୋର୍ଡିଂଗୁଡିକୁ ଘୋଡା ଯାଇଥିବା ବେଳେ ତାହା ବାହାରକୁ ଦେଖାଯାଉଥିବା କହିବା ସହ ସେଗୁଡିକ ଯେପରି ଦେଖା ନ ଯିବ ସେ ନେଇ ପଦକ୍ଷେପ ନେବାକୁ ଦାବିକରିଥିଲେ ।

## ବଜ୍ରପାତରେ ଯୁବକ ମୃତ

**ନୂଆପଡ଼ା, ୧୯।୩(ମକାରୁ ବେମାଲ)**

ନୂଆପଡା ସଦର ବ୍ଲକ କୋଟେନଚୁଆଁ ପଞ୍ଚାୟତ ଝାଞ୍ଜିମୁଣ୍ଡା ଗାଁରେ ମଙ୍ଗଳବାର ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଝାଞ୍ଜିମୁଣ୍ଡା ଗାଁର ହେମସିଂ ମାଝି (୨୯) । ପ୍ରକାଶ ଯେ,ସକାଳେ ବର୍ଷା ହେଉଥିବା ସମୟରେ ଜମିରେ ତିଆରି କରିଥିବା ଇଟାକୁ ତାର୍ପୋଲିନରେ ଢାଙ୍କିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା । ଫଳରେ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା ।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ବାଉଁଶୁଣୀ, ୧୯।୩(ଦେବାଶିଷ ନେପାକ)**

ମଙ୍ଗଳବାର ଅପରାହ୍ନ ୫ ଟା ସମୟରେ ୫୭ ନଂ ଜାତୀୟ ରାଜପଥର ବାଉଁଶୁଣୀ ଥାନା ସାହାଜପାଲ ନିକଟରେ ଟ୍ରକ ଓ ବାଇକ୍ ମଧ୍ୟରେ ଧକ୍କା ହୋଇଛି । ଏହି ଦୁର୍ଘଟଣାରେ ବାଇକ୍ ଆରୋହୀ ଜଣକ ଗୁରୁତର ଆହତ ହୋଇଛନ୍ତି । ପ୍ରକାଶ ଯେ,ହରଭଙ୍ଗା ଥାନା ବୁକେସିଙ୍ଗା ଗ୍ରାମର ବିଶାଳ ଗୁରୁ ବୌଦ୍ଧ ପଟରୁ ଏକ ବାଇକ୍‌ରେ ବାଉଁଶୁଣୀ ଆଡକୁ ଯାଉଥିଲେ । ଏହି ସମୟରେ ଏକ ଟ୍ରକ ବାଇକକୁ ପଛରୁ ଧକ୍କା ଦେଇଥିଲା । ଫଳରେ ବାଇକ୍ ଆରୋହୀ ବିଶାଳ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତରଖାନା ପଠାଇଥିଲେ । ଖବର ପାଇ ବାଉଁଶୁଣୀ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ବ୍ଲକସ୍ତରୀୟ ଭାଜପାର ସାଙ୍ଗଠନିକ ବୈଠକ

**ଅମରପାଲି, ୧୯।୩(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ଅନ୍ତର୍ଗତ ବୀରମହାରାଜପୁରସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଭାଜପାର ଏକ ସାଙ୍ଗଠନିକ ବୈଠକ ଦିଲୀପ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଦଳର ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ବୁଥ ସ୍ତରକୁ ଯାଇ ମୋଦି ଗ୍ୟାରେଣ୍ଟି ଉପରେ ସାଧାରଣ ଲୋକଙ୍କୁ ବୁଝାଇବା ପାଇଁ କୁହା ଯାଇଥିଲା । ଏହାବ୍ୟତୀତ ଆଗାମୀ ନିର୍ବାଚନରେ ଦଳର କାର୍ଯ୍ୟକ୍ରମ ଉପରେ ଆଲୋଚନା ହେବା ସହିତ କିଭଳି ଦଳ ନିର୍ବାଚନରେ ଭଲ କରିବ, ପ୍ରତିଟି କର୍ମୀଙ୍କ ଭୂମିକା କ'ଣ ରହିବ ଓ କିପରି ଭାବେ କର୍ମୀ ଲୋକଙ୍କ ପାଖରେ ପହଞ୍ଚିବ ସେହି ବିଷୟରେ ବିଶଦ ଆଲୋଚନା ହୋଇଥିଲା । ଉକ୍ତ ବୈଠକରେ ପୂର୍ବତନ ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷ ଆନନ୍ଦ ବାରିକ, ଉଷା କୁମାରୀ, ଏମ୍‌ପିଙ୍କ ପ୍ରତିନିଧି ନଳିନୀ ପଣ୍ଡା, ଜିଲା ସାଧାରଣ ସମ୍ପାଦକ ବେଣୁଧର ଦାସ, ବୀରମହାରାଜପୁର ମଣ୍ଡଳ ଉପସଭାପତି ଭୁଲାନାଥ ବାଘ, ସୁମନ୍ତ ଜଗଦଲା, ଲକ୍ଷିନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ନିଜ ନିଜ ମତାମତ ପ୍ରଦାନ କରିଥିଲେ । ଶେଷରେ ଶିବ ନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।


ବୈଠକରେ ଉପସ୍ଥିତ ଭାଜପା କର୍ମକର୍ତ୍ତା ।

## ପୁରୁଣାକଟକ ଓ ହରଭଙ୍ଗା ଥାନା ଅଞ୍ଚଳରେ ପୋଲିସ ଫ୍ଲାଗମାର୍ଚ୍ଚ

**ବୌଦ୍ଧ, ୧୯।୩(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାରେ ମେ ୨୦ ତାରିଖରେ ସାଧାରଣ ନିର୍ବାଚନ ପାଇଁ ଭୋଟ ଗ୍ରହଣ ଥିବାବେଳେ ପ୍ରଶାସନ ସମସ୍ତ ପ୍ରସ୍ତୁତି ଜୋରଦାର ଆରମ୍ଭ କରିଛି । ଏନେଇ ମଙ୍ଗଳବାର ଦିନ ଏସଡିପିଓ କୁଲଦୀପ ମିନାଙ୍କ ନେତୃତ୍ୱରେ ହରଭଙ୍ଗା ଓ ପୁରୁଣାକଟକ ଥାନା ଅଞ୍ଚଳର ତିଲେଶ୍ୱର, ଚାରିଛକ, ପୁରୁଣାକଟକ, ଧଳପୁର ଆଦି ଅଞ୍ଚଳରେ ପୋଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଇଛି । ଏହି ଫ୍ଲାଗ ମାର୍ଚ୍ଚ ସମୟରେ ପୁରୁଣାକଟକ ଥାନା ଅଧିକାରୀ ସାରଦା ପ୍ରସନ୍ନ ଦାସ ଓ ହରଭଙ୍ଗା ଥାନା ଅଧିକାରୀ ନଳିନୀକାନ୍ତ ଦାସ ଓ ଅନ୍ୟ ପୋଲିସ କର୍ମଚାରୀ ସାମିଲ ଥିଲେ ।


ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ ।

# ବଉଳ ମହୋତ୍ସବ ଉଦ୍‌ଯାପିତ

**ଘଣ୍ଟାପଡ଼ା, ୧୯।୩(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖଟଖଟିଆ ପଞ୍ଚାୟତ ବ୍ରାହ୍ମଣୀଠାରେ ୬ଷ୍ଠ ନାଟକ ଓ ଲୋକ ମହୋତ୍ସବ 'ବଉଳ' ଉଦ୍‌ଯାପିତ ହୋଇଯାଇଛି । ପ୍ରାକ୍ତନ ପ୍ରଧାନଶିକ୍ଷକ ସତ୍ୟବାନ ବସ୍ତିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବୌଦ୍ଧ ଜିଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରତ୍ୟୁଷ ପ୍ରିୟଦର୍ଶୀ ରଥ, ଜିଲା ପରିଷଦ ଜୋନ-୨ର ସଦସ୍ୟ ପଦ୍ମାଳୟା ପ୍ରଧାନ, ସମାଜସେବୀ ଶ୍ରୀକାନ୍ତ ମିଶ୍ର, ଯୁବନେତା ବିଜିତ ପ୍ରଧାନ,ଶ୍ରମିକ ନେତା ସରୋଜ ପ୍ରଧାନ, ଯୁବ ଉଦ୍ୟୋଗୀ ଶୀତିକଣ୍ଠ ମିଶ୍ର ଯୋଗଦେଇ ନାଟକ ଓ ଲୋକକଳାକୁ ଗ୍ରାମାଞ୍ଚଳରେ ବଞ୍ଚାଇ ରଖିବାର ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ । ସେହିପରି ମୁଖ୍ୟବକ୍ତା ଭାବେ ବରିଷ୍ଠ ଭାଜପା ନେତା କହ୍ନେଇ ଚରଣ ଡାଙ୍ଗ ଯୋଗଦେଇ ବର୍ତ୍ତମାନ ନାଟକ ଓ ଲୋକକଳାର ପୁନଃଉଦ୍ଧାର ନିମନ୍ତେ ସ୍ଥାୟୀ ମଞ୍ଚ ଓ ପ୍ରୋତ୍ସାହନ ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ଯୁବ ନୃତ୍ୟ ନିର୍ଦ୍ଦେଶକ ସଞ୍ଜୟ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବରିଷ୍ଠ ନାଟ୍ୟକାର ହରିହର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ମଞ୍ଚ ନାଟକର ବିଶିଷ୍ଟ କଳାକାର ମାଧବ ଚନ୍ଦ୍ର ଖେତି ଓ ତବଲା ବାଦକ ସାର୍ତ୍ତିକ ପ୍ରଧାନ ଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ନାଟ୍ୟକାର ହରିହର ପ୍ରଧାନଙ୍କ ରଚିତ ଓ ନିର୍ଦ୍ଦେଶିତ ସଚେତନତାଧର୍ମୀ ନାଟକ 'ଉଠପୁତାଉଠ' ଲୋକଙ୍କ ମନ ମୋହିଥିଲା । ଏହାପରେ ଜିଲା ସଂସ୍କୃତି ବିଭାଗ ପ୍ରଦତ୍ତ ବଉଳି କଳାପରିଷଦ ବରପଦରର କଳାକାରଙ୍କ ସମ୍ବଲପୁରୀ ନୃତ୍ୟର ଶରକେଳି, ଜାମୁଡ଼ାଲି , ଗୁନଚା ମୂଷା ଓ ସୁରସଙ୍ଗମ ଲୋଇସିଂହା(ଶଙ୍କର) ଲିକିର ଝିକିରି,ବିହା ଓ ବାଉଁଶୁଣୀ କଳା ପରିଷଦର କଳାକାରଙ୍କ ନୃତ୍ୟ ସହ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାପୀଠ, ଉପ୍ରା ବିଦ୍ୟାଳୟ ଖଟଖଟିଆର ଛାତ୍ରୀଙ୍କ ନାଚ ମଧ୍ୟରାତ୍ରୀ ଯାଏ ଦର୍ଶକଙ୍କ ମନ ମୋହିଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ବରିଷ୍ଠ କଳାକାର ଲିଙ୍ଗରାଜ ପ୍ରଧାନ, ନାଟ ଏଣ୍ଡ କଲଚରାଲ ଆସୋସିଏଶନର ସଭାପତି ଅର୍ଜୁନ ପ୍ରଧାନ, ସଂପାଦକ ନେପାଳ ପଲିଆ, ସଦସ୍ୟ ଶିବ କମ୍ପ, ଜୟ ପ୍ରଧାନ, କୁଶ ପ୍ରଧାନ, ପ୍ରହଲ୍ଲାଦ ଅମାତ,ସୁକାନ୍ତ ପ୍ରଧାନ, ଫକୀର ବସ୍ତିଆ, ରାଜକୁମାର ତ୍ରିପାଠୀ, ଗିଲୁ ପ୍ରଧାନ, ମେନ ପାତ୍ର, ଗଣେଶ ମେଣ୍ଡେଲି, ସିପୁନ ପାଢ଼ୀ, ଇନ୍ଦ୍ରଜିତ ଅମାତ, କମଳ କର୍ଣ୍ଣ, ତ୍ରିପୁରାରି ପ୍ରଧାନ, ମନ୍ଥନ କର୍ଣ୍ଣ ଏବଂ ଅନୁଷ୍ଠାନର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମକୁ ସୁରେନ୍ଦ୍ର କର୍ଣ୍ଣ, ସଞ୍ଜୟ ସାହୁ ପରିଚାଳନା କରିଥିଲେ । ବରିଷ୍ଠ କଳାକାର ବାମନ ଚରଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।


ମଞ୍ଚାସୀନ ଅତିଥି ବୃନ୍ଦ ।

### ମନ ମୋହିଲା ନାଟକ 'ଉଠପୁତା ଉଠ'

## ସଂକ୍ଷେପରେ

### ଘରେ ପଶି ମହିଳାଙ୍କୁ ବଳାତ୍କାର: ଅଭିଯୁକ୍ତ ଗିରଫ

**ଦେବଗଡ, ୧୯।୩(ଶଶାଙ୍କ ଶେଖର ଝାଙ୍କର):** ସ୍ୱାମୀଙ୍କ ଅନୁପସ୍ଥିତର ସୁଯୋଗ ନେଇ ଜଣେ ମହିଳାଙ୍କୁ ତାଙ୍କ ଘରେ ପଶି ରାତିରେ ଜଣେ ଯୁବକ ବଳାତ୍କାର କରିଥିବା ନେଇ ଦେବଗଡ ଜିଲା ବାରକୋଟ ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣା ଘଟିଛି ଗତ ୧୭ତାରିଖରେ। ବାହାରେ ରହୁଥିବା ସ୍ୱାମୀଙ୍କ ସହ ଆଲୋଚନା କରି ୧୮ତାରିଖରେ ପୀଡିତା ମହିଳା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବାରକୋଟ ଥାନା ପୋଲିସ ଅଭିଯୁକ୍ତ ରଶା ମୁଣ୍ଡା(୩୫)ଙ୍କୁ ଗିରଫ କରିଛି। ଦଫା ୩୭୬, ୩୨୩ ଓ ୫୦୬ ରେ ଏକ ମାମଲା ରୁଜୁ ହୋଇଛି। ମଙ୍ଗଳବାର ଉଭୟଙ୍କର ଡାକ୍ତରୀମାଇନା କରାଯାଇଥିଲା। ପରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ ବାରକୋଟ ଥାନା ଅଞ୍ଚଳର ଜଣେ ବିବାହିତା ମହିଳା(୨୩)ଙ୍କ ସ୍ୱାମୀ ବାହାରେ ରହି କାମ କରୁଛନ୍ତି। ଘରେ ମହିଳା ଜଣକ ତାଙ୍କର ତିନି ସନ୍ତାନଙ୍କ ସହିତ ଏକୁଟିଆ ରହନ୍ତି। ଗତ ୧୭ ତାରିଖ ରାତିରେ ମହିଳା ଜଣକ ତିନି ପିଲାଙ୍କ ସହିତ ରାତ୍ରଭୋଜନ କରି ଘରେ ଶୋଇଥିଲେ। ଏହାର ସୁଯୋଗରେ ସମ୍ପୃକ୍ତ ଗ୍ରାମର ରଶା ମୁଣ୍ଡା ସମ୍ପୃକ୍ତ ମହିଳାଙ୍କ ଘରେ ପଶି ଜୋର ଜବରଦସ୍ତ ବଳାତ୍କାର କରିଥିଲେ। ପ୍ରତିବାଦ କରିବାରୁ ରଶା ତାଙ୍କୁ ମାଡ ମାରିବା ସହିତ ଏକଥା କାହାକୁ ଜଣାଇଲେ ଜୀବନରେ ମାରିଦେବାକୁ ଧମକ ଦେଇ ସେଠାରୁ ପଳାଇ ଯାଇଥିଲେ।


ଗିରଫ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଉଛି।


ଝାଡୁ ତିଆରିରେ ସାମିଲ ହୋଇଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ।

# କୌଳିକ ବୃତ୍ତିରୁ ବିକଳ୍ପ ଜୀବିକାର ସନ୍ଧାନ

**ସୁନ୍ଦରଗଡ଼, ୧୯।୩(ଜୟନାରାୟଣ ମେଣ୍ଡୁଲି)**

■ ସ୍ୱାବଲମ୍ବୀ ହେଲେ କର୍ଲାଘାଟିର ମହିଳା ଗୋଷ୍ଠୀ
■ ଝାଡୁ ବ୍ୟବସାୟ ଯୋଗାଇଲା ନୂତନ ଜୀବିକା

ଜଙ୍ଗଲ ଅଧିବାସୀମାନଙ୍କ ଜୀବନ ଧାରଣ ଓ ରୋଜଗାରର ମାଧ୍ୟମ ରୂପେ ଲଘୁ ବନଜାତ ଦ୍ରବ୍ୟ ଓ କୃଷିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ହେଲେ ସମୟର ପରିବର୍ତ୍ତନ ସଙ୍ଗେ ସଙ୍ଗେ ବଦଳିଛି ପାରିପାର୍ଶିକ ପରିବେଶ। ବଦଳିଛି ଜୀବିକାର ପନ୍ଥା। ସମୟକ୍ରମେ କୃଷି ଉପରୁ ଲୋକଙ୍କ ଆସ୍ଥା କମି ଯାଉଥିବାବେଳେ ଲଘୁ ବନଜାତ ଦ୍ରବ୍ୟ ଉପଲବ୍ଧତା ଅନେକାଂଶରେ ହ୍ରାସ ପାଇଛି। ଏହି ପରିସ୍ଥିତିରେ ଏକ ବିକଳ୍ପ ଜୀବିକାର ସନ୍ଧାନ ଅତ୍ୟନ୍ତ ଆବଶ୍ୟକୀୟ। ଏହି ବିକଳ୍ପ ଜୀବିକାର ସନ୍ଧାନ ତଥା ସଫଳ ରୂପାୟନ କରି ସଫଳତା ହାସଲ କରିଛନ୍ତି ସୁନ୍ଦରଗଡ଼ ଜିଲା ସବ୍‌ଡ଼େଗା ବ୍ଲକ କୁକୁରି ଗ୍ରାମପଞ୍ଚାୟତ କର୍ଲାଘାଟିର କିଛି ଆଦିବାସୀ ମହିଳା। ନିଜର କୌଳିକ ବୃତ୍ତିକୁ ଏକ ବିକଳ୍ପ ଜୀବିକାର ପନ୍ଥା ଭାବରେ ପରିଣତ କରିବାରେ ସଫଳ ହେଉଛନ୍ତି ଏହି ଦୁର୍ଗମ ଗ୍ରାମ କର୍ଲାଘାଟି ବନ ସୁରକ୍ଷା ସମିତିର ୨୦ ମହିଳା। ତିନିପିଢି ଧରି କରୁଥିବା ଝାଡୁ ତିଆରି ବୃତ୍ତିରୁ ବର୍ତ୍ତମାନ ସେମାନେ ଲକ୍ଷାଧିକ ଟଙ୍କା ରୋଜଗାର କରି ନିଜର ତଥା ପରିବାରର କୌଳିକ ବୃତ୍ତିକୁ ବଞ୍ଚାଇ ରଖିବା ସହ ଅର୍ଥନୈତିକ ଅଭିବୃଦ୍ଧି କରିବାରେ ସଫଳ ହୋଇଛନ୍ତି। ଦୁର୍ଗମ ଅଞ୍ଚଳର ଆଦିବାସୀ ମହିଳାଙ୍କ ଏହି ସଫଳତା ନିମନ୍ତେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛି ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର ଆବର୍ତ୍ତନ ପାଣ୍ଠି। ପୂର୍ବରୁ ଏହି ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ କେବଳ ଆର୍ଥିକ ନେଣଦେଣରେ ସୀମିତ ଥିବାବେଳେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ର ଆବର୍ତ୍ତନ ପାଣ୍ଠିର ସହାୟତାରେ ଉଜ୍ଜଳପୁର କ୍ଷେତ୍ର ପରିଚାଳନା ଏକକର ୩୦ଟି ଯାକ ବନ ସୁରକ୍ଷା ସମିତିରେ ବହୁବିଧ ଆୟଭିତ୍ତିକ କାର୍ଯ୍ୟକ୍ରମ ଦ୍ୱାରା ସ୍ୱାବଲମ୍ବୀ ହୋଇପାରିଛନ୍ତି ୧୧୦୦ ରୁ ଉର୍ଦ୍ଧ୍ୱ ମହିଳା। ସେମାନଙ୍କ ମଧ୍ୟରୁ କର୍ଲାଘାଟିର ମାରିଆ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅସୀମା ସ୍ୱୟଂ ସହାୟକ ଗୋଷ୍ଠୀ ଆୟଭିତ୍ତିକ କାର୍ଯ୍ୟକ୍ରମ ନିମନ୍ତେ ନିଜର ତିନି ପିଢି ଧରି କରିଆସୁଥିବା ଝାଡୁ ବ୍ୟବସାୟକୁ ଚୟନ କରିଛନ୍ତି।

ଏଥି ନିମନ୍ତେ ଏହି ଗୋଷ୍ଠୀର ମହିଳାଙ୍କୁ ବ୍ୟବସାୟିକ ଯୋଜନା ପ୍ରସ୍ତୁତିଠାରୁ ଆରମ୍ଭ କରି ବଜାର ସଂଯୋଗୀକରଣ ପର୍ଯ୍ୟନ୍ତ ସହାୟତା କରନ୍ତି ସହଯୋଗୀ ଅନୁଷ୍ଠାନ 'ସେବକ'ର ଟିମ୍ ଲିଡର ଦିଗାମ୍ବର ଉପାଧ୍ୟାୟ ଓ ଉନ୍ନୟନ ଅଧିକାରୀ ମନୋରଞ୍ଜନ ମଲ୍ଲିକ। ଗୋଟିଏ ବର୍ଷ ମଧ୍ୟରେ ଏହି ଦୁଇଟି ସ୍ୱୟଂ ସହାୟକ ଗୋଷ୍ଠୀ ୨.୨୦ ଲକ୍ଷ ଟଙ୍କାର ଝାଡୁ ବିକ୍ରି କରି ଅନ୍ୟ ମହିଳାମାନଙ୍କୁ ପ୍ରେରଣା ଯୋଗାଇବା ସହିତ ନିଜେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଉଭୟ ସ୍ୱୟଂ ସହାୟକ ଗୋଷ୍ଠୀ ଏହି ବ୍ୟବସାୟ ନିମନ୍ତେ ବନସୁରକ୍ଷା ସମିତିର ଆବର୍ତ୍ତନ ପାଣ୍ଠିରୁ ପ୍ରଥମ ପର୍ଯ୍ୟାୟରେ ୫୦ ହଜାର, ଦ୍ୱିତୀୟ ପର୍ଯ୍ୟାୟରେ ୭୪ ହଜାର ଟଙ୍କା ଋଣ ନେଇ ପରିଶୋଧ କରି ସାରିଥିବାବେଳେ ମାରିଆ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପୁଣି ଥରେ ୧ ଲକ୍ଷ ଟଙ୍କା ଋଣ ନେଇ ବ୍ୟବସାୟ କରୁଛନ୍ତି। ଆଗାମୀ ଦିନରେ ଝାଡୁ ବ୍ୟବସାୟକୁ ଏକ ଆନ୍ତଃରାଜ୍ୟସ୍ତରୀୟ ବ୍ୟବସାୟରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ମାରିଆ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକା ସୁଷମା ସରେଙ୍ଗ କହିଛନ୍ତି।

## ପାଗଳ କୁକୁର କାମୁଡ଼ାରେ ୧୧ ଆହତ

**ବଣାଇଁ, ୧୯।୩ (ପ୍ରଦୀପ ତ୍ରିପାଠୀ)**

ସୁନ୍ଦରଗଡ଼ ଜିଲା ବଣାଇଁଗଡ ସହରର ବିଭିନ୍ନ ସ୍ଥାନରେ ପାଗଳ କୁକୁର ଆତଙ୍କ ଦେଖାଦେଇଛି। ଦୁଇ ଦିନ ମଧ୍ୟରେ ଦୁଇଟି ପାଗଳ କୁକୁର କାମୁଡ଼ାରେ ୧୧ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଫଳରେ ଆତଙ୍କିତ ଅବସ୍ଥାରେ ଅଛନ୍ତି ସହରବାସୀ। ସୋମବାର ସନ୍ଧ୍ୟାରେ ହଠାତ ଦୁଇଟି ପାଗଳ କୁକୁର ୨୫ରୁ ଉର୍ଦ୍ଧ୍ୱ ଗୋରୁ, ଛେଳି ଓ ଅନ୍ୟ କୁକୁରଙ୍କୁ କାମୁଡି ଥିଲା। ମଙ୍ଗଳବାର ସକାଳୁ ବଣାଇର ପାତ୍ର ସାହି ଓ ରଥଛକ ବସ୍ତି, ଭୂୟାଁସାହିରେ ଘୁରି ବୁଲିବା ସହ ୧୧ରୁ ଉର୍ଦ୍ଧ୍ୱ ଲୋକଙ୍କୁ କାମୁଡ଼ି ଥିବା ଜଣାପଡିଛି।

ସୂଚନା ଅନୁଯାୟୀ ଦୁଇଟି କୁକୁର ମଧ୍ୟରୁ ଗୋଟିଏ ପାଗଳ କୁକୁର ପ୍ରଥମେ ରଥଛକ ବସ୍ତିର ଜଣେ ୮୫ ବର୍ଷିୟା ବୃଦ୍ଧା ପାର୍ବତୀ ପ୍ରଧାନଙ୍କ ଗୋଡ଼ରେ କାମୁଡିବା ପରେ ଭୂୟାଁସାହି ଭିତରେ ଚାଲିଚାଲି ଯାଉଥିବା ଜାଇ ନାଏକଙ୍କୁ ଗୋଡାଇ ଗୋଡାଇ କାମୁଡିଥିଲା। ପରେ ପାତ୍ର ସାହି ଅଞ୍ଚଳରେ ବୁଲି ବୁଲି ଆଉ କେତେଜଣଙ୍କୁ କାମୁଡିଥିଲା। ସେମାନେ ହେଲେ ମାନା ପାତ୍ର, ଦେବାନନ୍ଦ ପାତ୍ର, ମିନୁ ପାତ୍ର, ରତନ ବେହେରା, ଅଞ୍ଜନା ପାତ୍ର, କୁନୁ ବେହେରା, ରାମ ରତନ ବେହେରା ପ୍ରମୁଖ। କୁକୁର କାମୁଡାରେ ଆହତ ବ୍ୟକ୍ତିମାନେ ବଣାଇ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

ପ୍ରକାଶ ଥାଉକି ଦୁଇଟି ପାଗଳ କୁକୁର ଅନେକ କୁକୁରଙ୍କୁ କାମୁଡିଥିବାରୁ ଅଧିକ କୁକୁର ପାଗଳ ହେବା ଆଶଙ୍କା ସୃଷ୍ଟି ହୋଇଛି। ପ୍ରଶାସନ ପକ୍ଷରୁ ତୁରନ୍ତ ଏହାର ପ୍ରତିକାର ଜନିତ ପଦକ୍ଷେପ ନିଆଯିବା ସହ ଆହତ ଗୃହପାଳିତ ପ୍ରାଣୀଙ୍କୁ ପ୍ରାଣୀଧନ ବିଭାଗ ପକ୍ଷରୁ ଚିକିତ୍ସା ପାଇଁ ଦାବି କରାଯାଇଛି। ଅପରାହ୍ନରେ ଗୋଟିଏ ପାଗଳ କୁକୁରକୁ ଜନସାଧାରଣ ଗୋଡେଇ ଗୋଡେଇ ମାରିସାରିବା ପରେ ଅନ୍ୟଟିକୁ ଖୋଜା ଚଳାଇଛନ୍ତି।


ପାଗଳ କୁକୁର କାମୁଡ଼ାରେ ଆହତମାନେ ଚିକିତ୍ସିତ ହେଉଛନ୍ତି।

## ସିଏସ୍‌ଆର୍ ବିଭାଗ ପକ୍ଷରୁ ଜନହିତକର କାର୍ଯ୍ୟକ୍ରମ

**ଟେନ୍‌ସା, ୧୯।୩(ସମୀର କୁମାର ପାଢ଼ୀ)**

ସାନଇନ୍ଦୁପୁର ଲୌହ ଏବଂ ବକ୍ସାଇଟ ଖଣିର ସିଏସ୍‌ଆର୍ ବିଭାଗ

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ ଅନ୍ତର୍ଗତ ରୁଙ୍ଗଟା କମ୍ପାନୀର ସାନଇନ୍ଦୁପୁର ଲୌହ ଏବଂ ବକ୍ସାଇଟ ଖଣିର ସିଏସ୍‌ଆର ବିଭାଗ ତରଫରୁ ସ୍ଥାନୀୟ ଗ୍ରାମଗୁଡିକରେ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ କରାଯାଇଛି। ସାନଇନ୍ଦୁପୁର ଗାଁର କ୍ଲବ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ପାନୀୟ ଜଳର ସୁବିଧା ପାଇଁ ନୂତନ ବୋରୱେଲ ଖନନ, ୨୦୦ ମିଟର ଡ୍ରେନ ସ୍ଲାବ ନିର୍ମାଣ, ୫୦୦ ମିଟର ପାଇପ ଓ ଷ୍ଟାଣ୍ଡପୋଷ୍ଟ ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦିଆଯାଇଛି। ଗରିବ ଲୋକଙ୍କ ପାଇଁ ପାଇଖାନା ନିର୍ମାଣ ହୋଇଛି। ପାନୀୟ ଜଳ ଯୋଗାଣ ପାଇଁ ବଡଇନ୍ଦୁପୁର ଏବଂ ପୁରେହିବାହାଲ ବସ୍ତିରେ ୮୦୦ ମିଟର ପାଇପ ଲାଇନ ଓ ୧୪ଟି ଷ୍ଟାଣ୍ଡପୋଷ୍ଟ ଯୋଗେ ବିଶୁଦ୍ଧ ଜଳର ସୁବ୍ୟବସ୍ଥା କରାଯାଇଛି। ସେହିପରି ଷ୍ଟ୍ରିଟ ଲାଇଟ୍‌ର ବ୍ୟବସ୍ଥା, ବଡଇନ୍ଦୁପୁର ଗାଁରେ ବର୍ଷା ଜଳ ନିଷ୍କାସନ ପାଇଁ ୭୦ମିଟର ଡ୍ରେନ କାମ ଚାଲୁଛି। ଏତଦ୍‌ବ୍ୟତୀତ ସର୍ଗିଗଡ଼ ଗାଁରେ ଥିବା ବାବାମଣି ନାଗେଶ୍ୱର ମନ୍ଦିରରେ ବୋରୱେଲ ଖନନ, ଏହି ଗାଁର ସୁନା ନଦୀ ଦୁଇ ଗୋଟି ଗାଧୁଆ ତୁଠ ନିର୍ମାଣ କରାଯାଇଛି। ସର୍ଗିଗଡ଼ ମୁଣ୍ଡାବସ୍ତି, ତେହେରେଇ ଗ୍ରାମରେ ଲୋକଙ୍କୁ ଜଳ ଯୋଗାଇ ଦିଆଯାଇଛି। ତେହେରେଇ ଗାଁର କୀର୍ତ୍ତନ ମଣ୍ଡପକୁ ଷ୍ଟିଲ ରେଲିଙ୍ଗୀ ମାଧ୍ୟମରେ ସୁସଜିତ କରାଯାଇଛି। ଉକ୍ତ ଉନ୍ନୟନମୂଳକ କାର୍ଯ୍ୟ ପାଇଁ କମ୍ପାନୀ ତରଫରୁ ଆର୍ଥିକ ବର୍ଷ ୨୦୨୩-୨୪ରେ ଏକ କୋଟି ୯ଲକ୍ଷ ୮୦ ହଜାର ବ୍ୟୟ କରାଯାଇଛି। ଉକ୍ତ ପ୍ରକଳ୍ପକୁ କୋଇଡା ବ୍ଲକ ସମିତି ସଭ୍ୟ ମଧୁସୁଦନ ମହାକୁଡ଼, ସାନଇନ୍ଦପୁର ଗାଁର ୱାର୍ଡ ମେମ୍ବର ସାର ଦେହୁରୀ, ଶୁକଦେବ ବାରିକ, ଦନାର ମହାକୁଡ଼, ବିପିନ ମହାକୁଡ଼, ସର୍ଗିଗଡର ମିଲଟୁ ଘଣା, ତେହେରେଇ ଗାଁର ଆନନ୍ଦ ବାରିକ ଉପସ୍ଥିତ ରହି ପ୍ରକଳ୍ପକୁ ରୁଙ୍ଗଟା କମ୍ପାନୀ ତରଫରୁ ଲୋକାର୍ପିତ କରାଯାଇଥିଲା। ଏହି ସମୟରେ ସାନଇନ୍ଦପୁର ଖଣିର ମାଇନିସ ମ୍ୟାନେଜର ତଥା ସି.ଜି. ଏମ ଅନିଲ କୁମାର ଚୌଧୁରୀ, କମ୍ପାନୀର ଡ଼ିଜିଏମ(କାର୍ମିକ)ସଞ୍ଜୟ କୁମାର ଆଚାର୍ଯ୍ୟ, ଜି. ଏମ (କାର୍ମିକ)ବିଷ୍ଣୁପଦ ଷଡ଼ଙ୍ଗୀ, ମ୍ୟାନେଜର (ସିଏସଆର) ଉଜ୍ଜ୍ୱଳ କୁମାର ମଲ୍ଲିକ, ଡେପୁଟି ମ୍ୟାନେଜର (ସିଭିଲ) ତାପସ ରାୟ ଉପସ୍ଥିତ ଥିଲେ। ରୁଙ୍ଗଟା କମ୍ପାନୀର ଏହିଭଳି ଜନହିତକର କାର୍ଯ୍ୟକ୍ରମ ଆଗକୁ ଆହୁରି ଜାରି ରହିବ ବୋଲି କମ୍ପାନୀ ସିନିୟର ଭିପି (ମାନବ ସମ୍ବଳ ଏବଂ ଆଡମିନ) ରାମୁ ଅଗ୍ରୱାଲ ତାଙ୍କ ବକ୍ତବ୍ୟରେ କହିଛନ୍ତି।


ଗ୍ରାମବାସୀଙ୍କ ପାଇଁ ପାନୀୟଜଳ ବ୍ୟବସ୍ଥା କରାଯାଇଛି।

## ପ୍ରିଜାଇଡ଼ିଂ, ପୋଲିଂ ଅଧିକାରୀଙ୍କ ତାଲିମ ଶିବିର ଉଦ୍‌ଯାପିତ

**ଦେବଗଡ଼, ୧୯।୩(ଶଶାଙ୍କ ଶେଖର ଝାଙ୍କର)**

୨୪୭୩ ଜଣଙ୍କୁ ତାଲିମ ପ୍ରଦାନ

ଆଗାମୀ ସାଧାରଣ ନିର୍ବାଚନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀମାନଙ୍କର ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ତାଲିମ ପ୍ରଦାନ କାର୍ଯ୍ୟକ୍ରମ ମାର୍ଚ୍ଚ ୧୪ ରୁ ଆରମ୍ଭ ହୋଇ ୧୯ରେ ଶେଷ ହୋଇଯାଇଛି। ଲୋକସଭା ଓ ବିଧାନସଭା ନିର୍ବାଚନ ମତଦାନ ପ୍ରକ୍ରିୟାକୁ ସରଳ ଓ ତ୍ରୁଟିଶୂନ୍ୟ କରିବାକୁ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଦେବଗଡ଼ ମହାବିଦ୍ୟାଳୟର ୮ଟି ହଲରେ ଏହା ଅନୁଷ୍ଠିତ ହୋଇଥିଲା। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସୋମେଶ କୁମାର ଉପାଧ୍ୟାୟଙ୍କ ତତ୍ତ୍ୱାବଧାନରେ ଏହା ହୋଇଥିଲା। ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଉପଜିଲାପାଳ ପରିକ୍ଷିତ ସାହୁ, ଡେପୁଟି କଲେକ୍ଟର ଇଲେକ୍ସନ ଏଜେଲିନ ବାରା, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁର, ସହକାରୀ ଜିଲାପାଳ ହେମନ୍ତ ସିଂ, ଈଶର ଗୁରୁ, ତାପସ କୁମାର ମହାନ୍ତ, ରାଜୀବ ଲୋଚନ ନାଏକ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଏଥିରେ ସମୁଦାୟ ୨୪୭୩ ଜଣଙ୍କୁ ତାଲିମ ପ୍ରଦାନ କରାଯାଉଥିବାବେଳେ ପ୍ରିଜାଇଡିଂ ଅଧିକାରୀ ୪୧୨ ଜଣ, ପ୍ରଥମ ପୋଲିଂ ଅଧିକାରୀ ୪୧୩, ଦ୍ୱିତୀୟ ପୋଲିଂ ଅଧିକାରୀ ୪୧୨, ତୃତୀୟ ପୋଲିଂ ଅଧିକାରୀ ୪୧୩, ଚତୁର୍ଥ ପୋଲିଂ ଅଧିକାରୀ ୪୧୩ ଓ ପଞ୍ଚମ ପୋଲିଂ ଅଧିକାରୀ ୪୧୦ ଜଣ ଅଂଶଗ୍ରହଣ କରିଥିଲେ। ପରେ ଦେବଗଡ଼ ମହାବିଦ୍ୟାଳୟ ଅଡିଟୋରିୟମଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।


ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀଙ୍କୁ ତାଲିମ ଦିଆଯାଉଛି।

## ଭୋଟର ସଚେତନତା କାର୍ଯ୍ୟକ୍ରମ


ଭୋଟର ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ସୁନ୍ଦରଗଡ଼, ୧୯।୩(ଜୟନାରାୟଣ ମେଣ୍ଡୁଲି)**

ସରକାରୀ ମହିଳା ମହାବିଦ୍ୟାଳୟରେ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଇନ୍ଦିରା ଗଡ଼ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ନେହେରୁ ଯୁବ କେନ୍ଦ୍ରର ପୂର୍ବତନ ଡ଼ାଇରେକ୍ଟର ନବୀନ ନାଏକ, ଜିଲା ନିର୍ବାଚନ କାର୍ଯ୍ୟାଳୟର ପୂର୍ବତନ ଉପ ବିଭାଗ ଅଧିକାରୀ ଲୀଳାଧର କାଲୋ, ପୂର୍ବତନ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପଟେଲ, ନେହେରୁ ଯୁବ କେନ୍ଦ୍ର ସୁନ୍ଦରଗଡ଼ର ଜିଲା ଯୁବ ଅଧିକାରୀ ମାରିଆନୁସ ବିଲୁଙ୍ଗ ପ୍ରମୁଖ ଯୋଗଦେଇଥିଲେ। ସେମାନେ ଭୋଟର ସଚେତନତା ବିଷୟରେ ଉପସ୍ଥିତ କଲେଜ ଛାତ୍ରୀମାନଙ୍କୁ ବୁଝେଇଥିଲେ। କାର୍ଯ୍ୟକ୍ରମକୁ ଗୋପାଳ ନାଏକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ନେହେରୁ ଯୁବ କେନ୍ଦ୍ରର ସଞ୍ଜୀବ ଦଣ୍ଡସେନା, ସମାଜସେବୀ ସୁମନ୍ତ ମହାପାତ୍ର, ଅଶୋକ ସାହୁ, ଅରୁଣ ଯାଦବ। ଶେଷରେ ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ସଲୀଳା କୁଜୁର ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରକ୍ ପଛପଟୁ ଧକ୍କା ଦେଲା ଟ୍ରକ୍

**ଦେବଗଡ଼, ୧୯।୩ (ଶଶାଙ୍କଶେଖର ଝାଙ୍କର)**

ଦେବଗଡ଼ ଏସ୍‌ପି ଅଫିସ ଛକ ନିକଟସ୍ଥ ୪୯ନଂ. ନମ୍ବର ଜାତୀୟ ରାଜପଥରେ ଟ୍ରକ ଧକ୍କାରେ ଜଣେ ଟ୍ରକ ଚାଳକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ ଏକ ମାଲ ବୋଝେଇ ଟ୍ରକ ନଂ. ସିଜି ୦୪ ଏଲଏଚ ୮୩୧୩ ତିଲେଇବଣି ଆଡୁ ବାରକୋଟ ପଟକୁ ଯାଉଥିବାବେଳେ ଟ୍ରକର ଚାଳକ ହଠାତ ବ୍ରେକ ମାରି ଦେଇଥିଲେ। ଫଳରେ ପଛପଟୁ ଆସୁଥିବା ଅନ୍ୟ ଏକ ମାଲ ବୋଝେଇ ଟ୍ରକ ନଂ.-ପିବି ୦୨ ସିଆର ୪୧୨୭ର ଚାଳକ ଭାରସାମ୍ୟ ହରାଇବାରୁ ଟ୍ରକଟି ଆଗରେ ଯାଉଥିବା ଟ୍ରକର ପଛପଟେ ପିଟି ହୋଇଥିଲା। ଏଥିରେ ପଛରେ ଧକ୍କା ଦେଇଥିବା ଟ୍ରକର ଚାଳକ ମଙ୍ଗଳ ସିଂଙ୍କ ଗୋଡରେ ଗୁରୁତର ଆଘାତ ଲାଗିବା ସହ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ନିମନ୍ତେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଏନେଇ ଦେବଗଡ଼ ଥାନା ପୋଲିସ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ଟ୍ରକ ଦ୍ୱୟକୁ ଜବତ କରିଛି।

## ବଜ୍ରପାତରେ ଯୁବକ ମୃତ

**ନୂଆପଡ଼ା, ୧୯।୩(ମକାରୁ ବେମାଲ)**

ନୂଆପଡା ସଦର ବ୍ଲକ କୋଟେନଚୂଆଁ ପଞ୍ଚାୟତ ଝାଞ୍ଜିମୁଣ୍ଡା ଗାଁରେ ମଙ୍ଗଳବାର ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଯୁବକ ଜଣକ ହେଲେ ଝାଞ୍ଜିମୁଣ୍ଡା ଗାଁର ହେମସିଂ ମାଝି (୨୯)। ସୂଚନା ମୁତାବକ ସୋମବାର ସନ୍ଧ୍ୟାରୁ ଜିଲାରେ ମେଘୁଆ ପାଗ ଦେଖା ଦେଇଥିଲା। ମଙ୍ଗଳବାର ସକାଳେ ଝିପି ଝିପି ବର୍ଷା ହୋଇଥିଲା। ସେହି ସମୟରେ ଜମିରେ ତିଆରି କରିଥିବା ଇଟାକୁ ତାରପୋଲିନରେ ଢାଙ୍କିବା ଥିବା ସମୟରେ ହଠାତ୍ ବଜ୍ରପାତ ହୋଇଥିଲା। ଯୁବକଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲେ। ଇଟା ତିଆରି କରିଥିବା ସ୍ଥାନରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରିଥିଲେ ମଧ ତାଙ୍କର ପ୍ରାଣବାୟୁ ଚାଲି ଯାଇଥିଲା। ନୂଆପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ନୂଆପଡା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

## ଶଙ୍କରାଚାର୍ଯ୍ୟ ସଦାନନ୍ଦ ସରସ୍ୱତୀଙ୍କୁ ସମ୍ବର୍ଦ୍ଧନା

**ରାଉରକେଲା, ୧୯।୩(ସଙ୍ଗୀତା ଜେନା)**

ଦ୍ୱାରକା ଶାରଦାପୀଠ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ସଦାନନ୍ଦ ସରସ୍ୱତୀ ମହାରାଜ ୩ ଦିବସୀୟ ରାଉରକେଲା ଗସ୍ତରେ ଅଛନ୍ତି। ମଙ୍ଗଳବାର ସେ ରାଉରକେଲା କଚେରୀ ରୋଡ୍‌ଠାରେ ଅବସ୍ଥାନ କରିଥିଲେ। ଅପରାହ୍ନରେ ପାନପୋଷ ସ୍ଥିତ ଅଗ୍ରସେନ ଭବନରେ ହରିୟାଣା ନାଗରିକ ସଂଘ ପକ୍ଷରୁ ଆୟୋଜିତ ଭବ୍ୟ ସମ୍ବର୍ଦ୍ଧନା ସଭାରେ ସ୍ୱାମୀଜୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ହରିଆଣା ନାଗରିକ ସଂଘ, ରାଉରକେଲା ଚାମ୍ବର ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରିଜ୍, ଜୈନ ସମାଜ, ଶିବାଜୀ ଆଖଡ଼ା, ଭୂତନାଥ ଆଖଡ଼ା, ରାଉରକେଲା ଡେଲି ମାର୍କେଟ ଆଖଡ଼ା ସମେତ ୨୫ଟି ଅନୁଷ୍ଠାନ ଶଙ୍କରାଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସ୍ୱାମୀଜୀ ପ୍ରବଚନ ଦେଇଥିଲେ। ଶିବକୁଟୀ କୁଟୀର ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସୂଚନାଯୋଗ୍ୟ, ସ୍ୱାମିଜୀ ବୁଧବାର ମଧ୍ୟାହ୍ନରେ ରାଉରକେଲାରୁ ପ୍ରସ୍ଥାନ କରିବେ ବୋଲି ସୂଚନା ମିଳିଛି।


ଅଗ୍ରସେନ ଭବନରେ ଶଙ୍କରାଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

**କୁତ୍ରା, ୧୯।୩(ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲା କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ସମସ୍ତ ଠିକା କର୍ମଚାରୀ ମଙ୍ଗଳବାରଠାରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଏହା ସହ ଏନେଇ ଏକ ଘୋଷଣାନାମା ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ଶ୍ରୀକାନ୍ତ ଟପ୍ପୋଙ୍କୁ ପ୍ରଦାନ କରିଛନ୍ତି। ଦୀର୍ଘ ବର୍ଷ ଧରି ମହାସଂଘ ପକ୍ଷରୁ ସେମାନଙ୍କୁ ନିୟମିତ କରିବା ସହ ଦରମା ବୃଦ୍ଧି ତଥା ବିଭିନ୍ନ ସୁବିଧା ସୁଯୋଗ ପ୍ରଦାନ ନିମନ୍ତେ ସରକାରଙ୍କ ନିକଟରେ ଦାବି କରି ଆସୁଛନ୍ତି। ହେଲେ ସରକାର ଏପର୍ଯ୍ୟନ୍ତ ସେମାନଙ୍କ ଦାବି ପୂରଣ କରିବା ଦିଗରେ ପଦକ୍ଷେପ ଗ୍ରହଣ କରୁ ନ ଥିବା ଯୋଗୁ ଅସନ୍ତୋଷ ପ୍ରକାଶ ପାଇଛି। ମହାସଂଘର ନିଷ୍ପତ୍ତି କ୍ରମେ ଏଠାରେ କାର୍ଯ୍ୟରତ ଓଡ଼ିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ ଏବଂ ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ସମସ୍ତ ଆୟୁଷ ଡାକ୍ତର, ଆରବିଏସ୍‌କେ ଡାକ୍ତର ଏବଂ କର୍ମଚାରୀ, ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ କର୍ମଚାରୀ ସହ ସଂଘ ଅଧିନରେ କାର୍ଯ୍ୟରତ ସମସ୍ତେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ କରିବା ସହ ସପରିବାର ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। କାର୍ଯ୍ୟ ବନ୍ଦ ତଥା ଭୋଟ ବର୍ଜନ ନିଷ୍ପତ୍ତିକୁ ନେଇ ଏକ ପତ୍ର ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ସେକ୍ରେଟାରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଟପ୍ପୋଙ୍କୁ ପ୍ରଦାନ କରିଛନ୍ତି।


କୁତ୍ରାରେ ସ୍ୱାସ୍ଥ୍ୟ ଠିକା କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନ କରି ଦାବିପତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଦେଉଛନ୍ତି।

## କୋହଲା ପାଗ ସହ ଅଦିନିଆ ବର୍ଷା

ଖପ୍ରାଖୋଲ,(ଅଭୟ ତ୍ରିପାଠୀ): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ମଙ୍ଗଳବାର ଦିନସାରା କୋହଲା ପାଗ ଲାଗି ରହିଥିଲା। ଅପରାହ୍ନରେ ଅଦିନିଆ ଝଡ଼ବର୍ଷା ହୋଇଥିଲା। ଯାହା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଅଦିନିଆ ବର୍ଷା ଯୋଗୁ ମୁଗ, ଧନିଆ, ସୋରିଷ, ବିରି, ତିଆସି ଚଣା, ପନିପରିବା ଫସଲ ନଷ୍ଟ ହେବା ସମ୍ଭାବନା ଦେଖାଦେଇଛି। ଅଦିନିଆ ବର୍ଷାକୁ ନେଇ ଚାଷୀ ଚିନ୍ତାରେ ପଡିଛନ୍ତି।

### ସଂକ୍ଷେପରେ

## ଲୋଇସିଂହା ବ୍ଲକ: ଯୋଗଦେଲେ ନୂତନ ବିଡିଓ, ୧୦ପିଇଓ

ଲୋଇସିଂହା,୧୯।୩ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ନୂତନ ବିଡିଓ ଭାବେ ଅକ୍ଷୟ ପାଣି ଓଡୁ ସୋମବାର ଯୋଗଦାନ କରିଛନ୍ତି। ଏହାସହ ଦୀର୍ଘଦିନରୁ ଖାଲି ପଡିଥିବା ୧୦ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ମଧ୍ୟ ଯୋଗଦେଇଛନ୍ତି। ନୂତନ ପିଇଓଙ୍କ ଯୋଗଦାନ ପରେ ପଞ୍ଚାୟତସ୍ତରରେ ଉନ୍ନୟନ କାମ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି। ୨୦୨୩ ନଭେମ୍ବର ପ୍ରଥମ ସପ୍ତାହରେ ବିଡିଓ ଯୁଧିଷ୍ଠିର ମେହେର ଯୋଗଦେଇଥିଲେ। ଯୋଗଦାନର ସପ୍ତାହେ ନ ପୁରୁଣୁ ତାଙ୍କ ପଦୋନ୍ନତି ହୋଇଥିଲା। ପଦୋନ୍ନତି ପରେ ମଧ୍ୟ ଏଠାରେ ସେ କାର୍ଯ୍ୟ କରୁଥିଲେ। ବଲାଙ୍ଗୀର ଲୋକସଭା ଅଧୀନ ସୋନପୁରରେ ତାଙ୍କ ଘର ହୋଇଥିବାରୁ ନିର୍ବାଚନ ପୂର୍ବରୁ ତାଙ୍କ ବଦଳି ବୌଦ୍ଧକୁ ହୋଇଛି । ଏହିକ୍ରମରେ ଓଡୁଙ୍କୁ ଏଠାରେ ବିଡିଓ ଭାବେ ଅବସ୍ଥାପିତ କରାଯାଇଛି । ୨୦ଟି ପଞ୍ଚାୟତକୁ ନେଇ ଲୋଇସିଂହା ପଞ୍ଚାୟତ ସମିତି ଗଠିତ । ହେଲେ ୧୦ଜଣ ପିଇଓରେ ବ୍ଲକରେ କାର୍ଯ୍ୟ କରୁଥିଲେ। ସେଥିରୁ ଜଣେ ସ୍ୱାସ୍ଥ୍ୟଗତ କାରଣରୁ ମେଡିକାଲ ଲିଭରେ ରହିଛନ୍ତି। ଜଣେ ଜଣେ ପିଇଓ ୨ରୁ ୩ ପଞ୍ଚାୟତ ଅତିରିକ୍ତ ଦାୟିତ୍ୱରେ ରହିଥିଲେ। ଏବେ ବ୍ଲକର ହୀରାପୁର, ବୁର୍ଡା, ବାଦିବାହାଲ, ଲୋଇସିଂହା, କୁଟେନପାଲି, ତଲିଉଡାର, ବାନିପାଲି, ରତାଖଣ୍ଡି, ରେଙ୍ଗାଲି ଓ ମାଗୁରବେଡା ପଞ୍ଚାୟତରେ ନବନିଯୁକ୍ତ ପିଇଓଙ୍କୁ ଅବସ୍ଥାପିତ କରାଯାଇଛି। ଲୋଇସିଂହା ପଞ୍ଚାୟତ ସମିତି ଚିଠିସଂଖ୍ୟା ୯୫୪/ତା ୧୮।୩।୨୦୨୪ରିଖ ଅନୁଯାୟୀ ଜଣାପଡିଛି।

## ଷୋହଳ ପ୍ରହର ନାମଯଜ୍ଞ ସମ୍ପନ୍ନ

ମୁରିବାହାଲ,୧୯।୩(ଶ୍ରୀବସ୍ତ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ବନ୍ଧୁପଲା ପଞ୍ଚାୟତ ଅନ୍ତର୍ଗତ ସତିଘାଟ ଗ୍ରାମରେ ଚାଲିଥିବା ଷୋହଳ ପହର ନାମଯଜ୍ଞ ମଙ୍ଗଳବାର ପୂର୍ଣ୍ଣାହୂତି ସହ ସମାପନ ହୋଇଛି। ଶନିବାର ନିକଟସ୍ଥ ତିଳେଇଜୋରରୁ ମହିଳାମାନେ ପୂର୍ଣ୍ଣ ଜଳ କଳସ ଆଣି ସ୍ଥାପନ ପରେ ଅଧିବାସ ଆରମ୍ଭ ହୋଇଥିଲା। କର୍ତ୍ତାଭାବେ ସୁନୀଲ ମହାନ୍ତି ଓ ତାଙ୍କ ଧର୍ମପତ୍ନୀ ରଶ୍ମିତା ମହାନ୍ତି ଦାୟିତ୍ୱ ନିର୍ବାହ କରିଥିଲେ। ସଭାପତି ଚକ୍ରଯୁଧ ଖମାରୀ, ସମ୍ପାଦକ ଆଶିଷ ଖମାରୀ, କୋଷାଧ୍ୟକ୍ଷ ରହିତ ଖମାରୀ, ସହସମ୍ପାଦକ ଜିତେନ୍ଦ୍ରିୟ ଖମାରୀ, ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ଶିଶୁ ମନ୍ଦିର ପରିଚାଳନା କମିଟି ଗଠିତ

ମୁରିବାହାଲ, ୧୯।୩(ଶ୍ରୀବସ୍ତ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ସରସ୍ୱତୀ ଶିଶୁମନ୍ଦିରର ନୂତନ ପରିଚାଳନା କମିଟି ଯୁଗେଶ୍ୱର ବିହାର ସଭାଗୃହରେ ମଙ୍ଗଳବାର ଗଠନ କରାଯାଇଛି । କମିଟି ସଭାପତି ଶ୍ରୀବସ୍ତ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ଜିଲା ବିଭାଗ ନିରୀକ୍ଷକ ପ୍ରକାଶ ଚନ୍ଦ୍ର ମହାନ୍ତି, ସହ ନିରୀକ୍ଷକ ମନୋରଞ୍ଜନ କରଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ଶିଶୁମନ୍ଦିର ମନ୍ଦିର ବିକାଶ, ଶିକ୍ଷା ଉପରେ ଗୁରୁତ୍ୱ, ଛାତ୍ରୀଛାତ୍ର, ଅଭିଭାବକ ଓ ଗୁରୁମାଗୁରୁଜୀଙ୍କର ସୁସମ୍ପର୍କ ଉପରେ ଆଲୋଚନା କରାଯାଇମ୍‌ଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ବିଭାଗ ନିରୀକ୍ଷକ ମହାନ୍ତି ଶିକ୍ଷା ବିକାଶ ସମିତିର ନିୟମ ଅନୁସାରେ କମିଟି ଗଠନ ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରାଇ ନୂତନ ପରିଚାଳନା କମିଟି ଗଠନ କରିବାକୁ ଅନୁରୋଧ କରିଥିଲେ। ନୂତନ କମିଟି ସଭାପତିଭାବେ ନାରାୟଣ ସାହୁ, ଉପସଭାପତି ଶିବ ଧରୁଆ, ସମ୍ପାଦକ ଭରତ ଦାସ, ସହସମ୍ପାଦକ ସୁବାସ ଚନ୍ଦ୍ର ପଟ୍ଟନାୟକ, କୋଷାଧ୍ୟକ୍ଷ ଗଙ୍ଗାଧର ହେର୍ଣ୍ଣା, ସଦସ୍ୟଭାବେ ସୁନିତା ଦାସ, କ୍ଷିତିସୂତା ତାଣ୍ଡି, ବିଦ୍ୟାଳୟ ତରଫରୁ ପ୍ରଧାନଗୁରୁଜୀ ସୁମନାନନ୍ଦ ଖମାରି ଓ ଗୋବିନ୍ଦ ଦାସଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ଏଥିସହ ସ୍ୱତନ୍ତ୍ର ନିମନ୍ତ୍ରଣ ଅତିଥିଭାବେ ଶ୍ରୀବସ୍ତ ବେହେରା, ସାଧୁ ସୁଶୀଲ ବାବା, ବିଶ ବିହାରୀ ଯୋଶୀ, ତରୁଣ ପୋଦ୍ଦାର, ଅନିଲ କୁମାର ଶର୍ମା, ଅଭୟାନନ୍ଦ ଦାସ, ରାଜୀବ କୁଅରଙ୍କୁ ଆଗାମୀ ୩ ବର୍ଷ ଚୟନ କରାଯାଇଛି।

# ଅନିୟମିତତା ଅଭିଯୋଗକଲା ସରପଞ୍ଚ ସଂଘ

**କ୍ରୀଡ଼ା ଉପକରଣ ପାଇଁ ପଞ୍ଚାୟତକୁ ଅନୁଦାନ ପ୍ରଦାନ ଘଟଣା**

■ **ଜିଲାପାଳଙ୍କୁ ଆଜି ଭେଟିବ ସରପଞ୍ଚ ସଂଘ**

ଲୋଇସିଂହା,୧୯।୩(ସୁଶାନ୍ତ ବାରିକ)

କ୍ରୀଡା ଓ କ୍ରୀଡାବିତଙ୍କ ବିକାଶ ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ପଞ୍ଚାୟତସ୍ତରରେ ଯୁବ ଖେଳାଳିଙ୍କୁ ଉତ୍ସାହିତ କରିବାକୁ କ୍ରୀଡା ଉପକରଣ ପାଇଁ ଅନୁଦାନ ଯୋଗାଇ ଦିଆଯାଉଛି। ହେଲେ ସରପଞ୍ଚମାନଙ୍କୁ ଅନ୍ଧାରରେ ରଖି ବ୍ଲକ ପ୍ରଶାସନ ଓ ପିଇଓମାନେ ସେହି ଅନୁଦାନକୁ ଏପଟସେପଟ କରିବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣା ଲୋକଲୋଚନକୁ ଆସିବା ପରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ଆଲୋଡନ ସୃଷ୍ଟି କରିଛି। ରାଜ୍ୟ ସରକାର ପଞ୍ଚାୟତମାନଙ୍କୁ ୫୦ ଲକ୍ଷ ଅନୁଦାନ ଯୋଗାଇ ଦେଇଛନ୍ତି। ଏହିକ୍ରମରେ ଆମ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ବ୍ଲକର ୨୦ପଞ୍ଚାୟତ ମଧ୍ୟରୁ ୧୮ପଞ୍ଚାୟତକୁ କ୍ରୀଡା ଉପକରଣ କ୍ରୟପାଇଁ ଅଢେଇ ଲକ୍ଷ ଟଙ୍କା ଲେଖାଏ ପଞ୍ଚାୟତ ସିମିତି ପକ୍ଷରୁ ଅନୁମୋଦନ କରାଯାଇଥିଲା। ୨୧ଟି କ୍ରୀଡା ଉପକରଣ କ୍ରୟ ନାଁରେ ଟଙ୍କା ଉଠାଣ ହୋଇଛି। ହେଲେ ଗୋଟିଏ ବି ପଞ୍ଚାୟତରେ କ୍ରୀଡା ଉପକରଣ ଉପଲବ୍ଧନାହିଁ। ହେଲେ ଚଞ୍ଚକତା ପୂର୍ବକ ନୂତନ ବିଡିଓ ଯୋଗଦାନ ପୂର୍ବରୁ ମାର୍ଚ୍ଚ ୧୭ ତାରିଖରେ ବ୍ଲକ ପ୍ରଶାସନ ପକ୍ଷରୁ ସାମଗ୍ରୀ ଯୋଗାଣ କରାଯାଇଥିବା ନେଇ ପିଇଓମାନଙ୍କଠାରୁ ରିସିଭ କରି ନିଆଯାଇଛି । ଏହି ଘଟଣା ପ୍ରଘଟ ପରେ ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଜୋରଜୁଲମ କରି ରିସିଭ କରାଇ ନିଆଯାଇଥିବା କେତେକ ପିଇଓ ନାମ ଗୋପନ ସର୍ତ୍ତରେ କହଛନ୍ତି। ଅପରପକ୍ଷେ ଏହି ଅନିୟମିତତା ବିରୋଧରେ ବୁଧବାର ସରପଞ୍ଚ ସଂଘ ଜିଲାପାଳଙ୍କୁ ଫେରାଦ ହେବେ ବୋଲି ସଭାପତି ସଞ୍ଜୟ ଗଡତ୍ୟା ଗଣମାଧ୍ୟମକୁ ଜଣାଇଛନ୍ତି। ଏହାବ୍ୟତୀତ ଅର୍ପଣ ରଥ ପରିକ୍ରମା ସମୟ ଅନୁଦାନ ସରପଞ୍ଚ–ପିଇଓଙ୍କ ମିଳିତ ଆକଉଣ୍ଟରେ ନ ପକାଇ ପିଇଓମାନଙ୍କ ବ୍ୟକ୍ତିଗତ ଆକଉଣ୍ଟରେ ପୈଠକୁ ନେଇ ମଧ୍ୟ ସରପଞ୍ଚ ସଂଘ ପ୍ରଶ୍ନ ଉଠାଇଛି ।

# କଂଗ୍ରେସ କର୍ମୀ ସମ୍ମିଳନୀ



କଂଗ୍ରେସରେ ଯୋଗଦେଇଥିବା ନୂତନ କର୍ମୀଙ୍କ ସହ ଦଳୀୟ ନେତୃବର୍ଗ।

ମୁରିବାହାଲ,୧୯।୩(ଶ୍ରୀବସ୍ତ ବେହେରା)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମୁରିବାହାଲ ବ୍ଲକ ଗୁଡିଘାଟ ପଞ୍ଚାୟତର ବାବେଜୁରୀ ସଜନା ବଡିଆଠାରେ ମଙ୍ଗଳବାର କଂଗ୍ରେସର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁରିବାହାଲ ବ୍ଲକ କଂଗ୍ରେସ ସଭାପତି ପ୍ରଫୁଲ୍ଲ କୁମାର ବାଘାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ଯୋଗଦେଇ ଆଗାମୀ ନିର୍ବାଚନରେ ଦଳୀୟ କର୍ମୀମାନେ ବିଜୟ ସୁନିଶ୍ଚିତ କରିବା ଦିଗରେ କାର୍ଯ୍ୟ କରନ୍ତୁ ବୋଲି କହିଥିଲେ। ଏଥିସହିତ ଗତ ୫ବର୍ଷ ମଧ୍ୟରେ ବିଧାୟକ ଭାବେ ସମଗ୍ର ନିର୍ବାଚନ ମଣ୍ଡଳୀରେ ଯେଉଁ ବିକାଶମୂଳକ କାର୍ଯ୍ୟ କରିଛନ୍ତି ସେ ସମ୍ପର୍କରେ ଲୋକଙ୍କୁ ଜଣାଇବାର ଆବଶ୍ୟକତା ରହିଛି ବୋଲି ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିସିସି ସଭ୍ୟ ଅମିତ ସିଂ ସାଲୁଜା, ବ୍ଲକ ଉପସଭାପତି ବିଭୀଷଣ ମହାନନ୍ଦ, ପୂର୍ବତନ ଜିଲା ପରିଷଦ ସଭ୍ୟ ବେଲାରସେନ ବେହେରା, ବରିଷ୍ଠ ଆଇନଜୀବୀ କାହ୍ନୁଚରଣ ବହିଦାର, ଗିରିଧାରୀ ସାହୁ, ବୁଲୁ ବିଶି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରେ ବିଜେଡି ଓ ଭାଜପାର ଶତାଧିକ କର୍ମୀ ବିଧିବଦ୍ଧ ଭାବେ କଂଗ୍ରେସରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଜିତେନ ହାତୀ, ଗୁଲମେର ସିଂ, ବୁଲୁ କମ୍ଭାର, ଉମେଶ ସିଂ ବର୍ମା, ଝଲମେଳିଆ ବେନିଆ ସହଯୋଗ କରିଥିଲେ।

# ନିର୍ବାଚନକୁ ଦୃଷ୍ଟିରେ ରଖି ପୋଲିସର ଫ୍ଲାଗମାର୍ଚ୍ଚ



ଲୋଇସିଂହାରେ ପୋଲିସ ଓ ସିଆରପିଏଫ ଯବାନଙ୍କ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି ।

ଟିଟିଲାଗଡ଼/ସଇଁତଲା/ଲୋଇସିଂହା, ୧୯।୩(ଶରତ ମିଶ୍ର/ରାଖାଲ ପ୍ରସାଦ ଶତପଥୀ/ସୁଶାନ୍ତ ବାରିକ)

ଆଗାମୀ ୨୦୨୪ ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ କରିବା ନେଇ ଲୋକଙ୍କୁ ସଚେତନ କରାଇବା ପାଇଁ ପୋଲିସ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ମଙ୍ଗଳବାର ଅପରାହ୍ନରେ ଟିଟିଲାଗଡ଼ରେ ଏସ୍‌ଡିପିଓ ଅଙ୍କିତା କୁମ୍ଭାରଙ୍କ ଅଧ୍ୟକ୍ଷତାରେ ସହର ସାରା ଫ୍ଲାଗମାର୍ଚ୍ଚ କରାଯାଇଥିଲା। ପୋଲିସ ବଳ ସହ ଫୋର୍ସମାନେ ଏଥିରେ ସାମିଲ ହୋଇଥିଲେ। ସମ୍ବେଦନଶୀଳ ସ୍ଥାନମାନଙ୍କରେ ପୋଲିସ ସୁରକ୍ଷା କଡ଼ାକଡ଼ି କରାଯିବ ଏବଂ ବେଆଇନ କାର୍ଯ୍ୟ ଉପରେ ଚଡ଼ାଉ ଜାରି ରହିବ ବୋଲି କୁହାଯାଇଛି।

ସେହିପରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସଇଁତଲା ପୋଲିସ ପ୍ରଶାସନ ତରଫରୁ ମଙ୍ଗଳବାର ସିଆରପିଏଫର ୧୮୯ ବାଟାଲିୟନ ପକ୍ଷରୁ ସଇଁତଲା ସହରରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟିଟିଲାଗଡ଼ ଏସ୍‌ଡ଼ିପିଓ ଅଙ୍କିତା କୁମ୍ଭାର, ସଇଁତଲା ଥାନାଧିକାରୀ ସୁଶାନ୍ତ ପଧାନ ଉପସ୍ଥିତ ରହି ଜନସାଧାରଣ ପୋଲିସକୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ।

ସେହିପରି ଲୋଇସିଂହା ଓ ଆଗଲପୁର ଥାନା ଅଧୀନ ବିଭିନ୍ନ ସ୍ଥାନରେ ପୋଲିସ ଓ ସିଆରପିଏଫ ପକ୍ଷରୁ ମିଳିତ ଫ୍ଲାଗମାର୍ଚ୍ଚ କରାଯାଇଛି । ଲୋଇସିଂହା କଲେଜ ଛକରୁ ବାହାରି ସେମାନେ ବସ୍‌ଷ୍ଟାଣ୍ଡ ଦେଇ ଲୋଇସିଂହା ବସ୍ତିକୁ ଯାଇଥିଲେ । ଡେଲି ମାର୍କେଟ, ନୂଆପଡା ଦେଇ ପଦ୍ମପୁର ଚାରିଛକ ପର୍ଯ୍ୟନ୍ତ ଫ୍ଲାଗମାର୍ଚ୍ଚମ କରାଯାଇଥିଲା । ସେଠାରୁ ବୁର୍ଡା ବସ୍ତିରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ସେହିପରି ଆଗଲପୁର ଥାନା ଆଗଲପୁର ଓ ବ୍ଲକ ମୁଖ୍ୟାଳୟ ଡୁଡୁକା ଗ୍ରାମରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଲୋଇସିଂହା ଓ ଆଗଲପୁରରେ ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ, ଲୋଇସିଂହା ଆଇଆଇସି ଯାଜ୍ଞସିନୀ ନାୟକ ନେତୃତ୍ୱରେ ପୋଲିସ ଓ ୧ ପ୍ଲାଟୁନ ସିଆର୍‌ପିଏଫ ଯବାନ ସାମିଲ ହୋଇଥିଲେ। ଏହାବ୍ୟତୀତ ଲୋଇସିଂହା ଆଇଆଇସିଙ୍କ ନିର୍ଦ୍ଦେଶରେ ସୋମବାରରୁ ସ୍ଥାନୀୟ ପୋଲିସ ପକ୍ଷରୁ ବଲାଙ୍ଗୀର–ବରଗାଡ ୨୬ ନଂ ଜାତୀୟ ରାଜପଥ ବୁର୍ଡାଛକ ସମେତ ବିଭିନ୍ନ ସ୍ଥାନରେ ଗାଡିମୋଟର ଯାଞ୍ଚ ଅଭିଯାନକୁ ତ୍ୱରାନ୍ୱିତ କରାଯାଇଛି। ଏହା ଦ୍ୱାରା ସାଧାରଣ ଜନତାଙ୍କ ମନରେ ପୋଲିସ ପ୍ରଶାସନ ପ୍ରତି ବିଶ୍ୱାସ ବଢିବ ଏବଂ ନାକା ଡ୍ୟୁଟି ଫଳରେ ବେଆଇନ କାରବାର ରୋକା ଯାଇପାରିବ ବୋଲି ଏସ୍‌ଡିପିଓ ସାହୁ କହିଛନ୍ତି।

## ପିଇଓଙ୍କଠାରୁ ୪.୬୪ଲକ୍ଷ ଲୁଟିନେଲେ

**ଭତ୍ତା ଦେବାକୁ ଏସ୍‌ବିଆଇରୁ ଟଙ୍କା ଉଠାଇ ଫେରୁଥିଲେ**

କଣ୍ଟାବାଞ୍ଜି, ୧୯।୩(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ସଦର ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ସତ୍ୟନାରାୟଣ ଘିବେଲା ମଙ୍ଗଳବାର କଣ୍ଟାବାଞ୍ଜି–ବଙ୍ଗୋମୁଣ୍ଡା ୪୨ନଂ ରାଜ୍ୟ ରାଜପଥର ଦନ୍ଦରା ଗାଁ ନିକଟରେ ଲୁଟ୍‌ର ଶିକାର ହୋଇଛନ୍ତି। ତିନିଜଣ ମୁଖାପିନ୍ଧା ଲୁଟେରା ତାଙ୍କଠାରୁ ୪ଲକ୍ଷ ୬୪ହଜାର ୮୦୦ଟଙ୍କା ଲୁଟି ନେଇଥିବା ସେ ବଙ୍ଗୋମୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ପାଇଁ ମଧ୍ୟାହ୍ନରେ ସେ ବଙ୍ଗୋମୁଣ୍ଡା ଏସ୍‌ବିଆଇରୁ ଉକ୍ତ ଟଙ୍କା ଉଠାଇ ବାଇକରେ ଫେରୁଥିବା ବେଳେ ଏହି ଘଟଣା ଘଟିଛି। ଲୁଟ୍ ପରେ ଲୁଟେରାମାନେ ବାଇକରେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ବଙ୍ଗୋମୁଣ୍ଡା ଏବଂ କଣ୍ଟାବାଞ୍ଜି ଥାନା ପୋଲିସ ଘଟଣାର ଅନୁସନ୍ଧାନ ଚଳାଇଛି। ଅଭିଯୋଗ ଅନୁସାରେ ବଙ୍ଗୋମୁଣ୍ଡା ଗ୍ରାମ ପଞ୍ଚାୟତ ଅଧିକାରୀ ଘିଭେଲା ବଙ୍ଗୋମୁଣ୍ଡା ଷ୍ଟେଟବ୍ୟାଙ୍କରୁ ଟଙ୍କା ଉଠାଇ ବାଇକ୍ ଡିକିରେ ରଖିଥିଲେ। ସେଠାରୁ ନିଜ ବାଇକରେ ଖଇରା ପଞ୍ଚାୟତର ପିଇଓ ନୀଳମଣି ରଣାଙ୍କ ସହ କଣ୍ଟାବାଞ୍ଜିସ୍ଥିତ ଘରକୁ ଆସୁଥିଲେ। ଦନ୍ଦରା ଗାଁ ନିକଟରେ ୩ଜଣ ଲୁଟେରା ପଛପଟୁ ଏକ ବାଇକରେ ଆସି ତାଙ୍କ ଗାଡିକୁ ଧକ୍କା ଦେଇଥିଲେ। ଏଥିରେ ଉଭୟେ ଭାରସାମ୍ୟ ହରାଇ ତଳେ ପଡିଯାଇଥିଲେ। ଏହି ସମୟରେ ଲୁଟେରାମାନେ ଭୟଭୀତ କରାଇ ତାଙ୍କ ବାଇକକୁ ରାସ୍ତାପାର୍ଶ୍ୱ ଜଙ୍ଗଲକୁ ନେଇ ଯାଇଥିଲେ। ସେଠାରେ ବାଇକ୍ ଡିକି ଭାଙ୍ଗି ସେଥିରେ ଥିବା ଟଙ୍କାସବୁ ନେଇ ପଳାଇ ଯାଇଥିଲେ। ପରେ ପିଇଓ ଘିବେଲା ଘଟଣା ସମ୍ପର୍କରେ ଥାନାରେ ବିଧିବଦ୍ଧ ଅଭିଯୋଗ କରିଥିଲେ।

## ସିଲେଟକାନୀ ରାମେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ



ସିଲେଟକାନୀରେ ନବନିର୍ମିତ ରାମେଶ୍ୱର ମହାଦେବଙ୍କ ଭବ୍ୟ ମନ୍ଦିର ।

ଦେଓଗାଁ, ୧୯।୩(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବନ୍ଧ ପଞ୍ଚାୟତ ଅନ୍ତର୍ଗତ ସିଲେଟକାନୀ ଗାଁରେ ୮ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ରାମେଶ୍ୱର ମହାଦେବଙ୍କ ନୂତନ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ମାତାମଠ କଣ୍ଟାବାଞ୍ଜିର ସନ୍ଥ ମହନ୍ତ ଅଦ୍ୱୈତ ପ୍ରସାଦ ଦାସଙ୍କ ପୌରୋହିତ୍ୟ ତଥା ଆଞ୍ଚଳିକ ଯଜ୍ଞ କମିଟିର ଆୟୋଜନରେ ସୋମବାର କଳସଯାତ୍ରା ଓ ଅଧିବାସ ହୋଇଥିଲା। ମଙ୍ଗଳବାର ସକାଳେ ଯଜ୍ଞ ଆରମ୍ଭ ହୋଇଛି। ଅପରାହ୍ନରେ ଜଗବନ୍ଧୁ ମହାପାତ୍ରଙ୍କ ଦ୍ୱାରା ଲିଖିତ ତୁଳସୀ ରାମାୟଣ ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଛନଛଡାର ପରିକ୍ଷୀତ ମହାରାଜଙ୍କ ଦ୍ୱାରା ପ୍ରବଚନ ଅନୁଷ୍ଠିତ ହୋଇଥିଲା। ଯଜ୍ଞ କର୍ତ୍ତାଭାବେ ସ୍ୱପ୍ନେଶ୍ୱର ମେହେର ଓ ଶାନ୍ତି ମେହେର, ସପ୍ତାହ ପାରାୟଣ କର୍ତ୍ତାଭାବେ ସୁମନ୍ତ କର୍ମୀ ଓ ବାସନ୍ତୀ କର୍ମୀ ଦାୟିତ୍ୱ ତୁଲାଉଛନ୍ତି। ପ୍ରହରୀ କର୍ତ୍ତା ଭାବେ ଦୁର୍ଯ୍ୟୋଧନ ମେହେର ଓ ତାଙ୍କ ପତ୍ନୀ ଶାନ୍ତି ମେହେର ଦାୟିତ୍ୱରେ ରହିଛନ୍ତି। ଏହି ଉତ୍ସବରେ ଚିନ୍ମୟ ଦାସ ଜୀ ମହାରାଜ ଙ୍କ ପ୍ରବଚନ ଏବଂ ରମାକାନ୍ତ ପଣ୍ଡା ଓ ସାଥିଙ୍କ ଦ୍ୱାରା ପାରାୟଣ କାର୍ଯ୍ୟକ୍ରମ ରହିଛି। ସେହିପରି ଆଗାମୀ ୨୫ ତାରିଖରେ ଭଜନ ସନ୍ଧ୍ୟା ଓ ପଦ୍ମଶ୍ରୀ ହଳଧର ନାଗ ଯୋଗଦେବା ସ୍ଥିରୀକୃତ ହୋଇଛି। ପ୍ରତ୍ୟହ ମୀନା ବଜାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିବା କମିଟି ସୂତ୍ରରୁ ପ୍ରକାଶ । ଉତ୍ସବ ଆୟୋଜନରେ ଆଞ୍ଚଳିକ ଯଜ୍ଞ କମିଟି ଓ ଗ୍ରାମବାସୀ ସହଯୋଗ କରୁଛନ୍ତି।

## ଲାଖବାହିଲିଠାରେ ବ୍ଲକ ବିଜେଡିର ବୈଠକ

ଲାଞ୍ଜିଗଡ଼,୧୯।୩(ରମେଶ ଚନ୍ଦ୍ର ନାୟକ)



କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଖବାହିଲିଠାରେ ବ୍ଲକ ବିଜେଡି ପକ୍ଷରୁ ଶତାଧିକ କର୍ମୀଙ୍କୁ ନେଇ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ହିମାଦ୍ରୀ ପେଶନିଆଙ୍କ ତତ୍ତ୍ୱାବଧାନରେ ସାଧାରଣ ନିର୍ବାଚନ ୨୦୨୪କୁ ଆଖି ଆଗରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ନିତୀ ଆଦର୍ଶରେ ଅଞ୍ଚଳରେ ହୋଇଥିବା ବିକାଶକୁ ନେଇ ଅଞ୍ଚଳରେ ବିଜେଡ଼ିର ଜୟଜୟକାର ହେଉଥିବା ବେଳେ ଏହି ସାଧାରଣ ନିର୍ବାଚନରେ ବିଜେଡି କିଭଳି ଏକତରଫା ବିଜୟ ଲାଭ କରିବ ସେ ନେଇ କର୍ମୀମାନଙ୍କ ସହିତ ଆଲୋଚନା ହୋଇଥିଲା। ବୈଠକରେ ଲାଞ୍ଜିଗଡ଼ ବିଧାୟକ ପ୍ରତିନିଧି ପ୍ରଦୀପ ଘଡ଼େଇ, ଜିଲା ବିଜେଡି ସମ୍ପାଦକ ପାତ୍ର ମାଝି ଓ ଜଗଦୀଶ ବେନିଆଁ, ବିଜେଡି ପଞ୍ଚାୟତ ସଭାପତି ସାନ୍ଦରା ମାଝି, ଖଗେଶ୍ୱର ନାଏକ, ବାଲି ହରିଜନ, ରାମତୁ ମାଝି, ବୈରା ମାଝି, ରାମ ମାଝିଙ୍କ ସମେତ ପଞ୍ଚାୟତ ଅଧୀନରେ ଥିବା ବିଭିନ୍ନ ଗ୍ରାମର ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ ।

## ତାଲପାଲିପଡ଼ା ରାମଜୀ ମନ୍ଦିର ରତ୍ନମୁଦ ସ୍ଥାପନ

ବଲାଙ୍ଗୀର,୧୯।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ମ୍ୟୁନିସିପାଲିଟି ୱାର୍ଡ ନମ୍ବର ୪ ତାଲପାଲିପଡାରେ ମଙ୍ଗଳବାର ରାମଜୀ ମନ୍ଦିରର ରତ୍ନମୁଦ ସ୍ଥାପନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସୁନ୍ଦରାକାଣ୍ଡ ପାରାୟଣ, ହୋମଯଜ୍ଞ ହୋଇଥିଲା। ସୋମବାର ସନ୍ଧ୍ୟାରେ ପଡାର ମହିଳାମାନେ ନିକଟସ୍ଥ ପୋଖରୀରୁ ପୂର୍ଣ୍ଣ ଜଳ କଳସ ଶୋଭାଯାତ୍ରାରେ ମନ୍ଦିରକୁ ଆଣିଥିଲେ। ତାଲପାଲିପଡାର ଦେବାନନ୍ଦ ପଟେଲ ଓ ଜୟନ୍ତୀ ପଟେଲ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। କଅଗାଁର ସୁଶାନ୍ତ ମିଶ୍ର ପୂଜକ ଦାୟିତ୍ୱ ତୁଲାଇଥିଲେ। ଦୀପକ ମିଶ୍ର ସୁନ୍ଦରା କାଣ୍ଡ ପାଠ କରିଥିଲେ। ରତ୍ନମୁଦ ସ୍ଥାପନ କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ, ପୌରାଧକ୍ଷା ଲିକା ସାହୁ, ବିଜେଡି ରାଜ୍ୟ ସମ୍ପାଦକ ପ୍ରଦ୍ୟୁତ ମିଶ୍ର ଯୋଗଦେଇଥିଲେ। ତାଲପାଲିପଡାବାସୀଙ୍କ ଅନୁରୋଧ କ୍ରମେ ଏହି ରାମଜୀ ମନ୍ଦିର ପାଇଁ ୬ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇ କାମ ଚାଲିଛି। ପୌରପାଳିକା ପକ୍ଷରୁ ରାମଜୀ ସ୍ୱୟଂ ସହାୟିକା ଗୋଷ୍ଠୀ ଏହି କାମ କରୁଛନ୍ତି। ସ୍ଥାନୀୟ ପଡାବାସୀଙ୍କ ଉଦ୍ୟମରେ ଏହି ମନ୍ଦିର ନିର୍ମାଣ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ରତ୍ନମୁଦ ପାଇଁ ସହରର ଶ୍ରଦ୍ଧାଳୁମାନେ ଧାନ, ଅଷ୍ଟଧାତୁ ଓ ସୁବର୍ଣ୍ଣାଦି ପ୍ରଦାନ କରିଥିଲେ । ସହସ୍ରାଧିକ ଶ୍ରଦ୍ଧାଳୁ ମନ୍ଦିର ଉପରକୁ ଚଢି ରତ୍ନମୁଦ ପକାଇଥିଲେ।



ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ ମନ୍ଦିର ରତ୍ନମଦ ସ୍ଥାପନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି।

# ନବଜ୍ୟୋତି କ୍ରିକେଟ: ଝଙ୍କିରିପାଲି ଚାମ୍ପିୟନ

ଖପ୍ରାଖୋଲ,୧୯।୩ (ଅଭୟ ତ୍ରିପାଠୀ)




ଟ୍ରଫି ସହ ବିଜୀ ଦଳର ଖେଳାଳିମାନେ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଘୁନସର ପଞ୍ଚାୟତ ଅନ୍ତର୍ଗତ ଝଙ୍କିରିପାଲି ଠାରେ ଚାଲିଥିବା ଚତୁର୍ଥ ନବଜ୍ୟୋତି କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ଝାଙ୍କରିପାଲି ଓ ବେଦେର ମଧ୍ୟରେ ହୋଇଥିଲା। ଝାଙ୍କରିପାଲି ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୮ ଉଇକେଟ ହରାଇ ୧୨୦ ରନ କରିଥିଲା। ଜବାବରେ ବେଦେର ଦଳ ୯ ଓଭରରେ ସମସ୍ତ ଉଇକେଟ ହରାଇ ୧୦୦ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଝାଙ୍କରିପାଲି ଦଳ ଚାମ୍ପିୟନ ହୋଇଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ଉତ୍ସବରେ ମିନିକେତନ ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଘୁନସର ସରପଞ୍ଚ ଅନୁସୟା ସାହୁ, ସମ୍ମାନୀତ ଅତିଥିଭାବେ ପରୀକ୍ଷିତ ମାଝି, ପଞ୍ଚାନନ ପଧାନ, ଅନାଦି ବାଗ, ବିଳାସ ତାଣ୍ଡି, ତପସ୍ୱିନୀ ସାହୁ, ମୁକ୍ତା ମାଝି, ରବି ଗଡ଼ତିଆ, କିଶୋର ଚନ୍ଦ୍ର ସାହୁ, ନୃସିଂହ ଗଡ଼ତିଆ, ଚତୁର୍ଭୁଜ ସର୍ଦ୍ଦାର ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୨ ହଜାର ଟଙ୍କା ଏବଂ ରନର ଅପ ଦଳକୁ ଟ୍ରଫି ସହ ୮ହଜାର ଟଙ୍କା ଅତିଥିମାନେ ପ୍ରଦାନ କରିଥିଲେ। ଅମ୍ପେୟାରଭାବେ ହରି ସାହୁ ଓ ରମାକାନ୍ତ ସାହୁ, ସ୍କୋରର ରାକେଶ କୁମାର ଗଡ଼ତିଆ ଓ ଅନଲାଇନ ସ୍କୋରର ଭାବେ ପ୍ରଶାନ୍ତ ବରିହା ଓ ଅନଲାଇନ ଲାଇଭ ୟୁଟୁବରେ ଖେଳ ଦେଖାଇବା ପାଇଁ ବିଜୟ ମଲ୍ଲିକ ଦାୟିତ୍ୱ ତୁଲାଇ ଥିଲେ। ମିନିକେତନ ଦାସ ଓ ନିଲାଞ୍ଚଳ ତାଣ୍ଡି ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ଛଅ ଦିନ ଧରି ଚାଲିଥିବା ବେଳେ ୧୬ଟି ଦଳ ଭାଗ ନେଇଥିଲେ।

**ସଂକ୍ଷେପରେ**

## ସଫଳତା ପାଇଁ କଠିନ ପରିଶ୍ରମ ଆବଶ୍ୟକ


ଅନିଲ ଶାସ୍ତ୍ରୀ ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

**ବରଗଡ଼,୧୯।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବିଦ୍ୟାବିହାରସ୍ଥିତ ଇମ୍ପେରିଯଲ କଲେଜରେ ମଙ୍ଗଳବାର ବ୍ୟକ୍ତି ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଲାଲ ବାହାଦୂର ଶାସ୍ତ୍ରୀଙ୍କ ପୁତ୍ର ଅନୀଲ ଶାସ୍ତ୍ରୀ ଯୋଗଦାନ କରିଥିଲେ। ସେ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୀବନ ଶୈଳୀ ଉପରେ ଆଲୋକପାତ କରିଥିଲେ। ଜୀବନରେ ସଫଳତା ହାସଲ ପାଇଁ କଠିନ ପରିଶ୍ରମର ଆବଶ୍ୟକତା ରହିଛି ବୋଲି ଶାସ୍ତ୍ରୀ ମତବ୍ୟକ୍ତ କରିଥିଲେ। ତାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେହିପରି ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଇମ୍ପେରିଯଲ କଲେଜର ଚେୟାରମ୍ୟାନ ଦୀପକ ଗୋୟଲ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ହରିପ୍ରିୟା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟକ୍ଷ ଦୁର୍ଗେଶ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକଙ୍କ ପରଲୋକ



**ବରଗଡ଼,୧୯।୩(ପ୍ରେମାନନ୍ଦ ଖମାରୀ):** ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ବିପିନ ବିହାରୀ ନାଏକ(୭୯)ଙ୍କ ମଙ୍ଗଳବାର ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଛି। ସେ ସ୍ଥାନୀୟ ସରପଞ୍ଚ ତଥା ବରଗଡ଼ ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ ନାଏକଙ୍କ ବାପା। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ନରେନ୍ଦ୍ର ପ୍ରଧାନ, ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ର, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ପ୍ରାଥମିକ ଶିକ୍ଷକ ସଂଘର ନେତା ନବୀନ କୁମାର ସାବତ, ଶିକ୍ଷକ ଗୋପବନ୍ଧୁ ପୁରୋହିତ ପ୍ରମୁଖ ସ୍ୱର୍ଗତ ନାଏକଙ୍କ ଶେଷ ଦର୍ଶନ ସହିତ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଗୋବିନ୍ଦପୁର ଶ୍ମଶାନରେ ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଥିଲା। ବଡ଼ପୁଅ ପ୍ରଫୁଲ୍ଲ ମୁଖାଗ୍ନି ଦେଇଥିଲେ।

# ପଞ୍ଜୀକରଣ ଅବଧି ନ ବଢ଼ିଲେ ଆନ୍ଦୋଳନ

**ବରଗଡ଼,୧୯।୩(ପ୍ରେମାନନ୍ଦ ଖମାରୀ)**

ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ବୁଧବାର ଚାଷୀ ପଞ୍ଜୀକରଣ ଅବଧି ସରିବ। ତେବେ ପଞ୍ଜୀକରଣରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ପ୍ରାଥମିକ କୃଷି ସମବାୟ ସମିତି କର୍ମଚାରୀମାନଙ୍କ ଆନ୍ଦୋଳନ ଯୋଗୁ ବରଗଡ଼ ଜିଲାର ଅନେକ ଚାଷୀ ଏଥର ପଞ୍ଜୀକରଣ କରି ପାରିନାହାନ୍ତି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ସଂଯୁକ୍ତ କୃଷକ ସଙ୍ଗଠନର ଏକ ପ୍ରତିନିଧି ଦଳ ମଙ୍ଗଳବାର ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରାଜକିଶୋର ପାଣିଗ୍ରାହୀଙ୍କୁ ଫେରାଦ ହୋଇଥିଲେ। ସେମାନେ ତାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଆହୁରି ଅଧିକ ୧୦ଦିନ ପଞ୍ଜୀକରଣ ଅବଧି ବୃଦ୍ଧି କରିବାକୁ ଦାବି କରିଥିଲେ। ଏହା କରା ନ ଗଲେ କୃଷକ ସଙ୍ଗଠନ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, ମାର୍ଚ୍ଚ ୧ରୁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବୁଧବାର ଏହାର ଅନ୍ତିମ ଦିବସ ରହିଛି। ତେବେ ପ୍ରାଥମିକ କୃଷି ସମବାୟ ସମିତିରେ ୧ତାରିଖରୁ ପଞ୍ଜୀକରଣ ପାଇଁ ଉଦ୍ଦିଷ୍ଟ ଆବେଦନ ଫର୍ମ ଚାଷୀଙ୍କୁ ବଣ୍ଟନ କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ବିଭିନ୍ନ ଦାବି ନେଇ ପ୍ରାଥମିକ କୃଷି ସମବାୟ ସମିତିର କର୍ମଚାରୀମାନେ ଗତ ୧ତାରିଖରୁ ୧୩ତାରିଖ ପର୍ଯ୍ୟନ୍ତ ଆନ୍ଦୋଳନକୁ ଓହ୍ଲାଇଥିଲେ। ସମିତି କାର୍ଯ୍ୟାଳୟ ଛାଡ଼ି ସେମାନେ ବିଭିନ୍ନ ସମବାୟ ବ୍ୟାଙ୍କ, ସମବାୟ ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ। ଫଳରେ ପଞ୍ଜୀକରଣ ଆବେଦନ ଫର୍ମ ପାଇଁ ଚାଷୀମାନେ ପ୍ରାଥମିକ କୃଷି ସମବାୟ ସମିତିକୁ ଗଲେ ମଧ୍ୟ ସେଠାରୁ ନିରାଶରେ ଫେରିବାକୁ ପଡ଼ିଥିଲା। ଏଭଳି ଭାବେ ୨୦ଦିନର ପଞ୍ଜୀକରଣ ଅବଧି ମଧ୍ୟରେ ୧୩ଦିନ ଚାଷୀ ପଞ୍ଜୀକରଣ ପ୍ରଭାବିତ ହୋଇଥିଲା ଏବଂ ଅନେକ ଚାଷୀ ସେଥିରୁ ବଞ୍ଚିତ ହୋଇଛନ୍ତି ।

ଏପର୍ଯ୍ୟନ୍ତ ଗତବର୍ଷ ରବି ଋତୁ ଧାନ ସଂଗ୍ରହ ପ୍ରକ୍ରିୟା ତୁଳନାରେ ଚଳିତବର୍ଷ ଯଥେଷ୍ଟ କମ୍ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ବିଗତବର୍ଷ ରବିଋତୁରେ ୮୫ହଜାର ପଞ୍ଜୀକୃତ ଚାଷୀ ଧାନ ବିକ୍ରି କରିଥିଲେ। ହେଲେ ଏବର୍ଷ ବର୍ତ୍ତମାନ ସୁଦ୍ଧା ୫୫ହଜାର ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଯେଉଁ ଚାଷୀମାନେ ପଞ୍ଜୀକରଣ ହୋଇ ପାରିବେନାହିଁ, ସେମାନେ ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନବିକ୍ରିରୁ ବଞ୍ଚିତ ହେବେ। ଅନ୍ୟପଟେ ସମ୍ପୃକ୍ତ ଚାଷୀମାନେ ଖୋଲା ବଜାରରେ କମ୍ ମୂଲ୍ୟରେ ଧାନବିକ୍ରି ପାଇଁ ବାଧ୍ୟ ହେବେ। ପ୍ରାଥମିକ କୃଷି ସମବାୟ ସମିତି କର୍ମଚାରୀମାନେ ସେମାନଙ୍କ ଅଧିକାର ପାଇଁ ଆନ୍ଦୋଳନ କରିଥିଲେ, ମାତ୍ର ପଞ୍ଜୀକରଣ ପାଇଁ ସେତେବେଳେ ବିକଳ୍ପ ବ୍ୟବସ୍ଥା କରାଯିବା ବଦଳରେ ଚାଷୀଙ୍କୁ ସେଥିରୁ ବଞ୍ଚିତ କରାଯିବାକୁ ବରଦାସ୍ତ କରାଯିବ ନାହିଁ ବୋଲି ସଂଯୁକ୍ତ କୃଷକ ସଙ୍ଗଠନ ଚେତାବନୀ ଦେଇଛି। ପ୍ରାଥମିକ କୃଷି ସମବାୟ ସମିତି କର୍ମଚାରୀମାନେ ଆନ୍ଦୋଳନ କରୁଥିବାବେଳେ ଉକ୍ତ ସମସ୍ୟାକୁ ସଂଯୁକ୍ତ କୃଷକ ସଙ୍ଗଠନ ଆଗତୁରା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲା। ସେହି ସମୟରେ ବିଭାଗୀୟ ପ୍ରଶାସନିକ ଅଧିକାରୀମାନେ କୌଣସି ଅସୁବିଧା ହେବ ନାହିଁ ବୋଲି ଆଶ୍ୱାସନା ଦେଇଥିଲେ। କିନ୍ତୁ ଗତବର୍ଷ ତୁଳନାରେ ଏଥର ପ୍ରାୟ ୩୦ହଜାର କମ୍ ଚାଷୀ ପଞ୍ଜୀକୃତ ହେବା ଘଟଣାରୁ ସେହି ସମସ୍ୟାର ସମାଧାନ ଦିଗରେ ପ୍ରଶାସନର ଅପାରଗତା ପଦାରେ ପଡ଼ିଛି। ଏହି ଦୃଷ୍ଟିରୁ ପ୍ରଶାସନ କୃଷକ ପଞ୍ଜୀକରଣ ପାଇଁ ଆହୁରି ୧୦ଦିନ ଅଧିକ ସମୟ ଦେଉ ନଚେତ୍ ତାର ପ୍ରତିବାଦରେ ଆଗାମୀ ଦିନରେ ଯେଉଁ ପରିସ୍ଥିତି ଉପୁଜିବ, ସେଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି କୃଷକ ସଙ୍ଗଠନ ଚେତାବନୀ ଦେଇଛି। ଚାଷୀନେତା ଏକାଦଶିଆ ସାହୁ, ରମେଶ ମହାପାତ୍ର, ସୁରେଶ ନେକାଣ୍ଟି, ନିରଞ୍ଜନ ପ୍ରଧାନ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।


ମୁଖ୍ୟ ଜିଲା ଯୋଗାଣ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

**କର୍ମଚାରୀଙ୍କ ଆନ୍ଦୋଳନରେ ଚାଷୀ ପ୍ରଭାବିତ**

- ଆଜି ସରୁଛି ପଞ୍ଜୀକରଣ ଅବଧି
- ୧୦ଦିନ ବୃଦ୍ଧି ଦାବି କଲେ ଚାଷୀ

## ଭାଗବତ କଥା ପାରାୟଣ କାର୍ଯ୍ୟକ୍ରମ



**ବରଗଡ଼,୧୯।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଅଇଁଠାପାଲିରେ ଧାର୍ମିକ ବାତାବରଣ ପ୍ରତିଷ୍ଠା ଓ ମାନସିକ ଶାନ୍ତି ସହିତ ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ଭାଗବତ କଥା ପାରାୟଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଯୋଗଦେଇ ଭାଗବତ କଥା ଶ୍ରବଣ କରିବା ସହିତ ଈଶ୍ୱରଙ୍କ କଥା ପାରାୟଣରେ ଶାନ୍ତି ମିଳେ ବୋଲି କହିଥିଲେ। ଦଶରଥ ବେହେରା ଏବଂ କେଶବ ପ୍ରଧାନ ସସ୍ତ୍ରୀକ କର୍ତ୍ତାକାର୍ଯ୍ୟ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।


ସଂସ୍କାର ସ୍କୁଲର ଛାତ୍ରୀଛାତ୍ର ଯୋଗାଭ୍ୟାସ କରୁଛନ୍ତି ।

## ସଂସ୍କାର ସ୍କୁଲରେ ଯୋଗ ଶିବିର

**ବରଗଡ଼,୧୯।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲରେ ୬ଦିନିଆ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । ବରଗଡ଼ ଭଟଲି ରୋଡ୍‌ସ୍ଥିତ ସ୍ୱାମୀ ନିରଞ୍ଜାନାନନ୍ଦ ଯୋଗ ସଂସ୍ଥାନ ପକ୍ଷରୁ ଉକ୍ତ ଶିବିର ଆୟୋଜିତ ହୋଇଥିଲା। ଶିବିରରେ ସ୍କୁଲ ଛାତ୍ରାବାସରେ ରହୁଥିବା ଅଷ୍ଟମ ଶ୍ରେଣୀର ୧୨ଛାତ୍ରୀ ଓ ୨୮ଛାତ୍ର ଅଂଶଗ୍ରହଣ କରି ସ୍ୱାମୀ ବିଜ୍ଞାନାନନ୍ଦଙ୍କ ମାର୍ଗଦର୍ଶନରେ ଯୋଗାଭ୍ୟାସ କରିଥିଲେ। ଉଦ୍‌ଯାପନୀ ସମାରୋହରେ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲର ଚେୟାରମ୍ୟାନ ସୁମନ ସାଓଡ଼ିଆ, ସଂସ୍ଥାନ ପ୍ରମୁଖ ସ୍ୱାମୀ ବିଜ୍ଞାନାନନ୍ଦଜୀ, ସଦସ୍ୟା ରୀତା ତୁଲୀ, ଲକିଜୀ, ମଞ୍ଜୁଜୀ, ବିଦ୍ୟାଳୟର ଯୋଗ ଶିକ୍ଷକ ସୁଭାଷ ଶାସ୍ତ୍ରୀଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର ଯୋଗାଭ୍ୟାସ କରିବା ସହିତ ଭାରତୀୟ ସନାତନ ସଂସ୍କୃତି ଅନ୍ତର୍ଗତ ବିଭିନ୍ନ ମନ୍ତ୍ର ସାଧନା, ଗାୟତ୍ରୀ ମନ୍ତ୍ର, ପ୍ରାଣାୟାମ, ସୂର୍ଯ୍ୟ ନମସ୍କାର, ଯୋଗନିଦ୍ରା ଆଦି କ୍ରିୟା ଅଭ୍ୟାସ କରିଥିଲେ। ସମାପନ ଉତ୍ସବରେ ଯଜ୍ଞ ସହିତ ୧୦୧ ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରାଯାଇଥିଲା। ବିଦ୍ୟାଳୟ ଚେୟାରମ୍ୟାନ ସାଓଡ଼ିଆ ଆଗାମୀ ଦିନରେ ଆସୁଥିବା ପ୍ରତିକୂଳ କିମ୍ବା ଅନୁକୂଳ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଶାରୀରିକ, ମାନସିକ ସ୍ତରରେ ପ୍ରସ୍ତୁତ ରହିବା ପାଇଁ ପରାମର୍ଶ ଦେଇଥିଲେ। ପାଠପଢ଼ା ସହିତ ନିଜର ସଭ୍ୟତା, ସଂସ୍କୃତି ସହିତ ଯୋଡ଼ି ରହିବା ସାଙ୍ଗକୁ ନୈତିକ ମୂଲ୍ୟବୋଧ ଆଧାରିତ ଜୀବନ ବିତାଇବା ପାଇଁ ସେ ମତପୋଷଣ କରିଥିଲେ। ଏହି ଅବସରରେ ସ୍ୱାମୀ ବିଜ୍ଞାନାନନ୍ଦଜୀଙ୍କୁ ବିଦ୍ୟାଳୟ ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## କେନାଲରୁ ମିଳିଲା ଯୁବକଙ୍କ ମୃତଦେହ

**ବରଗଡ଼,୧୯।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ମୁଖ୍ୟ କେନାଲର ଦେଓଗାଁ ନିକଟରୁ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ବରଗଡ଼ ସଦର ଥାନା ଅଧୀନ ସୟାଁ ଗ୍ରାମର ଅନିଲ ମହାପାତ୍ର(୨୪)। ପୋଲିସ ମୃତଦେହ ଜବତ କରି ବରଗଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି। ଏ ନେଇ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ସୋମବାର ଅନିଲ ଘରୁ ବାହାରି ଆଉ ଫେରି ନ ଥିଲେ। ମଙ୍ଗଳବାର ସକାଳେ ବରଗଡ଼ ମୁଖ୍ୟ କେନାଲରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଖବର ପାଇଁ ଅଗ୍ନିଶମ କର୍ମଚାରୀମାନେ ସେଠାକୁ ଯାଇ ମୃତଦେହ ଉଦ୍ଧାର କରିଥିଲେ। ସଦର ଥାନା ପୋଲିସ ଏ ନେଇ ଅଧିକ ତଦନ୍ତ କରୁଛି ।

## ଷୋହଳ ପ୍ରହର ନାମଯଜ୍ଞ ସମ୍ପନ୍ନ

**ମୁରିବାହାଲ,୧୯।୩(ଶ୍ରୀବତ୍ସ ବେହେରା)**

ମୁରିବାହାଲ ବ୍ଲକ ବନ୍ଧୁପଲା ପଞ୍ଚାୟତ ଅନ୍ତର୍ଗତ ସତିଘାଟ ଗ୍ରାମରେ ଚାଲିଥିବା ଷୋହଳ ପହର ନାମଯଜ୍ଞ ମଙ୍ଗଳବାର ପୂର୍ଣ୍ଣାହୂତି ସହ ସମାପନ ହୋଇଛି। ଶନିବାର ନିକଟସ୍ଥ ତିଳେଇଜୋରରୁ ମହିଳାମାନେ ପୂର୍ଣ୍ଣ ଜଳ କଳସ ଆଣି ସ୍ଥାପନ ପରେ ଅଧିବାସ ଆରମ୍ଭ ହୋଇଥିଲା।

## ପାଠକୀୟ ଆଦୃତି ହିଁ ସଫଳତା


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

**ବରଗଡ଼,୧୯।୩(ପ୍ରେମାନନ୍ଦ ଖମାରୀ)**

କାବ୍ୟ ସଂସାରରେ କବି ହିଁ ପ୍ରଜାପତି। କବି ସମାଜର ପ୍ରତିଟି ଘଟଣାବଳୀକୁ କାବ୍ୟ, କବିତା ମାଧ୍ୟମରେ ସମାଜ ଆଗରେ ପ୍ରତିଫଳିତ କରିବାର ପ୍ରୟାସ କରିଥାଏ। ପ୍ରତିଟି ରଚନାର ପାଠକୀୟ ଆଦୃତି ହିଁ ଲେଖିକା, ଲେଖକଙ୍କ ସଫଳତା ବୋଲି ମଙ୍ଗଳବାର ବରଗଡ଼ ରାଣାପ୍ରତାପ ସ୍କୁଲରେ ପୁସ୍ତକ ଉନ୍ମୋଚନ ସମାରୋହରେ ମତପ୍ରକାଶ ପାଇଛି। ଏହି ଅବସରରେ ପିଲାଙ୍କ ସୂର୍ଯ୍ୟମୁଖୀ ସାହିତ୍ୟ ପତ୍ରିକା ଏବଂ ଭାରତୀ ଶିଶୁ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଲେଖିକା ରାଧାରାଣୀ ପଟ୍ଟନାୟକଙ୍କ ରଚିତ କବିତା ସଂକଳନ ଶ୍ରାବଣୀ ଉନ୍ମୋଚନ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାର ଏବଂ ଭାରତୀ ଶିଶୁ ସାହିତ୍ୟ ସଂସଦର ସଭାନେତ୍ରୀ ରେଣୁକା ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପିଲାଙ୍କ ସୂର୍ଯ୍ୟମୁଖୀ ସାହିତ୍ୟ ପତ୍ରିକାର ସମ୍ପାଦକ ପ୍ରଦୀପ୍ତଭାନୁ ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସାହିତ୍ୟିକ ମନୋରଞ୍ଜନ ମେହେର ମୁଖ୍ୟ ଅତିଥି ଏବଂ ଏ.ଇ ମିଶନ ସ୍କୁଲର ନିର୍ଦ୍ଦେଶକ ଯଶବୀର ସିଂ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଲେଖିକା ରାଧାରାଣୀ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭାରତୀ ଶିଶୁ ସାହିତ୍ୟ ସଂସଦର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସଂଯୋଜକ ପଣ୍ଡିତ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଗନ୍ନାଥ ମନ୍ଦିର ରତ୍ନମୁଦ ଉତ୍ସବ


ରତ୍ନମୁଦ ଉତ୍ସବରେ ଅତିଥିବୃନ୍ଦ ।

**ବରଗଡ଼,୧୯।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଅନ୍ତର୍ଗତ ତୋରା ସୂତାମିଲ ନିକଟ ଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବରେ ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲା କ୍ରୀଡ଼ା ସଂସଦ ସମ୍ପାଦକ କିଶୋର ମିଶ୍ର, ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଉତ୍ସବରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ଶୀତଳ ଷଷ୍ଠୀ ଯାତ୍ରା ପାଇଁ ଜବରଦଖଲ ଉଚ୍ଛେଦ ଦାବି

**ବରପାଲି,୧୯।୩(ଚିତ୍ତରଞ୍ଜନ ସାହୁ)**

ବରପାଲି ଶୀତଳ ଷଷ୍ଠୀ ଯାତ୍ରା ମହୋତ୍ସବ ପାଇଁ ହିମାଦ୍ରୀ ନଗର ଭାବେ ମନୋନିତ ଶିବାଜୀ କ୍ଲବ ରାସ୍ତାରୁ ଜବରଦଖଲ ଉଚ୍ଛେଦ ସହ ରାସ୍ତା ପ୍ରଶସ୍ତୀକରଣ କରିବା ପାଇଁ ଦାବି ହୋଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଶିବାଜୀ କ୍ଲବର ସଦସ୍ୟମାନେ ମଙ୍ଗଳବାର ବରପାଲି ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଚଳିତବର୍ଷ ଶିବାଜୀ କ୍ଲବ ରାସ୍ତାକୁ କେତେକ ବ୍ୟକ୍ତି ଜବରଦଖଲ କରିଛନ୍ତି। ଏହାଦ୍ୱାରା ଯାତ୍ରା ସମୟରେ ହଜାର ହଜାର ଭକ୍ତଙ୍କ ସମାଗମ ହେତୁ ସେମାନେ ଅସୁବିଧାର ସମ୍ମୁଖୀନ ହେବେ। ଏହାକୁ ଦୃଷ୍ଟିରେ ରଖି ଉକ୍ତ ରାସ୍ତାରୁ ଜବରଦଖଲ ଉଚ୍ଛେଦ କରି ରାସ୍ତା ପ୍ରଶସ୍ତୀକରଣ ପାଇଁ ବାରମ୍ବାର ଦାବିପତ୍ର ପ୍ରଦାନ ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ତେଣୁ ଯାତ୍ରା ଗୁରୁତ୍ୱ ଦୃଷ୍ଟିରୁ ବରପାଲି ଏନ୍‌ଏସି ତୁରନ୍ତ ଏହାର ପଦକ୍ଷେପ ଗ୍ରହଣ ନ କଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି କ୍ଲବର ସଦସ୍ୟମାନେ ଚେତାବନୀ ଦେଇଛନ୍ତି। ଦାବୀପତ୍ର ପ୍ରଦାନ ସମୟରେ ପାର୍ବତୀ ବିବାହ ମହୋତ୍ସବ କମିଟି ସଭାପତି ବିଜୁ ମେହେର, ଉପସଭାପତି ପଞ୍ଚା ମେହେର, ସମ୍ପାଦକ ଧର୍ମରାଜ ସିଂ ବରିହା, କନ୍ୟାପିତା ପରମେଶ୍ୱର ମେହେର, ଗୋବିନ୍ଦା ମେହେର, ବାବଲୁ ମେହେର ପ୍ରମୁଖ ଉପସ୍ଥିତ ଥିଲେ।


କ୍ଲବର ସଦସ୍ୟମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

## ଗଣମାଧ୍ୟମ ବିନା ଗଣତନ୍ତ୍ରର ପରିକଳ୍ପନା ନାହିଁ

**ବରଗଡ଼,୧୯।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟର ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ମଙ୍ଗଳବାର 'ରାଜନୀତି, ଗଣତନ୍ତ୍ର ଓ ଗଣମାଧ୍ୟମ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ପତିତପାବନ ସାହୁଙ୍କ ଅଧ୍ୟକ୍ଷତା ତଥା ବିଭାଗୀୟ ମୁଖ୍ୟ ଡ. ସୁବଳ ମେହେରଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା। ପ୍ରାଧ୍ୟାପକ ଡ. ବିଜୟ ନାଗ ଆଲୋଚ୍ୟ ପ୍ରସଙ୍ଗ ଉପରେ ତାଙ୍କ ଭିତ୍ତି ନିବନ୍ଧ ଉପସ୍ଥାପନ କରି କହିଥିଲେ, ଭାରତୀୟ ଗଣତନ୍ତ୍ରର ସୁରକ୍ଷା ପାଇଁ ନିରପେକ୍ଷ ଗଣମାଧ୍ୟମର ଆବଶ୍ୟକତା ରହିଛି। ଗଣତନ୍ତ୍ର ଓ ଗଣମାଧ୍ୟମ ଉଭୟେ ପରସ୍ପର ପରିପୂରକ। ଗଣମାଧ୍ୟମ ବିନା ଗଣତନ୍ତ୍ରର ପରିକଳ୍ପନା କରାଯାଇପାରିବ ନାହିଁ। ସେହିପରି ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଅଙ୍କିତା ସିକନ୍ଦର, ହରଭଜନ ନାଏକ, ଭୂମିକା ସାହୁ, ବିବେକ ବିଶ୍ୱାଳ, ମାନସ ଦାଶ, ସିଦ୍ଧେଶ୍ୱର ମେହେର, ଶୁଭମ ବିର୍ଡିଆ ପ୍ରମୁଖ ଆଲୋଚନା ଉପରେ ଅଭିମତ ରଖିଥିଲେ। ଦେଶରେ ଗଣମାଧ୍ୟମର କ୍ରମବିକାଶ ସହିତ ରାଜନୀତିକରଣ, ପ୍ରିଣ୍ଟ ମିଡ଼ିଆ ଉପରେ ଡିଜିଟାଲ ମିଡ଼ିଆ ଏବଂ ସୋସିଆଲ ମିଡ଼ିଆର କ୍ରମବର୍ଦ୍ଧିଷ୍ଣୁ ପ୍ରଭାବ ଉପରେ ସେମାନେ ଆଲୋଚନା କରିଥିଲେ। ବରିଷ୍ଠ ଖବରଦାତା ସୁରେନ୍ଦ୍ର ହୋତା ଆଲୋଚନାରେ ଅଂଶଗ୍ରହଣ କରି କହିଥିଲେ, ସମ୍ପ୍ରତି ଗଣମାଧ୍ୟମ ଏବଂ ରାଜନୈତିକ ଦଳ କର୍ପୋରେଟ୍ ଜଗତର ପ୍ରଭାବରୁ ମୁକ୍ତ ନୁହଁନ୍ତି। ଅନେକାଂଶରେ ରାଜନୀତି ଏବଂ ମିଡ଼ିଆ କର୍ପୋରେଟ ଜଗତ ଦ୍ୱାରା ନିୟନ୍ତ୍ରିତ ହେଉଛି। ଫଳରେ ସାମ୍ବାଦିକତାରେ ନିରପେକ୍ଷତା ରହିପାରୁ ନାହିଁ ବୋଲି ହୋତା କହିଥିଲେ। ଛାତ୍ର କରନ ସିକନ୍ଦର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଆଲୋଚନାଚକ୍ରରେ ଉପସ୍ଥିତ ଆଲୋଚକବୃନ୍ଦ ।

## ସେବାୟତଙ୍କୁ ଅଣଦେଖା ଅଭିଯୋଗ

**ବରଗଡ଼,୧୯।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭଟଲିର ଶ୍ରୀ ଶ୍ରୀ ଦଧିବାମନ ମନ୍ଦିରକୁ ମଙ୍ଗଳବାର ଓଡ଼ିଶା ମନ୍ଦିର ସେବାୟତ ସଂଘର ଏକ ପ୍ରତିନିଧି ଦଳ ଆସି ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ସେବାୟତମାନେ ପ୍ରଥମେ ରଥଦାଣ୍ଡ ପଡ଼ିଆରେ ଥିବା ନବନିର୍ମିତ ମାଉସୀ ମା' ମନ୍ଦିରରେ ଦେବୀଙ୍କ ଦର୍ଶନ କରିଥିଲେ। ସେଠାରେ ତାଙ୍କୁ ଟ୍ରଷ୍ଟ ବୋର୍ଡ ଏବଂ ଗ୍ରାମବାସୀ ସ୍ୱାଗତ କରିଥିଲେ। ଓଡ଼ିଶା ମନ୍ଦିର ସେବାୟତ ସଂଘ ସଭାପତି କାମେଶ୍ୱର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶ୍ରୀମନ୍ଦିର ଛଡ଼ା ଓଡ଼ିଶାର ଅନ୍ୟ ମନ୍ଦିରରେ କାର୍ଯ୍ୟରତ ସେବାୟତଙ୍କ ଚିନ୍ତା ସରକାର କରୁ ନ ଥିବା ମତପ୍ରକାଶ ପାଇଥିଲା।

ସେବାୟତମାନେ ପ୍ରତ୍ୟହ ଦେବଦେବୀଙ୍କ ନୀତିକାନ୍ତିରେ କୌଣସି ହେଳା କରୁ ନ ଥିବାବେଳେ ସରକାର କେବଳ ଆନ୍ଦୋଳନରତ ଲୋକଙ୍କ କଥା ବିଚାରକୁ ନେଉଛି ବୋଲି କହିଥିଲେ। ସେବାୟତମାନେ ଯଦି ଆନ୍ଦୋଳନକୁ ଓହ୍ଲାଇବେ, ଦେବୋତ୍ତର ବିଭାଗ ଅଧୀନରେ ରାଜ୍ୟର ସମସ୍ତ ମନ୍ଦିରର ନୀତିକାନ୍ତିରେ ବାଧା ସୃଷ୍ଟି ହେବ ବୋଲି ସଂଘର କର୍ମକର୍ତ୍ତାମାନେ ଜଣାଇଥିଲେ। ଆଗାମୀ ଦିନରେ ସେବାୟତମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଆର୍ଥିକ ସହାୟତା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଉପସ୍ଥିତ ସଦସ୍ୟମାନେ ମତ ରଖିଥିଲେ। ବୈଠକରେ ସଭ୍ୟ ରଞ୍ଜିତ ମହାପାତ୍ର, ମୃତ୍ୟୁଞ୍ଜୟ କର, ଆଲୋକ ସିଂହାରୀ, ସୁବାସ ମିଶ୍ର, ଦେବୀ ପାଣିଙ୍କ ସମେତ ଭଟଲିର ପଣ୍ଡିତ ଗୌରଚନ୍ଦ୍ର ରଥ, ଟ୍ରଷ୍ଟବୋର୍ଡ ସଦସ୍ୟ ଭିକାରୀ ଚରଣ ମେହେର, ନାରାୟଣ ସାହୁ, ଗୌନ୍ତିଆ ସରୋଜ ସାହୁ, ଈଶ୍ୱର ଚନ୍ଦ୍ର ସାହୁ, ବ୍ରଜକିଶୋର ସାହୁ, ଚନ୍ଦ୍ରଶେଖର ସାହୁ, ରାଜୁ ସାହୁ, ଲକି ସାହୁ, ମାଧବ ଚନ୍ଦ୍ର ଖମାରୀ ପ୍ରମୁଖ ଉପସ୍ଥିତ ଥିଲେ। ମାଧବ ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ଭଟଲି ଦଧିବାମନ ମନ୍ଦିରରେ ସେବାୟତ ସଂଘର ପ୍ରତିନିଧିବୃନ୍ଦ ।

## ସଂକ୍ଷେପରେ

### କୋଏଲ ନଦୀରୁ ମିଳିଲା ନିଖୋଜ ଛାତ୍ରଙ୍କ ମୃତଦେହ

ରାଉରକେଲା/ବନ୍ଧମୁଣ୍ଡା,୧୯।୩ (ସଙ୍ଗୀତା ଜେନା/ସୁବ୍ରତ ଦେ)

କୋଏଲ ନଦୀ କର୍କଟନାଶା ଘାଟକୁ ସୋମବାର ଅପରାହ୍ନରେ ପିକ୍‌ନିକ୍ କରିବାକୁ ଯାଇ ଗାଧୋଇବା ବେଳେ ପାଣିରେ ବୁଡିଯାଇ ନିଖୋଜ ଥିବା ଛାତ୍ରଙ୍କ ମୃତଦେହକୁ ମଙ୍ଗଳବାର ଉଦ୍ଧାର କରାଯାଇଛି। ମୃତକ ହେଲେ ଅନିକେତ ବୋଦ୍ରା(୧୯)। ସେ ବନ୍ଧମୁଣ୍ଡା ଥାନା ସି ସେକ୍ଟର ୱାର୍ଡ ନମ୍ବର-୧୦ ନିବାସୀ ନ୍ୟୁକ୍ଲେସ୍ ବୋଦ୍ରାଙ୍କ ପୁଅ। ସେହିପରି ଅନ୍ୟ ଜଣେ ଛାତ୍ର ନୀତିଶ ମାହାତୋ(୨୦)ଙ୍କ ମୃତଦେହ ସୋମବାର ଉଦ୍ଧାର କରାଯାଇଥିଲା। ବିସ୍ରା ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୬/୨୪) ରୁଜୁ ହୋଇଛି। ପୋଲିସ ସୂଚନା ଅନୁସାରେ, ବନ୍ଧମୁଣ୍ଡାର ଅନିକେତ ଓ ନୀତିଶଙ୍କ ସମେତ ୮ଜଣ ଛାତ୍ର ଜବାଘାଟ ବୁଦ୍ଧବୀର ଆଇଟିଆଇର ପ୍ରଥମ ବର୍ଷ ଫିଟର ଟ୍ରେଡ୍ ଛାତ୍ର। ସୋମବାର ବାର୍ଷିକ ପରୀକ୍ଷା ଶେଷ ହେବା ପରେ ସେମାନେ କୋଏଲ ନଦୀ କର୍କଟନାଶା ଘାଟକୁ ପିକ୍‌ନିକ୍ କରିବା ପାଇଁ ଯାଇଥିଲେ। ୮ଜଣଙ୍କ ମଧ୍ୟରୁ ଅନିକେତ ଓ ନୀତିଶ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ଚୋରାବାଲିରେ ଫସିଯାଇ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ପ୍ରଥମେ ନୀତିଶଙ୍କୁ ଉଦ୍ଧାର କରି ଜଗଦା ସ୍ଥିତ ସିଡବ୍ଲ୍ୟୁଏସ୍ ହସ୍ପିଟାଲକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଅନିକେତଙ୍କ କୌଣସି ପତ୍ତା ମିଳି ନ ଥିଲା। ମଙ୍ଗଳବାର ସକାଳେ ଅଗ୍ନିଶମ ଓ ଓଡ୍ରାଫ ବାହିନୀ ନିଖୋଜ ଅନିକେତଙ୍କୁ ଉଦ୍ଧାର କରିଥିଲେ। ଉଭୟ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହି ଘଟଣା ପରେ ବନ୍ଧମୁଣ୍ଡାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ନିର୍ବାଚନ ପୂର୍ବରୁ ଯାନବାହନ ଯାଞ୍ଚ କଡ଼ାକଡ଼ି

ରାଉରକେଲା,୧୯।୩(ସଙ୍ଗୀତା ଜେନା): ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ନିର୍ବାଚନ ସମୟରେ ସୀମାବର୍ତ୍ତୀ ରାଜ୍ୟଗୁଡ଼ିକରୁ ରାଉରକେଲା ସମେତ ଜିଲାକୁ ବହୁଳ ମାତ୍ରାରେ ମଦ, ଟଙ୍କା ତଥା ଭୋଟରଙ୍କୁ ପ୍ରଭାବିତ କରିବା ଭଳି ସାମଗ୍ରୀ ଚାଲାଣ ହୋଇଥାଏ। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଧରପଗଡ଼ ଓ ତନଖି କରାଯାଉଛି। ଏହି କ୍ରମରେ ମଙ୍ଗଳବାର ପୂର୍ବାହ୍ନରେ ଇସି ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ବନ୍ଧମୁଣ୍ଡାଠାରେ ତନଖି କରାଯାଇଥିଲା। ବନ୍ଧମୁଣ୍ଡାର ବିଭିନ୍ନ ଛକ ଓ ବାହାର ରାଜ୍ୟରୁ ଆସୁଥିବା ଚାରିଚକିଆ ସମେତ ଯାନବାହନକୁ ଯାଞ୍ଚ କରାଯାଇଥିଲା। ଆଗାମୀ ଦିନରେ ଏହି ଚଢ଼ାଉ କର ଜାରି ରହିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ୨୦୧୪ ସାଧାରଣ ନିର୍ବାଚନରେ ବାଲୁଘାଟ ଅଞ୍ଚଳରେ ବ୍ୟାପକ ଟଙ୍କା ଜବତ କରାଯାଇଥିଲା। ସେହିପରି ୨୦୧୯ ସାଧାରଣ ନିର୍ବାଚନରେ ବିସ୍ରା ଥାନା ମହୀପାଣି ଅଞ୍ଚଳରେ ଝାଡ଼ଖଣ୍ଡରୁ ଆସୁଥିବା ଏକ କାର୍‌ରେ ବିପୁଳ ମାତ୍ରାରେ ଟଙ୍କା ଧରାପଡ଼ିଥିଲା। ହେଲେ କାର ଚାଳକ ଏହି ଟଙ୍କାକୁ କାର ସହ ଛାଡି ଫେରାର ହୋଇଯାଇଥିଲେ। ସେହିପରି ରଘୁନାଥପାଲୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସେକ୍ଟର-୪ର ଏକ ଘରୋଇ ହୋଟେଲରୁ ୨ ଲକ୍ଷ ଟଙ୍କା, ନିର୍ବାଚନୀ ପ୍ରଚାର ସାମଗ୍ରୀ, ଲିଫ୍‌ଲେଟ୍ ଜବତ ହୋଇଥିଲା। ଅନୁରୂପ ଭାବେ ଝାଡ଼ଖଣ୍ଡ ଓ ଛତିଶଗଡ଼ରୁ ଆସିଥିବା ବିପୁଳ ପରିମାଣର ମଦକୁ ରାଉରକେଲା ଅବକାରୀ ବିଭାଗ ଧରିଥିଲା। ସୁନ୍ଦରଗଡ଼ ଜିଲାର ସୀମା ଝାଡଖଣ୍ଡ ଓ ଛତିଶଗଡ଼ ସହ ସଂଲଗ୍ନ ଥିବାରୁ ଏପରି କାର୍ଯ୍ୟକଳାପ ଅଧିକ ହେଉଥିବା ଦେଖାଯାଇଥାଏ। ସୀମାବର୍ତ୍ତୀ ବିସ୍ରା, ଲାଠିକଟା, ଚାନ୍ଦିପୋଷ, କେ.ବଲାଙ୍ଗ ଭଳି ସମ୍ବେଦନଶୀଳ ଥାନା ଅଞ୍ଚଳରେ ବିଶେଷ ଭାବେ ପୋଲିସ ଓ ସୁରକ୍ଷାବଳ ମୁତୟନ କରାଯାଇଥାଏ।

### ଗଞ୍ଜେଇ ଜବତ

ରାଉରକେଲା,୧୯।୩(ସଙ୍ଗୀତା ଜେନା): ନିର୍ବାଚନ ପୂର୍ବରୁ ଜିଆର୍‌ପି ପୋଲିସ ଓ ରେଲୱେ ସୁରକ୍ଷା ବଳ ପକ୍ଷରୁ ମଙ୍ଗଳବାର ଅପରାହ୍ନରେ ରାଉରକେଲା ଷ୍ଟେଶନରେ ଯାଞ୍ଚ କରାଯାଇଥିଲା। ପ୍ଲାଟଫର୍ମ ନଂ. ୪ରେ ଏକ ବ୍ୟାଗ ଠାବ କରାଯାଇଥିଲା। ଯାଞ୍ଚ କରିବା ପରେ ସେଥିରୁ ପ୍ରାୟ ୧୦କେଜି ଗଞ୍ଜେଇ ଜବତ ହୋଇଥିଲା।

# ବୁଲା ପ୍ରାଣୀ, ଅସାମାଜିକଙ୍କ ଆଡ୍ଡାସ୍ଥଳୀ

ରାଉରକେଲା,୧୯।୩(ଦିନେଶ ମିଶ୍ର)



ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ଏୟାରଷ୍ଟ୍ରିପ୍ ଷ୍ଟାଟିକ୍ ପୋଷ୍ଟ।

ରାଉରକେଲା ସେକ୍ଟର-୧୩ସ୍ଥିତ ମେଳଣ ପଡିଆ ନିକଟରେ ଥିବା ସିଆଇଏସ୍‌ଏଫ୍ ଏୟାରଷ୍ଟ୍ରିପ୍ ଷ୍ଟାଟିକ୍ ପୋଷ୍ଟ ବର୍ତ୍ତମାନ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ରକ୍ଷଣାବେକ୍ଷଣ ଅଭାବରୁ ଏଭଳି ଅବସ୍ଥା ହୋଇଥିବା ଜଣାପଡିଛି। ଅନ୍ୟପକ୍ଷେ ଏହି ପୋଷ୍ଟରେ ସିଆଇଏସ୍‌ଏଫ୍ ଯବାନମାନେ ରହୁ ନ ଥିବାରୁ ବର୍ତ୍ତମାନ ତାହର ବୁଲାପ୍ରାଣୀ ଓ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି।

ସୂଚନା ଅନୁସାରେ, ଏୟାରଷ୍ଟ୍ରିପ୍ ଷ୍ଟାଟିକ୍ ପୋଷ୍ଟକୁ ୧୯୯୩ ଡିସେମ୍ବର ୨୯ ତାରିଖରେ ଆରଏସ୍‌ପିର ତତ୍କାଳୀନ ପରିଚାଳନା ନିର୍ଦ୍ଦେଶକ ଉଦ୍‌ଘାଟନ କରିଥିଲେ। ଏହି ପୋଷ୍ଟ ଭିତରେ ସିଆଇଏସ୍‌ଏଫ୍ ଯବାନମାନଙ୍କ ପାଇଁ ସ୍ୱତନ୍ତ୍ର ରୋଷେଇ ଗୃହ ସାଙ୍ଗକୁ ବିଶ୍ରାମଗୃହ ଓ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ରହିଥିଲା। ସିଆଇଏସ୍‌ଏଫ ଯବାନମାନେ ଆରଏସ୍‌ପିରୁ ଡ୍ୟୁଟି ସାରିବା ପରେ ଏଠାରେ ବିଶ୍ରାମ ନେଉଥିଲେ। ସମୟକ୍ରମେ ଆର୍‌ଏସ୍‌ପି ସହରସେବା ବିଭାଗ ପକ୍ଷରୁ ଏହାର ରକ୍ଷଣାବେକ୍ଷଣ କରା ନ ଯିବାରୁ ଏହା ଧୀରେ ଧୀରେ

#### ସିଆଇଏସ୍‌ଏଫ୍ ଏୟାରଷ୍ଟ୍ରିପ୍ ଷ୍ଟାଟିକ ପୋଷ୍ଟ

ଜରାଜୀର୍ଣ୍ଣ ହେବାକୁ ଲାଗିଥିଲା। ଫଳରେ ଏଠାରେ ରହୁଥିବା ସିଆଇଏସ୍‌ଏଫ୍ ଯବାନମାନେ ଉକ୍ତ ଗୃହକୁ ଅସୁରକ୍ଷିତ ମନେ କରି ଛାଡି ଚାଲିଯାଇଥିଲେ। ଏହାକୁ ଆଉ ମରାମତି ନ କରିବାରୁ ବର୍ତ୍ତମାନ ଏହା ଭଗ୍ନ ଅବସ୍ଥାରେ ପଡି ରହିଛି। ଏହି ପୋଷ୍ଟରେ ଲାଗିଥିବା କବାଟ ଓ ଝରକାକୁ କେହି ତାଡି ନେଇଥିବାବେଳେ ଏହା ମୁକୁଳା ପଡି ରହିଛି। କାନ୍ଥଗୁଡିକ ଫାଟି ଆଁ କରିଥିବାବେଳେ ଛାତରୁ ଅତଡା ଖସୁଛି। ଯବାନମାନଙ୍କ ସାମଗ୍ରୀ ରଖିବା ପାଇଁ ସିମେଣ୍ଟ ନିର୍ମିତ ର୍‌ୟାକ୍ ଗୁଡିକ ଭାଙ୍ଗି ଗଲାଣି। ସେହିପରି ଉକ୍ତ ପୋଷ୍ଟକୁ ସଂଯୋଗ ହୋଇଥିବା ପାଣି ପାଇପ୍‌ଗୁଡିକ ଫାଟି ଯାଇଥିବାବେଳେ ବିଭିନ୍ନ କକ୍ଷରେ ଭଙ୍ଗା ମଦ ବୋତଲ ସାଙ୍ଗକୁ ଅଳିଆ ଆବର୍ଜନା ପଡି ରହିଛି। ଫଳରେ ଏଠାରେ ବୁଲାପ୍ରାଣୀ ଓ ଅସାମାଜିକ ଯୁବକମାନେ ଆଡ୍ଡା ଜମାଉଛନ୍ତି। ଏହି ପୋଷ୍ଟ ଚାରିପଟେ ଅନାବନା ଗଛ ଓ ଅପରିଷ୍କାର ସାମଗ୍ରୀ ପଡି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏଠାରେ କବାଟ, ଝରକା ନ ଥିବାରୁ ସନ୍ଧ୍ୟାହେଲେ ଅସାମାଜିକ ଯୁବକମାନେ ଉକ୍ତ ଗୃହରେ ପଶି ନିଶାପାନ କରୁଥିବାବେଳେ ଏହି ରାସ୍ତାରେ ଯାତାୟାତ କରୁବାକୁ ଲୋକେ ସୁରକ୍ଷିତ ମଣୁନାହାନ୍ତି। ପୋଷ୍ଟ ନିକଟରେ ଏକ ହନୁମାନ ମନ୍ଦିର ଓ କ୍ଲବ ରହିଛି। ତେଣୁ ଉକ୍ତ ସିଆଇଏସ୍‌ଏଫ୍ ଏୟାରଷ୍ଟ୍ରିପ ଷ୍ଟାଟିକ ପୋଷ୍ଟକୁ ଆରଏସ୍‌ପି ସହରସେବା ପ୍ରଶାସନିକ ବିଭାଗ ତୁରନ୍ତ ମରାମତି କରି ଏହାକୁ ବ୍ୟବହାରରେ ଲଗାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଏ ନେଇ ଆର୍‌ଏସ୍‌ପି ସହରସେବାର ପ୍ରଶାସନିକ ଅଧିକାରୀ ପ୍ରତାପ କୁମାର ସ୍ୱାଇଁଙ୍କୁ ପଚାରିବାରୁ ସେ କହିଥିଲେ, ଆଗକୁ ରାଉରକେଲା ବିମାନ ବନ୍ଦରର ସମ୍ପ୍ରସାରଣ ଯୋଜନା ରହିଛି। ଏହି ସ୍ଥାନଗୁଡିକର ବିକାଶ ପାଇଁ ଏୟାରଇଣ୍ଡିଆ ଦାୟିତ୍ୱ ନେଇଛି। ତେଣୁ ସିଆଇଏସ୍‌ଏଫ୍ ଏୟାରଷ୍ଟ୍ରିପ୍ ଷ୍ଟାଟିକ ପୋଷ୍ଟର ଆଉ ଉନ୍ନତିକରଣ କରାଯାଇପାରିବନାହିଁ। ଉକ୍ତ ସ୍ଥାନ ଏୟାରପୋର୍ଟ ପାଇଁ ଯାହା ଉଦ୍ଦିଷ୍ଟ ହେବ ସେହି ବିଭାଗ ତାର ଆବଶ୍ୟକତା ଅନୁଯାୟୀ ଉନ୍ନତି କରିବ ବୋଲି ସ୍ୱାଇଁ କହିଥିଲେ।

## ଆର୍‌ଏସ୍‌ପିର ୬୩ କର୍ମଚାରୀ ପୁରସ୍କୃତ



ସାବାସ ଯୋଜନାରେ କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଉଛି।

ରାଉରକେଲା,୧୯।୩(ବିପ୍ଳବ ରଞ୍ଜନ ଦାଶ)

ଆରଏସ୍‌ପିର କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକଙ୍କ ସଚିବାଳୟଠାରେ ସାବାସ ଯୋଜନା ଅଧୀନ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଆର୍‌ଏସ୍‌ପି କାର୍ଯ୍ୟ ଓ ପ୍ରକଳ୍ପ ବିଭାଗର ୬୩ଜଣ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର ସୂର୍ଯ୍ୟବଂଶୀ ପୁରସ୍କାର ବିଜେତାଙ୍କ କାର୍ଯ୍ୟ କ୍ଷେତ୍ରରେ ପ୍ରଦତ୍ତ ଅଭିନବ ପ୍ରୟାସ ଓ ଅବଦାନର ପ୍ରଶଂସା କରିଥିଲେ। ଉତ୍ସବରେ ପୁରସ୍କାର ବିଜେତା ସମ୍ପୃକ୍ତ ବିଭାଗର ସିଜିଏମ୍ ଓ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ନିର୍ବାହୀ ନିର୍ଦ୍ଦେଶକ ସଚିବାଳୟ ବିଭାଗର ସିନିୟର ମ୍ୟାନେଜର ରିକି ଅଗ୍ରୱାଲ ସଂଯୋଜନା କରିଥିଲେ। ଏହି କ୍ରମରେ ସର୍ବପ୍ରଥମ ସାବାସ ପୁରସ୍କାର କାର୍ଯ୍ୟକ୍ରମରେ କାର୍ମିକ ଏବଂ ପ୍ରଶାସନ ତଥା ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ପ୍ରକଳ୍ପ ବିଭାଗର ସିଜିଏମ ଏ. ଏନ. ମିଶ୍ର, ପ୍ରକଳ୍ପ ବିଭାଗର ସିଜିଏମ ସୁଦୀପ ପାଲଚୌଧୁରୀ, ପ୍ରକଳ୍ପ ଓ ବାଣିଜ୍ୟିକ ବିଭାଗର ସିଜିଏମ ଜି.ଏମ ଦାସ, ପ୍ରକଳ୍ପ ବିଭାଗର ସିଜିଏମ୍ ଅନିସ ଜାମାଇୟର ଓ ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ୨୦ଜଣ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରକଳ୍ପ ବିଭାଗ ସିନିୟର ମ୍ୟାନେଜର ନିର୍ମଳ ମହାତୋ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିଗଣ।

## ସାହିତ୍ୟ ମଣିଷ ଚେତନା ଅଭିବୃଦ୍ଧିକୁ ଧାର୍ଯ୍ୟ କରିଥାଏ

ରାଉରକେଲା,୧୯।୩(ଦିନେଶ ମିଶ୍ର)

#### ସୁନ୍ଦରଗଡ଼ ଜିଲା ଲେଖକ ସାମ୍ମୁଖ୍ୟ ସଂଘର ବାର୍ଷିକୋତ୍ସବ

ରାଉରକେଲା ସହରର ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ସୁନ୍ଦରଗଡ ଜିଲା ଲେଖକ ସାମ୍ମୁଖ୍ୟର ଷୋଡ଼ଶ ବାର୍ଷିକୋତ୍ସବ ଛେଣ୍ଡ ସ୍ଥିତ ଧାମରା ସଂଘ ପରିସରରେ ମଙ୍ଗଳବାର ସଭାପତି ଭୂପେନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କବି ସୁଶାନ୍ତ କୁମାର ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡକ୍ଟର ମୁନୀନ୍ଦ୍ର ମହାଳିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସାହିତ୍ୟ ଓ ସମାଜ ପରସ୍ପର ନିର୍ଭରଶୀଳ ବୋଲି ଅତିଥି ମହାଳିକ ମତପ୍ରକାଶ କରିଥିଲେ। ପ୍ରଫେସର ଡ. ବିଜୟ କୁମାର ଉପାଧ୍ୟାୟ ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କହିଥିଲେ, ସାହିତ୍ୟ ମଣିଷ ଚେତନା ଅଭିବୃଦ୍ଧିକୁ ଧାର୍ଯ୍ୟ କରିଥାଏ। ସାହିତ୍ୟ ସମାଜର ଦର୍ପଣ ଭଳି। ସମାଜ ଯେତେବେଳେ କୁପଥରେ ଅଗ୍ରସର ହୁଏ ସେତେବେଳେ ସାହିତ୍ୟ ହିଁ ଦୃଢ଼ଭାବରେ ତା' ସମ୍ମୁଖରେ ଦଣ୍ଡାୟମାନ ହୁଏ। ସମାଜର ବିକାଶ ଘଟିଲେ ସାହିତ୍ୟର ବିକାଶ ନିଶ୍ଚିତ ଘଟିବ ବୋଲି ଉପାଧ୍ୟାୟ କହିଥିଲେ। ଅନ୍ୟତମ ସମ୍ମାନିତ ବକ୍ତା ଭାବେ ପ୍ରଫେସର ନାରାୟଣ ସେନାପତି ଯୋଗଦେଇ ରିତି ଯୁଗରୁ ଆରମ୍ଭ କରି ଉତ୍ତର ଆଧୁନିକ ଯୁଗ ପର୍ଯ୍ୟନ୍ତ ସାହିତ୍ୟ କିପରି ସମାଜ ଗଠନରେ ବଳିଷ୍ଠ ମାଧ୍ୟମ ସାଜିଛି ଉପସ୍ଥାପନା କରିଥିଲେ। ଶିକ୍ଷୟିତ୍ରୀ ନିରୁପମା ପତି ମଞ୍ଚ ପରିଚାଳନା କରିଥିବାବେଳେ ଇଞ୍ଜିନିୟର ଅଭୟ କୁମାର ଦାଶ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୫ ଜଣ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ସାହିତ୍ୟ କ୍ଷେତ୍ରରେ ଶ୍ରେଷ୍ଠତା ପ୍ରତିପାଦନ କରିଥିବା କବି ତ୍ରିନାଥ ସିଂହ, ଶାନ୍ତନୁ ମହାପାତ୍ର, ସରୋଜିନୀ ମିଶ୍ର, ସୁପ୍ତି କର, ଗଗନ ବିହାରୀ ଧଳ, ଅର୍ଚ୍ଚନା ପାତ୍ର, ଜଳଧର ପ୍ରଧାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସାଧାରଣ ସମ୍ପାଦିକା ରଶ୍ମିବାଳା ରାଉତରାୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟରେ ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ଗୀତାଞ୍ଜଳି ପତ୍ରୀଙ୍କ ସଭାପତିତ୍ୱରେ ଗୀତାରାଣୀ ବେହେରା, ବସନ୍ତ ବିଶ୍ୱକର୍ମାଙ୍କ ସମେତ ସହରର ବହୁ କବୟିତ୍ରୀ ଓ କବି କବିତା ପାଠ କରିଥିଲେ। ଉପସଭାପତି ଚିତ୍ତରଞ୍ଜନ ବ୍ରହ୍ମା ଧନ୍ୟବାଦ ଅର୍ପଣ କରିଥିଲେ।

## 'ପାନୀୟ ଜଳ ସମସ୍ୟା ଶୀଘ୍ର ସମାଧାନ କର'

ରାଉରକେଲା,୧୯।୩ (ଦିନେଶ ମିଶ୍ର)

ଆଗକୁ ଖରାଦିନ ଆସୁଥିବାରୁ ଶୀତଳପଡାସ୍ଥିତ ବଲାଙ୍ଗୀର ବସ୍ତିବାସୀ ପାନୀୟ ଜଳ ସମସ୍ୟାକୁ ଦୂର କରିବା ପାଇଁ ଆରଏମ୍‌ସି କମିଶନରଙ୍କୁ ମଙ୍ଗଳବାର ଭେଟି ଦାବି ଜଣାଇଛନ୍ତି। ବଲାଙ୍ଗୀର ବସ୍ତିରେ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି। ଏହି ବସ୍ତିଟି ଆରଏସ୍‌ପି ଡମ୍ପିଂ ୟାର୍ଡ ଅଞ୍ଚଳରେ ଗଡି ଉଠିଥିବାରୁ ଏଠାରେ ଥିବା ଦୁଇଟି ନଳକୂପରୁ ଲୁହାଗୁଣ୍ଡ ମିଶ୍ରିତ ପାଣି ବାହାରୁଛି। ଏହା ବସ୍ତିବାସୀଙ୍କ ବ୍ୟବହାର ଉପଯୋଗୀ ହେଉନାହିଁ। ପ୍ରତିବର୍ଷ ଖରାଦିନ ଆସିଲେ ବସ୍ତି ଭିତରେ ଥିବା ଏକ କୃତ୍ରିମ ପୋଖରୀ ଶୁଖି ଯାଉଛି। ଆରଏସ୍‌ପି ଭିତରକୁ ଯାଇଥିବା ପାଣି ସଂଯୋଗୀକରଣ ଫଟା ପାଇପରୁ ବାହାରୁଥିବା ପାଣି ଉପରେ ବସ୍ତିବାସୀ ନିର୍ଭର କରିଥାନ୍ତି। ତେଣୁ ଚଳିତ ବର୍ଷ ଖରାଦିନ ପୂର୍ବରୁ ପାନୀୟ ଜଳ ସମସ୍ୟା ଦୂରୀକରଣ ପାଇଁ ସହରରେ ଥିବା ୱାଟକୋ ବିଭାଗ ପକ୍ଷରୁ ବସ୍ତି ଭିତରକୁ କୌଣସି ପାଣିଟ୍ୟାଙ୍କର ନଚେତ ବସ୍ତି ଭିତରେ ପାଣିଟାଙ୍କି ବସାଇବାକୁ ସେମାନେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଥିରେ ବସ୍ତିର ଗୀତା ବାଗ୍, ସନ୍ତୋଷୀ ଜେନା, କମଳା ଦେଓ, ନାରାୟଣୀ ମିଞ୍ଜ, ସୋନୁ ବଡାଇକ, ମଞ୍ଜୁ କେରକେଟ୍ଟା, ଲକ୍ଷ୍ମୀ ଓଝା, ଗୋପଲ କିସ୍‌ପଟ୍ଟାଙ୍କ ସମେତ ବହୁ ବସ୍ତିବାସୀ ଉପସ୍ଥିତ ଥିଲେ।

## ଆର୍‌ଏସ୍‌ପି ସୁପରଭାଇଜରି ଦଳ ସମ୍ବର୍ଦ୍ଧିତ

ରାଉରକେଲା,୧୯।୩(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ୩ ଜଣିଆ କର୍ମଚାରୀ ଦଳକୁ ସଫଳତା ମିଳିଛି। ସିଆଇଆଇ ପୂର୍ବାଞ୍ଚଳ ଶାଖା ଦ୍ୱାରା କଲିକତାଠାରେ ଅନୁଷ୍ଠିତ ୨୩ତମ ଜାତୀୟ ସୁପରଭାଇଜରି ଦକ୍ଷତା ପ୍ରତିଯୋଗିତାରେ ଆରଏସ୍‌ପିର ଉକ୍ତ କର୍ମଚାରୀ ଦଳ ଭାଗନେଇ ମରାମତି ଏବଂ ରକ୍ଷଣାବେକ୍ଷଣ ବର୍ଗରେ ପ୍ରଥମ ପୁରସ୍କାର ଲାଭ କରିଛନ୍ତି। ଯାହାଦ୍ୱାରା ଆରଏସପିର ମାନ ଏବଂ ସ୍ୱାଭିମାନ ବୃଦ୍ଧି ପାଇଛି। ପୁରସ୍କାର ଲାଭ କରିଥିବା ଦଳରେ ନୂତନ ପ୍ଲେଟ ମିଲ୍‌ର ସୁମିତ ତ୍ରିପାଠୀ, ସୌଭାଗ୍ୟ ରଞ୍ଜନ ସାହୁ ଏବଂ ବେଣୁ ସାହୁ ସାମିଲ ହୋଇଥିଲେ। ଶିଳ୍ପ ସୁପରଭାଇଜରମାନଙ୍କ ପ୍ରୋତ୍ସାହନ, ସ୍ୱୀକୃତି ପ୍ରଦାନ ତଥା ଶିକ୍ଷା ଏବଂ ସହଭାଗିତା ମାଧ୍ୟମରେ ଦକ୍ଷତା ବୃଦ୍ଧି ପାଇଁ ପ୍ରତିଯୋଗିତା ହେଉଛି ଏକ ସମ୍ମାନଜନକ ସିଆଇଆଇ ପଦକ୍ଷେପ। ନୂତନ ପ୍ଲେଟ ମିଲ ବିଭାଗରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ନୂତନ ପ୍ଲେଟ ମିଲ ଏବଂ ଏସ୍‌ପିପି ବିଭାଗର ସିଜିଏମ୍ କାର୍ତ୍ତିକେୟ ବେହେରା ପୁରସ୍କାର ଲାଭ କରିଥିବା ଦଳକୁ ସମ୍ବର୍ଦ୍ଧିତ କରିଥିଲେ। ଏହାସହ ଉତ୍କୃଷ୍ଟ ବୃତ୍ତିଗତ ତଥା ଉନ୍ନତତର କର୍ମଚାରୀ ହେବା ଲାଗି ନିୟମିତ ଜ୍ଞାନକୌଶଳ ଉପରେ ନିଜକୁ ଅଦ୍ୟତନ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ।




ସୁପରଭାଇଜରି ଦଳକୁ ସମ୍ବର୍ଦ୍ଧିତ କରାଯାଉଛି।

## ଷ୍ଟିଲ୍‌ସିଟିରେ କୋହଲା ପାଗ ସାଙ୍ଗକୁ ଝଡ଼ବର୍ଷା

ରାଉରକେଲା,୧୯।୩( ଦିନେଶ ମିଶ୍ର)

ଷ୍ଟିଲସିଟି ରାଉରକେଲାରେ ମଙ୍ଗଳବାର ଝଡ଼ବର୍ଷା ହୋଇଛି। ସହରରେ ଅପରାହ୍ନ ସାଢେ ୪ଟାରୁ ପାଗ କାଉଁଳିଆ ହେବା ସହ ଖୁବ ଜୋରରେ ପବନ ହେବା ପରେ ଘଡଘଡି ସାଙ୍ଗକୁ ବର୍ଷା ଆରମ୍ଭ ହୋଇଥିଲା। ବିଜୁଳି ଘଡଘଡି ମାରିବା ଯୋଗୁ ସହରର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିଲା। ବର୍ଷା ହେବାରୁ ରାସ୍ତାଘାଟରେ ପାଣି ଚାଲିଥିଲା। ଜୋରରେ ପବନ ବହିବା ଯୋଗୁ ହନୁମାନ ବାଟିକା ରୋଡ, ଗାଡାଟୋଲା ବସ୍ତି ଓ ପ୍ରଧାନପାଲି ଅଞ୍ଚଳରେ ଗଛ ଭାଙ୍ଗିଯାଇଥିଲା। କୋହଲା ପାଗ ସାଙ୍ଗକୁ ବର୍ଷା ହେବାରୁ ସହରରେ ଥଣ୍ଡା ଅନୁଭୂତ ହୋଇଛି। ଗତ ୨ଦିନ ହେଲା ରାଉରକେଲା ସହରରେ ପାଗ କୋହଲା ସାଙ୍ଗକୁ ଝଡତୋଫାନ ହୋଇଥିଲା।

## ଶ୍ୟାମ ଫାଲ୍‌ଗୁନ ମହୋତ୍ସବ ଉଦ୍‌ଘାଟିତ

ରାଉରକେଲା, ୧୯।୩(ସଙ୍ଗୀତା ଜେନା)

ରାଉରକେଲା ବିସ୍ରା ଡାହାରସ୍ଥିତ ଶ୍ୟାମ ମନ୍ଦିରରେ ୪୨ତମ ଶ୍ରୀ ଶ୍ୟାମ ଫାଲଗୁନ୍ ମହୋତ୍ସବ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ତ୍ରିଦିବସୀୟ ଉକ୍ତ କାର୍ଯ୍ୟକ୍ରମରେ ଶ୍ୟାମବାବାଙ୍କୁ ଫୁଲରେ ଏବଂ ମନ୍ଦିରକୁ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ଝାଡଖଣ୍ଡ ଧାନବାଦରୁ ଆସିଥିବା ଭକ୍ତ ମଣ୍ଡଳୀ ମଙ୍ଗଳପାଠ କରିଥିଲେ। ଏହି ଅବସରରେ ମ୍ୟାଟ୍ ମ୍ୟୁଜିକାଲ୍‌ସ ପକ୍ଷରୁ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିପରି ବୁଧବାର ନିଶାଣ ଶୋଭାଯାତ୍ରା ମଧ୍ୟାହ୍ନ ସାଢ଼େ ୧ଟାରେ ଟ୍ରାଫିକ୍ ଗେଟ୍‌ରୁ ବାହାରିବ। ସନ୍ଧ୍ୟା ସାଢ଼େ ୭ଟାରେ ଭଜନ ସନ୍ଧ୍ୟା ଆୟୋଜିତ ହେବ। ଏଥିରେ ଉତ୍ତରପ୍ରଦେଶ ବନାରସରୁ ଆସିଥିବା କୃଷ୍ଣ ଦଧିଚି ଜୟଶଙ୍କର ଚୌଧୁରୀ ଓ ସ୍ଥାନୀୟ ଭଜନ କଳାକାର ବିଶାଳ ଶର୍ମା ଶ୍ୟାମ ବାବାଙ୍କ ଭଜନ ପରିବେଷଣ କରିବେ। ଅନୁରୂପ ଭାବେ ହନୁମାନ ବାଟିକା ସ୍ଥିତ ତ୍ରିଶକ୍ତିଧାମ ମନ୍ଦିରରେ ମଧ ଶ୍ୟାମବାବାଙ୍କ ତ୍ରିଦିବସୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମନ୍ଦିର ଟ୍ରଷ୍ଟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



ବିସ୍ରା ଡାହାରରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରଦ୍ଧାଳୁ।

## ପାଶ୍ଚାତ୍ୟ କଳା, ସଂସ୍କୃତି ଛାଡ଼ିବାକୁ ଆହ୍ୱାନ

ରାଉରକେଲା,୧୯।୩( ଦିନେଶ ମିଶ୍ର)




କାର୍ଯ୍ୟକ୍ରମର ତୃତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

ଛେଣ୍ଡସ୍ଥିତ ମ୍ୟୁଜିକ୍ ସର୍କଲ ୪୭ତମ ବସନ୍ତ ସମାରୋହ ଉତ୍ସବର ତୃତୀୟ ସନ୍ଧ୍ୟା କାର୍ଯ୍ୟକାରୀ ସଭାପତି ଇଞ୍ଜିନିୟର ଅଭୟ କୁମାର ଦାସଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ସନ୍ଧ୍ୟାରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଶଙ୍କର ପ୍ରସାଦ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ପାଶ୍ଚାତ୍ୟ ସାମାଜିକ ବ୍ୟବସ୍ଥା ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଧ୍ୱଂସ ଆଡକୁ ଟାଣି ନେଉଛି ବୋଲି ମତପ୍ରକାଶ କରିଥିଲେ। ତେଣୁ ଆମ ସଂସ୍କାର ଓ ସଂସ୍କୃତି ବଞ୍ଚାଇବାକୁ ହେଲେ ଆମେ ପ୍ରଥମେ ଜାତିବାଦ, ଭାଷାବାଦ ଓ ସଂସ୍କୃତିବାଦ ହେବାକୁ ତ୍ରିପାଠୀ ଆହ୍ୱାନ ଦେଇଥିଲେ। ଅନ୍ୟତମ ସମ୍ମାନିତ ବକ୍ତା ଭାବେ କମଳାକାନ୍ତ ନନ୍ଦ ଯୋଗଦେଇ ଅନୁଷ୍ଠାନର କାର୍ଯ୍ୟାବଳୀକୁ ପ୍ରଶଂସା କରିଥିଲେ। ଉପଦେଷ୍ଟା ଭବେଶ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଉତ୍ସବ ଆରମ୍ଭରେ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ସାଧାରଣ ସମ୍ପାଦିକା ଅଳକା ଚାନ୍ଦ ଆଭାସୀ ମାଧ୍ୟମରେ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଓଡିଶାର ବିଶିଷ୍ଟ ନୃତ୍ୟଶିଳ୍ପୀ ଭୁବନେଶ୍ୱରର ଡ. ମନୋରଞ୍ଜନ ପ୍ରଧାନଙ୍କୁ ବସନ୍ତ ସମ୍ମାନ-୨୦୨୪ ପ୍ରଦାନ କରାଯାଇଥିଲା। ଉପଦେଷ୍ଟା ଲକ୍ଷ୍ମଣନାଥ ଦାସ ମାନପତ୍ର ପାଠ କରିଥିଲେ। ସେହିପରି ଓଡିଶା ନାଟ୍ୟ ସଂଘ ଉପସଭାପତି (ପଶ୍ଚିମପ୍ରାନ୍ତ) ଗୁରୁ ସତ୍ୟରଞ୍ଜନ ବେହେରାଙ୍କୁ ମୁକ୍ତିକାନ୍ତ ନାଟ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ନାଟ୍ୟକାର ଆଲୋକରଞ୍ଜନ ବୋଷ

#### ମ୍ୟୁଜିକ ସର୍କଲର ବସନ୍ତ ସମାରୋହର ତୃତୀୟ ସନ୍ଧ୍ୟା

ମାନପତ୍ର ପାଠ କରିଥିଲେ। କବି ଜ୍ୟୋତ୍ସ୍ନା କୁମାରୀ ନାଏକଙ୍କୁ ପ୍ରଭାତ ନଳିନୀ ସମ୍ମାନ ପ୍ରଦାନ କରାଯାଇଥିବାବେଳେ ସାଂସ୍କୃତିକ ସମ୍ପାଦିକା ସ୍ନେହଲତା ନାୟକ ମାନପତ୍ର ପାଠ କରିଥିଲେ। ରାଉରକେଲାର ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ଗୀତାଞ୍ଜଳି ପତ୍ରୀଙ୍କୁ ଡାକ୍ତର ପ୍ରଭାତ କୁମାର ଚାନ୍ଦ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ ରଶ୍ମିବାଳା ରାଉତରାୟ ମାନପତ୍ର ପାଠ କରିଥିଲେ। ପରେ ଭୁବନେଶ୍ୱରରୁ ଆସିଥିବା ଗୁରୁ ଡ. ମନୋରଞ୍ଜନ ପ୍ରଧାନ ଓ ସାଥୀମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର କର୍ମକର୍ତ୍ତା, ସଂସ୍କୃତିପ୍ରେମୀ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଅନୀଲ କୁମାର ମଲ୍ଲିକ ମଞ୍ଚ ପରିଚାଳନା ଏବଂ କାର୍ଯ୍ୟକାରୀ ସଦସ୍ୟ ନିଖିଳେଶ୍ୱର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ହୋଲି ଦିନ ବନ୍ଦ ରହିବ ମଦ ଦୋକାନ



ବୈଠକରେ ମଞ୍ଚାସୀନ ଅଧିକାରୀମାନେ।

■ ଜିଲା ପ୍ରଶାସନ ପକ୍ଷରୁ ଶାନ୍ତି ଓ ସମନ୍ୱୟ କମିଟି ବୈଠକ
■ ୨୪ ଘଣ୍ଟା ଜାରି ରହିବ ସ୍ୱାସ୍ଥ୍ୟସେବା

ସମ୍ବଲପୁର, ୧୯।୩(ପ୍ରମୋଦ ବହିଦାର): ହୋଲି ଉତ୍ସବ ପାଇଁ ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଏକ ଶାନ୍ତି ଓ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ଭାଇଚାରାର ପର୍ବ ହୋଲିକୁ ଶାନ୍ତିଶୃଙ୍ଖଳାର ସହିତ ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ହୋଲିଖେଳ ସମୟରେ ଉଚ୍ଚମାନ ତଥା ସ୍ୱୀକୃତିପ୍ରାପ୍ତ ରଙ୍ଗ ଓ ଅବିର ବ୍ୟବହାର ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଯେକୌଣସି ଅଘଟଣକୁ ଆଡ଼େଇବା ପାଇଁ ନିଶା ସେବନ କରି ସ୍ନାନ କରିବାକୁ ନଦୀ ବା ପଖୋରୀର ଗଭୀର ଜଳକୁ ନ ଯିବା ପାଇଁ ପରାମର୍ଶ ଦେଇଥିଲେ।

ବୈଠକରେ ସ୍ୱାସ୍ଥ୍ୟ, ଜନସ୍ୱାସ୍ଥ୍ୟ, ମହାନଗର ନିମଗ ସ୍ୱାସ୍ଥ୍ୟ ବିଭାଗ, ଅବକାରୀ, ଅଗ୍ନିଶମ, ପୋଲିସ ବିଭାଗର ଅଧିକାରୀମାନେ ଯୋଗଦେଇ ସତର୍କତା ମୂଳକ ପଦକ୍ଷେପ ପାଇଁ ନିଜନିଜ ବିଭାଗର ପ୍ରସ୍ତୁତି ଉପରେ ଆଲୋକପାତ କରିଥିଲେ। ଜିଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା. ଅଶୋକ କୁମାର ଦାଶ ହୋଲି ଦିନ ୨୪ ଘଣ୍ଟା ପାଇଁ ଜରୁରିକାଳୀନ ବିଭାଗରେ ଚିକିତ୍ସାସେବା ଜାରି ରହିବ। ଗୋଲବଜାର ନିକଟରେ ଏକ ଆମ୍ବୁଲାନ୍ସ ମଧ୍ୟ ପ୍ରସ୍ତୁତ ହୋଇ ରହିବ। ହୋଲିଖେଳ ସମୟରେ ଆଖି, କାନ, ନାକରେ ରଙ୍ଗପଶି ଅସୁସ୍ଥ ଅନୁଭବ କଲେ ତୁରନ୍ତ ଡାକ୍ତରଖାନାରେ ଚିକିତ୍ସକଙ୍କ ସହାୟତା ନେବାକୁ ସେ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟସେବା ପାଇଁ ଜରୁରିକାଳୀନ ଟୋଲଫ୍ରି ନମ୍ବର (୦୬୬୩–୨୪୦୬୩୪୪)ରେ ମଧ୍ୟ ଫୋନ କରିବାକୁ କହିଥିଲେ। ମହାନଗର ନିଗମ ସ୍ୱାସ୍ଥ୍ୟ ଅଧିକାରୀ ଡା. ମହେନ୍ଦ୍ର ନନ୍ଦ ସହରରେ ସଫେଇ, ପରିଛନ୍ନତା ତଥା ଅପମିଶ୍ରିତ ରଙ୍ଗ ଓ ଅବିର ଉପରେ ନଜର ରଖାଯିବ ବୋଲି କହିଥିଲେ। ମହାନଦୀର କେତେକ ଘାଟ ସହିତ ବୁର୍ଲା ନିକଟରେ ହୀରାକୁଦ ଜଳଭଣ୍ଡାର ଝାଙ୍କରାଣୀ ମନ୍ଦିର ଓ ଜମାଦାରପାଲି ନିକଟରେ ଶାସନ କେନାଲ ଭଳି ସ୍ଥାନରେ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଗୋଟିଏ ଲେଖାଏ ଦଳ ସତର୍କ ନଜର ରଖିବ। ହୋଲି ଉତ୍ସବ ମାର୍ଚ୍ଚ ୨୬ରେ ମଦ ଦୋକାନଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିବ ବୋଲି କହିଥିଲେ। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉକ୍ତଦିନ ନିରବଚ୍ଛିନ୍ନ ଭାବେ ଜଳ ଯୋଗାଣ କରାଯିବ। ସମ୍ବେଦନଶୀଳ ସ୍ଥାନରେ ପୋଲିସ ବାହିନୀଙ୍କୁ ନିୟୋଜିତ କରାଯିବା ସହ ବିଭିନ୍ନ ନଦୀ ଓ ପୋଖରୀ ଘାଟରେ ସଚେତନତା ଧର୍ମୀ ବ୍ୟାନର ଲଗାଯିବ ବୋଲି କହିଥିଲେ।

ଅପରପକ୍ଷେ ହୋଲି ପାଇଁ ଏହାର ଦୁଇଦିନ ପୂର୍ବରୁ ମଦ ଦୋକାନ ବନ୍ଦ କରିବା, ମହାନଦୀର ଦ୍ୱିତୀୟ ସେତୁ, ସହର ମଧ୍ୟରେ ଥିବା ଫ୍ଲାଇଓଭର ଓ ବିଭିନ୍ନ ଛକରେ ପୋଲିସ ସୁରକ୍ଷା ବାହିନୀଙ୍କୁ ନିୟୋଜିତ କରିବାକୁ ଜନସାଧାରଣଙ୍କ ପକ୍ଷରୁ ମତପ୍ରକାଶ ପାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ଐଶ୍ୱର୍ଯ୍ୟା ପୃଷେଠ, ଡିଆଇବି ଡିଏସ୍‌ପି, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ମଞ୍ଚାସୀନ ଥିବା ବେଳେ ବହୁ ସଂଖ୍ୟାରେ ବରିଷ୍ଠ ନାଗରିକ ଓ ଜନସାଧାରଣ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ୩୦ରେ ସମ୍ବଲପୁର ଜିଲା ଓକିଲ ସଂଘ ନିର୍ବାଚନ

ସମ୍ବଲପୁର, ୧୯।୩(ବି. ଶଙ୍କର)

ସମ୍ବଲପୁର ଜିଲା ଓକିଲସଂଘ ନିର୍ବାଚନ ପାଇଁ ଗତ ୧୧ରେ ନାମାଙ୍କନପତ୍ର ଦାଖଲ ହୋଇଥିଲା। ୧୪ରେ ଯାଞ୍ଚ ପ୍ରକ୍ରିୟା ହୋଇ ୧୮ରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଥିଲା। ବରିଷ୍ଠ ଆଇନଜୀବି ସତ୍ୟନାରାୟଣ ପଣ୍ଡା ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ସେହିପରି ଦିବଂଗତ ଆଇନଜୀବୀ ସୁରଜ ବିଶ୍ୱାଳ ସମ୍ପାଦକ ଭାବେ ନାମାଙ୍କନ ପତ୍ର ଭରିଥିଲେ। ହେଲେ ଗତ ୧୨ ତାରିଖରେ ତାଙ୍କର ଅକାଳ ବିୟୋଗ ଯୋଗୁ ଏହି ପଦ ପାଇଁ ନିର୍ବାଚନ ସ୍ଥଗିତ ରଖାଯାଇଛି। ପରବର୍ତ୍ତୀ ସମୟରେ ଏହି ପଦ ପାଇଁ ପୁଣି ଥରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବ। କିନ୍ତୁ ଚଳିତମାସ ୩୦ ତାରିଖରେ ଅନ୍ୟାନ୍ୟ ପଦବୀ ସକାଶେ ନିର୍ବାଚନ ହେବାକୁ ସ୍ଥିର ହୋଇଛି । ଉକ୍ତ ଦିନ ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ଗଣତି ଶେଷ ହେବା ପରେ ଫଳାଫଳ ପ୍ରକାଶ ପାଇବ ବୋଲି ଓଡିଶା ରାଜ୍ୟ ବାର୍ କାଉନ୍‌ସିଲ ପକ୍ଷରୁ ସୂଚନା ଦିଆଯାଇଛି।

## ମନାଲିରେ ଡାକ୍ତର ସଞ୍ଜୀବ ମିଶ୍ର ସମ୍ମାନିତ



ଡାକ୍ତର ସଞ୍ଜୀବ କୁମାର ମିଶ୍ରଙ୍କୁ ପୁରସ୍କୃତ କରାଯାଉଛି।

ସମ୍ବଲପୁର, ୧୯।୩(ବି.ଶଙ୍କର)

ସମ୍ବଲପୁର ବୁର୍ଲା ଭିମ୍‌ସାରର ସହକାରୀ ପ୍ରଫେସର ଡାକ୍ତର ସଞ୍ଜୀବ କୁମାର ମିଶ୍ରଙ୍କୁ ହିମାଚଳ ପ୍ରଦେଶର ମନାଲିଠାରେ ସମ୍ମାନିତ କରାଯାଇଛି। ଭାରତୀୟ ଜନସ୍ୱାସ୍ଥ୍ୟ ସଂଗଠନ (ଆଇପିଏଚ୍‌ଏ) ପକ୍ଷରୁ ମନାଲିଠାରେ ମାର୍ଚ୍ଚ ୧୪ରୁ ୧୭ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଜାତୀୟ ସମ୍ମିଳନୀ ହୋଇଥିଲା। ଏହି ସମ୍ମିଳନୀରେ ଡାକ୍ତର ସଞ୍ଜୀବଙ୍କୁ ସମ୍ମାନିତ କରାଯାଇଥିଲା । ସୂଚନାଯୋଗ୍ୟ ଯେ, ସମାଜରେ ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟରେ ଗୁରୁତର ସମସ୍ୟା ସୃଷ୍ଟି କରୁଥିବା ରୋଗର ନିରାକରଣ ଓ ପ୍ରତିଷେଧାତ୍ମକ ବ୍ୟବସ୍ଥା ସଂକ୍ରାନ୍ତରେ ଜନସଚେତନତା ସୃଷ୍ଟିରେ ଅନୁଷ୍ଠାନର ଅବଦାନ ପାଇଁ ତାଙ୍କୁ ଏହି ଜାତୀୟ ସ୍ତରୀୟ ସମ୍ମାନରେ ସମ୍ମାନିତ କରାଯାଇଛି । ସେ ଭାରତୀୟ ଜନସ୍ୱାସ୍ଥ୍ୟ ସଂଗଠନର ଜଣେ ଉତ୍ସର୍ଗୀକୃତ କାର୍ଯ୍ୟକର୍ତ୍ତା। ସେହିପରି ସମ୍ବଲପୁର ସରଲାକାନୀଠାରେ ରୋଗୀମାନଙ୍କୁ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଆବଶ୍ୟକତା ଅନୁସାରେ ଔଷଧ ପ୍ରଦାନ କରୁଛନ୍ତି। ଗରିବ ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ପୁସ୍ତକ ପ୍ରଦାନ କରିଆସୁଛନ୍ତି। ଏହି ସଫଳତା ସକାଶେ ମଙ୍ଗଳବାର ସମ୍ବଲପୁର ନାଗରିକ କଲ୍ୟାଣ ସମିତି ଓ ଉତ୍ସର୍ଗ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ପିଇଓଙ୍କଠାରୁ ୪.୬୪ଲକ୍ଷ ଲୁଟିନେଲେ

କଣ୍ଟାବାଞ୍ଜି, ୧୯।୩(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ସଦର ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ସତ୍ୟନାରାୟଣ ଘିବେଲା ମଙ୍ଗଳବାର କଣ୍ଟାବାଞ୍ଜି–ବଙ୍ଗୋମୁଣ୍ଡା ୪୨ନଂ ରାଜ୍ୟ ରାଜପଥର ଦନ୍ଦରା ଗାଁ ନିକଟରେ ଲୁଟ୍‌ର ଶିକାର ହୋଇଛନ୍ତି। ତିନିଜଣ ମୁଖାପିନ୍ଧା ଲୁଟେରା ତାଙ୍କଠାରୁ ୪ଲକ୍ଷ ୬୪ହଜାର ୮୦୦ଟଙ୍କା ଲୁଟି ନେଇଥିବା ସେ ବଙ୍ଗୋମୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ପାଇଁ ମଧ୍ୟାହ୍ନରେ ସେ ବଙ୍ଗୋମୁଣ୍ଡା ଏସ୍‌ବିଆଇରୁ ଉକ୍ତ ଟଙ୍କା ଉଠାଇ ବାଇକରେ ଫେରୁଥିବା ବେଳେ ଏହି ଘଟଣା ଘଟିଛି। ଲୁଟ୍ ପରେ ଲୁଟେରାମାନେ ବାଇକରେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ବଙ୍ଗୋମୁଣ୍ଡା ଏବଂ କଣ୍ଟାବାଞ୍ଜି ଥାନା ପୋଲିସ ଘଟଣାର ଅନୁସନ୍ଧାନ ଚଳାଇଛି। ଅଭିଯୋଗ ଅନୁସାରେ ବଙ୍ଗୋମୁଣ୍ଡା ଗ୍ରାମ ପଞ୍ଚାୟତ ଅଧିକାରୀ ଘିବେଲା ବଙ୍ଗୋମୁଣ୍ଡା ଷ୍ଟେଟବ୍ୟାଙ୍କରୁ ଟଙ୍କା ଉଠାଇ ବାଇକ୍ ଡିକିରେ ରଖିଥିଲେ। ସେଠାରୁ ନିଜ ବାଇକରେ ଖଇରା ପଞ୍ଚାୟତର ପିଇଓ ନୀଳମଣି ରଣାଙ୍କ ସହ କଣ୍ଟାବାଞ୍ଜିସ୍ଥିତ ଘରକୁ ଆସୁଥିଲେ। ଦନ୍ଦରା ଗାଁ ନିକଟରେ ୩ଜଣ ଲୁଟେରା ପଛପଟୁ ଏକ ବାଇକରେ ଆସି ତାଙ୍କ ଗାଡିକୁ ଧକ୍କା ଦେଇଥିଲେ। ଏଥିରେ ଉଭୟେ ଭାରସାମ୍ୟ ହରାଇ ତଳେ ପଡିଯାଇଥିଲେ। ଏହି ସମୟରେ ଲୁଟେରାମାନେ ଭୟଭୀତ କରାଇ ତାଙ୍କ ବାଇକକୁ ରାସ୍ତାପାର୍ଶ୍ୱ ଜଙ୍ଗଲକୁ ନେଇ ଯାଇଥିଲେ। ସେଠାରେ ବାଇକ୍ ଡିକି ଭାଙ୍ଗି ସେଥିରେ ଥିବା ଟଙ୍କାସବୁ ନେଇ ପଳାଇ ଯାଇଥିଲେ। ପରେ ପିଇଓ ଘିବେଲା ଘଟଣା ସମ୍ପର୍କରେ ଥାନାରେ ବିଧିବଦ୍ଧ ଅଭିଯୋଗ କରିଥିଲେ।

## ପ୍ରଥମ ପର୍ଯ୍ୟାୟରେ ୧୩୩୩ଙ୍କୁ ତାଲିମ

କୁଚିଣ୍ଡା, ୧୯।୩(ବିରଞ୍ଚି ଦର୍ଜୀ)

ସାଧାରଣ ନିର୍ବାଚନ ପାଇଁ ତାଲିମ କାର୍ଯ୍ୟକ୍ରମ



ପୋଲିଂ ଅଧିକାରୀଙ୍କୁ ତାଲିମ ପ୍ରଦାନ କରାଯାଉଛି।

ଆଗାମୀ ଲୋକ ସଭା ଓ ବିଧାନସଭା ନିର୍ବାଚନ ପାଇଁ କୁଚିଣ୍ଡା କଲେଜରେ ୪ଦିନ ଧରି ଚାଲିଥିବା ତାଲିମ କାର୍ଯ୍ୟକ୍ରମ ମଙ୍ଗଳବାର ଶେଷ ହୋଇଛି। ନିର୍ବାଚନ ଅଧିକାରୀ ତଥା କୁଚିଣ୍ଡା ଉପଜିଲାପାଳ ହେମସାଗର ଭୋଇଙ୍କ ତତ୍ତ୍ୱାବଧାନରେ ୧୫, ୧୭, ୧୮ ଓ ୧୯ ତାରିଖରେ ପ୍ରିଜାଇଡିଂ ଅଫିସର ଓ ବିଭିନ୍ନ ବର୍ଗର ପୋଲିଂ ଅଧିକାରୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ପ୍ରତିଦିନ ଦୁଇଟି ପର୍ଯ୍ୟାୟରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ଉପଜିଲାପାଳ ଭୋଇ କହିଛନ୍ତି। ନିର୍ବାଚନ ଆଇନ, ନିର୍ବାଚନ ପ୍ରସ୍ତୁତି, ବୁଥ୍‌ରେ ଭୋଟ ଗ୍ରହଣ ପ୍ରକ୍ରିୟା, ଇଭିଏମ୍ ସହ ପୋଲିଂ ପାର୍ଟି ପ୍ରେରଣ ଓ ଗ୍ରହଣ, ଭୋଟ ଗ୍ରହଣ ସମୟରେ ଓ ପରେ ପୋଲିଂ ପରିଚାଳନା, ଇଭିଏମ୍ ପରିଚାଳନା ଏବଂ ଭିଭିପିଏଟି ପରିଚାଳନା, ଭୋଟ ଗ୍ରହଣ ପୂର୍ବରୁ ମକ୍‌ପୋଲ ଆଦି ସଂକ୍ରାନ୍ତରେ ତାଲିମ ପ୍ରଦାନ କରାଯାଇଥିଲା। ଏଥିସହ ଆଦର୍ଶ ଆଚରଣ ସଂହିତା, ଖର୍ଚ୍ଚ ତଦାରଖ, ଫ୍ଲାଇଂ ସ୍କ୍ୱାଡ୍, ଭିଡିଓ ପର୍ଯ୍ୟବେକ୍ଷଣ, ନିରୀକ୍ଷଣ, ପୋଷ୍ଟାଲ ବାଲାଟ ବ୍ୟବହାର ଆଦି ସଂକ୍ରାନ୍ତରେ ତାଲିମ ଦିଆଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଅତିରିକ୍ତ ନିର୍ବାଚନ ଅଧିକାରୀ ତଥା ବାମରା ତହସିଲଦାର ଦିଲୀପ କୁମାର ପ୍ରଧାନ, ଅତିରିକ୍ତ ନିର୍ବାଚନ ଅଧିକାରୀ ତଥା କୁଚିଣ୍ଡା ତହସିଲଦାର ପ୍ରସନ୍ନ ଟେଟେ, ଜମନକିରା ତହସିଲଦାର ହରେକୃଷ୍ଣ ବରିହା, କୁଚିଣ୍ଡା ବିଡିଓ ନିରଞ୍ଜନ ସା ଓ ଏବିଡିଓ ସହଦେବ ନନ୍ଦ, ବାମରା ବିଡିଓ ପୁଷ୍ପକ ପ୍ରଧାନ ଓ ଏବିଡିଓ ସୁଶାନ୍ତ କୁମାର ପଣ୍ଡା ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଡେପୁଟି କଲେକ୍ଟର ପ୍ରବୀଣା ବିଲୁଙ୍ଗ, ଅଧ୍ୟାପକ ଡ. ଦିଲୀପ କୁମାର ନନ୍ଦ, ଅଧ୍ୟାପକ ଭିକାରୀ ଓରାମ, ଅଧ୍ୟାପକ ଡ. ପ୍ରଭାସ ଦାସ, ଅଧ୍ୟାପକ ଡ. ପ୍ରମୋଦ କୁମାର ପ୍ରଧାନ, ପ୍ରାଧ୍ୟାପକ ପ୍ରମୋଦ ରଞ୍ଜନ ଦାସ, ଅତିରିକ୍ତ ତହସିଲଦାର ସୂର୍ଯ୍ୟ କୁମାର ପଣ୍ଡା, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଚିତ୍ତରଞ୍ଜନ ନାଏକ, ଅଧ୍ୟାପକ ଡ. ସୁମନ୍ତ କୁମାର ପଟେଲ, ବିଇଓ ରୁକ୍ମଣ ପ୍ରଧାନ, ବିଇଓ ବିନୟ ପ୍ରକାଶ ସଏ, ଅତିରିକ୍ତ ତହସିଲଦାର ଅନିମା ସୋରେଙ୍ଗ, ସହକାରୀ ଜିଲାପାଳ ଲୋଚନ ଶବର, ଅଧ୍ୟାପକ କାହ୍ନୁଚରଣ ମୁନ୍ନା, କନିଷ୍ଠ ଯନ୍ତ୍ରୀ ରୁଦ୍ରପ୍ରତାପ ନାୟକ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ପ୍ରତ୍ୟହ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏହି ତାଲିମ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏଥିରେ ୮୭ଜଣ ପ୍ରିଜାଇଡିଂ ଅଫିସର, ୨୪୪ଜଣ ପ୍ରଥମ, ୨୩୮ଜଣ ଦ୍ୱିତୀୟ, ୩୫୪ଜଣ ତୃତୀୟ ୨୦୩ ଜଣ ୪ର୍ଥ ଓ ୨୦୭ଜଣ ୫ମ ପୋଲିଂ ଅଧିକାରୀ ଏଭଳି ସର୍ବମୋଟ ୧୩୩୩ଜଣଙ୍କୁ ପ୍ରଥମ ପର୍ଯ୍ୟାୟରେ ତାଲିମ ପ୍ରଦାନ କରାଯାଇଥିବା ଉପଜିଲାପାଳ ଭୋଇ ପ୍ରକାଶ କରିଛନ୍ତି।

## ସମ୍ବଲପୁର ଯାଦବ ସଂଘର ବୈଠକ

ସମ୍ବଲପୁର, ୧୯।୩(ବି.ଶଙ୍କର)

ସମ୍ବଲପୁର ଜିଲା ଯାଦବ ସଂଘର ବୈଠକ ରବିବାର ରାତିରେ ସାକ୍ଷୀପଡ଼ା ବୁଢ଼ିହିଲ୍‌ସ୍ଥିତ ରାମମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଭୋଳାଶଙ୍କର ମହତମଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଯାଦବ ଭବନ ନିର୍ମାଣ ପାଇଁ ଭୁବନେଶ୍ୱରଠାରେ ରାଜ୍ୟ ସରକାର ଅଧା ଏକର ଜମି ପ୍ରଦାନ କରିଥିବାରୁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଉତ୍କଳ ଯାଦବ ମହାସଭା ସଭାପତି ଆଶୀର୍ବାଦ ବେହେରାଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଆସନ୍ତା ଦୋଳ ଉତ୍ସବ ମହାସମାରୋହରେ ପାଳନ ପାଇଁ ସ୍ଥିର ହୋଇଥିଲା। ଏହି ଅବସରରେ ନୂତନ ଭାବେ ସମ୍ବଲପୁର ମହିଳା କଂଗ୍ରେସ ସଭାନେତ୍ରୀ ନିଯୁକ୍ତ ହୋଇଥିବା ବିଜୟାଲକ୍ଷ୍ମୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘ ସାଧାରଣ ସମ୍ପାଦକ ହେମନ୍ତ ଗହୀର, ଯୁଗ୍ମ ସମ୍ପାଦକ ଗୁଣନିଧି ରାଉତ, କୋଷାଧ୍ୟକ୍ଷ ଜୟକିଶୋର ଜାଲ, ଉପଦେଷ୍ଟା କୃଷ୍ଣଚନ୍ଦ୍ର ବାଗ, ସୁରେନ୍ଦ୍ର କୁମାର ବରର୍ଗୀ, ବରିଷ୍ଠ ସଦସ୍ୟ ବଳରାମ ମଟାରୀ, ନରସିଂହ ବରର୍ଗୀ, ଶିବଶମ୍ଭୁ ଯାଦବ, ଲୋକନାଥ ବରର୍ଗୀ, ଗୋରେଖନାଥ ଚାଅଁର, କାନନ ନାଗ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ଜିଏମ୍‌ୟୁରେ ୪ଦିନିଆ ଜାତୀୟ କର୍ମଶାଳା



ଜାତୀୟ କର୍ମଶାଳାରେ ଅତିଥି ଓ ବକ୍ତାମାନେ।

ସମ୍ବଲପୁର, ୧୯।୩(ବି.ଶଙ୍କର)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ସ୍କୁଲ ଅଫ ମ୍ୟାନେଜମେଣ୍ଟ, ଇକୋନୋମିକ୍ସ ଆଣ୍ଡ କମର୍ସ ଆୟୋଜିତ ୪ ଦିନିଆ ଜାତୀୟ କର୍ମଶାଳା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହା ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମଦିନ ଜିଏମ୍‌ୟୁ କୁଳପତି ପ୍ରଫେସର ଏନ୍ ନାଗାରାଜୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ସେହିପରି ପିଜିସି ଚେୟାରମ୍ୟାନ ପ୍ରଫେସର ଏସ୍.କେ. ଦାସ, ଡେପୁଟି ରେଜିଷ୍ଟ୍ରାର ଡ. ଉମାଚରଣ ପତି, ଅର୍ଥ ନିୟନ୍ତ୍ରକ ଜଗନ୍ନାଥ ରାଉତ, ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରଫେସର ଡ. ଏସ୍.ସି. ଆଚାର୍ଯ୍ୟ ସମ୍ମାନିତ ଅତିଥି ଥିଲେ। ଜିଏମ୍‌ୟୁ ବାଣିଜ୍ୟ ବିଭାଗୀୟ ମୁଖ୍ୟ ଡ. ପ୍ରିୟବ୍ରତ ପଣ୍ଡା କର୍ମଶାଳାର ବିଷୟବସ୍ତୁ ଉପସ୍ଥାପନ କରିଥିଲେ। ସ୍କୁଲ ଅଫ ମ୍ୟାନେଜମେଣ୍ଟ ବିଭାଗୀୟ ମୁଖ୍ୟ ଡ. ଶ୍ରୀନିବାସ ଦାଶ ଅଧିବେଶନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ରାୟପୁରସ୍ଥିତ ରବିଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟ ପ୍ରଫେସର ରାଜୀବ ଚୌଧୁରୀ, ସୁରଟସ୍ଥିତ ଅରୋ ବିଶ୍ୱବିଦ୍ୟାଳୟ ପ୍ରଫେସର ବିଶାଲ ଶୁକ୍ଲା, ରାୟଗଡସ୍ଥିତ ଓପି ଜିନ୍ଦଲ ବିଶ୍ୱବଦ୍ୟାଳୟର ପ୍ରଫେସର ମନୋଜ କୁମାର ମିଶ୍ର ବକ୍ତା ଭାବେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରୀଛାତ୍ରଙ୍କ ପାଇଁ ଗବେଷଣାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଶେଷରେ ସହକାରୀ ପ୍ରଫେସର ଶିବାନୀ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

## ରେଳ ଷ୍ଟେଶନରୁ ଗଞ୍ଜେଇ ଜବତ, ଜଣେ ଗିରଫ

ସମ୍ବଲପୁର, ୧୯।୩(ପ୍ରମୋଦ ବହିଦାର): ସମ୍ବଲପୁର ରେଳ ଷ୍ଟେଶନରେ ଚୋରା ଚାଲାଣ ହେବାକୁଥିବା ୧୪କେଜି ଗଞ୍ଜେଇକୁ ମଙ୍ଗଳବାର ରେଳବାଇ ପୋଲିସ ଜବତ କରିଛି। ଏଥିରେ ସମ୍ପୃକ୍ତ ଉତ୍ତରପ୍ରଦେଶ ଲକ୍ଷ୍ନୌ ମୁଲାୟମନଗର ବାସିନ୍ଦା ସୂରଜ କାଶ୍ୟପ(୨୧)ଙ୍କୁ ଗିରଫ କରାଯାଇଛି। ସୂଚନା ଅନୁସାରେ ରେଳବାଇ ପୋଲିସ ପକ୍ଷରୁ ରେଳ ଷ୍ଟେଶନର ପ୍ଲାଟଫର୍ମରେ ଯାଞ୍ଚ ଚାଲିଥିବା ବେଳେ ଲକ ଜରିବସ୍ତା ଉପରେ ନଜର ପଡ଼ିଥିଲା। ଏହାସହ ଜଣେ ଯୁବକଙ୍କ ଗତିବିଧି ସନ୍ଦେହଜନକ ହେବାରୁ ପୋଲିସ ଉକ୍ତ ଯୁବକଙ୍କୁ ଧରି ପଚରାଉଚରା କରିଥିଲା। ଯାଞ୍ଚ ପରେ ଜରିବସ୍ତାରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଏହାପରେ ଉକ୍ତ ଯୁବକଙ୍କୁ ଗିରଫ କରାଯାଇଥିଲା। ରେଳବାଇ ଥାନାରେ ଏ ନେଇ କେସ୍ ନମ୍ବର ୩୫/୨୪ରେ ଅବକାରୀ ଆଇନ୍ ଦଫା ୨୦(ବି)ରେ ଏକ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଉକ୍ତ ଗଞ୍ଜେଇକୁ ଉତ୍ତରପ୍ରଦେଶ ଚାଲାଣ କରୁଥିବା ଅଭିଯୁକ୍ତ ସ୍ୱୀକାର କରିଛନ୍ତି।

## ମଦ ଜବତ, ୪ ଗିରଫ

ସମ୍ବଲପୁର, ୧୯।୩ (ଭବାନୀ ଶଙ୍କର ଭୋଇ) ଅବକାରୀ ବିଭାଗ ସମ୍ବଲପୁରର ଗେଙ୍ଗୁଟିପାଲି ଓ ବରେଇପାଲିରେ ଚଢାଉ କରି ୪ ଜଣଙ୍କୁ ଗିରଫ ସହ ବ୍ୟାପକ ମଦ ଜବତ କରିଛି। ଚଢାଉ ସମୟରେ ଅବକାରୀ କର୍ମଚାରୀ ବରେଇପାଲିର ରୀନା ଓରାମ, ସଜିତ ଓରାମ, ଗେଙ୍ଗୁଟିପାଲିର ବିଜୟ ଓରାମ ଓ ଲକ୍ଷ୍ମୀ ଓରାମଙ୍କୁ ଗିରଫ କରିଥିଲେ। ସେମାନଙ୍କଠାରୁ ୬୧ ଲିଟର ମଦ ଜବତ ହୋଇଛି। ଏ ନେଇ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ରାସ୍ତା ଉପରକୁ ମାଡିବସିଛି ବିଜ୍ଞାପନ ହୋର୍ଡିଂ




ଶାନ୍ତିନଗର ଛକରେ ରାସ୍ତାକୁ ମାଡିବସିଥିବା ବିଜ୍ଞାପନ ହୋର୍ଡିଂ।

ସମ୍ବଲପୁର, ୧୯।୩ (ଭବାନୀ ଶଙ୍କର ଭୋଇ) ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ସମ୍ବଲପୁର ସହରର ବିଭିନ୍ନ ରାସ୍ତା କଡରେ ରହିଥିବା ବହୁ ପୁରାତନ ବୃକ୍ଷଗୁଡିକୁ ପୂର୍ତ୍ତ ବିଭାଗ ପକ୍ଷରୁ କାଟି ଦିଆଯାଇ ରାସ୍ତା ସମ୍ପ୍ରସାରଣ କରାଯାଇଛି। ଏଥିପାଇଁ ଅନେକ ସ୍ଥାନରେ ଜବରଦଖଲ ହଟାଯାଇଥିଲା। ସେ ସମୟରେ ରାସ୍ତା କଡରେ ଲାଗିଥିବା ବିଜ୍ଞାପନ ହୋର୍ଡିଂ ହଟାଯାଇଥିଲା। ହେଲେ ବର୍ତ୍ତମାନ ଅଇଁଠାପାଲି ସମେତ ସହରର ବିଭିନ୍ନ ସ୍ଥାନରେ ବିଜ୍ଞାପନ ହୋର୍ଡିଂ ରାସ୍ତା ଉପରକୁ ମାଡି ବସିଛି। ଶାନ୍ତିନଗର ଛକ ରାସ୍ତା କଡରେ ସରକାରୀ ଓ ବେସରକାରୀ ବିଜ୍ଞାପନ ହୋର୍ଡିଂ ଲାଗିଥିବା ଦେଖିବାକୁ ମିଳିଛି। ଏହି ବାଇପାସ୍ ରାସ୍ତା ଦେଇ ଜାତୀୟ ରାଜପଥକୁ ସଂଯୋଗ କରୁଥିବାରୁ ବହୁ ଯାନବାହନ ସିଧାସଳଖ ଅଇଁଠାପାଲି ନ ଯାଇ ଶାନ୍ତିନଗର ଦେଇ ଯାତାୟାତ କରିଥାନ୍ତି। ହେଲେ କିଛି ବ୍ୟବସାୟିକ ହୋର୍ଡିଂ ରାସ୍ତା ଉପରକୁ ମାଡିବସି ଅବରୋଧ କରୁଥିବାରୁ ଦୁର୍ଘଟଣା ଘଟୁଥିବା ନଜରକୁ ଆସୁଛି। ଏପରି କି ପ୍ରତିଦିନ ଟ୍ରାଫିକ ସମସ୍ୟା ନେଇ ବାଇକ୍ ଆରୋହୀଙ୍କ ମଧ୍ୟରେ ବଚସା ହେଉଥିବା ଦେଖିବାକୁ ମିଳୁଛି। ଏ ନେଇ ସମ୍ବଲପୁର ମହାନଗର ନିଗମ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ସେ ରାସ୍ତା ଉପରେ କୌଣସି ପ୍ରକାର ହୋର୍ଡିଂ ଲଗାଇବା ଅନୁମତି ନାହିଁ। ଯଦି କେହି ବେଆଇନ ଭାବେ ରାସ୍ତା ଉପରେ ବିଜ୍ଞାପନ ହୋର୍ଡିଂ ଲଗାଇଛନ୍ତି ତେବେ ତାଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ସମଲେଶ୍ୱରୀଙ୍କୁ ଦର୍ଶନକଲେ ଲାଲବାହାଦୁର ଶାସ୍ତ୍ରୀଙ୍କ ପୁତ୍ର ଅନିଲ

ସମ୍ବଲପୁର, ୧୯।୩(ପ୍ରମୋଦ ବହିଦାର):

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ସୁପୁତ୍ର ପୂର୍ବତନ ଅର୍ଥମନ୍ତ୍ରୀ ଅନିଲ ଶାସ୍ତ୍ରୀ ଓ ତାଙ୍କ ସହଧର୍ମିଣୀ ମଞ୍ଜୁ ଶାସ୍ତ୍ରୀ ସମ୍ବଲପୁର ଗସ୍ତରେ ଆସି ମା' ସମଲେଶ୍ୱରୀଙ୍କ ଆଶୀର୍ବାଦ ଗ୍ରହଣ କରିଛନ୍ତି। ମା' ସମଲେଶ୍ୱରୀଙ୍କ ପୀଠର ରୂପାନ୍ତରିତ ପ୍ରକଳ୍ପକୁ ପରିଦର୍ଶନକରି ଉଭୟେ ବେଶ୍ ଆନନ୍ଦିତ ହୋଇଥିଲେ। ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ ବାବୁ ଶାସ୍ତ୍ରୀ ଦମ୍ପତିଙ୍କୁ ମନ୍ଦିର ପରିସରରେ ବ୍ୟାଟେରି ଚାଳିତ ଗାଡ଼ିରେ ସମ୍ପୂର୍ଣ୍ଣ ପ୍ରକଳ୍ପକୁ ବୁଲାଇ ଦେଖାଇଥିଲେ। ଏହି ଅବସରରେ ସେମାନେ ମା' ସମଲେଶ୍ୱରୀ ଟ୍ରଷ୍ଟବୋର୍ଡ ସଦସ୍ୟ ତଥା ପୂଜକଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଟ୍ରଷ୍ଟବୋର୍ଡ ସଦସ୍ୟ ପ୍ରଫୁଲ୍ଲ କୁମାର ହୋତା, ଦେବ କୁମାର ଆଜମେରିଆ, ସନ୍ତୋଷ ପୃଷେଠ୍, ବୀରେନ୍ଦ୍ର ରାୟ, ରାଜେଶ ଅଗ୍ରୱାଲ, ସଞ୍ଜୀବ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।



ମନ୍ଦିର ଟ୍ରଷ୍ଟବୋର୍ଡ ସଦସ୍ୟଙ୍କ ଗହଣରେ ଅନିଲ ଶାସ୍ତ୍ରୀ ଓ ମଞ୍ଜୁ ଶାସ୍ତ୍ରୀ।

## ସରୁନାହିଁ ରାସ୍ତା କାମ, ପଥଚାରୀ ହନ୍ତସନ୍ତ

ସମ୍ବଲପୁର, ୧୯।୩(ପ୍ରମୋଦ ବହିଦାର): ସମ୍ବଲପୁର ଧନୁପାଲି ଛକରୁ ଜେଲଖାନା ଛକ ପର୍ଯ୍ୟନ୍ତ ରାସ୍ତାର ଦୋହରୀକରଣ ପାଇଁ ଚାଲିଥିବା ନିର୍ମାଣ କାର୍ଯ୍ୟ ଶେଷହେବାର ନାଁ ନେଉନାହିଁ। ଏହାକୁ ନେଇ ଅତିଷ୍ଠ ହୋଇଉଠିଛନ୍ତି ପଥଚାରୀ ତଥା ସ୍ଥାନୀୟ ଜନସାଧାରଣ। ବିଶେଷକରି ଧନୁପାଲି ପେଟ୍ରୋଲ ପମ୍ପ ସମ୍ମୁଖରେ ରାସ୍ତା ନିର୍ମାଣ ହୋଇପାରୁ ନ ଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଏଥିପାଇଁ ଏହି ରାସ୍ତାରେ ଅନେକ ଛୋଟବଡ଼ ଦୁର୍ଘଟଣା ଘଟୁଛି। ୨୦୨୨ ଡିସେମ୍ବରରେ ଆରମ୍ଭ ହୋଇଥିବା ଏହି ରାସ୍ତା ପାଇଁ ପ୍ରାୟ ୭ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ସମ୍ବଲପୁର ପୂର୍ତ୍ତ ବିଭାଗ ଡିଭିଜନ–୧ ଏହାର ନିର୍ମାଣ ଦାୟିତ୍ୱରେ ରହିଛି। ଏଥିପାଇଁ ରାସ୍ତାର ଉଭୟ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ମାତ୍ର କେତେକ ସ୍ଥାନରେ ରୟତି ଜମି ଅଧିଗ୍ରହଣ ହୋଇପାରି ନ ଥିବାରୁ ରାସ୍ତାକାର୍ଯ୍ୟ ଆଗେଇ ପାରୁ ନାହିଁ। ଏ ସମ୍ପର୍କରେ ସମ୍ବଲପୁର ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ମାନସ ସେଠୀଙ୍କୁ ପଚାରିବାରୁ ସେ କହିଲେ, ଗୋବିନ୍ଦତୋଲା ପରେ ହରଡ଼ଯୋର ଦ୍ୱିତୀୟ ସେତୁ ପରେ ରହିଥିବା ପ୍ରାୟ ୯ ଡେସିମିଲ୍ ପରିମିତ ରୟତି ଜମି ଅଧିଗ୍ରହଣ ବିଳମ୍ବିତ ହେତୁ ରାସ୍ତା ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଛି। ଏଠାରେ ଥିବା ବୁଲାଣି ରାସ୍ତାକୁ ସିଧା କରିବା ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ପାଇଁ ଅର୍ଥ ମଞ୍ଜୁର ସକାଶେ ସମ୍ବଲପୁର ଜିଲାପାଳଙ୍କ ଜରିଆରେ ଆବେଦନ କରାଯାଇଛି। ରାସ୍ତା ନିର୍ମାଣ କାର୍ଯ୍ୟ ବିଳମ୍ବ ହେବାରେ ଜନସ୍ୱାସ୍ଥ୍ୟ ଓ ବିଦ୍ୟୁତ୍ ବିଭାଗର ସମନ୍ୱୟର ଅଭାବକୁ ମଧ୍ୟ ସେ ଦାୟୀ କରିଛନ୍ତି। ରାସ୍ତାର ମାଟିତଳେ ବିଛାଯାଇଥିବା ଜନସ୍ୱାସ୍ଥ୍ୟ ବିଭାଗର ପାଇପ୍‌କୁ ଠିକ୍ ସମୟରେ ସ୍ଥାନାନ୍ତର କରାଯାଉ ନ ଥିବାବେଳେ ବିଦ୍ୟୁତ୍ ବିଭାଗ ପକ୍ଷରୁ ମଧ୍ୟ ରାସ୍ତାକଡ଼ ବିଦ୍ୟୁତ୍ ଖୁଣ୍ଟ ଓ ଟ୍ରାନ୍ସଫର୍ମର ଠିକ୍ ସମୟରେ ସ୍ଥାନାନ୍ତର ହେଉନାହିଁ। ଏହାବ୍ୟତୀତ ମଝିରେ ସ୍ୱେରେଜ୍ ପ୍ରକଳ୍ପର ପାଇପ୍ ବିଛା କାର୍ଯ୍ୟ ମଧ୍ୟ ରାସ୍ତା ନିର୍ମାଣରେ ବାଧକ ସୃଷ୍ଟି କରିଥିଲା। ଜମି ଅଧିଗ୍ରହଣ ପାଇଁ ଅର୍ଥ ମଞ୍ଜୁର ହୋଇଗଲେ ଉକ୍ତ ରାସ୍ତାର ନିର୍ମାଣ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପନ୍ନ କରାଯିବ ବୋଲି ସେ କହିଛନ୍ତି।




ଧନୁପାଲି ଛକରୁ ଜେଲ ଛକ ପର୍ଯ୍ୟନ୍ତ ନିର୍ମାଣାଧୀନ ରାସ୍ତା।

## ସଂକ୍ଷେପରେ

### ୮ କୁଇଣ୍ଟାଲ ୫୦ କେଜି ମହୁଲ ପୋଚ ନଷ୍ଟ



ବୌଦ୍ଧ,୧୯।୩( ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ହରଭଙ୍ଗା ଥାନା ଅନ୍ତର୍ଗତ ତଳଗାଁ ପଞ୍ଚାୟତର ଗଣ୍ଡପାଜୁ ଓ ଘୋରଡାମୁଣ୍ଡା ଜଙ୍ଗଲରେ ମଙ୍ଗଳବାର ଦିନ ପୋଲିସ ଓ ଅବକାରୀ ବିଭାଗ ମିଳିତ ଭାବେ ଚଢାଉ କରି ୮କୁଇଣ୍ଟାଲ ୫୦ କେଜି ମହୁଲ ପୋଚ ଜବତ କରିବା ସହ ଏହାକୁ ନଷ୍ଟ କରିଛନ୍ତି। ସେଠାରୁ ଅବକାରୀ କର୍ମଚାରୀ ମାନେ ମଦ ରନ୍ଧା ସାମଗ୍ରୀ ଜବତ କରିଛନ୍ତି। ହରଭଙ୍ଗା ଥାନା ଅଞ୍ଚଳରେ ରନ୍ଧା ମଦ କାରବାର ବୃଦ୍ଧି ପାଉଥିବା ବେଳେ ଅବକାରୀ ବିଭାଗ ସେଭଳି ଠୋସ ପଦକ୍ଷେପ ନେଇ ପାରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଅବକାରୀ ଇନ୍ସପେକ୍ଟର ସାଗରିକା ପ୍ରଧାନ ସୂଚନା ଦେଇଛନ୍ତି ।

# ୮ ବର୍ଷେ ହେଲା ବନ୍ଦ ଅଛି ବଡ଼ବର୍ଡାକଟା କେନ୍ଦୁପତ୍ର ଫଡ଼ି

ଅମରପାଲି,୧୯।୩(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତା ପଞ୍ଚାୟତର ବଡବର୍ଡାକଟା ଗ୍ରାମରେ ଥିବା କେନ୍ଦୁପତ୍ର ଫଡ଼ି ଘର ପ୍ରାୟ ବର୍ଷେ ହେଲା ବନ୍ଦ ରହିଛି। ଫଳରେ ଉକ୍ତ ଗ୍ରାମରେ ଚଳିତବର୍ଷ କେନ୍ଦୁପତ୍ର ଗୋଛା କଟା ହୋଇ ପାରିନାହିଁ। ତେଣୁ ଆଶା ଆଶଙ୍କାରେ ରହିଛନ୍ତି କେନ୍ଦୁପତ୍ର ତୋଳାଳି। ରେଢ଼ାଖୋଲ ବନଖଣ୍ଡ ଅଧୀନସ୍ଥ ବହଲପଦର କେନ୍ଦୁପତ୍ର ରେଞ୍ଜ ଅଧୀନରେ ରହିଛି ବଡବର୍ଡାକଟା କେନ୍ଦୁପତ୍ର ଫଡି ଘର। ଉକ୍ତ ଫଡି ଘର ଉପରେ ବଡ଼ବର୍ଡାକଟା , ପୁଲେଶ୍ୱର ଓ ରିଜୁମୁଣ୍ଡା ଗ୍ରାମର ଗୋଛା କଟାଳି ଓ ପତ୍ର ତୋଳାଳ ନିର୍ଭର କରନ୍ତି। ସେମାନେ ଏଠାରେ ଗୋଛା କାଟିବା ସହିତ ପତ୍ର ତୋଳି ଉକ୍ତ ଫଡ଼ିରେ ବିକ୍ରି କରିଥାନ୍ତି। ମାତ୍ର ଗତବର୍ଷ ପତ୍ର ତୋଳା ପରେ ଉକ୍ତ ଫଡ଼ିରେ କେନ୍ଦୁପତ୍ର ରଖା ଯାଇଥିଲା। ମାତ୍ର କେହି ଦୁର୍ବୃତ୍ତ ଉକ୍ତ ଫଡ଼ିରେ ନିଆଁ ଲଗାଇ ଦେଇଥିଲା। ଫଳରେ ଉକ୍ତ ଫଡି ଘର ସଂପୂର୍ଣ୍ଣ ଜଳି ସବୁ ପତ୍ର ନଷ୍ଟ ହୋଇ ଯାଇଥିଲା। ସେହି କାରଣ ନେଇ ଉକ୍ତ ଫଡ଼ିକୁ ରେଡାଖୋଲ ଡିଏଫଓ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ସେହି ଦିନରୁ ଉକ୍ତ ଫଡ଼ି ଘର ବନ୍ଦ ରହିଛି।



ବଡ଼ବର୍ଡାକଟା ଗ୍ରାମବାସୀ ଅମରପାଲି କେନ୍ଦୁପତ୍ର କାର୍ଯ୍ୟାଳୟକୁ ଦାବିପତ୍ର ଦେବାକୁ ଆସିଛନ୍ତି ।

- ହେଲା ନାହିଁ ଗୋଛା କଟା, ଆଶଙ୍କାରେ କେନ୍ଦୁପତ୍ର ତୋଳାଳି
- ରେଞ୍ଜ ଅଧିକାରୀଙ୍କୁ ଗ୍ରାମବାସୀଙ୍କ ଦାବିପତ୍ର
- ଗତବର୍ଷ କେନ୍ଦୁପତ୍ର ଫଡି ପୋଡ଼ି ଦେଇଥିଲେ ଦୁର୍ବୃତ୍ତ

ପ୍ରାୟେ ମାସେ ହେଲା ଉକ୍ତ ରେଞ୍ଜର ବିଭିନ୍ନ ଗ୍ରାମରେ କେନ୍ଦୁପତ୍ର ଗୋଛା କଟା ହେଉଥିଲେ ମଧ୍ୟ ବଡବର୍ଡ଼ାକଟା ଗ୍ରାମରେ ଗୋଛା କଟା ଆରମ୍ଭ ହୋଇ ନାହିଁ। ଗ୍ରାମବାସୀ ଏନେଇ ବିଭାଗର ମୁନସୀ ଓ ଚପରାସୀଙ୍କୁ ପଚାରିଥିଲେ। ସେମାନେ ଗୋଛା କଟା ହେବ ନାଁ ନାହିଁ ଏ ନେଇ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମର ପ୍ରାୟ ଶହେରୁ ଊର୍ଦ୍ଧ୍ୱ କେନ୍ଦୁପତ୍ର ତୋଳାଳି ଓ ୯୦ରୁ ଅଧିକ ଗୋଛା କଟାଳି ଏବେ କାମ ନ ପାଇ ବସି ରହିଛନ୍ତି। ସେମାନଙ୍କ ପିଲା କେନ୍ଦୁପତ୍ର ଛାତ୍ର ବୃତ୍ତି, ବିବାହ ସହାୟତା, ମୃତ୍ୟୁକାଳୀନ ସହାୟତା ସମେତ ଅନ୍ୟାନ୍ୟ ସହାୟତା ପାଇବାରେ ସମସ୍ୟା ଦେଖା ଦେଇପାରେ। ତେଣୁ ମଙ୍ଗଳବାର ଗ୍ରାମବାସୀ ଅମରପାଲିସ୍ଥିତ କେନ୍ଦୁପତ୍ର କାର୍ଯ୍ୟାଳୟକୁ ଆସି ରେଞ୍ଜ ଅଧିକାରୀଙ୍କୁ ଗ୍ରାମରେ ଗୋଛା କଟା କରିବା ସହିତ ପତ୍ର ତୋଳିବା ପାଇଁ ଅନୁମତି ଦେବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ରେଞ୍ଜ ଅଧିକାରୀଙ୍କ ଅନୁପସ୍ଥିତିରେ ଉକ୍ତ ସେକ୍ସନର ବନପାଳ ବିଦ୍ୟୁତ୍ ବେହେରାଙ୍କୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ଗୋଛା କଟାଳି ଓ କେନ୍ଦୁପତ୍ର ତୋଳାଳିଙ୍କ ସମସ୍ୟାକୁ ଦେଖି ବିଭାଗ ଏହାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

## ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହେଲେ ସୁନାମାଲ ଗ୍ରାମବାସୀ

କୋକସରା,୧୯।୩(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

**ଗ୍ରୀଷ୍ମପ୍ରବାହ ଆରମ୍ଭ ପୂର୍ବରୁ ପାନୀୟ ଜଳକଷ୍ଟ**

ଗ୍ରୀଷ୍ମ ଆରମ୍ଭରୁ ଦେଖାଦେଇଛି ଗ୍ରାମାଞ୍ଚଳରେ ପାନୀୟ ଜଳକଷ୍ଟ। ପାଣି ପାଇଁ ଡହଳ ବିକଳ ହେଉଛନ୍ତି କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ସୁନାମାଲ ଗ୍ରାମବାସୀ। ଗତ ଫେବୃୟାରୀରୁ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଯୋଗାଣ ହେଉଥିବା ପାନୀୟ ଜଳ ବନ୍ଦ ରହିଛି। ଗ୍ରାମବାସୀ ଏ ନେଇ ବ୍ଲକ ପ୍ରଶାସନ ଓ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ସମାଧାନ ହୋଇନାହିଁ। ଫଳରେ ଖରା ମାସରେ ଉତ୍କଟ ଜଳ କଷ୍ଟ ଭୋଗୁଛନ୍ତି ସୁନାମାଲ ଗ୍ରାମବାସୀ। ସୋମବାର ସୁନାମାଲ ଗ୍ରାମର ଅରୁଣ କୁମାର ସାହୁ, ନୈବସୁତ ସାହୁ, ବସନ୍ତ କୁମାର ପୋଡ଼, ତେଜରାଜ ଦୁରିଆ, ଉଗ୍ରସେନ ସାହୁ, କୁରୁକ୍ଷେତ୍ର ନାଏକ, ତପନ ଚଣ୍ଡି, ରୁଦ୍ର ପ୍ରସାଦ ସାହୁ, ଟଙ୍କଧର ହଂସ, ଧନସିଂ ଶବର ଓ ଅନ୍ୟ ଗ୍ରାମବାସୀ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇ ଶୀଘ୍ର ପାନୀୟ ଜଳ ପ୍ରକଳ୍ପ ମରାମତି କରି ଜଳ ଯୋଗାଇ ଦେବାକୁ ଲିଖିତ ଦାବି କରିଛନ୍ତି। ବିଡିଓ ଅନୁପସ୍ଥିତ କାରଣରୁ ହିସାବ ରକ୍ଷକ ଅଶୋକ କୁମାର ସେଠିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କୌଣସି ସମାଧାନ ନ କଲେ ଆଗାମୀ ସମୟରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଏ ନେଇ ଜଳ ଯୋଗାଇ କନିଷ୍ଠ ଯନ୍ତ୍ରୀ ଯଶୋବନ୍ତି ଭୋଇଙ୍କ ପ୍ରତିକ୍ରିୟା ନେବାରୁ କିଛି ଯାନ୍ତ୍ରିକ ତ୍ରୁଟି ରହିଛି, ୩/୪ ଦିନ ମଧ୍ୟରେ ମରାମତି ହେବ ଓ ପାନୀୟ ଜଳ ଯୋଗାଣ ସ୍ୱାଭାବିକ ହେବ ବୋଲି କହିଛନ୍ତି।

## ଗୋଷ୍ଠୀସଂଘର୍ଷ, ଥାନା ଆଗରେ ଧାରଣା



ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଆଗରେ ଧାରଣା ।

ସରଣ୍ଡା/ଅତାବିରା,୧୯।୩
(ଯୁଧିଷ୍ଠିର ମହାପାତ୍ର/ହୃଷୀକେଶ ଖମାରୀ)

ବରଗଡ଼ ଜିଲା ଅତାବିରା ଥାନା ଅନ୍ତର୍ଗତ ସିଂହପାଲି ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଗୋଷ୍ଠୀ ସଂଘର୍ଷ ହୋଇଛି। ଏଥିରେ ଉଭୟ ପକ୍ଷର ଲୋକେ ଆହତ ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଉତ୍ତେଜନା ଲାଗି ରହିଥିବାବେଳେ ଗ୍ରାମରେ ପୋଲିସ ମୁତୟନ ହୋଇଛନ୍ତି। ଅନ୍ୟପଟେ ଗୋଟିଏ ଗୋଷ୍ଠୀ ଅପର ଗୋଷ୍ଠୀର ଅଭିଯୁକ୍ତଙ୍କୁ ଗିରଫ କରିବା ଦାବି ନେଇ ମଙ୍ଗଳବାର ଅତାବିରା ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି, ଏସ୍‌ଡ଼ିପିଓ ପଦାରବିନ୍ଦ ତ୍ରିପାଠୀ ପ୍ରମୁଖ ଥାନାକୁ ପହଞ୍ଚି ଘଟଣା ଉପରେ ଅନୁଧ୍ୟାନ କରିଥିଲେ। ପ୍ରକାଶ ଯେ, ଉକ୍ତ ଗ୍ରାମର ୨ଗୋଷ୍ଠୀ ମଧ୍ୟରେ ଦୀର୍ଘଦିନରୁ ବିବାଦ ଲାଗି ରହିଛି। ଏହାକୁ ନେଇ ଗୋଷ୍ଠୀ ସଂଘର୍ଷ ହୋଇଥିବା ଆଲୋଚନା ହେଉଛି। ଅତାବରା ଥାନା ପୋଲିସ ଘଟଣା ପ୍ରତି ନଜର ରଖିଥିବାବେଳେ ଖବର ଲେଖାହେବା ସୁଦ୍ଧା (ରାତି ୯ଟା) ଏହି ଘଟଣାରେ କାହାକୁ ଗିରଫ କରାଯାଇ ନ ଥିବା ସୂଚନା ମିଳିଛି ।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

କୋକସରା,୧୯।୩(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ବରାଡ଼ଙ୍ଗା ପଞ୍ଚାୟତ ବରାଡ଼ଙ୍ଗା ଗ୍ରାମରେ ଜଣେ ଯୁବକଙ୍କୁ ମଙ୍ଗଳବାର ସକାଳେ ଭାଲୁ ଆକ୍ରମଣ କରିଛି। ଗ୍ରାମର ନକୁଳ ମାଝି (୩୪) ସକାଳେ ନିଜ ଚାଷଜମି ନିକଟକୁ ମହୁଲ ଗୋଟାଇବାକୁ ଯାଇଥିଲେ। ଖାଦ୍ୟ ଅନ୍ୱେଷଣରେ ମହୁଲ ଫୁଲ ଖାଇବାକୁ ଆସିଥିବା ଭାଲୁ ହାଠାତ ଆକ୍ରମଣ କରିଥିଲା। ଯୁବକ କୌଣସି ମତେ ଭାଲୁଠାରୁ ଜୀବନକୁ ରକ୍ଷା କରିଥିଲେ। ଗୁରୁତର ଯୁବକଙ୍କୁ ଏକ ବାଇକରେ ପରିବାର ଲୋକେ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏ ନେଇ ଆମପାଣି ସେକ୍ସନ ଫରେଷ୍ଟର ମନୀଷା ପଟ୍ଟନାୟକଙ୍କ ପ୍ରତିକ୍ରିୟା ନେବାରୁ ସରକାରୀ ନିୟମ ମୁତାବକ କ୍ଷତିପୂରଣ ମିଳିବ ବୋଲି କହିବା ସହ ଭାଲୁ ଚଲାପଥ ନେଇ ବିଭାଗ ପକ୍ଷରୁ ସତର୍କ ସୂଚନା ଦିଆଯାଇଛି। ହେଲେ ଲୋକେ ସତର୍କତା ଅବଲମ୍ବନ କରୁନାହାନ୍ତି ବୋଲି କହିଛନ୍ତି।

# ୧୦ ଗ୍ୟାରେଣ୍ଟି ନେଇ ଭୋଟରଙ୍କ ପାଖରେ ପହଞ୍ଚିବ




ଥୁଆମୂଳ ରାମପୁର,୧୯।୩(ଦୁର୍ଗା କୀର୍ତ୍ତି)

**କଂଗ୍ରେସର ଖବରଦାତା ସମ୍ମିଳନୀ**

- ସରକାର ଆସିଲେ ଜିଲା ତଥା ବ୍ଲକର ପ୍ରତ୍ୟେକ ପରିବାର ଉପକୃତ ହେବେ

କେନ୍ଦ୍ର ଓ ରାଜ୍ୟ ସରକାର ଆଦିବାସୀ ଓ ହରିଜନ ସମ୍ପ୍ରଦାୟ ଲୋକଙ୍କୁ ଅଣଦେଖା କରିଛନ୍ତି। ବିଭିନ୍ନ ସମୟରେ ଆଦିବାସୀ ଓ ହରିଜନଙ୍କ ନିମନ୍ତେ ଯୋଜନା ପ୍ରସ୍ତୁତ କରାଯାଇଛି ବୋଲି ସେମାନଙ୍କୁ ପ୍ରତାରଣା କରିଚାଲିଛନ୍ତି। ଏହାର ପ୍ରତିବାଦରେ ଏବେ ବିଭିନ୍ନ ସ୍ଥାନକୁ କଂଗ୍ରେସ ପକ୍ଷରୁ ୧୦ଟି ଗ୍ୟାରେଣ୍ଟି ନେଇ ଲୋକଙ୍କ ପାଖକୁ ଯିବ ଏବଂ କଂଗ୍ରେସ ସରକାରକୁ ଆସିଲେ ୧୦ଟି ଗ୍ୟାରେଣ୍ଟିରେ କଳାହାଣ୍ଡିର ଜିଲାର ପ୍ରତ୍ୟେକ ପରିବାର ଉପକୃତ ହେବେ ବୋଲି ମଙ୍ଗଳବାର କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ମିଡ଼ିଆ ସେଲ ଅଧ୍ୟକ୍ଷ ମୁରଲୀଧର ନାଏକ ପ୍ରକାଶ କରିଛନ୍ତି। ପୁଣି ନାଏକ କହିଛନ୍ତି ଯେ, ଚାଷୀଙ୍କ ବୋନସ ସହ ଧାନର ମୂଲ୍ୟ କୁଇଣ୍ଟାଲ ପିଛା ୩୦୦୦ ଟଙ୍କା, ପେନସନ ମାସିକ ୨୦୦୦ ଟଙ୍କା, କୃଷି ଋଣ ଛାଡ଼, ପ୍ରତି ପରିବାରକୁ ୨୦୦ ୟୁନିଟ ବିଜୁଳି ଫ୍ରି, ଯୁବକ ଯୁବତୀଙ୍କୁ ନିଯୁକ୍ତି, ସ୍ୱୟଂ ସହାୟକ ଗୋଷ୍ଠୀର ଋଣ ଛାଡ଼, ଗୃହଲକ୍ଷ୍ମୀ ଯୋଜନାରେ ଘର ମୁଖ୍ୟ ମହିଳାଙ୍କୁ ମାସିକ ୨୦୦୦ ଟଙ୍କା ଏବଂ ପ୍ରତି ପରିବାରକୁ ୫୦୦ ଟଙ୍କାରେ ଗ୍ୟାସ ସିଲିଣ୍ଡର୍ ଓ ୨୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା, ଜାତି ଜନଗଣନା, ପଛୁଆ ବର୍ଗଙ୍କୁ ୨୭% ସଂରକ୍ଷଣ ଏବଂ ଚିଟଫଣ୍ଡ ଟଙ୍କା ଫେରସ୍ତ ଦ୍ୱାରା କଳାହାଣ୍ଡିର ପ୍ରତ୍ୟେକ ପରିବାର ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିବେ ବୋଲି କହିଥିଲେ। ସମ୍ମିଳନୀରେ ଆଦିବାସୀ ନେତା ଗୁଞ୍ଜେନ ମାଝି କହିଥିଲେ ଯେ, କଂଗ୍ରେସ ହିଁ ଆଦିବାସୀଙ୍କ କଥା ଚିନ୍ତା କରିଛି। କଂଗ୍ରେସ ଆଦିବାସୀଙ୍କ ପାଇଁ ଆଇନ ଆଣିବା ସହ ତାଙ୍କୁ ହକ ଓ ନ୍ୟାୟ ଦେଇଛି। କିନ୍ତୁ ଦୁଃଖ ଏବଂ ପରିତାପର ବିଷୟ ଆଜି କଳାହାଣ୍ଡି ତଥା ଦେଶରେ ଆଦିବାସୀଙ୍କ ପ୍ରତି ଅନ୍ୟାୟ ଅତ୍ୟାଚାର ବହୁ ମାତ୍ରରେ ବଢ଼ି ଚାଲିଛି। ଆଦିବାସୀ ବିରୋଧୀ ଭାଜପା ସରକାରକୁ ସମର୍ଥନ କରୁଥିବା ଓଡ଼ିଶାର ବିଜେଡି ସରକାର ମଧ୍ୟ ସମ ପରିମାଣରେ ଦାୟୀ। ଏହାର ଉଚିତ ଜବାବ ଆଦିବାସୀମାନେ ହିଁ ଦେବେ ବୋଲି ସେ ପ୍ରକାଶ କରିଥିଲେ। ସମ୍ମିଳନୀରେ ପୂର୍ବତନ ଜିଲା ପରିଷଦ ସଦସ୍ୟ ତଥା ଜିଲା କଂଗ୍ରେସ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ମୁରଲୀଧର ନାଏକ, ଆଦିବାସୀ ନେତା ଗୁଞ୍ଜେନ ମାଝି, ରାଜୀବ ଗାନ୍ଧୀ ପଞ୍ଚାୟତ ସଙ୍ଗଠନର ବ୍ଲକ ସଂଯୋଜକ ପରମେଶ୍ୱର ନାଏକ ଏବଂ ଯୁବ କଂଗ୍ରେସ ସଭ୍ୟ ରାମସିଂ ମାଝି ପ୍ରମୁଖ ଉପସ୍ଥିତ ରହିଥିଲେ।

## କ୍ଷିତିଶ ବୋଧନକର ନୂଆପଡା ଜିଲା ଓକିଲ ସଭାପତି

ନୂଆପଡ଼ା,୧୯।୩(ମକାରୁ ବେମାଲ)

ନୂଆପଡା ଜିଲା ଓକିଲ ସଂଘ ସମସ୍ତ କର୍ମକର୍ତ୍ତା ମଙ୍ଗଳବାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଜିଲା ଓକିଲ ସଂଘ ସଭାପତି ଭାବରେ କ୍ଷୀତିଶ ଅଶୋକ ବୋଧାନକର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ସମ୍ପାଦକ ଭାବେ ପୁରୁଷୋତ୍ତମ ସୋନି, ଉପସଭାପତି ପ୍ରକାଶ ଚନ୍ଦ୍ର ସ୍ୱାଇଁ, ଯୁଗ୍ମ ସମ୍ପାଦକ ଅଜୟ କୁମାର ଶର୍ମା, କୋଷାଧ୍ୟକ୍ଷ ଯୋଗେଶ କୁମାର ସାହୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତ। ଉପଦେଷ୍ଟା କମିଟି ଭାବେ ଅଶୋକ କୁମାର ଦେବାଙ୍ଗନ, କମାଲେଶ କୁମାର ଦୀକ୍ଷିତ, ନାରାୟଣ ପ୍ରସାଦ ଯୋଷି, ପ୍ରକାଶ ସେନାପତି, ସୁଧୀର କୁମାର ସୂପକାର ନିର୍ବାଚିତ ହୋଇଛନ୍ତି। ନୂଆପଡା ଜିଲା ଓକିଲ ସଂଘ ନିର୍ବାଚନ ପାଇଁ ଅନେକ ଆଶାୟୀ ନାମାଙ୍କନ ଦାଖଲ କରିଥିଲେ। ପରେ ନିଜର ଆପୋଷ ବୁଝାମଣାରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ।

## ଘର ଭିତରୁ ବୃଦ୍ଧଙ୍କ ମୃତଦେହ ଜବତ

ଖୁଣ୍ଟା,୧୯।୩ (ଦେବରଞ୍ଜନ ବେହେରା)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ମାଠିଆଭଙ୍ଗା ଗ୍ରାମର ଏକ ଘର ଭିତରୁ ପୋଲିସ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ଘନଶ୍ୟାମ ସେଠୀ(୬୬)। ସେ ଅଗ୍ନିଶମ ବିଭାଗର ଡ୍ରାଇଭର ଭାବେ କାର୍ଯ୍ୟ କରିଆସୁଥିବା ବେଳେ କିଛି ମାସ ପୂର୍ବେ ଅବସର ଗ୍ରହଣ କରିଥିଲେ। ସେ ଏକାକି ମାଠିଆଭଙ୍ଗା ଗ୍ରାମରେ ରହିଆସୁଥିବା ବେଳେ ତାଙ୍କ ପରିବାର ଲୋକେ ଉଦଳାଠାରେ ରହୁଛନ୍ତି। ତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି।

## ୩୫୦ କେଜି ଗଞ୍ଜେଇ ଜବତ: ୨ ଗିରଫ



ଅଭିଯୁକ୍ତଙ୍କ ସହ ଜବତ ଗଞ୍ଜେଇ ।

ଘଣ୍ଟାପଡ଼ା,୧୯।୩ (ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ବିପୁଳ ପରିମାଣର ଗଞ୍ଜେଇ ଓ ଚୋରା ଚାଲାଣରେ ବ୍ୟବହୃତ ପିକଅପ୍ ଭ୍ୟାନ୍ ଜବତ ହୋଇଛି । ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି । ସୂଚନା ଅନୁସାରେ, ଏକ ପିକ୍‌ଅପ ଭ୍ୟାନ (ଓଡି-୩୩ଏଏ-୭୧୨୬)ରେ ଗଞ୍ଜେଇ ଚୋରା ଚାଲାଣ ହେବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କଣ୍ଟାମାଳ ଅବକାରୀ ଅଧିକାରୀ ସୂର୍ଯ୍ୟକାନ୍ତ ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ କଣ୍ଟାମାଳ ଅନ୍ତର୍ଗତ ଟିକ୍ରାପଡ଼ା ଛକ ନିକଟରେ ଚଢାଉ କରିଥିଲେ । ଚଢାଉ ବେଳେ ଭ୍ୟାନ୍‌ରୁ ୩୫୦ କେଜି ଗଞ୍ଜେଇ ଜବତ ହୋଇଥିଲା । ଏହି ଘଟଣାରେ ବାଉଁଶୁଣୀ ଥାନା ଅନ୍ତର୍ଗତ ବହିରା ଗ୍ରାମର ମନୋଜ ବେହେରା(୨୩) ଓ ମନମୁଣ୍ଡା ଥାନା ଭାଲିଆପଦର ଗ୍ରାମର ଅନନ୍ତ ଭୋଇ (୩୨)ଙ୍କୁ ଗିରଫ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି । ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ନେଇ କଣ୍ଟାମାଳ ଅବକାରୀ ଅଧିକାରୀ ସୂର୍ଯ୍ୟକାନ୍ତ ମଲ୍ଲିକ ସୂଚନା ଦେଇଛନ୍ତି ।

## ଯୁବତୀଙ୍କ ଆତ୍ମହତ୍ୟା

ଯୋଡା, ୧୯।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡା ଥାନା ଅଧୀନ ବାଂଶପାଣି ବେହେରା ହଟିଂଠାରେ ଜଣେ ଯୁବତୀ ଘରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ମଙ୍ଗଳବାର ସକାଳେ କୌଣସି କାରଣରୁ ଉକ୍ତ ଯୁବତୀଙ୍କର ପରିବାର ଲୋକଙ୍କ ସହ କଳହ ହୋଇଥିଲା। ଏଥିରେ ସେ ରାଗିଯାଇ ଘର ଭିତରକୁ ପଶି ଫାଶୀ ଲଗାଇ ଆତ୍ମହତ୍ୟା କରିଥିଲେ। ଏହି ସମୟରେ ପରିବାର ଲୋକେ କବାଟ ଖୋଲିବାକୁ ଚେଷ୍ଟା କରିଥିଲେ ହେଁ ବିଳମ୍ବ ହେବାରୁ ଯୁବତୀଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି।

## କପି କରି ଧରାପଡ଼ିଲେ ପରୀକ୍ଷାର୍ଥୀ

ପାଟଣା,୧୯।୩(ବୀର କିଶୋର ଦାଶ)

ଧରଣୀଧର ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଯୁକ୍ତ ୩ ପ୍ରଥମ ବର୍ଷ ବିଜ୍ଞାନ ଓ କଳା ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପାଟଣା ବ୍ଲକ ମୁଖ୍ୟାଳୟ ଆଞ୍ଚଳିକ ମହାବିଦ୍ୟାଳୟରେ ମଙ୍ଗଳବାର ପ୍ରଥମ ଦିନ ସମ୍ମାନ ପରୀକ୍ଷା ଚାଲିଥିବା ବେଳେ ଖିରେଇ ଟାଙ୍ଗିରୀ ବିଶ୍ୱ ବିନାୟକ ଡିଗ୍ରୀ ଘରୋଇ ମହାବିଦ୍ୟାଳୟର ଜଣେ ବିଜ୍ଞାନ ପ୍ରଥମ ବର୍ଷ ସମ୍ମାନର ଛାତ୍ର ଅସାଧୁ ଉପାୟ ଅବଲମ୍ବନ କରି ଧରା ପଡ଼ିଥିବା ପରୀକ୍ଷା ସୁପରିଣ୍ଟେଣ୍ଡେଣ୍ଟ ବିରେନ୍ଦ୍ର କୁମାର ସାହୁ କହିଛନ୍ତି। ସୂଚନା ଅନୁଯାୟୀ, ପରୀକ୍ଷା ଚାଲିଥିବା ବେଳେ ଧରଣୀଧର ବିଶ୍ୱ ବିଦ୍ୟାଳୟର ୨ ଫ୍ଲାଇଙ୍ଗ ସ୍କ୍ୱାଡ୍ ପହଞ୍ଚି ଯାଞ୍ଚ କରିବା ସମୟରେ ଜଣେ ପରୀକ୍ଷାର୍ଥୀ କପି କରୁଥିବା ଅବସ୍ଥାରେ ଧରା ପଡ଼ିଥିଲେ।

# ଡୋକରିଚଞ୍ଚରା ଭୁର୍ଷାଗୁଡ଼ା ଗାଁକୁ ରାସ୍ତା ସଂଯୋଗ ଦାବି

କୋକସରା,୧୯।୩(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡିଜିଲା କୋକସରା ବ୍ଲକ କୋକସରା ମାଝିଗୁଡା ଛକଠାରୁ ଟେମରା, ମହିମା, ଘଣ୍ଟିଗୁଡା, ଖଲିଗଡ ଦେଇ ପର୍ଯ୍ୟଟନ ସ୍ଥଳୀ ଗୁଡହାଣ୍ଡି ଡୋକରୀଚଞ୍ଚରାକୁ ସଂଯୋଗ କରୁଥିବା ନିର୍ମାଣାଧୀନ ପୂର୍ତ୍ତ ବିଭାଗ ରାସ୍ତାରେ ଭୁର୍ଷାଗୁଡା ଗ୍ରାମ ବାଦ ପଡ଼ିଛି। ଏହାକୁ ନେଇ ମହିମା ପଞ୍ଚାୟତ ଭୁର୍ଷାଗୁଡା ଗ୍ରାମବାସୀ ଧର୍ମଗଡ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ନବ କିଶୋର ବେହେରାଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ସୂଚନାମତେ ପୂର୍ତ୍ତ ବିଭାଗ ଦ୍ୱାରା ମାଝିଗୁଡା ଡୋକରୀଚଞ୍ଚରା ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ କୋକସରା, ମହିମା, ଘଣ୍ଟିଗୁଡା ଦେଇ ରାସ୍ତା ନିର୍ମାଣ ଆରମ୍ଭ କରାଯାଇଛି। ରାସ୍ତାର କିଛି ଦୂରରେ ଭୁର୍ଷାଗୁଡା ଗ୍ରାମ ଏଥିରୁ ବାଦ ପଡିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଗ୍ରାମବାସୀ ପୂର୍ତ୍ତ ବିଭାବ କନିଷ୍ଠ ଯନ୍ତ୍ରୀ ନବ କିଶୋର ବେହେରାଙ୍କୁ ଭୁର୍ଷାଗୁଡା ଗ୍ରାମବାସୀ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ରାସ୍ତାର ସଂଯୋଗୀକରଣ ଭୁର୍ଷାଗୁଡା ଗ୍ରାମ ଦେଇ କାର୍ଯ୍ୟକାରୀ କରିବା ପାଇଁ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଗ୍ରାମର ରାଜମୋହନ ଧ.ମାଝି, ଔରତ ମାଝି, ବନମାଳୀ ମାଝି, ଶିବାନ ମାଝି, କ୍ଷୀରୋଦ କୁମାର ନାଏକ, ଦୈତାରୀ ମାଝି, ସେନାପତି ନିଆଲ, ଗୋବର୍ଦ୍ଧନ ନାଏକ, ଧନସେ ମାଝି, ଜଗଦିଶ କୋଟିଆ, ଡମ୍ବରୁଧର ନାଏକ, ଲବ ମାଝି, ଅଶୋକ କୁମାର ନାଏକ, ତିଳ ଧ.ମାଝି, ବୃଲେଶ୍ୱର ମାଝି ଉପସ୍ଥିତ ରହିଥିଲେ।



ଦାବିପତ୍ର ପ୍ରଦାନ କରାଯାଉଛି।

# ମୁକୁଳା ଡ୍ରେନ୍‌ରେ ପଡୁଛନ୍ତି ବୁଲାଗୋରୁ

ବଲାଙ୍ଗୀର,୧୯।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ଏବେ ବୁଲା ଗୋରୁଙ୍କ ପାଇଁ ବିପଦପୂର୍ଣ୍ଣ ପାଲଟିଛି। ଅନେକ ସମୟରେ ରାସ୍ତାପାର୍ଶ୍ୱ ଖୋଲା ଡ୍ରେନ୍‌ରେ ପଡି ଗୋରୁ ଛଟପଟ ହେଉଛନ୍ତି। ଅଗ୍ନିଶମ ବିଭାଗ ବା ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ କର୍ତ୍ତବ୍ୟ ଫାଉଣ୍ଡେସନ୍‌କୁ କେହି ଖବର ଦେଲେ ସେମାନେ ଆସି ଦୁର୍ଘଟଣାର ଶିକାର ଗୋରୁଙ୍କୁ ଉଦ୍ଧାର କରି ଚିକିତ୍ସା କରୁଛନ୍ତି। ଅପରପକ୍ଷେ ସହରରେ ବୁଲା ଗୋରୁଙ୍କ ପାଇଁ କୌଣସି ରହିବା ସ୍ଥାନ ନାହିଁ। ସହରରେ ଥିବା ଶତାୟୁ ଗୋଶାଳାରେ ଚାଲାଣ ବେଳେ ଉଦ୍ଧାର ଗୋରୁଙ୍କୁ ରଖାଯାଉଛି। ସେଠାରେ ମଧ୍ୟ ଆବଶ୍ୟକ ଭିତ୍ତିଭୂମି ନାହିଁ। କିଛି ମାସ ପୂର୍ବରୁ ଚାଲାଣ ହେଉଥିବା ଶତାଧିକ ଗୋରୁଙ୍କୁ ପ୍ରଶାସନ ଉଦ୍ଧାର କରି ସେଠାରେ ରଖିଥିଲା। ଖୋଲା ଆକାଶ ତଳେ କଷ୍ଟ ଭୋଗୁଥିବା ଗୋରୁଙ୍କୁ ଦୁର୍ଦ୍ଦଶା ଦେଖି କେତେକ ବୁଦ୍ଧୀଜୀବୀ ଏବଂ ସ୍ୱେଚ୍ଛାସେବୀ ମ୍ୟୁନିସିପାଲିଟି ଓ ଜିଲା ପ୍ରଶାସନକୁ ଜଣାଇଥିଲେ। ଗଣମାଧ୍ୟମରେ ଏହି ଗୋରୁଙ୍କ ଦୁର୍ଦ୍ଦଶା ଶିରୋନାମା ପାଲଟିଥିଲା। ଏହାସତ୍ତ୍ୱେ ମ୍ୟୁନିସିପାଲିଟି ଏବଂ ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିଲେ। ଏହାପରେ ଗୋଶାଳା କର୍ତ୍ତୃପକ୍ଷ ନିଜ ଉଦ୍ୟମରେ ସେଠାରେ ଦୁଇଟି ସେଡ୍ ତିଆରି କରିଥିଲେ। ପରେ ତତ୍କାଳୀନ ଜିଲାପାଳ ୧୦ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେବାକୁ ବଲାଙ୍ଗୀର ବ୍ଲକ୍ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଅନୁଦାନ ଯୋଗାଇ ଦିଆଯାଇ ନ ଥିବା ଗୋଶାଳା କର୍ତ୍ତୃପକ୍ଷ କହିଛନ୍ତି।

ମ୍ୟୁନିସିପାଲିଟିର ଅପାରଗତା ଏବଂ ଯୋଜନାହୀନତା ଯୋଗୁ ସହରର ବହୁ ସ୍ଥାନରେ ରାସ୍ତାକଡ ଡ୍ରେନ୍ ଖୋଲା ହୋଇରହିଛି। ସହରର ମୁଖ୍ୟ ରାସ୍ତାଠୁ ଆରମ୍ଭ କରି ଗଳିକନ୍ଦି ଗୋରୁ ବୁଲୁଛନ୍ତି। ସେମାନେ ଏହି ମୁକୁଳା ଡ୍ରେନ୍‌ରେ ପଡିବା ସାଧାରଣ ଘଟଣା ହୋଇଗଲାଣି। ଦୁଇଦିନ ତଳେ ଶାସ୍ତ୍ରୀନଗର ସ୍ଥିତ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ସମ୍ମୁଖ ଡ୍ରେନ୍‌ରେ ପଡିଥିବା ଏକ ଗାଇକୁ ଅଗ୍ନିଶମ ବିଭାଗ କର୍ମଚାରୀ ଉଦ୍ଧାର କରିଥିଲେ। ଏହାସତ୍ତ୍ୱେ ପ୍ରାଣୀଧନ ବିଭାଗ କି ମ୍ୟୁନିସିପାଲିଟି ଟିମ୍ ସେଠାକୁ ଆସି ନ ଥିଲେ। ରାସ୍ତା ଉପରେ ବୁଲା ଗୋରୁ ଏବଂ କୁକୁର ଏବେ ସହରରେ ଦୁର୍ଘଟଣା ଏବଂ ଟ୍ରାଫିକ ଅବ୍ୟବସ୍ଥାର କାରଣ ପାଲିଟିଛି।



ବଲାଙ୍ଗୀର ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ସମ୍ମୁଖ ଡ୍ରେନ୍‌ରେ ପଡିଥିବା ଏକ ଗାଇକୁ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରୁଛନ୍ତି।

# ଏକାଧିକ ଆଶାୟୀ, ଛକାପଞ୍ଝାରେ ସୁନନ୍ଦା-ବିଶ୍ୱରଞ୍ଜନ

ବରୀ, ୧୯।୩ (ମହେନ୍ଦ୍ର ସ୍ୱାଇଁ)

## ବରୀ ବିଧାନସଭା ନିର୍ବାଚନମଣ୍ଡଳୀ


ସୁନନ୍ଦା ଦାସ


ବିଶ୍ୱରଞ୍ଜନ ମଲ୍ଲିକ


ଅଶୋକ ସାମଲ


ବିଭୁପ୍ରସାଦ ରଥ


ସଞ୍ଜୀବ ଜେନା


ଅଶୋକ ବେହେରା

ଆସନ୍ତା ଜୁନ ୧ରେ ବରୀ ନିର୍ବାଚନମଣ୍ଡଳୀର ବିଧାନସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଭାଜପା ଓ ବିଜେଡି ମଧ୍ୟରେ ମେଣ୍ଟ ଚିତ୍ର ଅସ୍ପଷ୍ଟ ରହିଥିବା ବେଳେ ଶାସକ ଦଳରେ ପ୍ରାର୍ଥୀ ହେବା ପାଇଁ ଆଶାୟୀଙ୍କ ସଂଖ୍ୟା ବଢ଼ିଚାଲିଛି।

୨୦୧୯ ନିର୍ବାଚନ ପୂର୍ବରୁ ଅପ୍ରତ୍ୟାଶିତ ଭାବେ ଭାଜପାରୁ ଆସି ଶାସକ ଦଳରୁ ପ୍ରାର୍ଥୀ ହୋଇ ସୁନନ୍ଦା ଦାସ ବିଜୟୀ ହୋଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ୪,୦୬୨ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। କଂଗ୍ରେସରୁ ଉମେଶ ଚନ୍ଦ୍ର ଜେନା ତୃତୀୟ ସ୍ଥାନରେ ରହିଥିଲେ। ବର୍ତ୍ତମାନ ବରୀ ବିଧାୟିକା ସୁନନ୍ଦା ଦାସ ଶାସକ ଦଳରୁ ହୋଇଥିବାବେଳେ ବିଜେଡିର ଗୋଟିଚାଳନା ଯୋଗୁ ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଭାଜପାରୁ ନିର୍ବାଚନ ଲଢ଼ିଥିବା ବିଶ୍ୱରଞ୍ଜନଙ୍କୁ ବିଜେଡି ରାଜ୍ୟ ସମ୍ପାଦକ ଭାବେ ଦାୟିତ୍ୱ ମିଳିଥିଲା। ଉଭୟ ସୁନନ୍ଦା ଓ ବିଶ୍ୱରଞ୍ଜନ ଶାସକ ଦଳର ହୋଇଥିଲେ ମଧ୍ୟ ପଞ୍ଚାୟତ ନିର୍ବାଚନରେ ସେମାନଙ୍କ ଗୋଷ୍ଠୀ ମଧ୍ୟରେ ସରପଞ୍ଚ, ସମିତିସଭ୍ୟ ଓ ଜିଲା ପରିଷଦ ସଭ୍ୟ ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ପଞ୍ଚାୟତ ସମିତି ନିର୍ବାଚନରେ ବିଶ୍ୱରଞ୍ଜନଙ୍କ ନେତୃତ୍ୱରେ ଅଧିକ ସମିତି ସଭ୍ୟ ନିର୍ବାଚିତ ହୋଇଥିବାରୁ ସେ ସମିତି ଅଧ୍ୟକ୍ଷ ନିର୍ବାଚିତ କରିବାକୁ ସମର୍ଥ ହୋଇଥିଲେ। ବରୀରେ ବିଶ୍ୱରଞ୍ଜନଙ୍କ ଦୃଢ଼ ସଙ୍ଗଠନ ରହିଥିବାରୁ ଆଗାମୀ ନିର୍ବାଚନରେ ଶାସକ ଦଳରୁ ସେ ପ୍ରାର୍ଥୀ ହେବେ ବୋଲି ସମର୍ଥକମାନେ ମତ ଦେଉଛନ୍ତି।

ଅପରପକ୍ଷରେ ବିଧାୟିକା ସୁନନ୍ଦା ଦାସ କଳାମାଟିଆ ଶହୀଦ ପୀଠର ଉନ୍ନତୀକରଣ, ଶହୀଦଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା, ଗୁରୁପୂଜନ କାର୍ଯ୍ୟକ୍ରମ, ବିଦଗ୍ଧ କବିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ଐତିହାସିକ ପୀଠର ଉନ୍ନତୀକରଣ କରିବା ସହ ସରକାରୀ ଯୋଜନାର ସଫଳ ରୂପାୟନ କ୍ଷେତ୍ରରେ ଉଦ୍ୟମ କରି ସାଧାରଣ ଲୋକଙ୍କ ନିକଟତର ହୋଇପାରିଥିବାରୁ ସେ ଟିକେଟ ପାଇବେ ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି। ଏହି ୨ ଦାବିଦାରଙ୍କ ବ୍ୟତୀତ ଯୁବନେତା ସଞ୍ଜୀବ ଜେନାଙ୍କ ନାମ ମଧ୍ୟ ଉଠୁଛି। ସେ ସାହୁପଡା କଚେରି ପଡ଼ିଆଠାରେ କର୍ମୀ ସମ୍ମିଳନୀ କରି ବିକଶିତ ବରୀ ଗଠନ କ୍ଷେତ୍ରରେ ଉଦ୍ୟମ ଜାରି ରଖିଥିବା ଦେଖିବାକୁ ମିଳିଛି। ବରୀ ଅଞ୍ଚଳର ଯୁବ ସଙ୍ଗଠକ ଭାବେ ଜଣାଶୁଣା, ବର୍ତ୍ତମାନର ୨୧ନଂ. ଜିଲା ପରିଷଦ ସଭ୍ୟ ଓ ପ୍ରାକ୍ତନ ବରୀ ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ସାମଲ ମଧ୍ୟ ସମାନ୍ତରାଳ ଭାବେ ବିଜୁ ଜୟନ୍ତୀ ପାଳନ ଓ ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ କରିବା ସହିତ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେଉଥିବାରୁ ଶାସକ ଦଳରୁ ଆଶାୟୀ ପ୍ରାର୍ଥୀ ତାଲିକାରେ ରହିଛନ୍ତି ବୋଲି ସୂଚନା ମିଳିଛି। ଅନ୍ୟତମ ଆଶାୟୀ ପ୍ରାର୍ଥୀ ଭାବେ ସାମାଜିକ କର୍ମୀ ଅଶୋକ ବେହେରା ବରୀ ଅଞ୍ଚଳରେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇ ଭୋଟରମାନଙ୍କ ନିକଟତର ହେଉଛନ୍ତି। ଅନୁରୂପ ଭାବେ ବିଭୁପ୍ରସାଦ ରଥ ନବୀନ ନିବାସ ଯାଇ ପ୍ରାର୍ଥୀ ହେବା ପାଇଁ ଆବେଦନ କରିଥିବାର ସୂଚନା ମିଳିଛି।

ଆସନ୍ତା ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ତାରିଖ ମେ’ ୭ରୁ ୧୪ ରହିଥିବା ବେଳେ ଯଦି ଭାଜପା ସହ ବିଜେଡିର ମେଣ୍ଟ ନ ହୁଏ, ତେବେ ଦଳୀୟ ହାଇକମାଣ୍ଡ ବିଧାୟିକାଙ୍କ ଉପରେ ଭରସା କରିବେ କିମ୍ବା ଅନ୍ୟ ଆଶାୟୀଙ୍କ ମଧ୍ୟରୁ କାହାକୁ ଦଳୀୟ ପ୍ରାର୍ଥୀ କରିବେ, ତାହା ଅସ୍ପଷ୍ଟ ଥିବା ଯୋଗୁ ବରୀ ରାଜନୀତି ଏକ ରୋଚକ ମୋଡ଼ ନେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ରାଉରକେଲା ବସ୍ତି ରାଜନୀତି ଶିଥିଳ

ରାଉରକେଲା, ୧୯।୩ (ସଙ୍ଗୀତା ଜେନା)

ବିଜେଡି-ଭାଜପା ମେଣ୍ଟ ନେଇ ଅନିଶ୍ଚିତତା ଲାଗି ରହିଥିବା ବେଳେ ରାଉରକେଲାରେ ରାଜନୈତିକ ଦଳଗୁଡ଼ିକଠାରେ ତତ୍ପରତା ପ୍ରକାଶ ପାଉ ନ ଥିବା ଦେଖିବାକୁ ମିଳିଛି। ବିଶେଷକରି ବିଜେଡି ଓ ଭାଜପା କୌଣସି କାର୍ଯ୍ୟକ୍ରମ କରୁ ନ ଥିବା ବେଳେ କଂଗ୍ରେସ ମଧ୍ୟ କ୍ରିୟାଶୀଳତା ପ୍ରଦର୍ଶନ କରୁ ନ ଥିବା ଦେଖିବାକୁ ମିଳିଛି। ୨୦୧୯ରେ ରାଉରକେଲା ରାଜନୀତିରେ ଘନ ଘନ ମିଶ୍ରଣପର୍ବ ହେଉଥିବା ବେଳେ ଚଳିତ ଥର ଯେମିତି ମରୁଡ଼ି ପଡ଼ିଛି। ଗତ ନିର୍ବାଚନରେ ବିଭିନ୍ନ ବସ୍ତି ଅଞ୍ଚଳରେ ଶତାଧିକ ଲୋକଙ୍କୁ ବିଭିନ୍ନ ରାଜନୈତିକ ଦଳ ସ୍ୱାଗତକରି ପ୍ରାଥମିକ ସଦସ୍ୟତା ପ୍ରଦାନ କରୁଥିଲେ। ଏପରିକି ଆଶାୟୀ ପ୍ରାର୍ଥୀମାନେ ନିଜ ପତିଆରା ଦେଖାଇବା ପାଇଁ ବହୁ ସଂଖ୍ୟାରେ ବସ୍ତିବାସୀଙ୍କୁ ନିଜ ଦଳରେ ମିଶାଇ ଶ୍ରେୟ ନେଉଥିଲେ। ଚଳିତ ନିର୍ବାଚନରେ ମେଣ୍ଟ ପ୍ରସଙ୍ଗ ସମସ୍ତ କାର୍ଯ୍ୟଶୀଳତାକୁ ବନ୍ଦ କରିଦେଇଥିବା ଲକ୍ଷ୍ୟ କରାଯାଉଛି।

ଆର୍ଏମ୍ସି ଜାଗା ମିଶନ ଅନୁଯାୟୀ ରାଉରକେଲା ନିର୍ବାଚନମଣ୍ଡଳୀର ବିଭିନ୍ନ ୱାର୍ଡରେ ବଡ଼ଛୋଟ ମିଶି ୩୧୦ରୁ ଊର୍ଦ୍ଧ୍ୱ ବସ୍ତି ରହିଛି। ବସ୍ତିବାସିନ୍ଦା ସମ୍ପ୍ରତି ରାଜନୈତିକ ପାଣିପାଗ ଦେଖି ନିରାଶ ହୋଇଯାଇଥିବା ଚର୍ଚ୍ଚା ହେଉଛି। ମାଲଗୋଦାମ, ଗୋପବନ୍ଧୁପାଲୀ ଭଳି ଗୁରୁତ୍ୱପୂର୍ଣ୍ଣ ଭୋଟବ୍ୟାଙ୍କ ଥିବା ବସ୍ତି ବାସିନ୍ଦାମାନେ ନୈରାଶ୍ୟଜନକ ପ୍ରତିକ୍ରିୟା ଦେଉଛନ୍ତି। ନାମ ନ କହି କହୁଛନ୍ତି ମେଣ୍ଟର ଦେଖାସାକ୍ଷାତ୍ ନାହିଁ। ମିଶ୍ରଣପର୍ବରେ କେଉଁଠି ଯୋଗଦେବ। ମେଣ୍ଟ ହେଉ ଅବା ନ ହେଉ, ବର୍ତ୍ତମାନର ସ୍ଥିତି ଦେଖିଲେ ନିର୍ବାଚନକୁ ନେଇ ସେମାନଙ୍କ ମନ ଫିକା ହୋଇଯାଇଥିବା ଆଲୋଚନା ହେଉଛି। ୨୦୧୯ ନିର୍ବାଚନ ଦେଖିଲେ ବିଜେଡିର ବନ୍ଧମୁଣ୍ଡା, କୋଏଲନଗର, ଛେଣ୍ଡ, ଦେଓଗାଁ, ବାସନ୍ତୀ କଲୋନି, ମାଲଗୋଦାମ, ଉଦିତନଗର ଆଦି ୮ଟି ଜୋନ୍‌ରେ ଏକ ବିଶାଳ ମିଶ୍ରଣପର୍ବ ଜଗଦାସ୍ଥିତ ଜଗଦା ସାଂସ୍କୃତିକ ପରିଷଦରେ ଅନୁଷ୍ଠିତ ହୋଇଥିଲା। ଭାଜପାରେ କାଁ ଭାଁ ମିଶ୍ରଣ ପର୍ବ ହୋଇଥିବା ବେଳେ କଂଗ୍ରେସରେ ମାରାଥନ୍ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଥିଲା। ତତ୍କାଳୀନ ରାଉରକେଲା ଡିସିସି ରବି ରାୟଙ୍କ ହିସାବ ଅନୁଯାୟୀ, ୧୦ରୁ ଊର୍ଦ୍ଧ୍ୱ ମିଶ୍ରଣ ପର୍ବ ହୋଇଥିଲା। ହେଲେ ଚଳିତ ଥର ସେଭଳି ରାଜନୈତିକ ବାତାବରଣ ଆସି ନ ଥିବା ଲକ୍ଷ୍ୟ କରାଯାଇଛି।


ଶଙ୍ଖ ଭବନରେ ଭାଜପା ନେତା ତଥା ସୋର ମ୍ୟୁନିସିପାଲିଟିର ଅଧ୍ୟକ୍ଷ ମାଧବ ଧଡ଼ା ବିଜେଡିରେ ଯୋଗଦେଇଛନ୍ତି।

# କେନ୍ଦ୍ର ସରକାରଙ୍କ ଯୋଜନାର ପ୍ରଚାରକଲେ

ଉମରକୋଟ, ୧୯।୩ (ସନ୍ତୋଷ ଶତପଥୀ)

## ଛତିଶଗଡ଼ ଉପ ମୁଖ୍ୟମନ୍ତ୍ରୀଙ୍କ ଉମରକୋଟ ଗସ୍ତ

ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ମଙ୍ଗଳବାର ଉମରକୋଟ ଗସ୍ତ କରିଥିଲେ। ସେ ପ୍ରଥମେ ସ୍ଥାନୀୟ ଏକ ଚା’ ଦୋକାନରେ ଦଳୀୟ କର୍ମୀଙ୍କ ସହ ଏକାଠି ଚା’ ପିଇଥିଲେ। ସେଠାରୁ ଏକ ହୋଟେଲରେ ବ୍ୟବସାୟୀମାନଙ୍କ ସହ ଆଲୋଚନା କରିଥିଲେ। କେନ୍ଦ୍ର ସରକାରଙ୍କ ଯୋଜନାର ଲାଭାର୍ଥୀଙ୍କୁ ନେଇ ଆୟୋଜିତ ଏକ ସମ୍ମିଳନୀରେ ସେ ଯୋଗଦେଇ ଆଲୋଚନା କରିଥିଲେ। ଓଡ଼ିଶାରେ ବିଜେଡି-ଭାଜପା ମେଣ୍ଟକୁ ନେଇ ସିଧାସଳଖ ସେ କୌଣସି ସୂଚନା ଦେଇ ନାହାନ୍ତି। ଲୋକଙ୍କ ତଥା ରାଷ୍ଟ୍ର ହିତ ପାଇଁ ଯାହା ଆବଶ୍ୟକ ତାହା କରାଯିବ ବୋଲି ସେ କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ହେଲିକପ୍ଟର ଯୋଗେ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ପହଞ୍ଚିବା ପରେ ସ୍ଥାନୀୟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ପୂର୍ବତନ ଏମ୍‌ପି ବଳଭଦ୍ର ମାଝି, ପର୍ଶୁରାମ ମାଝି, ଭାଜପା ଜିଲା ସଭାପତି ଜଗଦୀଶ ଚନ୍ଦ୍ର ବିଶୋୟୀ, ରମେଶ ସାହୁ, ମାନିଜର ଆରୟା, ରାମେଶ୍ୱର ଜେନା, ଶିବନାଥ ବାନାର୍ଜୀ, ଅଶୋକ ପାଢ଼ୀ, ସନ୍ତୋଷ ମହାପାତ୍ର, ରାମ ନାୟକ, ଗୋବିନ୍ଦ ଜୈନ ପ୍ରମୁଖ ଭାଜପା ନେତା ତାଙ୍କୁ ସ୍ୱାଗତ କରିଥିଲେ। କର୍ମୀଙ୍କ ଗହଣରେ ଉମରକୋଟ ସହର ପରିକ୍ରମା ସହ ରୋହିତ ଚା’ଦୋକାନରେ ଚା’ ପିଇବା ସହ ଚାୟ ପେ ଚର୍ଚ୍ଚାରେ ଯୋଗଦେଇ ଲୋକଙ୍କ ସହ ମିଶିଥିଲେ। ପରେ ସ୍ଥାନୀୟ ଏକ ହୋଟେଲରେ ପାଞ୍ଚୋଟି ବ୍ଲକ୍‌ର ବ୍ୟବସାୟୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଉମରକୋଟ ବଣିକ ସଂଘ ସଭାପତି ଦ୍ୱାରିକାନାଥ ପାଣିଗ୍ରାହୀ, ବ୍ୟବସାୟୀ ମନମୋହନ ସେନାପତି, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସୋନୁ ହିଙ୍ଗୋରା ଉପ ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ପ୍ରଶ୍ନ କରିବା ସହ ଏବଂ ଜିଏସ୍‌ଟିରେ ଯେଉଁ ଜଟିଳତା ରହିଛି ତାକୁ ସରଳୀକରଣ ପାଇଁ କହିଥିଲେ। ମାଲବାହୀ ଟ୍ରକ୍ ଛତିଶଗଡ଼ରୁ ଆସିବା ବା ଓଡ଼ିଶାରୁ ଯିବାବେଳେ ଯେଉଁ ସମସ୍ୟା ହେଉଛି ସେ ନେଇ ଆଲୋଚନା କରାଯାଇଛି।

କେନ୍ଦ୍ର ସରକାରଙ୍କ ଯୋଜନାରୁ ଲାଭାର୍ଥୀଙ୍କୁ ନେଇ ଏକ ସମ୍ମିଳନୀ କରାଯାଇଥିଲା। ସେ ରାଜ୍ୟ ସରକାରଙ୍କ ଉପରେ ବିଗିଡ଼ିଥିଲେ। କେନ୍ଦ୍ର ଯୋଗାଇ ଦେଉଥିବା ଆର୍ଥିକ ସହାୟତାକୁ ରାଜ୍ୟ ସରକାର ଲୋକଙ୍କ କାମରେ ଲଗାଉ ନ ଥିବା ସେ କହିଛନ୍ତି। ୨୪ବର୍ଷର ଶାସନ କାଳରେ ସରକାର ନବରଙ୍ଗପୁର ଜିଲାରେ କଲେଜଟିଏ ଖୋଲି ନ ପାରିବା ସହ ଇଥାନଲ ପ୍ରକଳ୍ପ, ରେଳଲାଇନ ପାଇଁ ଜମି ଦେଲେନାହିଁ ବୋଲି ସେ କହିଛନ୍ତି। ଏଠାକାର ଚାଷୀଙ୍କୁ କାହିଁକି କିଷାନ କ୍ରେଡିଟ୍ କାର୍ଡ ଦିଆଯାଇନାହିଁ ବୋଲି ରାଜ୍ୟ ସରକାରଙ୍କୁ ବିଜୟ ଶର୍ମା ପ୍ରଶ୍ନ କରିଥିଲେ। ଓଡ଼ିଶାରେ ଭାଜପା ସରକାର ଆସିଲେ ଧାନ କୁଇଣ୍ଟାଲ ପିଛା ୩ହଜାର କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଅପରାହ୍ନରେ ୩ ନମ୍ବର ଡଙ୍ଗରିଗୁଡ଼ା ଗ୍ରାମର ଶୀତଳା ମା’ଙ୍କ ପୂଜାରେ ଯୋଗଦେଇଥିଲେ। ସେଠାରୁ ଘର ଘର ବୁଲି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କ ସହ ଫଟୋ ଉଠାଇଥିଲେ। ଚଳିତ ଥର ଲୋକ ସଭା ଓ ବିଧାନସଭାର ଭାଜପା ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ସେ ଅନୁରୋଧ କରିଥିଲେ। ଅପରାହ୍ନରେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଛତିଶଗଡ଼ ଅଭିମୁଖେ ଯାତ୍ରା କରିଥିଲେ।


ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ମଙ୍ଗଳବାର ଉମରକୋଟ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

# ହିତାଧିକାରୀଙ୍କୁ ନୂତନ ଭତ୍ତା ବଣ୍ଟନ ଅଭିଯୋଗ

କୁଚିଣ୍ଡା, ୧୯।୩ (ବିରଞ୍ଚି ଦର୍ଜୀ)

## କୁଚିଣ୍ଡାରେ ନିର୍ବାଚନ ଆଚରଣ ବିଧିର ଖୋଲା ଉଲ୍ଲଂଘନ

ନିର୍ବାଚନ ନିମନ୍ତେ ତାରିଖ ଘୋଷଣା ହେବା ସହ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ମାତ୍ର ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ପକ୍ଷରୁ ଏହାର ଉଲ୍ଲଂଘନ କରାଯାଇ ସୋମବାର ୧୭ ପଞ୍ଚାୟତର ହିତାଧିକାରୀଙ୍କୁ ନୂତନ ଭାବେ ଭତ୍ତା ବଣ୍ଟନ କରାଯାଇଥିବା ଅଭିଯୋଗ ହୋଇଛି। କୁଚିଣ୍ଡାର ପୂର୍ବତନ ବିଧାୟକ ରବିନାରାୟଣ ନାଏକ ମଙ୍ଗଳବାର ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳଙ୍କୁ ଏ ନେଇ ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜଣାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ୧୬ ତାରିଖରେ ସାଧାରଣ ନିର୍ବାଚନ ନିମନ୍ତେ ଭାରତର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ତାରିଖ ଘୋଷଣା ହୋଇ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଛି। ଏହା ସାଧାରଣ ନିର୍ବାଚନ ସରିବା ପର୍ଯ୍ୟନ୍ତ ବଳବତ୍ତର ରହିବ ଏବଂ ଏହି ସମୟ ମଧ୍ୟରେ ଜନତାଙ୍କୁ ପ୍ରଲୋଭିତ କରିବା ଭଳି କାର୍ଯ୍ୟ କୌଣସି ରାଜନୈତିକ ଦଳ ଅଥବା ସରକାର କରିପାରିବେ ନାହିଁ ବୋଲି ସ୍ପଷ୍ଟ ଉଲ୍ଲେଖ କରାଯାଇଛି। ମାତ୍ର କୁଚିଣ୍ଡା ବ୍ଲକ ପକ୍ଷରୁ ଏହି ନିୟମର ଖୋଲାଖୋଲି ଉଲ୍ଲଂଘନ କରାଯାଇଥିବା ପୂର୍ବତନ ବିଧାୟକ ନାଏକ ଅଭିଯୋଗ ଆଣିଛନ୍ତି। ସେ ଅଭିଯୋଗ କରିଛନ୍ତି, ଆଦର୍ଶ ଆଚରଣ ବିଧି ଲାଗୁ ହେବାର ଦୁଇଦିନ ପରେ ସୋମବାର ବିଭିନ୍ନ ବର୍ଗର ୯୪ ଜଣ ହିତାଧିକାରୀଙ୍କୁ ନୂତନ ଭତ୍ତା ପ୍ରଦାନ କରାଯାଇଛି। ଏହା ସିଧାସଳଖ ସରକାରଙ୍କୁ ସମର୍ଥନ ପାଇଁ ଲୋକଙ୍କୁ ପ୍ରଲୋଭିତ କରିବାର ଉଦ୍ୟମ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ତେଣୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ବିରୋଧରେ ସେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ସମ୍ପର୍କରେ କୁଚିଣ୍ଡା ବିଡିଓ ନିରଞ୍ଜନ ସାହୁଙ୍କୁ ପଚାରିବାରେ ୧୭ଗୋଟି ପଞ୍ଚାୟତ ପିଇଓଙ୍କୁ ମଞ୍ଜୁର ହୋଇଥିବା ନୂତନ ଭତ୍ତା ନ ଦେବାକୁ କୁହାଯାଇଥିଲା। ଯଦି ଏଭଳି ହୋଇଛି ତଦନ୍ତ କରିବେ ବୋଲି ସେ କହିଛନ୍ତି। କୁଚିଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ ଅଧିକାରୀ ତଥା କୁଚିଣ୍ଡା ଉପଜିଲାପାଳ ହେମସାଗର ଭୋଇଙ୍କୁ ପଚାରିବାରେ ଯଦି ଏଭଳି ହୋଇଥାଏ ତେବେ ନିର୍ବାଚନ ଆଚରଣ ବିଧିକୁ ଉଲ୍ଲଂଘନ କରୁଛି। ତେଣୁ ଏହାର ତଦନ୍ତ କରି ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।

# କଂଗ୍ରେସରୁ ଇସ୍ତଫା ଦେଲେ ଖଡିଆଳ ବିଧାୟକ

ଭୁବନେଶ୍ୱର, ୧୯।୩ (ସୁନିତ୍ ମିଶ୍ର)

କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମଙ୍ଗଳବାର ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ପାଖକୁ ପଠାଇ ଦେଇଛନ୍ତି। ସେ ଦଳର ଅନ୍ୟାନ୍ୟ ପଦପଦବୀରୁ ମଧ୍ୟ ଇସ୍ତଫା ଦେଇଛନ୍ତି। ବୁଧବାର ଅଧିରାଜ ବିଜେଡିରେ ଯୋଗ ଦେଇପାରନ୍ତି ବୋଲି ଆଲୋଚନା ହେଉଛି।


ଅଧିରାଜ ମୋହନ ପାଣିଗ୍ରାହୀ

ଅଧିରାଜ ଗଣମାଧ୍ୟମକୁ କହିଛନ୍ତି, ଖଡ଼ିଆଳବାସୀଙ୍କ ମତାମତକୁ ନେଇ କଂଗ୍ରେସ ଛାଡ଼ିଛନ୍ତି। କେଉଁ ଦଳକୁ ଯିବେ ସେନେଇ ବୁଧବାର କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରି ଜଣାଇବେ। ୨୦୨୪ରେ ନିଶ୍ଚିତ ଖଡ଼ିଆଳରୁ ନିର୍ବାଚନ ଲଢିବେ। ଓଡ଼ିଶାରେ କଂଗ୍ରେସ ଭଲ ସ୍ଥିତିରେ ନାହିଁ, ଦଳ ଦୁର୍ବଳ ହୋଇଯାଇଛି। ହେଲେ କଂଗ୍ରେସର କୌଣସି ନେତାଙ୍କ ସହ ତାଙ୍କର ମତାନ୍ତର ନ ଥିବା ସେ କହିଛନ୍ତି।

ଅଧିରାଜ ଦଳରୁ ଇସ୍ତଫା ଦେବାପରେ ଶରତ ପଟ୍ଟନାୟକ କହିଛନ୍ତି, ଏ କଥା ବହୁ ଆଗରୁ ଜଣା ଥିଲା। ଖଡ଼ିଆଳରେ ଲଢ଼ିବା ପାଇଁ ବହୁ ଯୋଗ୍ୟ ପ୍ରାର୍ଥୀ ଅଛନ୍ତି। ୨୦୧୯ରେ ଅଧିରାଜ କଂଗ୍ରେସ ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ।

# ରାଜ୍ୟ, କେନ୍ଦ୍ର ଦୁର୍ନୀତିରେ ବୁଡ଼ି ରହିଛନ୍ତି: ଶରତ

ଭୁବନେଶ୍ୱର, ୧୯।୩ (ସୁନିତ୍ ମିଶ୍ର)

ବିଜେଡି ଓ ଭାଜପା ରାଜ୍ୟ ତଥା ଦେଶକୁ ଲୁଟୁଛନ୍ତି। ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ଦୁର୍ନୀତିରେ ବୁଡ଼ି ରହିଛନ୍ତି। ରାଜ୍ୟରେ ୨୪ ବର୍ଷର ଶାସନ କାଳରେ ଶାସକ ବିଜେଡି ଓଡ଼ିଶାକୁ ତଳିତଳାନ୍ତ କରିଛି। ବିଜେଡି ରାଜ୍ୟବାସୀଙ୍କୁ ଧୋକା ପରେ ଧୋକା ଦେଇ ଚାଲିଛି। ଓଡ଼ିଶାର ଜନସାଧାରଣ ଶାସକ ଦଳର କାରସାଦି ଓ ଜାଲିଆତି ବୁଝିଗଲେଣି। ଅବୈଧ ବଣ୍ଡ୍ ଜରିଆରେ ବିଭିନ୍ନ କମ୍ପାନୀଠାରୁ ଆଞ୍ଚଳିକ ଦଳ ବିଜେଡି ସବୁଠୁ ଅଧିକ ପାଣ୍ଠି ଆଦାୟ କରିଛି। ଏହା ସୂଚିତ କରୁଛି ବିଜେଡି ରାଜ୍ୟକୁ ଲୁଟିବା ପାଇଁ ସମ୍ପୃକ୍ତ କମ୍ପାନୀକୁ ଅହେତୁକ ଅନୁକମ୍ପା ଦେଖାଇ ଆସୁଛି। ସୁପ୍ରିକୋର୍ଟଙ୍କ ହସ୍ତକ୍ଷେପ ପରେ ଶାସକ ଦଳର ଅସଲ ଚିତ୍ର ଓ ଚରିତ୍ର ସାମ୍ନାକୁ ଆସିବ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି।

କଂଗ୍ରେସ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି, କେନ୍ଦ୍ର ସରକାର ରାଜ୍ୟରେ ଚିଟ୍‌ଫଣ୍ଡ ଓ ଖଣି ଦୁର୍ନୀତିରେ ସମ୍ପୃକ୍ତ ଥିବା ରାଜ୍ୟ ସରକାରଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି। ନିର୍ଦ୍ଦୋଷ ରାଜନେତା ଓ ବ୍ୟକ୍ତି ବିଶେଷଙ୍କ ଉପରେ ଇଡି, ସିବିଆଇ ଓ ଆଇଟି ଚଢ଼ାଉ କରିଥିବା ବେଳେ କୋଟି କୋଟି ଟଙ୍କାର ମହାଦୁର୍ନୀତିରେ ସମ୍ପୃକ୍ତ ସରକାରଙ୍କୁ କେନ୍ଦ୍ର କାହିଁକି ଘଣ୍ଟ ଘୋଡ଼ାଉଛି ଏବଂ ଏହା ପଛର ଅସଲ ଉଦ୍ଦେଶ୍ୟ କ’ଣ ତାହା ରାଜ୍ୟବାସୀଙ୍କୁ ଆଉ ଅଛପା ନାହିଁ। ରାଜ୍ୟବାସୀଙ୍କ ଆକ୍ରୋଶରୁ ଶାସକ ବିଜେଡି ବର୍ତ୍ତିବା ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ଭ୍ରମାତ୍ମକ ଚିଠି ଲେଖିଛନ୍ତି ତା’ର ବାସ୍ତବତା ନେଇ ଶରତ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, ବାସ୍ତବତା ହେଉଛି ରାଜ୍ୟର କୃଷକ, ମହିଳା, ଯୁବକ ଓ ଛାତ୍ର ଦିଶାହୀନ ହୋଇପଡ଼ିଛନ୍ତି। ତଥାପି ବିଜେଡି କ୍ଷମତାରେ ରହିବା ପାଇଁ ବିକଳ ହୋଇ ଚିଠିର ଆଶ୍ରା ନେଇଛି। ଏହା ଦୁଃଖ ଓ ପରିତାପର ବିଷୟ ବୋଲି ଶରତ କହିଛନ୍ତି।

# କେନ୍ଦ୍ରାପଡ଼ା ରାଜନୀତିରେ ମହିଳାଙ୍କ ପ୍ରତିନିଧିତ୍ୱ କମ୍

କେନ୍ଦ୍ରାପଡ଼ା, ୧୯।୩ (ଜଗନ୍ନାଥ ଧଳ)


ସରସ୍ୱତୀ ଦେବୀ


ସୁଶ୍ରୀ ଦେବୀ


ଅର୍ଚ୍ଚନା ନାୟକ


ସାବିତ୍ରୀ ଅଗ୍ରୱାଲ


ସିପ୍ରା ମଲ୍ଲିକ

ଓଡ଼ିଶାରେ ୧୬ଥର ବିଧାନସଭା ଓ ୧୭ଥର ଲୋକ ସଭା ଆସନ ପାଇଁ ନିର୍ବାଚନ ହୋଇଛି। ତେବେ କେନ୍ଦ୍ରାପଡ଼ା ଜିଲା ରାଜନୀତିରେ ସାଂସଦ ଓ ବିଧାୟିକା ଭାବେ ମହିଳାଙ୍କୁ କମ୍ ପ୍ରତିନିଧିତ୍ୱ ମିଳିଛି। ସ୍ୱାଧୀନତା ସଂଗ୍ରାମ, କ୍ରୀଡ଼ା, ଲୋକକଳା, ସେବା, ସଙ୍ଗୀତ, ଅଭିନୟ, ସାହିତ୍ୟ କ୍ଷେତ୍ରରେ ଏହି ଜିଲାର ମହିଳାଙ୍କୁ ଦେଶ ବିଦେଶରେ ବହୁ ସମ୍ମାନ ମିଳିଛି। ମାତ୍ର ମହିଳା ଜନପ୍ରତିନିଧି କମ୍ ରହିଥିବା ଚର୍ଚ୍ଚା ହେଉଛି। ଓଡ଼ିଶା ଓ କେନ୍ଦ୍ର ସରକାରରେ ଜିଲାର ମାତ୍ର ୬ ଜଣ ମହିଳାଙ୍କୁ ପ୍ରତିନିଧିତ୍ୱ ମିଳିଛି।

ରାଜ୍ୟରେ ପ୍ରଥମ ନିର୍ବାଚନ ୧୯୫୨ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ଦୁଇ ବିଶିଷ୍ଟ ମହିଳା ସରସ୍ୱତୀ ଦେବୀ ଓ ରାମରାଜ କୁମାରୀ ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ଦୁଇ ମହିଳାଙ୍କର ସ୍ୱାଧୀନତା ସଂଗ୍ରାମରେ ଭୂମିକା ଥିଲା ଅତୁଳନୀୟ। ରାଜନଗର ନିର୍ବାଚନମଣ୍ଡଳୀରେ କଂଗ୍ରେସର ସତ୍ୟାଗ୍ରହରେ ସାମିଲ ହୋଇଥିବା ରଘୁନାଥ ମହାନ୍ତିଙ୍କ ସ୍ତ୍ରୀ ସରସ୍ୱତୀ ଦେବୀ ବିଜୟୀ ହୋଇଥିଲେ। ସେହିପରି କେନ୍ଦ୍ରାପଡ଼ା ଜିଲାର ଅନ୍ୟତମ ପ୍ରଥମ ମହିଳା ବିଧାୟିକା ଆଳି ରାଜବଂଶର ରାଜା ଚନ୍ଦ୍ରଭାନୁ ଦେବଙ୍କ ସ୍ତ୍ରୀ ରାଣୀ ରାମରାଜ କୁମାରୀ ବିଜୟୀ ହୋଇଥିଲେ। ଏହି ପ୍ରଥମ ନିର୍ବାଚନରେ ରାଜ୍ୟରେ ମାତ୍ର ୩ ଜଣ ବିଧାୟିକା ନିର୍ବାଚିତ ହୋଇଥିବା ବେଳେ ଦୁଇ ଜଣ କେନ୍ଦ୍ରାପଡ଼ାର ଥିଲେ। ଏହାପରେ ଏକ ଦୀର୍ଘ ବ୍ୟବଧାନ ଦେଖିବାକୁ ମିଳିଥିଲା। ୧୯୯୦ରୁ ୯୫ ପର୍ଯ୍ୟନ୍ତ ଆଳି ରାଜମାତା ତଥା ସ୍ୱର୍ଗତ ଶରତ ଦେବଙ୍କ ସ୍ତ୍ରୀ ସୁଶ୍ରୀ ଦେବୀ ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ଏହାବ୍ୟତୀତ ସେ ବିଜେଡିରୁ ୨୦୦୨ ମସିହାରେ ରାଜ୍ୟସଭାରେ ପ୍ରତିନିଧିତ୍ୱ କରିଥିଲେ। ନାରୀନେତ୍ରୀ ଅର୍ଚ୍ଚନା ନାୟକ ୧୯୯୫ରେ ପ୍ରଥମ ଥର ନିର୍ବାଚନ ରାଜନୀତିକୁ ଓହ୍ଲାଇଥିଲେ। କଂଗ୍ରେସ ପକ୍ଷରୁ ପାଟକୁରାରେ ବିଧାୟିକ ପ୍ରାର୍ଥୀ ହୋଇଥିଲେ ମଧ୍ୟ ସେ ପରାଜିତ ହୋଇଥିଲେ। ମାତ୍ର ୨୦୦୪ରେ କଂଗ୍ରେସ ପରିବର୍ତ୍ତେ ବିଜେଡିରୁ ଟିକେଟ ପାଇ ଲୋକ ସଭା ସଦସ୍ୟ ଭାବେ ସେ ବିଜୟୀ ହୋଇଥିଲେ। ଡ଼ା. ସିପ୍ରା ମଲ୍ଲିକ ହେଉଛନ୍ତି ଲୋକପ୍ରିୟ ନେତା ପ୍ରହ୍ଲାଦ ମଲ୍ଲିକଙ୍କ ଝିଅ। ୨୦୦୯ ମସିହାରେ ବିଜେଡି ପକ୍ଷରୁ ଟିକେଟ ପାଇ ସେ କେନ୍ଦ୍ରାପଡ଼ା ସଂରକ୍ଷିତ ଆସନରୁ ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ସେ ଅଦ୍ୟାବଧି ରାଜନୀତିରେ ସକ୍ରିୟ ଅଛନ୍ତି। ଜିଲାର ଷଷ୍ଠତମ ମହିଳା ବିଧାୟିକା ଭାବେ ସାବିତ୍ରୀ ଅଗ୍ରୱାଲ ଅଦ୍ୟାବଧି କାର୍ଯ୍ୟରତ ଅଛନ୍ତି। ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲଙ୍କ ସ୍ତ୍ରୀ ଭାବେ ସେ ପରିଚିତ। ୨୦୧୯ ନିର୍ବାଚନରେ ପାଟକୁରା ବିଧାନସଭା ନିର୍ବାଚନ ପାଇଁ ବେଦପ୍ରକାଶ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ନିର୍ବାଚନ ଅବ୍ୟବହିତ ପୂର୍ବରୁ ତାଙ୍କର ପରଲୋକ ହେବାରୁ ସ୍ତ୍ରୀ ସାବିତ୍ରୀଙ୍କୁ ବିଜେଡି ପକ୍ଷରୁ ଟିକେଟ ମିଳିଥିଲା।

ଜିଲାର ଲୋକସଂଖ୍ୟା ଅନୁଯାୟୀ ମହିଳାଙ୍କ ସଂଖ୍ୟା ପୁରୁଷଙ୍କଠାରୁ କମ୍ ରହିଛି। ତ୍ରିସ୍ତରୀୟ ପଞ୍ଚାୟତ ଓ ପୌରସଂସ୍ଥା ନିର୍ବାଚନରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଅଛି। ହେଲେ ଲୋକ ସଭା ଓ ବିଧାନସଭା ପାଇଁ ମହିଳାଙ୍କ ସଂରକ୍ଷଣ ନ ଥିବାରୁ ପ୍ରତିନିଧିତ୍ୱ କମ୍ ରହୁଛି। ଆସନ୍ତା ନିର୍ବାଚନରେ ବହୁ ମହିଳା ବିଧାୟିକା ଓ ଏମ୍‌ପି ପ୍ରାର୍ଥୀ ହେବାକୁ ଆଶାୟୀ ଅଛନ୍ତି। ସବୁ ରାଜନୈତିକ ଦଳ ମହିଳାଙ୍କ ପ୍ରତିନିଧିତ୍ୱକୁ ଗୁରୁତ୍ୱ ଦେବା ଦରକାର ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଏକେଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**SHUBHRA RANJAN**
Always Ahead
Delhi's Best IAS Institute now in Bhubaneswar
GS FOUNDATION COURSE
(ONLINE / OFFLINE MODE)
UPSC (IAS, IPS, IRS..) OPSC (OAS, OPS, ORS..)
GENERAL STUDIES INTEGRATED COURSE
COURSE FEATURES
- Comprehensive Coverage
- Conceptual Clarity
- Weekly Answer Writing
- Doubt Session
- 800+ Hours Classes
- Mentorship

MODULAR COURSES
- Test Series
- Current Affairs
- CSAT
- ESSAY

Head Office
25 PUSA ROAD, KAROL BAGH, NEW DELHI-110005
Mobile/Whatsapp
7008476028
7788807774
9668384085

**LOAN**
ଯେଉଁ ପ୍ରାର୍ଥୀମାନଙ୍କର Personal Loan ଆବଶ୍ୟକ ଆମକୁ ଯୋଗାଯୋଗ କରନ୍ତୁ। ନେଇପାରିବେ 50,000/- ରୁ 8 ଲକ୍ଷ୍ୟ ପର୍ଯ୍ୟନ୍ତ। ବର୍ଷକୁ 5% ସୁଧରେ। Mobile No- 8599881767, Whatsapp No- 9692600232: Office Adress: Plot No: A/175, Indradhanu Market, Nayapali Bhubaneswar. Email id: Babamani Financial services @g.mail.com.। ଯୋଗାଯୋଗ କରିବାର ସମୟ ସକାଳ ୫ ଟାରୁ ସନ୍ଧ୍ୟା ୬ଟା।

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 7382841797

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ବୃହତ୍ତର ସ୍ୱାର୍ଥ...

ପ୍ରଥମ ପୃଷ୍ଠାରୁ...

ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ପାଣ୍ଡିଆନ କହିଛନ୍ତି, ରାଜ୍ୟରେ ବିଜେଡିକୁ ନିର୍ବାଚନ ଗଣିତ ପାଇଁ ଭାଜପାର ଆବଶ୍ୟକତା ନାହିଁ। ସେହିପରି କେନ୍ଦ୍ରରେ ମଧ୍ୟ ସରକାର ଗଢ଼ିବା ପାଇଁ ଭାଜପାକୁ ବିଜେଡିର ସହଯୋଗ ଦରକାର ବୋଲି ସେ ଭାବୁନାହାନ୍ତି। ନବୀନ ପଟ୍ଟନାୟକ ପୁଣିଥରେ କ୍ଷମତାକୁ ଫେରିବା ଓ ଲୋକଙ୍କ ସେବା କରିବା ପାଇଁ ମେଣ୍ଟର ଆବଶ୍ୟକତା ନାହିଁ। କାହିଁକି ଜଣେ ମେଣ୍ଟ କରିବାକୁ ଚାହାଁନ୍ତି। ନିର୍ବାଚନ ଜିତିବାକୁ ହେଲେ ମେଣ୍ଟ କରିବାକୁ ପଡ଼େ। ମାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ଜଣେ ଖୁବ୍ ଲୋକପ୍ରିୟ ନେତା। ପ୍ରତ୍ୟେକ ଥର ନିର୍ବାଚନରେ ସେ ତିନି ଚତୁର୍ଥାଂଶ ବହୁମତ ପାଇ ଆସିଛନ୍ତି। ନବୀନ ପଟ୍ଟନାୟକ କେବେ ମଧ୍ୟ ନିର୍ବାଚନ ଜିତିବା ପାଇଁ ମେଣ୍ଟର ଆବଶ୍ୟକତା ଅନୁଭବ କରନ୍ତି ନାହିଁ। ଗତ ପଞ୍ଚାୟତ ନିର୍ବାଚନରେ ୯୦ ପ୍ରତିଶତ ଆସନ ବିଜେଡିକୁ ମିଳିଥିଲା। ରାଜ୍ୟର ୨ ନମ୍ବର ଦଳ ଭାବେ ଭାଜପାକୁ ମାତ୍ର ୫ ପ୍ରତିଶତ ସଫଳତା ମିଳିଥିଲା। ରାଜ୍ୟରେ ସରକାର ଗଢ଼ିବା ପାଇଁ ନବୀନଙ୍କୁ କାହା ସହ ମେଣ୍ଟ କରିବାର ଆବଶ୍ୟକତା ନାହିଁ। ରାଜ୍ୟରେ ନବୀନ ପୁଣି ଥରେ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି ତାହା ନିଃସନ୍ଦେହ। ସେହିପରି ବିଭିନ୍ନ ସର୍ଭେ କହୁଛି, କେନ୍ଦ୍ରରେ ନରେନ୍ଦ୍ର ମୋଦି ପୁଣିଥରେ ପ୍ରଧାନମନ୍ତ୍ରୀ ହେବେ। କେନ୍ଦ୍ରରେ ଭାଜପାକୁ ସରକାର ଗଢ଼ିବା ପାଇଁ ବିଜେଡିର ସହାୟତା ଦରକାର ପଡ଼ିବ ନାହିଁ। ତେବେ ଏହି ଦୁଇ ନେତା ବୃହତ୍ତର ଉଦ୍ଦେଶ୍ୟ ପାଇଁ ଏକାଠି ହେବାକୁ ଚାହୁଁଛନ୍ତି। ଦୁଇ ମହାନ୍ ବ୍ୟକ୍ତିଙ୍କର ରାଷ୍ଟ୍ରନୀତି ଦୃଷ୍ଟିରୁ ଗୁରୁତ୍ୱ ରହିଛି। ଏଥିସହ ରାଜନୀତିର କୌଣସି ସମ୍ପର୍କ ନାହିଁ। ଏହା ମୁଖ୍ୟମନ୍ତ୍ରୀଙ୍କ ଚିନ୍ତାଧାରା। ଏହାର ଭୋଟ ଉଦ୍ଦେଶ୍ୟ ଉଭୟ ବିଜେଡି କିମ୍ବା ଭାଜପା ପାଇଁ ମଧ୍ୟ ନାହିଁ। ତେଣୁ ଏହା ଦୁଇ ବ୍ୟକ୍ତିଙ୍କର ପରସ୍ପର ମଧ୍ୟରେ ଥିବା ବନ୍ଧୁତ୍ୱ, ଯାହାକି ବିରଳ ରାଷ୍ଟ୍ରନୀତି ଏବଂ ରାଜନୀତିରୁ ଊର୍ଦ୍ଧ୍ୱରେ।

ପାଣ୍ଡିଆନଙ୍କ ଉପରୋକ୍ତ ମନ୍ତବ୍ୟ ପରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ବିଜେଡି –ଭାଜପା ଓଡ଼ିଶା ସ୍ୱାର୍ଥ ପାଇଁ ନୁହେଁ ନିଜ ସ୍ୱାର୍ଥ ପାଇଁ ମେଣ୍ଟ କରୁଛନ୍ତି। ଏକଥା ଆଉ ରାଜ୍ୟବାସୀଙ୍କୁ ଅଛପା ନାହିଁ। ଯଦି ବୃହତ୍ତର ସ୍ୱାର୍ଥ ପାଇଁ କାମ କରୁଛନ୍ତି ତେବେ ୨୦୧୪ ଓ ୨୦୧୯ରେ କାହିଁକି ଅଲଗା ନିର୍ବାଚନ ଲଢ଼ିଲେ। ରାଜ୍ୟର ଖଣିଜ ସମ୍ପଦ ଲୁଟ୍ କରିବାକୁ ଉଭୟ ଦଳ ମେଣ୍ଟ କରୁଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଭାଜପାର ବରିଷ୍ଠ ବିଧାୟକ ପ୍ରଦୀପ ନାଏକ କହିଛନ୍ତି, ଭାଜପା ଏକାକୀ ଲଢ଼ିବା ପାଇଁ ପ୍ରସ୍ତୁତ ହେଉଛି। ସେଥିପାଇଁ ଗାଁକୁ ଚାଲ, ବୁଥ୍‌କୁ ଚାଲ ଭଳି ଅଭିଯାନ କରୁଛି। ନିଜେ ପ୍ରସ୍ତୁତ ନ ଥିଲେ କୌଣସି ସ୍ତରରେ ମେଣ୍ଟ ହେଲେ ଆଲୋଚନା କରିହେବ ନାହିଁ। ମେଣ୍ଟ ନିଷ୍ପତ୍ତି ରାଜ୍ୟ ଶାଖା କରିପାରିବ ନାହିଁ। ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରୀୟ ଅଧ୍ୟକ୍ଷ ହିଁ ଚାହିଁଲେ ମେଣ୍ଟ ହୋଇପାରେ। ରାଜ୍ୟ ଯାହା ସ୍ଥିର କରିଛି, ତାହା କେନ୍ଦ୍ରକୁ ଜଣାଇବାର ଆବଶ୍ୟକତା ଅଛି। ମେଣ୍ଟ ସମ୍ପର୍କରେ ତାଙ୍କର କିଛି କହିବାର ଅଧିକାର ନାହିଁ। ରାଷ୍ଟ୍ରୀୟ ଅଧ୍ୟକ୍ଷ ଓ ରାଜ୍ୟ ସଭାପତି ଯାହା କରିପାରିବେ ବୋଲି ପ୍ରଦୀପ କହିଛନ୍ତି।


### ଜନ୍ମଦିନର ହାର୍ଦ୍ଦିକ ଅଭିନନ୍ଦନ



ମନୋଜ କୁମାର ସାହାଣୀ (ଏକେଇ)
ବାୟାବଜାର, କଣାସ, ଡେଲାଙ୍ଗ, ପୁରୀ, ଓଡ଼ିଶା
ତୋର ଜନ୍ମଦିନ ଶୁଭ ଅବସରରେ ପ୍ରଭୁଶ୍ରୀ ଜଗତରନାଥ ଜଗନ୍ନାଥଙ୍କ ଅପାର କରୁଣାରୁ ତୁମର ଚଲାପଥ କୁସୁମିତ ହେଉ। ଏହାହିଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା।
ଶୁଭେଚ୍ଛା ସହ: ବଡ଼ବାପା, ବଡ଼ବୋଉ, ବୋଉ, ମାମିନା (ସୋନାଲି), କଳ୍ପନା, ବିନି, ପିଙ୍କି, କାହ୍ନା, ଲିପୁ, ପ୍ରିୟଭାଇ, ଭାଉଜ, ଲଳିତ ଅଙ୍କଲ, ବନ୍ଧୁ ଓ ପରିବାରବର୍ଗ।
ଧ-୭୩୫୫୪


## 'ନବୀନଙ୍କ ଉତ୍ତରାଧିକାରୀ...

ଭୋଟ ହାର ବଢ଼ୁଛି। ସରକାର ବିରୋଧୀ ହାୱା ଏଯାଏ ତାଙ୍କୁ ଛୁଇଁପାରିନି। ୧୨ ବର୍ଷ ଧରି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ରହିବା ସହ ଗଞ୍ଜାମ ଜିଲାପାଳ ଥିବା ସମୟରେ ରାଜ୍ୟବାସୀଙ୍କ ବିକାଶ ପାଇଁ ତାଙ୍କର ପ୍ରତିବଦ୍ଧତା ସେ ଦେଖିଛନ୍ତି ଓ ସେଥିରେ ଅନୁପ୍ରାଣିତ ହୋଇଛନ୍ତି। ଲୋକେ ଏହାକୁ କିଭଳି ଗ୍ରହଣ କରିବେ ତାହା ଲୋକଙ୍କ ଉପରେ ନିର୍ଭର କରେ। ମୁଖ୍ୟମନ୍ତ୍ରୀଙ୍କର ଜନସେବା ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ରାଜନୀତିକୁ ଓହ୍ଲାଇଛନ୍ତି ସତ, ତେବେ ସେ ନିର୍ବାଚନ ଲଢ଼ିବେ ନାହିଁ। ବରଂ ଷଷ୍ଠ ଥର ପାଇଁ ୩ ଚତୁର୍ଥାଂଶ ଆସନରେ ଜିତିବାରେ ନବୀନ ପଟ୍ଟନାୟକଙ୍କୁ ସହଯୋଗ କରିବେ ବୋଲି ପାଣ୍ଡିଆନ କହିଛନ୍ତି। ରାଜ୍ୟର ୭୦ ପ୍ରତିଶତ ଲୋକ ନିର୍ଭର କରୁଥିବା ସରକାରୀ ଅନୁଷ୍ଠାନର ବିକାଶ ଏକ ଲୋକାଭିମୁଖୀ ସରକାରର ଦାୟିତ୍ୱ। କେବଳ ସେତିକି ନୁହେଁ, ଗୋଟିଏ ଜନମଙ୍ଗଳ ରାଷ୍ଟ୍ରରେ ଲୋକଙ୍କ କଲ୍ୟାଣ କରିବା ମଧ୍ୟ ସରକାରଙ୍କ ଦାୟିତ୍ୱ। ସେଥିପାଇଁ ସ୍ୱାସ୍ଥ୍ୟ, ଶିକ୍ଷା, ପରିବହନ ଭଳି ମୌଳିକ ଆବଶ୍ୟକତା କ୍ଷେତ୍ରରେ ଲୋକେ କିଭଳି ସୁବିଧା ପାଇବେ ସେଥିଲାଗି ରାଜ୍ୟ ସରକାର ଉଦ୍ୟମ କରିଆସୁଛନ୍ତି। ରାଜ୍ୟର ସବୁ ଧର୍ମାନୁଷ୍ଠାନର ରୂପାନ୍ତରଣ ପ୍ରମାଣିତ କରୁଛି ଯେ ଓଡ଼ିଶା ସବୁ ଧର୍ମାବଲମ୍ବୀଙ୍କ ଆସ୍ଥା ଓ ବିଶ୍ୱାସକୁ ସମ୍ମାନ ଦେଉଛି। ଓଡ଼ିଶାରେ ଆଧ୍ୟାତ୍ମିକ ସରକାର ଚାଲିଛି ବୋଲି ପାଣ୍ଡିଆନ କହିଛନ୍ତି।

## ସିଏଏ ଉପରେ...

ଫଇସଲା ହୋଇ ନ ଥିବାରୁ ନାଗରିକତ୍ୱ ସଂଶୋଧନ ନିୟମାବଳୀକୁ ସ୍ଥଗିତ ରଖିବା ପାଇଁ ନିବେଦନ କରି ସୁପ୍ରିମକୋର୍ଟରେ ୨୩୭ଟି ପିଟିଶନ ଦାଏର ହୋଇଥିଲା। ଜବାବ ରଖିବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ୪ ସପ୍ତାହ ସମୟ ମାଗିଥିଲେ। ସିଏଏ କାର୍ଯ୍ୟକାରୀ ହେଲେ କାହାର ନାଗରିକତ୍ୱ ଛଡ଼ାଇ ନିଆଯିବ ନାହିଁ ବୋଲି ସେ କହିଥିଲେ। ଲୋକ ସଭା ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ନାଗରିକତ୍ୱ ସଂଶୋଧନ ନିୟମାବଳୀ ଉପରେ ବିଜ୍ଞପ୍ତି ପ୍ରକାଶ କରି ସିଏଏ ଲାଗୁ ପାଇଁ ପଥ ପରିଷ୍କାର କରିଦେଇଛନ୍ତି। ୨୦୧୪ ଡିସେମ୍ବର ୩୧ ପୂର୍ବରୁ ପାକିସ୍ତାନ, ବାଂଲାଦେଶ ଏବଂ ଆଫଗାନିସ୍ତାନରୁ ପଳାଇଆସି ଭାରତରେ ରହିଯାଇଥିବା ଅଣମୁସଲମାନମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ ପାଇଁ ୨୦୧୯ରେ ନାଗରିକତ୍ୱ ସଂଶୋଧନ ବିଲ୍ ଆଇନରେ ପରିଣତ ହୋଇଥିଲେ ମଧ୍ୟ ବିଭିନ୍ନ ରାଜ୍ୟରେ ବିରୋଧ ଯୋଗୁ ଏହାକୁ କାର୍ଯ୍ୟକାରୀ କରାଯାଇ ନ ଥିଲା। ଏହାର କାର୍ଯ୍ୟକାରିତାକୁ ସ୍ଥଗିତ ରଖିବା ପାଇଁ ଇଣ୍ଡିଆନ ୟୁନିୟନ ମୁସ୍‌ଲିମ ଲିଗ୍, କଂଗ୍ରେସ ନେତା ଜୟରାମ ରମେଶ, ତୃଣମୂଳ କଂଗ୍ରେସ ନେତ୍ରୀ ମହୁଆ ମୋଇତ୍ର ପ୍ରମୁଖ ପିଟିଶନ ଦାଏର କରିଥିଲେ। ସିଏଏ ମୁସଲମାନ ସମ୍ପ୍ରଦାୟ ବିରୋଧରେ ବୋଲି ପିଟିଶନରମାନେ ଦର୍ଶାଇଥିଲେ। ସରକାର ଜବାବ ଦାଖଲ କରିବାକୁ ଅଧିକ ସମୟ ମାଗିବାରୁ ଆବେଦନକାରୀମାନେ ଏହାକୁ ବିରୋଧ କରି ନ ଥିଲେ। ତେବେ ସିଏଏର କାର୍ଯ୍ୟକାରିତାକୁ ସ୍ଥଗିତ ରଖାଯାଉ ବୋଲି ସେମାନେ ସିଜେଆଇଙ୍କ ଖଣ୍ଡପୀଠଙ୍କୁ ନିବେଦନ କରିଥିଲେ। ଖଣ୍ଡପୀଠରେ ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଏବଂ ମନୋଜ ମିଶ୍ରା ରହିଛନ୍ତି। ତେବେ କାର୍ଯ୍ୟକାରିତା ଉପରେ ସ୍ଥଗିତାଦେଶ ଲଗାଇବାକୁ ଖଣ୍ଡପୀଠ ମନା କରିଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ହାଜର ହୋଇ କହିଥିଲେ, ୪ ବର୍ଷ ପରେ ସିଏଏ ଉପରେ ବିଜ୍ଞପ୍ତି ଜାରି ହୋଇଛି। ନିୟମ ଅନୁଯାୟୀ ଆଇନ ପ୍ରଣୟନର ୬ ମାସ ମଧ୍ୟରେ ବିଜ୍ଞପ୍ତି ପ୍ରକାଶ କରାଯିବା କଥା। ଯଦି କେହି ନାଗରିକତ୍ୱ ପାଇଥିବେ, ତେବେ ତାହାକୁ ବଦଳାଇବା ସମ୍ଭବ ନୁହେଁ। ତେଣୁ ସିଏଏକୁ ଚ୍ୟାଲେଞ୍ଜ ମାମଲାର ସମାଧାନ ନ ହେବା ପର୍ଯ୍ୟନ୍ତ ଏହାକୁ କାର୍ଯ୍ୟକାରୀ କରା ନ ଯାଉ ବୋଲି ସିବଲ କୋର୍ଟଙ୍କୁ ନିବେଦନ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧାନଟିଏ
ଧାନଟି ଭିତରେ ଚାଉଳଟିଏ।**

ଧାନ ଭିତରେ ଚାଉଳ ରହିଥିବା କଥା ସମସ୍ତେ ଜାଣନ୍ତି। ତେଣୁ ଯେଉଁ କଥା ସମସ୍ତେ ଜାଣନ୍ତି, ତାହାକୁ ଗୋପନୀୟ ଭାବରେ ବଖାଣିବା ନିଷ୍ପ୍ରୟୋଜନ। ସାମାନ୍ୟ କଥା ପାଇଁ ବିଶେଷ ଆନ୍ଦୋଳନ ଲାଗିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧର୍ମରୁ ସୁହୃଦ ନାହିଁ
ମଢ଼ା ସାଙ୍ଗୀରୁ ସଙ୍ଗୀ ନାହିଁ।**

ଧର୍ମ ପଥରେ ଚାଲିଲେ ମନୁଷ୍ୟର ପତନ ହୁଏ ନାହିଁ। ଧର୍ମ ହିଁ ଜୀବନର ପରମ ବନ୍ଧୁ। ମୃତ୍ୟୁ ପରେ ମଧ୍ୟ ଧର୍ମର ବିଲୋପ ଘଟି ନ ଥାଏ। ଏହାର ସୁଫଳ କେବଳ ଏହି ଲୋକରେ ନୁହେଁ ପରଲୋକରେ ମଧ୍ୟ ମିଳିଥାଏ। ସେହିପରି ମୃତ୍ୟୁମୁଖରେ ପଡ଼ିଥିବା ବ୍ୟକ୍ତିଙ୍କୁ ଯେଉଁ ବ୍ୟକ୍ତି କାନ୍ଧ ଦେଇଥାଏ ସେହି ବ୍ୟକ୍ତି ସବୁଠାରୁ ବେଶି ଆତ୍ମୀୟ ବା ଆପଣାର ହୋଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।


# Classified Everyday
0674-2580101, 2549949




### GROOM WANTED

ବୟସ 28 କୌଣସି ଚାକିରି କରୁନଥିବା ସୁନ୍ଦରୀ ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଆବଶ୍ୟକ। 6370559357.
D-75320

Height-5', Government ଚାକିରିଆ ବାପା ମା' ସଙ୍ଗେ ରହୁଥିବା 43 ବୟସ୍କା Divorce ଝିଅଙ୍କୁ ଯେକୌଣସି ଜାତିର ଘରଜ୍ୱାଇଁ ଦରକାର। 6371298869.
D-2782

33Years B.Tech, MBA, Oriya Girl, Manager Nationalised Bank, Father Retired Senior Officer of Govt., Groom from good family must be Officer in Govt./PSU. 8637282066.
D-71071

Government Job, Age-33, Divorcee କରଣ ଝିଅଙ୍କ ପାଇଁ anycasteର ପୁଅ ଦରକାର। 8658267680.
D-2813

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




### SALE

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର Bypass sqft.- 500/-. 9776974912.
D-75931

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price call. 9439856856, 7008982279, 6371097442, 9040116788.**
D-2727

**Commercial plot, facing to NH Road Nakhara to Niali NH 10000sqft., 3sides road, 2-residential cum commercial plot 3250sft., 3-Residential plot in a Brahmin Complex 5700sft., 4-Residential plot near Petal English Medium School 750/-sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.**
D-75717

ଭୁବନେଶ୍ୱର Hot Location ତ୍ରିଶୂଳିଆ ଛକ ନିକଟବର୍ତ୍ତୀ CISF, Sai International School ଓ Central Schoolଠାରୁ 700 mtrs. ମଧ୍ୟରେ 30ft. Road, Electricity, Boundary ଥାଇ 'Srikrishna Vihar'ରେ ପ୍ଲଟ୍ ବିକ୍ରିହେବ। 6371902075, 9776602067.
D-75921

**2/3BHK premium flat for sale at Jayadev Vihar Chhak. Contact- 9437307086, 7008789347, 7978209277.**
D-2706

Hurry ! special attractive discount offer on Holi for booking of gated community 4BHK/7BHK Duplex/ Triplex construction in full swing, having RERA, BDA and Bank Project approved 2000/3000sft. built-up area, 30ft. external and internal road Rangabazar near Saibaba Temple, Bhubaneswar. 9238326233.
D-38587

**Bank approved gharabari plot boundary wall ସହିତ ବିକ୍ରି ହେଉଛି near Oxford Engg. College just 7.5 K.M. from Hanspal Square. 9437005434.**
D-75926

**Semifurnished 3BHK flat for sale at Jharpada 80' road side. Contact- 9437307086, 7008789347, 7978209277.**
D-2705

Bhubaneswar ପୋଖରୀପୁଟରୁ 5K.M. କୁହା ମୌଜାରେ ଚାରିପଟେ ଘରଥାଇ ମଝିରେ 2000sqft. plot 38,00,000/- ବିକ୍ରିହେବ। 9938016295.
D-75930

ଘରବାଡ଼ି ପ୍ଲଟ୍ ହଂସପାଳ ପାଖରେ **Extension BDA Zone**ରେ ପାଚେରି, ରୋଡ୍, ଇଲେକ୍ଟ୍ରିସିଟି ସହିତ **17,40,000/-**ରେ ବିକ୍ରି କରାଯିବ। **6370469894.**
D-75929




**Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.**
D-2728




Toletflayash unit of Mouza Kesura under Basuaghai Gramapanchayat manufacture Bricks 10 inch, 09 inch, 8 inch, Bajuri Bricks 16 inch X 8 inch X 6 inch, CLC Bricks Light weight 24 inch. Plot No.- 1017/1015/1016. Contact No- 9437211843.
D-2815

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**




**Relax, Refresh your body, Mind at Saikrupa Spa with best therapies. 8984068077.**
D-2774

Asribada Panchakarma herbal SPA, Kesharimall, Bhubaneswar. Contact: 8926173473.
D-75718

Relax, Refresh your body, mind by expert therapist. Contact- 9938843929.
D-76108

### LOST

I Nilanchal Bhoi, S/o- Sukru Bhoi, R/o. Village- Kudopali, P.O.- Negimunda, P.S.- Sohela, Dist.- Bargarh, Mob. 9348030936 have lost the original Regd. Sale deed bearing No.10181800514 dt.23.05.2018 and original Patta (ROR) of MS Khata No.- 325/1080, Plot No.- 565/3019 on 1st week of February-2024 while I was traveling from village Kudopali to Sohela. Inspite of my best efforts I could not traced out the same.
D-2819

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

### AFFIDAVIT

I, Madhusmita Satapathy, W/o- Himanshu Shekhar Satapathy resident of Flat No.-2/5, Krishna Plaza near Iskon Temple, IRC Village, Bhubaneswar, Odisha-751015 declare by this affidavit No.-257, dtd. 19.03.2024, that now onwards I shall be known as Madhusmita Satpathy for all future purposes.
D-2818

By virtue an affidavit before Notary Public, BBSR I Tilottama Behera, W/o- Sisir Kumar Behera of Tamando, BBSR, Khordha have purchased a land in Mouza Subudhipur, Khata No.-10, Plot No.-46/127, A.0.150 Dcml., Kisam- Puratan Patita from Pramila Chhualsingh. Pramila Chhualsingh had purchased that land from Dillip Kumar Nanda vide Sale deed No.-1317, dt. 12.03.1993. Pramila Chhualsingh has handed over the linked Sale deed to me. The said Sale deed No.-1317 has been misplaced and it could not be traced out.
Sd./- Tilottama Behera
D-60980

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



୰ ସତ୍ୟଭାମା ନାୟକ
ଭାରତୀପୁର, ପିପିଲି, ପୁରୀ
ତିରୋଧାନ: ୧୦.୦୩.୨୦୨୪ରିଖ
ଏତେ ଶୀଘ୍ର ଏ ଦୁନିଆରୁ ତୁମେ ଚାଲିଯିବ ବୋଲି କେହି କେବେ ଭାବି ନ ଥିଲୁ। ତୁମ ଅମରଆତ୍ମା ଶାନ୍ତିରେ ରହୁ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ
ସ୍ୱାମୀ: ଶରତଚନ୍ଦ୍ର ନାୟକ, ଶାଶୁ, ପୁଅ, ବୋହୂ, ନାତି, ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ସାଙ୍ଗମାନେ।
ଧ-୨୮୧୨

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ତା ୨୦।୦୩।୨୦୨୪



୰Y.ଲୋକନାଥ ଦୋରା
ଆବିର୍ଭାବ: ୧୫।୦୮।୧୯୫୪
ତିରୋଧାନ- ୦୨।୦୩।୨୦୨୩
ଧ-୨୮୧୬

# ଖେଳଣା ଉତ୍ପାଦନରେ ଅଭିବୃଦ୍ଧି

ଭୁବନେଶ୍ୱର,୧୯।୩
(ଅନୁରାଧା ମହାରଣା)



ବିଶ୍ୱର ଅନେକ ଦେଶରେ ଖେଳବ୍ୟବସାୟ ବହୁ ପରିମାଣରେ ରୋଜଗାର ଏବଂ ପୁଞ୍ଜି ସୃଷ୍ଟି ପାଇଁ ବ୍ୟବହୃତ ହୁଏ। କିଛି ବର୍ଷ ପୂର୍ବେ ଚାଇନାରୁ ଆସୁଥିବା ଖେଳନା ଦ୍ୱାରା ଭାରତର ଚାହିଦା ପୂରଣ ହେଉଥିଲା। ବର୍ତ୍ତମାନ ପରିସ୍ଥିତି ବଦଳିଯାଇଛି। ଭାରତରେ ଖେଳଣା ଉତ୍ପାଦନ ଅଭିବୃଦ୍ଧି ହୋଇଛି। ଦେଶର ଖେଳନା ରପ୍ତାନିରେ ୨୩୯ ପ୍ରତିଶତ ବୃଦ୍ଧି ଘଟିଛି। ୨୦୧୫ ଆର୍ଥିକ ବର୍ଷ ଏବଂ ୨୦୨୩ ଆର୍ଥିକ ବର୍ଷ ମଧ୍ୟରେ ଭାରତରେ ଖେଳନା ରପ୍ତାନି ଦ୍ରୁତଗତିରେ ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ ଭାରତର ଖେଳନା ରପ୍ତାନିରେ ୨୩୯ ପ୍ରତିଶତ ବୃଦ୍ଧି ହୋଇଥିବାବେଳେ ଆମଦାନୀରେ ୫୨ ପ୍ରତିଶତ ହ୍ରାସ ଘଟିଛି। ଫଳସ୍ୱରୂପ, ଖେଳନା ଶିଳ୍ପରେ ଭାରତ ନେଟ୍ ରପ୍ତାନିକାରୀ ମାନ୍ୟତା ହାସଲ କରିଛି। ଭାରତରେ ଖେଳନା ବିକ୍ରୟ ପାଇଁ ଭାରତ ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ (ବିଆଇଏସ୍) ଅନୁମୋଦନକୁ ବାଧ୍ୟତାମୂଳକ କରିଛି ଏବଂ ବେସିକ୍ କଷ୍ଟମ ଡ୍ୟୁଟିକୁ ୭୦ ପ୍ରତିଶତକୁ ବୃଦ୍ଧି କରିଛି। ଏହା ପରେ ଭାରତରେ ଖେଳଣା ଏବଂ ଖେଳନା ସାମଗ୍ରୀର ବିକ୍ରିରେ ବହୁ ସାହାଯ୍ୟ କରିଛି। ହାସବ୍ରୋ, ମ୍ୟାଟେଲ, ସ୍ପିନ୍ ମାଷ୍ଟର ଏବଂ ଆର୍ଲି ଲର୍ନିଂ ସେଣ୍ଟର ପରି ଇଣ୍ଡଷ୍ଟ୍ରିର ବର୍ତ୍ତମାନ ସେମାନଙ୍କ ଖେଳନା ପାଇଁ ଭାରତରୁ ଖେଳନା ଉପରେ ନିର୍ଭରଶୀଳତା ବଢ଼ାଇବାକୁ ପଡିବ। ବଡ ନିର୍ମାତା ଡ୍ରିମ୍ ପ୍ଲାଷ୍ଟ, ମାଇକ୍ରୋପ୍ଲାଷ୍ଟ ମଧ୍ୟ ଚାଇନା ପରିବର୍ତ୍ତେ ଭାରତ ଉପରେ ନିର୍ଭର କରୁଛି। ଫଳରେ ଭାରତୀୟ ଖେଳନା ପାଇଁ ବଜାର ବୃଦ୍ଧି ପାଉଛି। ବିଏସ୍ ନିୟମାବଳୀ ପୂର୍ବରୁ ଖେଳନା ଉପରେ ଭାରତର ନିର୍ଭରଶୀଳତାକୁ ଦେଖିବା, ତେବେ ଏହାର ୮୦ ପ୍ରତିଶତରୁ ଅଧିକ ଚାଇନା ଉପରେ ଆଧାରିତ ଥିଲା। ତେବେ ବର୍ତ୍ତମାନ ପରିସ୍ଥିତି ଏପରି ହୋଇଛି ଯେ, ଦେଶର ଖେଳନା ଉତ୍ପାଦନର ୬୦ ପ୍ରତିଶତରୁ ଅଧିକ ରପ୍ତାନି ଆବଶ୍ୟକତା ପୂରଣ କରିବାକୁ ଯାଉଛନ୍ତି। ଏଥିରେ ୩୩ଟି ବର୍ଗର ଜିସିସି ଅନ୍ତର୍ଭୁକ୍ତ ହୋଇଛି ଯେଉଁଥିରେ ୟୁରୋପ ଏବଂ ଆମେରିକାର ଚାହିଦା ମଧ୍ୟ ଆସୁଛି। ଖୁବ୍ଶୀଘ୍ର ଏହି ପରିସୀମା ୪୦ଟି ଦେଶରେ ପହଞ୍ଚିବ ଏବଂ ସରକାରଙ୍କ ନୀତି ପରି ସମର୍ଥନ ମଧ୍ୟ ଏହା ପଛରେ ଏକ କାରଣ ଭାବରେ ବିବେଚନା କରାଯାଇପାରେ। ୨୦୨୩ ମସିହାରେ ଭାରତର ଖେଳନା ଶିଳ୍ପର ଆକାର ୧.୭ ବିଲିୟନ ଡଲାର ଥିଲା, ଯାହା ୨୦୩୨ ସୁଦ୍ଧା ୪.୪ ବିଲିୟନ ଡଲାରକୁ ବୃଦ୍ଧିପାଇବ ବୋଲି ଆଶା କରାଯାଉଛି। ୨୦୧୪ରୁ ୨୦୨୨-୨୩ ପର୍ଯ୍ୟନ୍ତ ଭାରତର ଖେଳନା ରପ୍ତାନି ୨୩୯ ପ୍ରତିଶତ ଏବଂ ଆମଦାନୀ ୫୨ ପ୍ରତିଶତ ହ୍ରାସ ପାଇଛି। ଅନ୍ୟପଟେ ମାର୍ଚ୍ଚ ୨୦୨୩ ରେ ଖେଳନା ଆମଦାନୀ ଉପରେ କଷ୍ଟମ ଡ୍ୟୁଟି ୭୦ ପ୍ରତିଶତକୁ ବୃଦ୍ଧି କରାଯାଇଛି।

## ଖସିଲା ଶେୟାର ବଜାର

ନୂଆଦିଲ୍ଲୀ,୧୯।୩

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୭୩୬ (୭୩୬.୩୭) ପଏଣ୍ଟ କମି ୭୨,୦୧୨ (୭୨,୦୧୨.୦୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୨୩୮(୨୩୮.୨୫) ପଏଣ୍ଟ ହ୍ରାସ ଘଟି ୨୧,୮୧୭ (୨୧,୮୧୭.୪୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

## ବଜାରରେ ସାମ୍ସଙ୍ଗ୍‌ର ମିଡ୍ ପ୍ରିମିୟମ ସେଗ୍‌ମେଣ୍ଟ

### ସାମ୍ସଙ୍ଗ୍ ଗାଲାକ୍ସି ଏ୫୫ ଆଣ୍ଡ ଏ୩୫ ୫ଜି ଉନ୍ମୋଚିତ

ଭୁବନେଶ୍ୱର,୧୯।୩ (ଅଭୟ ଦାଶ)

ସାମ୍ସଙ୍ଗ୍ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଗାଲାକ୍ସି ଏ୫୫ ୫ଜି ଆଣ୍ଡ ଗାଲାକ୍ସି ଏ୩୫ ୫ଜିର ସର୍ବ ଭାରତୀୟ ଉନ୍ମୋଚନ ଓ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ସାମ୍ସଙ୍ଗ୍ ଇଣ୍ଡିଆ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱରଠାରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଏକ ଖବରଦାତା ସମ୍ମିଳନୀ ମଧ୍ୟ ଆୟୋଜିତ ହୋଇଥିଲା। ଉକ୍ତ ସମ୍ମିଳନୀରେ ସାମ୍ସଙ୍ଗ୍ ଇଣ୍ଡିଆର ନିର୍ଦ୍ଦେଶକ (ଏମ୍ଏକ୍ସ ବିଜ୍ନେସ୍) ରିଷି କୁଲଶ୍ରେଷ୍ଠ ଯୋଗଦେଇ ଅନାବରଣ ଉତ୍ସବର ଆଭିମୁଖ୍ୟ ଓ ଉଭୟ ଗାଲାକ୍ସି ଏ୫୫ ୫ଜି ଆଣ୍ଡ ଗାଲାକ୍ସି ଏ୩୫ ୫ଜିର ବିଶେଷତ୍ୱ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ।

ସେହିଭଳି ଏହି ନୂତନ ଏ ଶୃଙ୍ଖଳ ଉପକରଣରେ ଅନେକ ଫ୍ଲାଗଶିପ୍ ବିଶେଷତ୍ୱ ରହିଥିଲାବେଳେ ଗରିଲା ଗ୍ଲାସ୍ ଭିକଟସ ଯୁକ୍ତ ସୁରକ୍ଷା, ଏଆଇ ଦ୍ୱାରା କ୍ୟାମେରା ବିଶେଷତ୍ୱ ବୃଦ୍ଧି, ଏକ ଟ୍ୟାମ୍ପର-ନିରୋଧକ ସୁରକ୍ଷାର ସମାଧାନ, ସାମ୍ସଙ୍ଗ୍ କ୍ନକ୍ସ ଭଲ୍ଟ ସହିତ ଅନ୍ୟାନ୍ୟ ନୂତନ ବିଶେଷତ୍ୱର ସମାହାର ରହିଛି। ଗତ ୨ ବର୍ଷ ମଧ୍ୟରେ ମିଡ୍ ପ୍ରିମିୟମ ସେଗ୍ମେଣ୍ଟ ଗାଲାକ୍ସି ଏ ଶୃଙ୍ଖଳ ସ୍ମାର୍ଟଫୋନ ଶୃଙ୍ଖଳ ସବୁଠାରୁ ଅଧିକ ବିକ୍ରୟ ହୋଇଥିବାବେଳେ ଏହା ଭାରତରେ ରହିଥିବା ଏମ୍ଜେଡ୍ ଗ୍ରାହକଙ୍କ ମଧ୍ୟରେ ସବୁଠାରୁ ଅଧିକ ଲୋକପ୍ରିୟ ଭାବେ ନିଜକୁ ପ୍ରଦର୍ଶିତ କରିପାରିଛି। ସେହିପରି ଗାଲାକ୍ସି ଏ୫୫ ୫ଜି ଏବଂ ଗାଲାକ୍ସି ଏ୩୫ ୫ଜିର ଶୁଭାରମ୍ଭ ଆମକୁ ପୁଣି ଥରେ ଆମର ଫ୍ଲାଗଶିପ୍-ଅଭିନବୀକରଣର ଜାଗ୍ରତାର ପ୍ରତିଶ୍ରୁତିବଦ୍ଧତାକୁ ମଜଭୁତ କରିପାରିଛି। ଅପରପକ୍ଷରେ ଗାଲାକ୍ସି ଏ୫୫ ୫ଜି ଏବଂ ଗାଲାକ୍ସି ଏ୩୫ ୫ଜି ଆମକୁ ୫ଜି ସ୍ମାର୍ଟଫୋନ ବିଭାଗରେ ତଥା ଏକ ଦ୍ରୁତଗାମୀ ବୃଦ୍ଧିପ୍ରାପ୍ତ ମିଡ୍-ପ୍ରିମିୟମ ସେଗ୍ମେଣ୍ଟ ୩୦,୦୦୦ରୁ ୫୦,୦୦୦ ଟଙ୍କା ମଧ୍ୟରେ ମାର୍କେଟ ଲିଡର କରାଇପାରିଛି ବୋଲି ରିଷି ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।




ରିଷି କୁଲଶ୍ରେଷ୍ଠ

## ଜେବିଏମ୍ ଅଟୋ ସହ ଜେଏସ୍ଏଲ୍‌ର ସହଭାଗିତା

ଭୁବନେଶ୍ୱର,୧୯।୩

ଜିନ୍ଦଲ ଷ୍ଟେନ୍ଲେସ୍ ଲିମିଟେଡ୍ (ଜେଏସ୍ଏଲ୍) ଏବଂ ଜେବିଏମ୍ ଅଟୋ ଲିମିଟେଡ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା (ସହଭାଗିତା) ନିକଟରେ ହୋଇଯାଇଛି। ବିଶେଷକରି ଭାରତରେ ଇକୋ-ମୋବିଲିଟି ପାଇଁ ଜେଏସ୍ଏଲ୍ ୫୦୦ରୁ ଅଧିକ ଦକ୍ଷ ଷ୍ଟେନ୍ଲେସ୍ ଷ୍ଟିଲ୍ ବିଦ୍ୟୁତ୍ଚାଳିତ ବସ୍ ଉତ୍ପାଦନ ପାଇଁ ଜେବିଏମ୍ ଅଟୋ ସହ ସହଭାଗିତା (ଭାଗୀଦାରି) କରିଛି। ଏପରିକି ଜେବିଏମ୍ ଅଟୋକୁ ଜେଏସ୍ଏଲ୍ ଜେଟି ଟ୍ୟୁବ୍ ଯୋଗାଇବ, ଯାହାକି ନିମ୍ନ ଅଙ୍ଗାରକ,କ୍ରୋମିୟମ ମାଙ୍ଗାନିଜ୍ ଅଷ୍ଟେନିଟିକ୍ ଷ୍ଟେନ୍ଲେସ୍ ଷ୍ଟିଲ୍ ଦ୍ୱାରା ନିର୍ମିତ ହୋଇଛି।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ସଷ୍ଟେନେବଲ ମୋବିଲିଟିର ଭବିଷ୍ୟତକୁ ଭାରତରେ ସାକାର କରିବା ପାଇଁ ଆମେ ଜେବି ଅଟୋ ସହ ସହଭାଗିତା କରିପାରିଥିବାରୁ ବେଶ୍ ଉତ୍ସାହିତ ଅଛୁ। ଏପରିକି କମ୍ ଓଜନର ଯାନବାହନ ଶକ୍ତି ବ୍ୟବହାରକୁ ଉନ୍ନତ କରିବା ସହ ପରିବହନ କ୍ଷେତ୍ରରେ କାର୍ବନ ପଦଚିହ୍ନ ହ୍ରାସ କରିବା ସହ ଷ୍ଟେନ୍ଲେସ୍ ଷ୍ଟିଲର କ୍ଷୟ ପ୍ରତିରୋଧୀ କ୍ଷମତା ନିୟମିତ ମରାମତି ଓ ରକ୍ଷଣାବେକ୍ଷଣର ଆବଶ୍ୟକତା ଏବଂ ଖର୍ଚ୍ଚକୁ କମାଇବା ସହ ସବୁଠାରୁ ସୁଲଭ ସମାଧାନ ଭାବେ ପ୍ରମାଣିତ କରିବ। ଜେବିଏମ୍ ଅଟୋ ସହ ଆମର ଭାଗୀଦାରି ଦ୍ୱାରା ଆମେ ଗଣ ପରିବହନର ସବୁଜ ମାଧ୍ୟମଗୁଡିକର ବିକାଶରେ ଯୋଗଦାନ କରିବୁ। ସେହିଭଳି ଜେବିଏମ୍ ଅଟୋ ଲିମିଟେଡ୍‌ର ଉପାଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ନିଶାନ୍ତ ଆର୍ଯ୍ୟ କହିଛନ୍ତି, ନବୋନ୍ମେଷ ଦିଗରେ ଆମର ପ୍ରତିବଦ୍ଧତା ସ୍ମାର୍ଟ, ସମ୍ବନ୍ଧିତ, ଅଟୋନୋମସ୍ ଓ ଶେୟାରଡ୍ ମୋବିଲିଟି ସଲ୍ୟୁସନ୍ ଦ୍ୱାରା ପରିଚାଳିତ ହୋଇଥିବାବେଳେ ସ୍ୱଚ୍ଛ ପରିବହନ ଆମର ମାର୍ଗଦର୍ଶକ ଏବଂ ଏଣ୍ଡ-ଟୁ-ଏଣ୍ଡ ଇଲେକ୍ଟ୍ରିକ ମୋବିଲିଟି ଇକୋସିଷ୍ଟମ୍ ତିଆରି କରିବା ସହ ବୈଦ୍ୟୁତିକ ଯାନ ଗ୍ରହଣଶୀଳତାକୁ ଆଗେଇନେବା ପାଇଁ ଆମେ ସମର୍ପିତ ରହିଛୁ।

## ଆର୍‌ବିଆଇର ଦିନିକିଆ ଟାଉନ୍ ହଲ୍ ମିଟିଂ




ଭୁବନେଶ୍ୱର,୧୯।୩

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍ବିଆଇ)ର ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଏକ ଦିନିକିଆ ଟାଉନ୍ ହଲ୍ ମିଟିଂ(ବୈଠକ) ମଙ୍ଗଳବାର ବାଲେଶ୍ୱର ଏନ୍ଓସିସିଆଇ ବିଜ୍ନେସ୍ ପାର୍କଠାରେ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ସୂକ୍ଷ୍ମ ଏବଂ ଲଘୁ ଓ ମଧ୍ୟମ ଉଦ୍ୟୋଗୀ (ଏମ୍ଏସ୍ଏମ୍ଇ)ଗୁଡିକ ନିକଟରେ ପହଞ୍ଚିବା ସହ ବ୍ୟାଙ୍କିଙ୍ଗ୍ ସୁବିଧା ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ବୈଠକ ହୋଇଥିଲା। ଏପରିକି ଉକ୍ତ ବୈଠକରେ ଏମ୍ଏସ୍ଏମ୍ଇ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା ମଧ୍ୟ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଆର୍ବିଆଇ ଭୁବନେଶ୍ୱରର କ୍ଷେତ୍ରୀୟ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଉକ୍ତ ବୈଠକ ଆୟୋଜିତ ହୋଇଥିବାବେଳେ ଓଡ଼ିଶା ଶିଳ୍ପ ନିର୍ଦ୍ଦେଶକ ଡି. ପ୍ରଶାନ୍ତ କୁମାର ରେଡ୍ଡି, ଏସ୍ଏଲ୍ବିସି ମହାପ୍ରବନ୍ଧକ ତଥା କନ୍ଭେନର ଗୌତମ ପାତ୍ର, ସିଡ୍ବିର ଉପମହାପ୍ରବନ୍ଧକ ପ୍ରଦ୍ୟୁମ୍ନ କୁମାର ଚୌଧୁରୀଙ୍କ ସମେତ ଏସ୍ବିଆଇ ଓ ବିଓଆଇର ଉପମହାପ୍ରବନ୍ଧକ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ବୈଠକରେ ବାଲେଶ୍ୱର ଜିଲାର ଏମ୍ଏସ୍ଏମ୍ଇ ସଂଘ ଯଥା ବିସିଆଇସି, ଏନ୍ଓସିସିଆଇ, ବାଲେଶ୍ୱର ଜିଲା ଶିଳ୍ପକେନ୍ଦ୍ରର ମହାପ୍ରବନ୍ଧକ, ଆଞ୍ଚଳିକ ପ୍ରବନ୍ଧକ ଏବଂ ବାଲେଶ୍ୱର ଜିଲାର ପ୍ରମୁଖ ବ୍ୟାଙ୍କର ଅନ୍ୟ ଅଧିକାରୀ, ଏଲ୍ଡିଏମ୍, ଡିଡିଏମ୍ (ନାବାର୍ଡ) ଓ ଆର୍ଏସ୍ଇଟିଆଇ ନିର୍ଦ୍ଦେଶକ, ବାଲେଶ୍ୱର ଜିଲାର ଅନ୍ୟ ଉଦ୍ୟୋଗୀଙ୍କ ସମେତ ୧୭୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅପରପକ୍ଷରେ ଏମ୍ଏସ୍ଏମ୍ଇ ଉଦ୍ୟୋଗୀମାନଙ୍କ ପାଇଁ ଏକ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ ଅଂଶଗ୍ରହଣକାରୀ ସେମାନଙ୍କ ପ୍ରଶ୍ନ ପଚାରିବା ସହ ବ୍ୟାଙ୍କ ଫାଇନାନ୍ସ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରସଙ୍ଗରେ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ସେମାନଙ୍କ ମତାମତ ପ୍ରଦାନ କରିଥିଲେ।

## ଏମ୍ ଆଣ୍ଡ ଏମ୍ ସହ ବନ୍ଧନ ବ୍ୟାଙ୍କର ବୁଝାମଣା

ଭୁବନେଶ୍ୱର,୧୯।୩

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା (ଏମ୍ ଆଣ୍ଡ ଏମ୍) ଏବଂ ବନ୍ଧନ ବ୍ୟାଙ୍କ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା (ଚୁକ୍ତିନାମା) ନିକଟରେ ହୋଇଯାଇଛି। ବିଶେଷକରି ବନ୍ଧନ ବ୍ୟାଙ୍କର ଗ୍ରାହକମାନଙ୍କୁ ବ୍ୟବସାୟିକ ଯାନ ଏବଂ ଉପକରଣ ଉପରେ ସୁବିଧାଜନକ ଆର୍ଥିକ ସମାଧାନ ପ୍ରଦାନ କରିବା ପାଇଁ ଏମ୍ ଆଣ୍ଡ ଏମ୍ ସହ ଏକ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର ହୋଇଛି। ଉକ୍ତ ବୁଝାମଣା ଅନୁଯାୟୀ ବନ୍ଧନ ବ୍ୟାଙ୍କ ସମଗ୍ର ବ୍ୟବସାୟିକ ଯାନ ଏବଂ ବାଣିଜ୍ୟିକ ଉପକରଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବ ଏବଂ ଗ୍ରାହକମାନେ ବ୍ୟାଙ୍କର ବ୍ୟାପକ ନେଟ୍ୱର୍କ ଏବଂ ସହଜ ପରିଶୋଧ ଯୋଜନାରୁ ଉପକୃତ ହେବେ।

ଏ ସମ୍ପର୍କରେ ବନ୍ଧନ ବ୍ୟାଙ୍କର ଉପଭୋକ୍ତା ଋଣ ଏବଂ ବନ୍ଧକ ମୁଖ୍ୟ ସନ୍ତୋଷ ନାୟାର କହିଛନ୍ତି, ବନ୍ଧନ ବ୍ୟାଙ୍କ ନିରବଚ୍ଛିନ୍ନ ଯାନ ଫାଇନାନ୍ସିଂ ସମାଧାନ ପ୍ରଦାନ କରିବା ପାଇଁ ଏମ୍ ଆଣ୍ଡ ଏମ୍ ସହ ସହଭାଗିତା ସ୍ଥାପନକରି ବେଶ୍ ଉତ୍ସାହିତ ଅଛୁ। ବ୍ୟବସାୟିକ ଯାନ ଏବଂ ଉପକରଣ ଗ୍ରାହକଙ୍କ ବିବିଧ ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ଏହି ସହଭାଗିତା ଆମ ସମର୍ପଣକୁ ପ୍ରତିଫଳିତ କରୁଛି। ସେହିଭଳି ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ବ୍ୟବସାୟିକ ଯାନ ବ୍ୟବସାୟ ମୁଖ୍ୟ ଜଲାଲ ଗୁପ୍ତା କହିଛନ୍ତି, ଏହି ସହଭାଗିତା ଆମ ଗ୍ରାହକମାନଙ୍କୁ ସର୍ବୋତ୍ତମ ଆର୍ଥିକ ସମାଧାନ ପ୍ରଦାନ କରିବାରେ ସାହାଯ୍ୟ କରିବ ଏବଂ ଆବଶ୍ୟକ ପ୍ରୋତ୍ସାହନ ଓ ଆତ୍ମବିଶ୍ୱାସ ପ୍ରଦାନ କରିବ ତଥା ସେମାନଙ୍କୁ ସମୃଦ୍ଧ କରିବାରେ ସହାୟକ ହେବ।

## ପରିବେଶର ଥର୍ମୋମିଟର, ଘରଚଟିଆ

କିଚିରିମିଚିରି ହୋଇ ଘର ଅଗଣାରେ ଡେଇଁଥିବା ଛୋଟ ଚଢ଼େଇଟିଏ ଘରଚଟିଆ। ସମସ୍ତଙ୍କୁ ଖୁସି ଦେଇ ନିଜ ଜୀବନରେ ମଜ୍ଜି ରହିଥିବା ଏହି ପ୍ରଜାତି ଏବେ ସଙ୍କଟରେ। ସେମାନଙ୍କ ସୁରକ୍ଷା ଲାଗି ସଚେତନତା ବ୍ୟାପକ କରିବାକୁ ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖରେ ପାଳିତ ହେଉଛି ବିଶ୍ୱ ଘରଚଟିଆ ଦିବସ।

ହାତ ପାପୁଲିରେ ଧରିପାରିବା ଭଳି ଚଢ଼େଇଟିଏ ଘରଚଟିଆ। ପ୍ରକୃତିର ଦୂତ ସେ। ଘରଚଟିଆ ଖୁସିରେ ଶବ୍ଦ କରି ଡେଇଁ ଡେଇଁ ବୁଲିବା ସୂଚାଏ ଯେ ପ୍ରକୃତିର ସନ୍ତୁଳନ ଠିକ୍ ରହିଛି। ତେଣୁ ପୂର୍ବପୁରୁଷମାନେ ଘରଚଟିଆକୁ ପରିବେଶର ଥର୍ମୋମିଟର ବୋଲି କହୁଥିଲେ। ସାରା ବିଶ୍ୱରେ ୪୩ ପ୍ରକାର ଘରଚଟିଆ ଅଛନ୍ତି। ଏମାନଙ୍କର ମୁଖ୍ୟ ଖାଦ୍ୟ କୀଟପତଙ୍ଗ ହୋଇଥିଲେ ବି ମଣିଷଙ୍କ ମେଳରେ ରହି ଶସ୍ୟ ଖାଇବା ଶିଖିଯାଇଥିଲେ। ଘରଚଟିଆ କୀଟପତଙ୍ଗ ଦାଉରୁ ଫସଲକୁ ସୁରକ୍ଷା ଦେଇଥାଏ। ୧୯୫୦ ମସିହାରେ ଚାଇନା ଘରଚଟିଆକୁ ନିପାତ କରିବା ଲାଗି ପଦକ୍ଷେପ ନେଲା। ସେମାନେ ଭାବିଥିଲେ ଯେ ଖାଦ୍ୟ ସନ୍ଧାନରେ ଘରଚଟିଆ ଫସଲ ନଷ୍ଟ କରୁଛନ୍ତି। ହେଲେ ସେଠାରେ ଘରଚଟିଆ ସଂଖ୍ୟା ଯେମିତି କମିଲା କୀଟପତଙ୍ଗଙ୍କ ଆକ୍ରମଣରେ ଫସଲ ସେହିପରି ନଷ୍ଟ ହେବାକୁ ଲାଗିଲା। ଏବେ ଅତ୍ୟାଧୁନିକ ପରିବେଶରେ ଅଣନିଃଶ୍ୱାସୀ ହୋଇପଡୁଛି ଘରଚଟିଆ। ସବୁଆଡ଼େ କଂକ୍ରିଟ୍ ଅଟାଳିକାର ଭିଡ଼ ଭିତରେ ତା'ର ପ୍ରାକୃତିକ ବାସସ୍ଥାନ ରହୁନାହିଁ। ମୋବାଇଲ୍ ଟାୱାରର ବିକିରଣ, ଖାଦ୍ୟାଭାବ ଏହି ଚଢ଼େଇଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାର କାରଣ ପାଲଟିଛି। ଭାରତ ସହିତ ବ୍ରିଟେନ୍, ଫ୍ରାନ୍ସ, ଜର୍ମାନୀ, ଚେକ୍ ଗଣରାଜ୍ୟ, ବେଲ୍ଜିୟମ୍, ଇଟାଲି ଏବଂ ଫିନ୍ଲାଣ୍ଡ ଆଦି ସହରରେ ଘରଚଟିଆ ସଂଖ୍ୟା କମିବାରେ ଲାଗିଛି।

### ଆଜି ବିଶ୍ୱ ଘରଚଟିଆ ଦିବସ



### ଘରଚଟିଆ କମିବାର କେତେକ ପ୍ରମୁଖ କାରଣ

ଆଧୁନିକ ଘରଗୁଡ଼ିକର ନିର୍ମାଣଶୈଳୀରେ ସ୍କାଇଲାଇଟ୍ କିମ୍ବା ପକ୍ଷୀ ବସା କରିପାରୁଥିବା ପରି କୌଣସି ସ୍ଥାନ ନାହିଁ। ଏହି ସ୍ଥାନଗୁଡ଼ିକରେ ଘରଚଟିଆ ବସା କରିଥାନ୍ତି।

▶▶ଫସଲ ପ୍ରତି କ୍ଷତିକାରକ କୀଟପତଙ୍ଗ ଘରଚଟିଆର ମୁଖ୍ୟ ଖାଦ୍ୟ। ଏବେ ମାତ୍ରାଧିକ କୀଟନାଶକ ପ୍ରୟୋଗରୁ ତା'ର ପ୍ରାକୃତିକ ଖାଦ୍ୟସ୍ରୋତ ନଷ୍ଟ ହୋଇଯାଉଛି। ପୁଣି ଘରଚଟିଆର ଶାବକମାନେ କେବଳ କୀଟ ଲାର୍ଭା ଖାଉଥିବା ବେଳେ ସେଗୁଡ଼ିକ ଆଦୌ ମିଳୁନାହିଁ।

▶▶ଘରଚଟିଆ ପ୍ରାୟ ସମୟରେ ଘର ଭିତରକୁ ପଶିଆସୁଥିବା ବେଳେ ବୁଲୁଥିବା ଫ୍ୟାନ୍‌ରେ ବାଜି ମୃତ୍ୟୁମୁଖରେ ପଡ଼େ।

▶▶ମୋବାଇଲ୍ ଫୋନ୍ ଟାୱାରଗୁଡ଼ିକରୁ ବାହାରୁଥିବା ବିଦ୍ୟୁତ୍ ଚୁମ୍ବକୀୟ ବିକିରଣରେ ଘରଚଟିଆର ସ୍ନାୟୁତନ୍ତ୍ର ପ୍ରଭାବିତ ହୋଇଥାଏ।

▶▶ଘରଚଟିଆ ଅଣ୍ଡା ଉପରେ ୧୦-୧୪ ଦିନ ଧରି ବସିଲେ ସେଥିରୁ ଶାବକ ଫୁଟିଥାନ୍ତି। ହେଲେ ମୋବାଇଲ୍ ଟାୱାର ପାଖାପାଖି ଯଦି ବସା ଥାଏ ତେବେ ସେ ୩୦ ଦିନ ଅଣ୍ଡା ଉପରେ ବସିଲେ ମଧ୍ୟ ଶାବକ ବାହାରିବା କଷ୍ଟ ହେଉଛି।

▶▶ଅନ୍ଲିଡେଡ୍ ପେଟ୍ରୋଲ୍‌ରୁ ବାହାରୁଥିବା ମିଥେନ୍ ଏବଂ ନାଇଟ୍ରେଟ୍ ସହିତ ରାସାୟନିକ ସାର ଘରଚଟିଆର ପ୍ରାକୃତିକ ଖାଦ୍ୟ ନଷ୍ଟ କରିଦେଉଛି।

### ଫେରିବ ଘରଚଟିଆ

ଘରଚଟିଆ ସଂଖ୍ୟା ବୃଦ୍ଧି ପାଇଁ ପ୍ରଥମେ ଏହାର ବାସସ୍ଥାନ ଲାଗି ସୁରକ୍ଷିତ ସ୍ଥାନ ଯୋଗାଇଦେବା ଆବଶ୍ୟକ; ଯେଉଁଠାରେ ସେ ସହଜରେ ବସା ବାନ୍ଧିପାରିବ। ଏହା ସହିତ ସେଠାରେ ଘରଚଟିଆ ଅଣ୍ଡା ଏବଂ ଶାବକ ଅନ୍ୟ ଆକ୍ରମଣକାରୀ ପକ୍ଷୀଠାରୁ ସୁରକ୍ଷିତ ରହିପାରୁଥିବ। ଘର ଛାତ ଉପରେ ଜୋତା, ଡବା, ମାଠିଆ, କାଠବାକ୍ସ ଆଦି ରଖିଲେ ଘରଚଟିଆ ବସା କରିପାରିବ। ତେବେ ସେଠାକୁ ବିଲେଇ, କୁକୁର ଆଦି ଯାଇପାରୁ ନ ଥିବା ଜରୁରୀ।

### ଜୀବନ ବଦଳାଇ ଦେଲା

ଦିନେ ଶିକାରୀ ହେବା ଲାଗି ଇଚ୍ଛା କରୁଥିବା ଜଣୈକ କିଶୋରଙ୍କ ଜୀବନରେ ଘରଚଟିଆ ଏପରି ପରିବର୍ତ୍ତନ ଆଣିଥିଲା ଯେ ସେ ପକ୍ଷୀ ଶିକାର କରିବା ବଦଳରେ ସେମାନଙ୍କର ସୁରକ୍ଷା ଓ ସଂରକ୍ଷଣ ପାଇଁ ଚିନ୍ତା କଲେ ଏବଂ ଭାରତର ପକ୍ଷୀ ମଣିଷ (ବାର୍ଡ ମ୍ୟାନ୍ ଅଫ୍ ଇଣ୍ଡିଆ) ଭାବେ ପରିଚିତ ହୋଇଥିଲେ। ଭରତପୁରଠାରେ ଥିବା କେବଲାଦେବ ପକ୍ଷୀ ଅଭୟାରଣ୍ୟ ତାଙ୍କ ଏକନିଷ୍ଠ ପ୍ରୟାସର ଫଳ। ସଲିମ୍ ଅଲ୍ଲୀ ନାମକ ଏହି ବ୍ୟକ୍ତିତ୍ୱ ପିଲାଦିନେ ଏକ ବିରଳ ପ୍ରଜାତିର ଘରଚଟିଆ ମାରିଦେଇଥିଲେ, ଯାହା ପରେ ତାଙ୍କୁ ପକ୍ଷୀଙ୍କ ସମ୍ପର୍କରେ ଗବେଷଣା ଏବଂ ସେମାନଙ୍କ ସଂରକ୍ଷଣ କରିବା ଦିଗରେ ପ୍ରେରିତ କରିଥିଲା। ଏପରି କି ସେ ନିଜ ଆତ୍ମଜୀବନୀର ନାମ ରଖିଥିଲେ 'ଦି ଫଲ୍ ଅଫ୍ ଏ ସ୍ପାରୋ'। -୨୦୧୦ ମାର୍ଚ୍ଚ ୨୦ ତାରିଖରୁ ବିଶ୍ୱ ଘରଚଟିଆ ଦିବସ ପାଳନ ଆରମ୍ଭ ହୋଇଛି। ଘରଚଟିଆର ଜୀବନକାଳ ୧୧ରୁ ୧୩ ବର୍ଷ। ସମୁଦ୍ର ପତନଠାରୁ ୧୫୦୦ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ଏହି ପକ୍ଷୀ ଦେଖାଯାଇଥାନ୍ତି। ଏହାର ବୈଜ୍ଞାନିକ ନାମ ପାସର ଡେମେଷ୍ଟିକସ୍।-ଘରଚଟିଆର ସୁରକ୍ଷା ପାଇଁ ଦିଲ୍ଲୀ ସରକାର ଏହାକୁ ରାଜ୍ୟପକ୍ଷୀ ଘୋଷଣା କରିଛନ୍ତି।

ଦିଲ୍ଲୀର ସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜରେ ଘରଚଟିଆ ଯେପରି ବସା ବାନ୍ଧିପାରିବେ ସେଥିପାଇଁ ସ୍ଥାନ ଓ ପାଣି ରଖିବାର ବ୍ୟବସ୍ଥା କରାଯାଇଛି। ତେଣୁ ପ୍ରତ୍ୟେକ ଘରେ ଯଦି ଏହି ଛୋଟ ଚଢ଼େଇଟି ପାଇଁ ଗୋଟିଏ କୋଣ ପ୍ରସ୍ତୁତ କରାଯାଇ ପାରନ୍ତା, ଏହା ସେମାନଙ୍କ ସୁରକ୍ଷା ଓ ସଂଖ୍ୟା ବୃଦ୍ଧି ଦିଗରେ ସହାୟକ ହୋଇପାରନ୍ତା। ଏଥିପାଇଁ ସରକାରୀ ଓ ବ୍ୟକ୍ତିଗତ ସ୍ତରରେ ପ୍ରୟାସ ଆବଶ୍ୟକ। ଘରଚଟିଆ ପ୍ରକୃତି ଏବଂ ମଣିଷର ବନ୍ଧୁ। ଏହାର ସୁରକ୍ଷା କଲେ ମଣିଷ ନିଜର ସୁରକ୍ଷା କରିପାରିବ।

**-ପୀତାମ୍ବର ରାଉତ**
ଆବାହକ, ବାୟାଚଢ଼େଇ ସୁରକ୍ଷା ଅଭିଯାନ, ନିଆଳୀ,
କଟକ, ମୋ:୯୯୩୭୬୬୨୧୮୭

**ପ୍ରଥମ ପୃଷ୍ଠାରୁ**

### କଟକରେ ସୁନା...

କାରିଗର ଅଲିଶା ବଜାର ଅଞ୍ଚଳର ପ୍ରଦୀପ ପୃଷ୍ଟି, ଯୁବ ସଭାପତି ମନୋଜ ମହାରଣା, ଶ୍ରୀଶ୍ରୀ ମଦନ ମୋହନଜୀଉ ଦୁର୍ଗା କମିଟି କାଠଗଡ଼ା ସାହିର ଯୁବକ ସଂଘ ସମ୍ପାଦକ ତଥା କର୍ପୋରେଟର ଗଗନ ଓଝା ଯୋଗଦେଇଥିଲେ। ଏ ନେଇ କର୍ପୋରେଟର ଓଝା କହିଛନ୍ତି, ଉକ୍ତ ବିମାନକୁ ସମ୍ପୂର୍ଣ୍ଣ ଭାବେ ସୁନା ଅଳଙ୍କାରରେ ସୁସଜ୍ଜିତ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଚଳିତବର୍ଷ ୭୦ ପ୍ରତିଶତ କାମ ସରିଥିବାବେଳେ ଏହାକୁ ଉଦ୍ଘାଟନ କରାଯାଇଛି। ୨.୫ କେଜି ସୁନା ଅଳଙ୍କାରରେ ଏହି ବିମାନକୁ ଅଳଙ୍କୃତ କରାଯାଇଥିବା ସେ କହିଛନ୍ତି। ବ୍ରାହ୍ମଣଙ୍କ ଦ୍ୱାରା ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି। କମିଟିର ପୂର୍ବରୁ ଚାନ୍ଦି ବିମାନ ରହିଥିବାବେଳେ ଚଳିତବର୍ଷ ସୁନା ଅଳଙ୍କାରର ବିମାନ କରାଯାଇଛି। ସୁନା ବିମାନ ପ୍ରଥମେ ସାହି ପରିକ୍ରମା କରିବା ପରେ ମଙ୍ଗଳବାର ପ୍ରଥମ ଦିନରେ ୨୫ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର ରଘୁନାଥଜୀଉ ଦୋଳ ମେଳଣରେ ସାମିଲ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ମଣ୍ଡଳୀର ଲକ୍ଷ୍ମୀଧର ପ୍ରଧାନ, ଛବି ମିତ୍ର, କାଳନ୍ଦୀ ଓଝା, ଶିବପ୍ରସାଦ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସାହୁ, ଗ୍ରାମ କମିଟି ସଭ୍ୟ ହରିହର ସାହୁ, ବାପି ବାରିକ, ରଘୁନାଥ ସାହୁଙ୍କ ସମେତ ଗ୍ରାମର ସମସ୍ତ ଯୁବ ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟ ଉପସ୍ଥିତ ଥିଲେ।

### ୩ ବନ କର୍ମଚାରୀଙ୍କୁ...

ଦୁଇ ବନ କର୍ମଚାରୀଙ୍କୁ ଭର୍ତ୍ତି କରାଯାଇ ପ୍ରାଥମିକ ଚିକିତ୍ସା କରାଯିବା ପରେ ସର୍ଜରି ବିଭାଗକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ଜଣେ ବନ କର୍ମଚାରୀଙ୍କ ଗୋଡ଼ରୁ ଗୁଳି କଢ଼ାଯାଇଛି। ଅନ୍ୟଜଣଙ୍କ ଗୋଡ଼ରୁ ଗୁଳି କଢ଼ାଯାଇନାହିଁ। ଚିକିତ୍ସା ନେଇ ସର୍ଜରି ଓ ଅର୍ଥୋପେଡିକ ବିଭାଗର ଡାକ୍ତର ନିୟୋଜିତ ରହିଥିବା ମେଡିକାଲ ପକ୍ଷରୁ ସୂଚନା ରହିଛି। ଏନେଇ ଏସ୍ସିବି ମେଡିକାଲ ପ୍ରଶାସନିକ ଅଧିକାରୀ ଅବିନାଶ ରାଉତ ସୂଚନା ଦେଇ କହିଛନ୍ତି ଯେ, ଦୁଇ ବନ କର୍ମଚାରୀଙ୍କ ମଧ୍ୟରୁ ଜଣଙ୍କ ଗୋଡ଼ରୁ ଗୁଳି କଢ଼ାଯାଇନାହିଁ। ସମସ୍ତ ପରୀକ୍ଷା ନିରୀକ୍ଷା କରାଯାଇଛି। ଏହାସହ ସର୍ଜରି ବିଭାଗରେ ସପ୍ତମ ୟୁନିଟ୍‌ରେ ଡା. ସସ୍ମିତା ସେଠୀଙ୍କ ନେତୃତ୍ୱରେ ଭର୍ତ୍ତି କରାଯାଇ ଚିକିତ୍ସା ଜାରି ରହିଛି। ବିଭାଗୀୟ ମୁଖ୍ୟଙ୍କ ସହ ଆଲୋଚନା କରାଯାଇ ଗୁଳି କଢ଼ାଯିବ। ଦୁଇ ବନ କର୍ମଚାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ନେଇ ରାଉତ କହିଛନ୍ତି।

ସୋମବାର ରାତି ପ୍ରାୟ ୮ଟା ବେଳେ ପଞ୍ଚଲିଙ୍ଗେଶ୍ୱର ବିଟ୍ ଅଞ୍ଚଳରେ କିଛି ଶିକାରୀ ପଶିଥିବା ଖବରପାଇ ପଞ୍ଚଲିଙ୍ଗେଶ୍ୱର ବିଟ୍ ଫରେଷ୍ଟଗାର୍ଡ ସିଂରାୟ ହେମ୍ବ୍ରମଙ୍କ ନେତୃତ୍ୱରେ ଏକ ୮ଜଣିଆ ଟିମ୍ ଜଙ୍ଗଲକୁ ଯାଇଥିଲା। ସେଠାରେ ବିଭିନ୍ନ ସ୍ଥାନ ଖୋଜାଖୋଜି କରିବା ପରେ ରାତି ପ୍ରାୟ ୨ଟା ବେଳେ ଅଭୟାରଣ୍ୟ ମଧ୍ୟସ୍ଥ ଧାନଶୁଆ ଚତୁରୀ ନିକଟରେ ପାଟ୍ରୋଲିଂ ଟିମ୍ ସହିତ ୨ଜଣ ଶିକାରୀଙ୍କ ମୁହାଁମୁହିଁ ହୋଇଥିଲା। ଶିକାରୀ ଖସିଯିବାକୁ ଚେଷ୍ଟା କରିଥିବା ବେଳେ ବନ ବିଭାଗ କର୍ମଚାରୀମାନେ ବାଧାଦେବାରୁ ଗୁଳିମାଡ଼ର ଶିକାର ହୋଇଥିଲେ। ଏଥିରେ କ୍ଷୀତିଶ ପରିଡ଼ା ଓ ବିରଞ୍ଚି ଜେନା ଦୁଇଜଣ ସବୁଜବାହିନୀ କର୍ମଚାରୀଙ୍କ ଗୋଡ଼ରେ ଗୁରୁତର ଆଘାତ ଲାଗିଥିବା ବେଳେ ଫରେଷ୍ଟଗାର୍ଡ ସିଂରାୟ ହେମ୍ବ୍ରମ ସାମାନ୍ୟ ଆହତ ହୋଇଛନ୍ତି। ବନ ବିଭାଗ ୨ ଜଣ ଶିକାରୀଙ୍କୁ ଗିରଫ କରିବା ସହିତ ବନ୍ଧୁକ ଜବତ କରିଛି। ଅଭିଯୁକ୍ତ ଶିକାରୀ ହେଲେ ନୀଳଗିରି ଥାନା ଶ୍ୟାମସୁନ୍ଦରପୁର ପଞ୍ଚାୟତ କଣ୍ଟାବଣିଆ ଗ୍ରାମର ଗୁନା ସିଂ (୩୦) ଓ ବରହମପୁର ଥାନା କଳାକାଦ ସିଆଡିମାଳର ସନିଆ ସିଂ (୪୦)। ଅନ୍ୟପକ୍ଷରେ କୁଲଡିହା ଅଭୟାରଣ୍ୟ ଆଖପାଖ ଅଞ୍ଚଳରେ ପାଟ୍ରୋଲିଂ ଜୋରଦାର କରାଯିବ ବୋଲି ବନ ବିଭାଗ ଚେତାବନୀ ଦେଇଛି। ଶିମିଳିପାଳ କୁଲଡିହା ଅଭୟାରଣ୍ୟରେ ଟାଇଗର ପ୍ରୋଟେକ୍ସନ ଫୋର୍ସ ଓ ଏକ୍ସ ଆର୍ମି ଟିମ୍ ପକ୍ଷରୁ ମିଳିତ ଭାବେ କୋମ୍ବିଂ କରାଯିବ। ଏହାସହ ଅଭୟାରଣ୍ୟ ସଂଯୋଗ କରୁଥିବା ଅଞ୍ଚଳରେ ଶିକାରୀଙ୍କୁ ବନ୍ଧୁକ ସହ ଆତ୍ମସମର୍ପଣ କରିବାକୁ ଚେତାବନୀ ଦିଆଯାଇଛି। ଏହି ଘଟଣାରେ ଦୋଷୀଙ୍କ ବିରୋଧରେ ବନ୍ୟପ୍ରାଣୀ ନିରାପତ୍ତା ଆଇନ ଓ ହତ୍ୟା ଉଦ୍ୟମ ଭଳି ଗୁରୁତର ଦଫା ଲଗାଯିବ ବୋଲି ବନ୍ୟପ୍ରାଣୀ ପିସିସିଏଫ ସୁଶାନ୍ତ ନନ୍ଦ ସୂଚନା ଦେଇଛନ୍ତି। କୁଲଡ଼ିହା ବନ ବିଭାଗ ପକ୍ଷରୁ ମଙ୍ଗଳବାର ମାମଲା ନଂ. ୨୮କେ ରୁଜୁ କରାଯାଇ ଶିକାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ଉଲ୍ଲେଖଯୋଗ୍ୟ, ଶିମିଳିପାଳକୁ ଲାଗି କୁଲଡ଼ିହା ଅଭୟାରଣ୍ୟ ରହିଥିବା ବେଳେ ଏହାର ଚାରିପାଖରେ ଅନେକ ଜନବସତି ରହିଛି। ଅଧିକାଂଶ ସମୟରେ ଉକ୍ତ ଅଞ୍ଚଳଗୁଡିକରେ ଦେଶୀ ବନ୍ଧୁକ ଜବତ ହୋଇଛି। ଏବେବି ଏସବୁ ଅଞ୍ଚଳରେ ଅନେକ ଦେଶୀ ବିଦେଶୀ ବନ୍ଧୁକ ଥିବା ବନ ବିଭାଗ ସୂଚନା ପାଇଛି।

### ୨ ଥର ଅନୁରୋଧ...

ସରକାର ଅନୁମତି ଦେଇନାହାନ୍ତି ବୋଲି ସିବିଆଇ ନିଜ ସତ୍ୟପାଠରେ ଦର୍ଶାଇଛି। ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂହ ଓ ବିଚାରପତି ଏମ୍.ଏସ୍. ରମଣଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ଆଗାମୀ ଦୁଇ ସପ୍ତାହ ପରେ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି।

ମାମଲାର ବିବରଣୀ ଅନୁସାରେ, ୨୦୦୯ ସେପ୍ଟେମ୍ବର ୯ ତାରିଖରେ ପାରାଦୀପ ସମୁଦ୍ର ଉପକୂଳରୁ ୫ କିଲୋମିଟର ଦୂରରେ ଭାରସାମ୍ୟ ହରାଇ ବ୍ଲାକରୋଜ ଜାହାଜ ବୁଡ଼ି ଯାଇଥିଲା। ଉକ୍ତ ଜାହାଜରେ ପ୍ରାୟ ୨୩,୫୦୦ ମେଟ୍ରିକ ଟନ୍ ଲୁହାପଥର ଏବଂ ୯୨୦ ମେଟ୍ରିକ୍ ଟନ ଫର୍ଣ୍ଣେସ ଅଏଲ ବୋଝେଇ ହୋଇଥିଲା। ଏହି ସାମୁଦ୍ରିକ ଦୁର୍ଘଟଣା ସମୟରେ ଜାହାଜରେ ୨୭ଜଣ ଥିଲେ। ସେମାନଙ୍କ ମଧ୍ୟରୁ ୨୬ଜଣ ଉଦ୍ଧାର ହୋଇଥିବାବେଳେ ଜଣେ ଯନ୍ତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଜାହାଜଟି ସମୁଦ୍ରରେ ଦୀର୍ଘ ଦିନ ଧରି ପଡ଼ି ରହିବାରୁ ପାଣିରେ ତେଲ ଭାସିଥିଲା। ହେଲେ ଜାହାଜକୁ କୂଳକୁ ଆଣିବା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ଜାହାଜଟି ଏବେ ପାଣିରେ ସମ୍ପୂର୍ଣ୍ଣ ବୁଡ଼ିଯାଇଛି। ଜାହାଜଟି ଭାରତୀୟ ସମୁଦ୍ର ସୀମାରେ ବୁଡ଼ିଯାଇଥିବାରୁ ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ଦୃଷ୍ଟିରେ ରଖି ଉକ୍ତ ଜାହାଜ ସମ୍ପର୍କରେ ବିସ୍ତୃତ ତଥ୍ୟ ସଂଗ୍ରହ କରିବା ସହ ଘଟଣାର ସିବିଆଇ ତଦନ୍ତ କରିବାକୁ ଭାରତ ସରକାରଙ୍କ ଜାହାଜ ମନ୍ତ୍ରଣାଳୟ ୨୦୧୮ରେ ନିଷ୍ପତ୍ତି ନେଇଥିଲା। ଏନେଇ ପାରାଦୀପ ପୋର୍ଟ ଟ୍ରଷ୍ଟ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ ମଧ୍ୟ କରାଯାଇଥିଲା। ସିବିଆଇ ପକ୍ଷରୁ ରାଜ୍ୟ ସରକାରଙ୍କୁ ୨୦୧୯ ନଭେମ୍ବରରେ ଚିଠି ଲେଖାଯାଇଥିଲା। ହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ଉତ୍ତର ନ ମିଳିବାରୁ ୨ମାସ ପରେ ପୁନର୍ବାର ଆଉ ଏକ ଚିଠି ମଧ୍ୟ ଦିଆଯାଇଥିଲା। ତଥାପି ରାଜ୍ୟ ସରକାର ଏନେଇ କୌଣସି ଅନୁମତି ଦେଇ ନ ଥିଲେ। ଏପରିକି ଜାହାଜ ସମ୍ପର୍କରେ ଅଧିକ ଖୋଳତାଡ଼ କରିବାକୁ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରି ନ ଥିଲେ। ରାଜ୍ୟ ସରକାର ଅନୁମତି ନ ଦେବା ଫଳରେ ସିବିଆଇ ତଦନ୍ତ ଆରମ୍ଭ ହୋଇପାରିନି ବୋଲି ମଙ୍ଗଳବାର ସିବିଆଇ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଛି।

### ଜଙ୍ଗଲ ନିଆଁ...

କେହି ଉଦ୍ୟମ କରି ନ ଥିଲେ। ଏପରି କି ବନ ବିଭାଗ ନିକଟରେ ମଧ୍ୟ ଖବର ନ ଥିଲା। କିନ୍ତୁ ହରିଜନ ସାହିର ୭ ଜଣ ନାବାଳିକା ନନ୍ଦିନୀ ନାଏକ, ଜନନୀ ନାଏକ, ରାଣୀ ନାଏକ, ଲକ୍ଷ୍ମୀ ନାଏକ, ରିନା ନାଏକ, ଅଞ୍ଜଳି ନାଏକ ଏବଂ ରିମା ନାଏକ ଏହା ଜାଣି ଗାଁ ପାଖ ଜଙ୍ଗଲକୁ ଯାଇ ତାଳପତ୍ର ସାହାଯ୍ୟରେ ତଳେ ପଡିଥିବା ଶୁଖିଲା ପତ୍ରକୁ ନିଆଁ ପାଖରୁ ଅଲଗା କରିଦେଇଥିଲେ। ଏଥିସହ ନିଆଁକୁ ଗଛ ଡାଳରେ ପିଟି ପିଟି ଲିଭାଇ ଦେଇଥିଲେ। ପିଲାମାନଙ୍କ ଏପରି କାର୍ଯ୍ୟ ସମ୍ପର୍କରେ ଜାଣିବା ପରେ ଗ୍ରାମବାସୀ ସେମାନଙ୍କ ସାହସିକତାକୁ ପ୍ରଶଂସା କରିଛନ୍ତି। ପେଚାମୁଣ୍ଡି ସରପଞ୍ଚ ରମେଶ ପ୍ରଧାନ ସମ୍ପୃକ୍ତ ପିଲାମାନଙ୍କୁ ଭେଟିବା ସହିତ ସମ୍ମାନିତ କରିଛନ୍ତି। ଏ ସମ୍ପର୍କରେ ଜମର ଫରେଷ୍ଟର ସୁଧାଂଶୁ ବେହେରା କହିଛନ୍ତି, ଏହି କାର୍ଯ୍ୟ କରିଥିବା ଅଞ୍ଚଳର ନାବାଳିକାମାନଙ୍କୁ ସାଧୁବାଦ ଜଣାଉଛି। ଆଗାମୀ ଦିନରେ ବିଭାଗ ପକ୍ଷରୁ ସେମାନଙ୍କୁ ଉତ୍ସାହିତ କରାଯିବା ସହିତ ପ୍ରଶିକ୍ଷଣ ପ୍ରଦାନ କରାଯିବ।

# ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସରେ ବିଶ୍ୱସ୍ତରୀୟ କ୍ରିକେଟ କୋଚିଂ

## ରବି ଶାସ୍ତ୍ରୀଙ୍କ କୋଚିଂ ବିୟଣ୍ଡ କ୍ରିକେଟ ଏକାଡେମୀ ସହ ଏମ୍‌ଓୟୁ

## ଖେଳାଳିଙ୍କ ସହ କୋଚ୍‌ଙ୍କୁ ମଧ୍ୟ ଏଜୁକେଟ କରାଯିବ: ଶ୍ରୀଧର

ଭୁବନେଶ୍ୱର, ୧୯।୩
(ତପନ ସ୍ୱାଇଁ)

ଓଡ଼ିଶାର ପ୍ରତିଭାସମ୍ପନ୍ନ କ୍ରିକେଟ ଖେଳାଳି ଓ ଅଭିଭାବକଙ୍କ ପାଇଁ ଏକ ଖୁସି ଖବର। ରାଜ୍ୟରେ କ୍ରିକେଟ ପ୍ରତିଭାଙ୍କୁ ମିଳିବ ବିଶ୍ୱସ୍ତରୀୟ କ୍ରିକେଟ କୋଚିଂ। କଟକ ଗୁରୁଡ଼ିଝାଟିଆସ୍ଥିତ କପୁରସିଂଠାରେ ଥିବା ଏମ୍‌ଜିଏମ ସ୍କୁଲ ଅଫ୍ ସ୍ପୋର୍ଟ୍ସରେ ଏହି ସୁବିଧାସୁଯୋଗ ଉପଲବ୍ଧ ହେବାକୁ ଯାଉଛି। ଏଥିପାଇଁ ମଙ୍ଗଳବାର ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ତଥା କୋଚ୍ ରବି ଶାସ୍ତ୍ରୀଙ୍କ କୋଚିଂ ବିୟଣ୍ଡ କ୍ରିକେଟ ଏକାଡେମୀ ସହ ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। କୋଚିଂ ବିୟଣ୍ଡ କ୍ରିକେଟ ଏକାଡେମୀର ମୁଖ୍ୟ ରବି ଶାସ୍ତ୍ରୀ ଓ ଏମ୍‌ଜିଏମ୍ ମିନେରାଲ୍ସର ସିଏମ୍‌ଡି ପଙ୍କଜ ଲୋଚନ ମହାନ୍ତିଙ୍କ ମଧ୍ୟରେ ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଏହାଦ୍ୱାରା ଏମ୍‌ଜିଏମ୍ ପକ୍ଷରୁ ଭିତ୍ତିଭୂମି ଏବଂ ଅନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ଏବଂ କୋଚିଂ ବିୟଣ୍ଡ କ୍ରିକେଟ ପକ୍ଷରୁ ଖେଳାଳି ଚୟନ ସହ ସେମାନଙ୍କୁ ବର୍ଷସାରା କୋଚିଂର ବ୍ୟବସ୍ଥା କରାଯିବ। କିଛି ସମୟ ଲାଗିବ, ମାତ୍ର ଏହାଦ୍ୱାରା ଓଡ଼ିଶାରୁ ନିକଟ ଭବିଷ୍ୟତରେ ନିଶ୍ଚିତ ବହୁ କ୍ରିକେଟ ପ୍ରତିଭା ଆଗକୁ ବଢ଼ିବେ ବୋଲି ରବି ଶାସ୍ତ୍ରୀ ପ୍ରକାଶ କରିଛନ୍ତି।

ରବି ଶାସ୍ତ୍ରୀଙ୍କ ଦ୍ୱାରା ପ୍ରତିଷ୍ଠିତ କୋଚିଂ ବିୟଣ୍ଡ କ୍ରିକେଟ ହେଉଛି ଏକ ପ୍ରିମିୟର କ୍ରିକେଟ କୋଚିଂ ଅନୁଷ୍ଠାନ। ଏଥିରେ ନିଜେ ଶାସ୍ତ୍ରୀଙ୍କ ବ୍ୟତୀତ ଭାରତୀୟ କ୍ରିକେଟ ଦଳର ପୂର୍ବତନ ବୋଲିଂ କୋଚ୍ ଭରତ ଅରୁଣ, ଫିଲ୍ଡିଂ କୋଚ୍ ଆର୍. ଶ୍ରୀଧର ପ୍ରମୁଖ ଅନେକ ପ୍ରତିଷ୍ଠିତ କୋଚ୍ କୋଚିଂ ପ୍ରଦାନ କରୁଛନ୍ତି। ଚେନ୍ନାଇ ଓ ହାଇଦ୍ରାବାଦ ପରେ ଏହି ଅନୁଷ୍ଠାନ ଓଡ଼ିଶାରେ ଏମ୍‌ଜିଏମ ସହ ପାର୍ଟନରଶିପ୍‌ରେ କ୍ରିକେଟ ପ୍ରତିଭାଙ୍କୁ ଉନ୍ନତ ପ୍ରଶିକ୍ଷଣ ଦେବାକୁ ଯାଉଛି। ଏମ୍‌ଓୟୁ ଅବସରରେ ଶାସ୍ତ୍ରୀ ଓଡ଼ିଶାରେ ପରିବର୍ଦ୍ଧିତ କ୍ରୀଡ଼ା ଭିତ୍ତିଭୂମି ଓ ମିଳୁଥିବା ସୁବିଧା ସୁଯୋଗକୁ ଉଚ୍ଚ ପ୍ରଶଂସା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିଗତ ଆଗ୍ରହ ଯୋଗୁ ଏଠାରେ କିପରି ସବୁ କ୍ରୀଡ଼ାର ବିଶ୍ୱସ୍ତରୀୟ ଭିତ୍ତିଭୂମି ଏବଂ କ୍ରୀଡ଼ା ପ୍ରତିଯୋଗିତା ସମ୍ଭବ ହୋଇପାରିଛି ତା' ଉପରେ ମତ ରଖିଥିଲେ। ନିଜ ବକ୍ତବ୍ୟ ପ୍ରାରମ୍ଭରେ ଐତିହାସିକ ବାରବାଟୀ ଷ୍ଟାଡିୟମକୁ ମନେପକାଇଥିଲେ ଶାସ୍ତ୍ରୀ। ୪୦ ବର୍ଷ ପୂର୍ବେ ବାରବାଟୀରେ ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଖେଳା ଯାଇଥିଲା ଏବଂ ସେଥିରେ ସେ ସାମିଲ ଥିଲେ ବୋଲି ପ୍ରକାଶ କରିଥିଲେ। କୋଚିଂ ବିୟଣ୍ଡ କ୍ରିକେଟ ପକ୍ଷରୁ କେବଳ ଖେଳାଳିଙ୍କୁ କ୍ରିକେଟ ପ୍ରଶିକ୍ଷଣ ଦିଆଯାଇ ନ ଥାଏ, ଜଣେ ଖେଳାଳିର ସାମଗ୍ରିକ ବିକାଶକୁ ଦୃଷ୍ଟି ଦେଇଥାଏ ବୋଲି ଶାସ୍ତ୍ରୀ କହିଛନ୍ତି। ଏହି ଅସରରେ ସେ ଏମ୍‌ଜିଏମ୍‌ର ମୁଖ୍ୟ ପଙ୍କଜ ଲୋଚନ ମହାନ୍ତିଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ବ୍ୟକ୍ତିଗତ ପ୍ରଚେଷ୍ଟାରେ ଓଡ଼ିଶାରେ ଏପରି ଅନ୍ତର୍ଜାତୀୟ ସ୍ତରର କ୍ରିକେଟ ଭିତ୍ତିଭୂମି ଉପଲବ୍ଧ କରାଇବା ଛୋଟକଥା ନୁହେଁ। ଏହାଦ୍ୱାରା ଓଡ଼ିଶା ଏବଂ ରାଜ୍ୟ ବାହାରର ପିଲାମାନେ ମଧ୍ୟ ଉପକୃତ ହୋଇପାରିବେ। ଧୈର୍ଯ୍ୟ ଧରିବାକୁ ପଡ଼ିବ। ଏଠାରୁ ଦେବାଶିଷ ମହାନ୍ତି ଓ ଶିବ ସୁନ୍ଦର ଦାସଙ୍କ ପରି ଖେଳାଳି ଅନ୍ତର୍ଜାତୀୟ ସ୍ତରରେ ବେଶ୍ ପ୍ରତିଷ୍ଠା ଅର୍ଜନ କରିଛନ୍ତି। ଏପରି ଖେଳାଳି ଏଠାରୁ ବାହାର କରିବା ଦିଗରେ କୋଚିଂ ବିୟଣ୍ଡ କ୍ରିକେଟ କାର୍ଯ୍ୟ କରିବ ବୋଲି ସେ କହିଛନ୍ତି।

ଆର୍. ଶ୍ରୀଧର କୋଚିଂ ବିୟଣ୍ଡ କ୍ରିକେଟର ପ୍ରଶିକ୍ଷଣ କାର୍ଯ୍ୟାବଳୀ ସମ୍ପର୍କରେ ଅବତାରଣା କରିଥିଲେ। ଏଥିରେ ସବୁ ପିଲାଙ୍କୁ ସମାନ ଧରଣର କୋଚିଂ ଦିଆଯାଇ ନ ଥାଏ। ରାଜ୍ୟରୁ ପାଖାପାଖି ୭୦ରୁ ୮୦ ପ୍ରତିଭାଙ୍କୁ ଅନ୍ୱେଷଣ କରାଯିବ। ସେମାନଙ୍କୁ ଟ୍ରେନିଂ ସହ ମ୍ୟାଚ ଖେଳିବାକୁ ସୁଯୋଗ ଦିଆଯିବ। ପ୍ରତି ପିଲା ଯେପରି ୪ରୁ ୫ ମ୍ୟାଚ ଖେଳିବା ସୁଯୋଗ ପାଇବେ ତାକୁ ଧ୍ୟାନରେ ରଖାଯିବ। ଫିଟ୍‌ନେସ ପ୍ରୋଗ୍ରାମ ମଧ୍ୟ ଅନୁଷ୍ଠିତ ହେବ। ଏଥିରେ କେଉଁ ପିଲା କିପରି ପ୍ରଦର୍ଶନ କରୁଛି ଏବଂ ପ୍ରତିକ୍ରିୟା ପ୍ରକାଶ କରୁଛି ତାକୁ ବିଚାରକୁ ନିଆଯାଇ ପିଲାଙ୍କୁ ଚୟନ କରାଯିବ। ମନୋନୀତ ପିଲାଙ୍କୁ ବର୍ଷ ସାରା ଅତ୍ୟନ୍ତ ଉଚ୍ଚ ପ୍ରଶିକ୍ଷିତ ଏବଂ ସାର୍ଟିଫାଏଡ କୋଚ୍‌ମାନେ ଟ୍ରେନିଂ ଦେବେ। ପିଲାମାନଙ୍କୁ କେବଳ ଯେ କ୍ରିକେଟ ପ୍ରଶିକ୍ଷଣ ଦିଆଯିବ ତା' ନୁହେଁ, କେଉଁ ପିଲାର କେଉଁ ବିଭାଗରେ ଦୁର୍ବଳତା ରହିଛି ତାକୁ ମଧ୍ୟ ନଜରରେ ରଖାଯିବ। କେବଳ ପିଲାମାନଙ୍କୁ ନୁହେଁ ରାଜ୍ୟର କିଛି କୋଚ୍‌ଙ୍କୁ ମଧ୍ୟ ଏଜୁକେଟ କରାଯିବାକୁ ବ୍ୟବସ୍ଥା କରାଯିବ। କାରଣ କୋଚ୍‌ମାନେ ଏଜୁକେଟ ହେଲେ ଯାଇ ପିଲାମାନଙ୍କୁ ଉନ୍ନତ ପ୍ରଶିକ୍ଷଣ ଦେଇପାରିବେ। ମୋଟାମୋଟି କହିବାକୁ ଗଲେ ଜଣେ ଖେଳାଳିର ଯେପରି ସାମଗ୍ରିକ ବିକାଶ ହୋଇପାରିବ ତା' ଉପରେ ଧ୍ୟାନ ରଖାଯିବ ବୋଲି ଶ୍ରୀଧର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ କ୍ରିକେଟ ଦଳର ପୂର୍ବତନ ଖେଳାଳି ଭେଙ୍କଟପତି ରାଜୁ ଓ ଏମ୍‌ଜିଏମ୍ ଗ୍ରୁପ୍‌ର ନିର୍ଦ୍ଦେଶକ ସିଦ୍ଧାର୍ଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଏମ୍‌ଓୟୁ ସ୍ୱାକ୍ଷର ଅବସରରେ (ବାମରୁ) ଭେଙ୍କଟପତି ରାଜୁ, ଆର୍. ଶ୍ରୀଧର, ରବି ଶାସ୍ତ୍ରୀ, ପଙ୍କଜ ଲୋଚନ ମହାନ୍ତି ଓ ସିଦ୍ଧାର୍ଥ ମହାନ୍ତି। (ଫଟୋ: ବିକାଶ ନାୟକ)

## ଏହା ଏକ ଏକ୍ସିଲେନ୍ସି ସେଣ୍ଟର ହେବ: ପଙ୍କଜ

ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସ ଏକ ଏକ୍ସିଲେନ୍ସି ସେଣ୍ଟର ଭାବେ କାର୍ଯ୍ୟ କରିବ। ରାଜ୍ୟ ସରକାର ଓ ଓସିଏ ଏକାଡେମୀ ହେଉଛି ଫିଡିଂ ବା ବେସିକ୍ ସେଣ୍ଟର। ଏଥିରୁ ବହୁ ପିଲା ଉପକୃତ ହେବେ ଏଥିରେ ଦ୍ୱିମତ ନାହିଁ, ମାତ୍ର ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସକୁ ଏକ ଫିନିଶିଂ ସେଣ୍ଟର କୁହାଯାଇପାରିବ। ଏଠାରେ ପିଲାମାନଙ୍କର ରହିବାଠାରୁ ଆରମ୍ଭ କରି କୋଚିଂ ଏବଂ ଅନ୍ୟ ଦିଗ ଉପରେ ମଧ୍ୟ ଦୃଷ୍ଟି ଦିଆଯିବ। ଓସିଏକୁ ସପୋର୍ଟ ଯୋଗାଇ ଦେବା ଆମର ଉଦ୍ଦେଶ୍ୟ ଏବଂ ଏଥିରେ ପିଲାମାନେ ୱାନ୍ ଟୁ ୱାନ୍ କୋଚିଂ ପାଇପାରିବେ, ଯାହାକି ଅନ୍ୟ ଏକାଡେମୀରେ ଅସମ୍ଭବ। ଆମେ ଏଥିରେ ୫୦ ପିଲାଙ୍କୁ ଆବାସିକ ଏବଂ ୫୦ ପିଲାଙ୍କୁ ଡେ' ବୋର୍ଡିଂ ଭାବରେ ନେବୁ। ଆବାସିକ ପିଲାଙ୍କ ପାଇଁ ମାସକୁ ୧୦,୦୦୦ ଓ ଡେ' ବୋର୍ଡିଂ ପାଇଁ ୨,୫୦୦ରୁ ୩,୦୦୦ଟଙ୍କା ପର୍ଯ୍ୟନ୍ତ ନିଆଯିବ, ଯାହାକି ଅନ୍ୟ ରାଜ୍ୟ ତୁଳନାରେ ବହୁତ କମ୍। ୧୬ରୁ ୧୯ ବର୍ଷର ପିଲାଙ୍କୁ ମୁଖ୍ୟତଃ ଏଥିପାଇଁ ଚୟନ କରାଯିବ। ଟ୍ରେନିଂ ପାଇଁ ମନୋନୀତ ଖେଳାଳିଙ୍କ ମଧ୍ୟରେ ଯେପରି ରାଜ୍ୟର ୮୦ ପ୍ରତିଶତ ପିଲା ସୁଯୋଗ ପାଇପାରବେ ତା' ଉପରେ ଧ୍ୟାନ ଦିଆଯିବ। ପ୍ରଦର୍ଶନ ଭିତ୍ତିରେ କେଉଁ ପିଲା କେତେଦିନ ଏହି ଅନୁଷ୍ଠାନରେ ଟ୍ରେନିଂ ନେବେ ତାହା ନିର୍ଦ୍ଧାରଣ ହେବ। ଦେଶର ଅଭିଜ୍ଞ କୋଚ୍‌ଙ୍କ ଦ୍ୱାରା କୋଚିଂ ବିୟଣ୍ଡ କ୍ରିକେଟ ପରିଚାଳିତ ହେଉଥିବାରୁ ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସରେ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ମିଳିପାରିବ। ଏହାଦ୍ୱାରା ରାଜ୍ୟର କ୍ରିକେଟ ପ୍ରତିଭାମାନେ ନିଶ୍ଚିତ ଉପକୃତ ହୋଇପାରିବେ ବୋଲି ଏମ୍‌ଜିଏମ୍ ମିନେରାଲ୍ସର ସିଏମ୍‌ଡି ପଙ୍କଜ ଲୋଚନ ମହାନ୍ତି ପ୍ରକାଶ କରିଛନ୍ତି। ଏପ୍ରିଲ ୧୪ରୁ ଏହି ଅନୁଷ୍ଠାନ କାର୍ଯ୍ୟ ଆରମ୍ଭ କରିବ ବୋଲି ସେ ସୂଚନା ଦେଇଛନ୍ତି।

ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସ ଓଡ଼ିଶାରେ କ୍ରିକେଟ ପରିବ୍ୟବସ୍ଥାରେ ବୃଦ୍ଧି ଘଟାଇବ ଏବଂ ସଫଳ କ୍ରିକେଟ ଖେଳାଳି ସୃଷ୍ଟି ଦିଗରେ ପ୍ରୟାସ କରିବ। ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ଓ ଅନ୍ୟ ଖ୍ୟାତିସମ୍ପନ୍ନ କୋଚିଂ ସେଣ୍ଟର ଢାଞ୍ଚାରେ ଏହା ଏକ ଫିଡର ଅର୍ଗାନାଇଜେଶନ ଭାବେ କାର୍ଯ୍ୟ କରିବ। ଆବାସିକ ସୁବିଧା, ଅନ୍ତର୍ଜାତୀୟ ମାନର କ୍ରିକେଟ ପଡ଼ିଆ, ଟର୍ଫ, ଆଷ୍ଟ୍ରୋଟର୍ଫ ଏବଂ ମ୍ୟାଟିଂ ପିଚ୍, ଏକ ୬ ଲେନ୍ ଇନ୍‌ଡୋର ଆରେନା, ସମସ୍ତ ସରଞ୍ଜାମ ଥିବା ଜିମ୍ନାସିୟମ, ସୁଇମିଂ ପୁଲ୍, ଫିଜିଓଥେରାପି ଏବଂ ରିକଭରି ସେଣ୍ଟର, ମୋଟିଭେଶନ ହଲ୍, ପୁନର୍ବାସ କେନ୍ଦ୍ର, ବିଚ୍ ଭଲିବଲ କୋର୍ଟ, ବାସ୍କେଟବଲ କୋର୍ଟ ଆଦି ଅତ୍ୟାଧୁନିକ ଭିତ୍ତିଭୂମି ଏହି ସ୍କୁଲରେ ରହିଛି। ଏହି ଅନୁଷ୍ଠାନ ପିଲାମାନଙ୍କୁ ସେମାନଙ୍କ ଲକ୍ଷ୍ୟ ପୂରଣ ଦିଗରେ ସହାୟକ ହୋଇପାରିବ ବୋଲି ପଙ୍କଜ କହିଛନ୍ତି। କୋଚିଂ ବିୟଣ୍ଡ କ୍ରିକେଟର ବିଶିଷ୍ଟ କୋଚ୍‌ମାନଙ୍କ ସହିତ ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସ ପୂର୍ବତନ ଭାରତୀୟ କ୍ରିକେଟ ତାରକା ତଥା ସ୍ପିନ୍ ବୋଲର ଭେଙ୍କଟପତି ରାଜୁଙ୍କୁ ଏହାର ପରାମର୍ଶଦାତା କୋଚ୍ ଭାବେ ଚୁକ୍ତିବଦ୍ଧ କରିଛି। ଫଳରେ ପ୍ରଶିକ୍ଷଣ ନେବାକୁଥିବା ପିଲାମାନେ ଉନ୍ନତ ମାନର ସ୍ପିନ୍ ବୋଲିଂ କୋଚିଂ ପାଇପାରିବେ।

# କିଶୋର କ୍ଲବ୍, କିଟ୍ ଓ କିସ୍ ବିଜୟୀ


କିଟ୍ ଓ କିସ୍ ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେଶନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ଖେଲୋ ଇଣ୍ଡିଆ ମହିଳା ଫୁଟ୍‌ବଲ ଲିଗ୍

ଭୁବନେଶ୍ୱର, ୧୯।୩
(ସରୋଜ ଜେନା)

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଓ ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ମିଳିତ ଭାବରେ ଆରମ୍ଭ ହୋଇଥିବା ଖେଲୋ ଇଣ୍ଡିଆ ୧୭ ବର୍ଷରୁ କମ୍ ମହିଳା ଫୁଟବଲ ଲିଗ୍‌ରେ ମଙ୍ଗଳବାର କିଶୋର କ୍ଲବ ଓ କିଟ୍ ଓ କିସ୍ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚରେ କିଶୋର କ୍ଲବ ୬-୦ ଗୋଲ୍‌ରେ କାଜି ବଜାର ବାଳିକା ଉଚ୍ଚ ବିଦ୍ୟାଳୟକୁ ପରାସ୍ତ କରିଛି। ଅନ୍ୟ ପକ୍ଷରେ କିଟ୍ ଓ କିସ୍ ୩-୦ ଗୋଲ୍‌ରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌କୁ ପରାସ୍ତ କରିଛି। ପ୍ରଥମ ମ୍ୟାଚ୍‌ରେ କିଶୋର କ୍ଲବ ପକ୍ଷରୁ ସଞ୍ଜନା ମାଝୀ (୭ ଓ ୫୭) ଡବଲ୍ ଗୋଲ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସସ୍ମିତା ଶୁଣ୍ଡି(୨), ତୁଳସୀ ମୁନାରି(୧୫), କାଜଲ ରାଉତ(୧୭) ଓ ଆଫରିନ୍ ମିର୍ଜା ବେଗମ(୩୯) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ କିଟ୍ ଓ କିସ୍ ୩-୦ରେ ବିଜୟୀ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ହେମବତୀ ହୋ(୧୯ ଓ ୫୧)ମିନିଟରେ ଦୁଇଟି ଗୋଲ ଦେଇଥିବା ବେଳେ ୩୮ ତମ ମିନିଟରେ ସୋନାଲି ଓରାମ ଅନ୍ୟ ଗୋଲଟି ଦେଇଥିଲେ।

## ଆଇପିଏଲ୍‌ରେ ସ୍ମାର୍ଟ ରିପ୍ଲେ ସିଷ୍ଟମ

ମୁମ୍ବାଇ, ୧୯।୩ (ପି.ଟି.): ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଆଗାମି ସଂସ୍କରଣରେ ଶୀଘ୍ର ଓ ନିର୍ଭୁଲ ନିଷ୍ପତ୍ତି ପାଇଁ ଏକ ସ୍ମାର୍ଟ ରିପ୍ଲେ ସିଷ୍ଟମର ବ୍ୟବହାର କରାଯିବ। ସମାନ ପ୍ରକୋଷ୍ଠରେ ବସି ରହିଥିବା ଟିଭି ଅମ୍ପାୟର ହକ୍-ଆଇ ସିଷ୍ଟମର ଦୁଇ ଅପରେଟରଙ୍କଠାରୁ ସିଧାସଳଖ ଇନ୍‌ପୁଟ ପାଇବେ। ପଡ଼ିଆ ସାରା ଖଞ୍ଜା ଯାଇଥିବା ୮ଟି ହାଇ-ସ୍ପିଡ୍ କ୍ୟାମେରା ଜରିଆରେ ସେମାନେ ଚିତ୍ର ଉତ୍ତୋଳନ କରିବେ। ନୂଆ ସିଷ୍ଟମରେ ଟିଭି ବ୍ରଡକାଷ୍ଟ ଡାଇରେକ୍ଟରଙ୍କ ଭୂମିକା ଗୌଣ ହୋଇଯିବ। ସେ ଅମ୍ପାୟର ଓ ହକ୍-ଆଇ ଅପରେଟରଙ୍କ ମଧ୍ୟରେ ବାହକ ଭାବେ କାର୍ଯ୍ୟ କରିବେ। ନୂଆ ସିଷ୍ଟମ ଦ୍ୱାରା ପୂର୍ବ ତୁଳନାରେ ବିଭିନ୍ନ କୋଣରୁ ଅଧିକ ସ୍ପଷ୍ଟ ଭିଜୁଆଲ ସଂଗୃହୀତ ହୋଇପାରିବ। ଏହା ଟିଭି ଅମ୍ପାୟରଙ୍କ ପାଇଁ ବିଶେଷ ସହାୟକ ହେବ। ଏହାଦ୍ୱାରା ବାଉଣ୍ଡାରୀ ଦଉଡ଼ି ନିକଟରେ କ୍ୟାଚ୍, କଟ୍ ବିହାଇଣ୍ଡ, ଲେଗ୍ ବିଫୋର, ଷ୍ଟମ୍ପିଂ ଏପରିକି ନିଚା କ୍ୟାଚଗୁଡ଼ିକ ସମ୍ପର୍କରେ ନିର୍ଭୁଲ ନିଷ୍ପତ୍ତି ନେଇ ହେବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ନିକଟରେ ଅମ୍ପାୟର ମନୋନୟନ ପାଇଁ ଏକ ଦୁଇ ଦିନିଆ କର୍ମଶାଳା ଆୟୋଜିତ ହୋଇଥିଲା। ଆଇପିଏଲ୍‌ରେ ସ୍ମାର୍ଟ ରିପ୍ଲେ ସିଷ୍ଟମ ସହ କାର୍ଯ୍ୟ କରିବା ଲାଗି ତନ୍ମଧ୍ୟରୁ ୧୫ଜଣ ଉଭୟ ଭାରତୀୟ ଓ ବିଦେଶୀଙ୍କୁ ମନୋନୀତ କରାଯାଇଛି। ଦି ହଣ୍ଡ୍ରେଡ୍ ଲିଗ୍‌ରେ ଏହି ଭଳି ଏକ ରେଫରାଲ ସିଷ୍ଟମକୁ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ ଇତିମଧ୍ୟରେ ପରୀକ୍ଷାମୂଳକ ଭାବେ ବ୍ୟବହାର କରିଛି।

# ପଦାର୍ପଣରେ ନାଗାଲଙ୍କ ବିଜୟ

## ମାୟାମି ଓପନ ଟେନିସ୍


ବିଜୟ ପରେ ଉଲ୍ଲସିତ ସୁମିତ ନାଗାଲ।

ନୂଆଦିଲ୍ଲୀ, ୧୯।୩ (ପି.ଟି.)

ଭାରତୀୟ ଟେନିସ ଖେଳାଳି ସୁମିତ ନାଗାଲ ଏଠାରେ ଚାଲିଥିବା ମାୟାମି ଓପନ ଟେନିସ ଟୁର୍ନାମେଣ୍ଟରେ ତାଙ୍କ ପଦାର୍ପଣ ମ୍ୟାଚରେ ବିଜୟ ହାସଲ କରିଛନ୍ତି। ୨୬ ବର୍ଷୀୟ ଖେଳାଳି ପ୍ରଥମ ରାଉଣ୍ଡ କ୍ୱାଲିଫାୟରରେ ୬.୮ ଇଞ୍ଚ ଉଚ୍ଚତା ବିଶିଷ୍ଟ କାନାଡାର ଗାବ୍ରିଲ୍ ଡିଆଲୋଙ୍କୁ ୭-୬ (୩), ୬-୨ରେ ହରାଇ ଦେଇଛନ୍ତି। ଗତ ମାସରେ ଚେନ୍ନାଇ ଓପନ ଜିତିବା ପରେ ବିଶ୍ୱର ଟପ୍ ୧୦୦ରେ ପ୍ରବେଶ କରିଥିବା ନାଗାଲ ପରବର୍ତ୍ତୀ ରାଉଣ୍ଡରେ କୋଲିମାନ ଓଙ୍ଗଙ୍କୁ ଭେଟିବେ। ଏଠାରେ ଏହି ବିଜୟ ଦ୍ୱାରା ନାଗାଲ କ୍ୟାରିୟରର ଶ୍ରେଷ୍ଠ ର୍‍ୟାଙ୍କିଂ ୯୨ତମ ସ୍ଥାନ ଅଧିକାର କରିପାରନ୍ତି। ନାଗାଲ ଇଣ୍ଡିଆନ ୱେଲ୍ସରେ ଗତ ଟୁର୍ନାମେଣ୍ଟରେ ମିଲୋସ ରାଓନିକ୍‌ଙ୍କଠାରୁ ହାରିଯାଇଥିଲେ। ରାଫାଲ ନାଡାଲ ଶେଷ ମୁହୂର୍ତ୍ତରେ ଓହରିଯିବା ପରେ ନାଗାଲ ମୁଖ୍ୟ ଡ୍ର ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ନାଗାଲ ଜାନୁଆରୀରେ ଅଷ୍ଟ୍ରେଲିଆନ ଓପନ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିବା ପରେ ଏଟିପି ର୍‍ୟାଙ୍କିଂର ଟପ୍ ୧୦୦ରେ ପ୍ରବେଶ କରିଥିଲେ।

# ଚାମ୍ପିୟନ୍ସ ଟ୍ରଫି ଆୟୋଜନ ନେଇ ପାକିସ୍ତାନ ଦୃଢ଼ପରିକର

କରାଚୀ, ୧୯।୩ (ପି.ଟି.)

ପାକିସ୍ତାନରେ ହେବାକୁଥିବା ଚାମ୍ପିୟନ୍ସ ଟ୍ରଫିରେ ଭାରତର ଅଂଶଗ୍ରହଣ ନେଇ ଅନିଶ୍ଚିତତା ରହିଥିବାରୁ ଦେଶ ବାହାରେ ଇଭେଣ୍ଟ ଆୟୋଜନ ସମ୍ଭାବନା ଦେଖା ଦେଇଛି। ଏପରି ସ୍ଥଳେ ଏକଥା ଚିନ୍ତା କରାଯାଇ ନାହିଁ ବୋଲି ଆୟୋଜକ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମୁଖ୍ୟ ମହସିନ ନକ୍‌ଭି ପ୍ରକାଶ କରିଛନ୍ତି। ପିଏସ୍‌ଏଲ୍ ଫାଇନାଲ ବେଳେ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଗତ ସପ୍ତାହରେ ଦୁବାଇରେ ଆଇସିସି ବୈଠକ ସମୟରେ ତାଙ୍କର ବିସିସିଆଇ ସମ୍ପାଦକ ଜୟ ଶାହାଙ୍କ ସହ ବ୍ୟକ୍ତିଗତ ଆଲୋଚନା ହୋଇଥିଲା। ହେଲେ ଏଥିରେ କ'ଣ ସମୟ ଆଲୋଚନା ହୋଇଥିଲା, ସେ ସମ୍ପର୍କରେ କୌଣସି ସୂଚନା ସେ ଦେଇ ନ ଥିଲେ।

# ଜାତୀୟ ହୁଇଲ୍ ଚେୟାର ଫେନ୍‌ସିଂ: ଓଡ଼ିଶାର ୧୭ ଜଣିଆ ଦଳ

ଭୁବନେଶ୍ୱର, ୧୯।୩
(ସରୋଜ ଜେନା)

ତାମିଲନାଡୁର କୋଏମ୍ବାଟୋରରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ହୁଇଲ୍ ଚେୟାର ଫେନ୍‌ସିଂ ଟୁର୍ନାମେଣ୍ଟ ପାଇଁ ୧୭ ଜଣିଆ ଓଡ଼ିଶା ଦଳ ଅଂଶଗ୍ରହଣ କରିବ। କେପିଆର ଇନଷ୍ଟିଚ୍ୟୁଟ୍ ଅଫ ଇଞ୍ଜିନିୟରିଂ ଓ ଟେକ୍ନୋଲୋଜିରେ ଆସନ୍ତା ୨୦-୨୪ ମଧ୍ୟରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଓଡ଼ିଶା ଦଳରେ ୧୩ ଜଣ ଖେଳାଳିଙ୍କ ସହ ଦୁଇ ଜଣ କୋଚ୍, ଜଣେ ମ୍ୟାନେଜର ଓ ଅଧକ୍ଷା ସାମିଲ ରହିବେ। ଖେଳାଳିଙ୍କ ମଧ୍ୟରେ ୭ ଜଣ ପୁରୁଷ ଓ ୬ ଜଣ ମହିଳା ଖେଳାଳି ରହିଛନ୍ତି। ଓଡ଼ିଶା ଦଳ: ପୁରୁଷ- ଭି. ରମେଶ ରାଓ, ରାଖାଲ କୁମାର ସେଠୀ, ପବିତ୍ର ସାହୁ, ରାଜେଶ ସାହୁ, ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ, ନିକୁ ପ୍ରଧାନ, ଓମ୍ ପ୍ରକାଶ ବେହେରା। ମହିଳା- ମାଲତୀ ପାନୁରେ, ଶୀଲା ମନ୍ତ୍ରୀ, କରିମୁନ ନିଶା, ସୁପ୍ରିୟା ବିଶ୍ୱାସ, ପୂଜାସ୍ୱିନୀ ନାୟକ, ଆଶା ସିଂ। କୋଚ୍- ପ୍ରଭାକର ବେହେରା, ବଙ୍କିମ ଚନ୍ଦ୍ର ମହାନ୍ତି, ମ୍ୟାନେଜର- ପ୍ରଶାନ୍ତ କୁମାର ବେହେରା, ଅଧକ୍ଷା-ବେଲା ଜୟସ୍ୱାଲ।


ଓଡ଼ିଶା ହୁଇଲ୍ ଚେୟାର ଫେନ୍‌ସିଂ ଦଳ।

# ବଳାତ୍କାର ଅଭିଯୋଗରେ ୪ ଫୁଟ୍‌ବଲର ଗିରଫ

ବ୍ୟୁନୋସ ଏୟାର୍ସ, ୧୯।୩ (ପି.ଟି.)



ସେବାଷ୍ଟିଆନ୍ ସୋସା

ବଳାତ୍କାର ଅଭିଯୋଗରେ ଆର୍ଜେଣ୍ଟିନାର ୪ ଜଣ କ୍ଲବ ଫୁଟ୍‌ବଲରଙ୍କୁ ଗିରଫ କରାଯାଇଛି। ଭେଲେଜ ସାର୍ସଫିଲ୍ଡ କ୍ଲବର ୪ ଜଣ ଖେଳାଳିଙ୍କ ନାମରେ ଜଣେ ମହିଳା ବଳାତ୍କାର ଅଭିଯୋଗ ଆଣିଥିଲେ। ସୋମବାର ଏହି ଖେଳାଳିମାନଙ୍କୁ ପୋଲିସ ଗିରଫ କରିଛି। ମାମଲାର ତଦନ୍ତ ଜାରି ରହିଥିବା ବେଳେ ମାର୍ଚ୍ଚ ୮ ତାରିଖରେ କ୍ଲବ ପକ୍ଷରୁ ଗୋଲକିପର ସେବାଷ୍ଟିଆନ୍ ସୋସା, ଡିଫେଣ୍ଡର ବ୍ରାୟାନ କଫ୍ରେ, ମିଡ୍‌ଫିଲ୍ଡର ଜୋଶ ଇଗ୍ନାସିଓ ଫ୍ଲୋରେଣ୍ଟିନ ଓ ଷ୍ଟ୍ରାଇକର ଆବିଏଲ ଓସୋରିଓଙ୍କୁ ବାସନ୍ଦ କରାଯାଇଥିଲା। ବ୍ୟୁନୋସ ଏୟାର୍ସରୁ ୧୨୦୦ କିମି ଦୂରରେ ଅବସ୍ଥିତ ଟୁକୁମାନ ସହରର ଜଣେ ମହିଳା ଏହି ଅଭିଯୋଗ କରିଥିଲେ। ଭେଲେଜ ସାର୍ସଫିଲ୍ଡ ଏହି ସହରରେ ଆଟଲେଟିକୋ ଟୁକୁମାନ ବିପକ୍ଷରେ ଖେଳିଥିଲା। ମହିଳାଙ୍କ ଅଭିଯୋଗ ଅନୁସାରେ ସେ ମାର୍ଚ୍ଚ ୩ ତାରିଖରେ କ୍ଲବର ଖେଳାଳିଙ୍କ ସହ ବାହାରକୁ ଯାଇଥିଲେ। ସେଠାରେ ସମସ୍ତେ ମଦ୍ୟପାନ ମଧ୍ୟ କରିଥିଲେ। ନିଶାସକ୍ତ ଅବସ୍ଥାରେ ତାଙ୍କ ସହିତ ବଳାତ୍କାର କରାଯାଇଥିବା ଅଭିଯୋଗ ଆଣିଛନ୍ତି। ମହିଳାଙ୍କ ଓକିଲ କରିଥିବା ଅଭିଯୋଗ ଅନୁସାରେ ଗୋଲକିପର ସେବାଷ୍ଟିଆନ୍ ସୋସା ମହିଳା ଖେଳାଳିଙ୍କୁ ହୋଟେଲକୁ ଆମନ୍ତ୍ରଣ କରିଥିଲେ। ତେବେ ସୋସା ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଆର୍ଜେଣ୍ଟିନା ଇତିହାସରେ ଭେଲେଜ ଏକ ଐତିହାସିକ କ୍ଲବ୍। ୧୦ ଥର ଜାତୀୟ ଟାଇଟଲ ଜିତିବା ସହ ୧୯୯୪ରେ କୋପା ଲିବର୍ଟାଡୋର୍ସ ଟ୍ରଫି ମଧ୍ୟ ଜିତିଥିଲା। ଗିରଫ ହୋଇଥିବା ୪ ଫୁଟ୍‌ବଲରଙ୍କ କଣ୍ଟ୍ରାକ୍ଟକୁ ସସ୍‌ପେଣ୍ଡ କରାଯାଇଥିବା କ୍ଲବ ସୂଚନା ଦେଇଛି।

## ନଳିତା ଚାଷ



ନଳିତା ମାର୍ଚ୍ଚ ଶେଷରୁ ଆରମ୍ଭକରି ଏପ୍ରିଲ ଶେଷ ପର୍ଯ୍ୟନ୍ତ ବୁଣାଯାଇଥାଏ। ଜେଆର୍‌ଓ-୫୨୪(ନବୀନ) କିସମ ମଧୁର ନଳିତା ଆମ ରାଜ୍ୟ ପାଇଁ ଅନୁମୋଦିତ କିସମ। ଏହା ୧୩୦ରୁ ୧୪୦ ଦିନ ମଧ୍ୟରେ ଅମଳ ହୁଏ ଓ ଏହାର ହଳଦିଆ ଅଷ୍ଟପଦୀ ପୋକ ସହଣୀ ଶକ୍ତି ଅଛି। ଏହି କିସମର ତନ୍ତୁର ମାନ ଉନ୍ନତ ଓ ଏଥରୁ ତନ୍ତୁ ବାହାରକରିବା ମଧ୍ୟ ଖୁବ୍ ସହଜ। ଫସଲରେ କାଣ୍ଡଶଢ଼ା ଓକ ମୂଳଶଢ଼ା ରୋଗ ନ ହେବା ଲାଗି ପ୍ରତିଷେଧକ ସ୍ୱରୂପ ବିହନ ବିଶୋଧନ ନିତାନ୍ତ ଆବଶ୍ୟକ। ଜମିକୁ ଭଲଭାବେ ଗୁଣ୍ଡଚାଷକରି ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୫ଗାଡ଼ି ଗୋବରଖତ ଚାଷ ବେଳେ ପ୍ରୟୋଗ କରନ୍ତୁ। ଶେଷ ଓଡ଼ ଚାଷରେ ଏକର ପ୍ରତି ପିତା ନଳିତାରେ ୧୨ କି.ଗ୍ରା. ଯବକ୍ଷାରଜାନ, ୧୨ କି.ଗ୍ରା. ଫସ୍‌ଫରସ ଓ ୧୨କି.ଗ୍ରା. ପଟାସ୍ ଏବଂ ମଧୁର ନଳିତାରେ ୮କି.ଗ୍ରା. ଯବକ୍ଷାରଜାନ,୮କି.ଗ୍ରା . ଫସ୍‌ଫରସ ଓ ୮କି.ଗ୍ରା. ପଟାସ୍ ମୂଳସାର ଆକାରରେ ପ୍ରୟୋଗ କରନ୍ତୁ।

## ଅଧିକ ଅମଳକ୍ଷମ ହଳଦୀ କିସମ



୪ଗୋଟି ଅଧିକ ଅମଳକ୍ଷମ ହଳଦୀ କିସମ-ରୋମା, ସୁରମା, ରଙ୍ଗ, ରଶ୍ମି ନାମରେ ଆମ ରାଜ୍ୟ ପାଇଁ ଉପଯୁକ୍ତ। ୧ଏକର ଜମି ପାଇଁ ୮-୧୦ କୁଇଣ୍ଟାଲ ହଳଦୀ ଦରକାର ହୁଏ। ଏହି ଖଣ୍ଡଗୁଡ଼ିକୁ ୨-୩ଟି ଆଖି ଥାଇ ୨୦ରୁ ୨୫ ଗ୍ରାମ ଓଜନର ହଳଦୀ ମୁଣ୍ଡା ଓ ଏଥିରୁ ବାହାରିଥିବା ପ୍ରଥମ ପୁଆ ବିହନ ଆକାରରେ ଲଗାନ୍ତୁ। ଜମିକୁ ଗୁଣ୍ଡଚାଷକରି ୧ ମିଟର ଓସାର, ୧୫ ସେ.ମି. ଉଚ୍ଚା ଓ ସୁବିଧା ଅନୁସାରେ ଲମ୍ୱା ରଖି ପଟାଳିମାନ କରନ୍ତୁ। ଲଗାଇବା ପୂର୍ବରୁ ପ୍ରତି ୧୦ ଲିଟର ପାଣିରେ ୪୦ ଗ୍ରାମ ମାଙ୍କୋଜେବ୍ ଗୁଣ୍ଡ,୧୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୁଣ୍ଡ ଓ ୫ ମି.ଲି. ମାଲାଥିଅନ୍ ଗୋଳାଇ ଏଥିରେ ପ୍ରାୟ ୫୦ କି.ଗ୍ରା. ହଳଦୀକୁ ବିଶୋଧନ କରନ୍ତୁ। ଏହାପରେ ବିହନକୁ ଛାଇରେ ଶୁଖାନ୍ତୁ। ଶେଷଓଡ଼ ଚାଷ ବେଳେ ଏକର ପ୍ରତି ୧୦ଗାଡ଼ି (୫ଟନ୍) ଓ ହଳଦୀ ଲଗାହେବା ପରେ ସିଆର ଓ ପଟାଳିରେ ୧୦ ଗାଡ଼ି ଗୋବରଖତ ଦିଅନ୍ତୁ। ଏକର ପ୍ରତି ୨୪ କି.ଗ୍ରା. ଯବକ୍ଷାରଜାନ, ୧୨ କି.ଗ୍ରା. ଫସ୍‌ଫରସ୍, ୩୬ କି.ଗ୍ରା. ପଟାସ୍ ୩ଥରରେ ଦିଅନ୍ତୁ। ପ୍ରଥମ ଥର ସମୁଦାୟ ସୁପର ଫସ୍‌ଫେଟ୍ ଓ ଅଧା ମ୍ୟୁରିଏଟ୍ ଅଫ୍ ପଟାସ ଦେଇ ହଳଦୀ ଲଗାନ୍ତୁ।

# ମୃତ୍ତିକା ପରିଚ୍ଛେଦିକା ଓ ଫସଲ ଚାଷ



ପ୍ର. ସୁବୋଧ କୁମାର ସାହୁ

ଭୂପୃଷ୍ଠର ମାଟି ବିଭିନ୍ନ ପରସ୍ତରେ ସ୍ତରୀକୃତ ହୋଇରହିଥାଏ। ସ୍ତରୀକୃତ ମାଟିକୁ ଗଭୀର ସ୍ତର ପର୍ଯ୍ୟନ୍ତ ଖୋଳିଲେ ଶେଷ ସ୍ତରରେ ଭଗ୍ନ ପଥର ଖଣ୍ଡମାନ ଦେଖିବାକୁ ମିଳେ। ଭୂପୃଷ୍ଠରୁ ପଥର ସ୍ତର ପର୍ଯ୍ୟନ୍ତ ଖାତକୁ ମୃତ୍ତିକା ପରିଚ୍ଛେଦିକା କୁହାଯାଏ। ଭୂପୃଷ୍ଠର ପ୍ରତ୍ୟେକ ସ୍ଥାନ ମୃତ୍ତିକା ପରିଚ୍ଛେଦିକା ଦ୍ୱାରା ଆବୃତ। ମୃତ୍ତିକା ପରିଚ୍ଛେଦିକାରେ ଥିବା ସ୍ତରୀକୃତ ମାଟିର ରଙ୍ଗ ତଥା ଭୌତିକ, ରାସାୟନିକ ଏବଂ ଜୈବିକ ଧର୍ମ ପୃଥକ୍ ପୃଥକ୍ ହୋଇଥାଏ। ଧର୍ମ ଏବଂ ଗୁଣମାନଙ୍କୁ ନେଇ ପରିଚ୍ଛେଦିକାକୁ ୪ଗୋଟି ସ୍ତରରେ ବିଭକ୍ତ କରାଯାଇ 'କ', 'ଖ', 'ଗ' ଓ 'ଘ' ନାମରେ ନାମିତ କରାଯାଇଛି। ପ୍ରତ୍ୟେକ ସ୍ତରର ଦୈର୍ଘ୍ୟ ପ୍ରସ୍ଥ ସମାନ ହୋଇ ନ ଥାଏ। ଫସଲ ଉତ୍ପାଦନରେ ପ୍ରତ୍ୟେକ ସ୍ତରର ବିଶେଷତ୍ୱ ଅଛି। ମୃତ୍ତିକା ପରିଚ୍ଛେଦିକା ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ମାଟି ସମ୍ବନ୍ଧରେ ସବିଶେଷ ବିବରଣୀ ଅବଗତ କରିଥାଏ।

ପରିଚ୍ଛେଦିକାର ସବା ଉପର ସ୍ତରର ମାଟିକୁ 'କ' ସ୍ତରରେ ନାମକରଣ କରାଯାଇଛି। ଉକ୍ତ ସ୍ତରର ଦୈର୍ଘ୍ୟପ୍ରସ୍ଥ ଅନ୍ୟ ୩ଗୋଟି ସ୍ତରର ଦୈର୍ଘ୍ୟ ପ୍ରସ୍ଥ ଠାରୁ କମ୍। ଭୂପୃଷ୍ଠର ବିଭିନ୍ନ ଜୈବିକ ପଦାର୍ଥର ବିଘଟନ ଯୋଗୁ ଉକ୍ତ ସ୍ତରର ମାଟି ସୃଷ୍ଟି। ଉକ୍ତ ସ୍ତରର ରଙ୍ଗ ବାଦାମୀ କଳାରୁ ଫିକା କଳା। ଉକ୍ତ ସ୍ତରର ବିଭିନ୍ନ ଭୌତିକ ଗୁଣ ମଧ୍ୟରୁ ସ୍ଥୂଳସାନ୍ଦ୍ରତା କମ୍ ଏବଂ ରନ୍ଧ୍ରସଂଖ୍ୟା ଅଧିକ। ବୃହତ୍ ରନ୍ଧ୍ର ଅପେକ୍ଷା କ୍ଷୁଦ୍ର ରନ୍ଧ୍ର ସଂଖ୍ୟା ଅଧିକ। ଜଳ ଧାରଣା ଏବଂ ଉତ୍ତାପ ଧାରଣ ଶକ୍ତି ଅଧିକ ସହ ବାୟୁ ଚଳାଚଳ ମଧ୍ୟ ଅଧିକ। ଉକ୍ତ ସ୍ତରର ଜୈବ ଅଙ୍ଗାର ଅଧିକ ଅର୍ଥାତ୍ ଶତକଡା ୦.୮୧ ରୁ ୧୦ ମଧ୍ୟରେ ଥାଏ। ସୁଲଭ ଯବକ୍ଷାରଯାନ ହେକ୍ଟର ପ୍ରତି ୪୫୦ ରୁ ୫୦୦ କି.ଗ୍ରା. ମଧ୍ୟରେ ଥିବା ସହ ସୁଲଭ ଫସ୍‌ଫେଟ ହେକ୍ଟର ପ୍ରତି ୨୫ ରୁ ୪୦ କି.ଗ୍ରା. ରହେ। ଏହି ସ୍ତରରେ ସୁଲଭ ପଟାସ ହେକ୍ଟର ପ୍ରତି ୨୫୦ ରୁ ୩୦୦ କି.ଗ୍ରା. ମଧ୍ୟରେ ରହେ। ଉକ୍ତ ସ୍ତରରେ ସୁଲଭ ଗନ୍ଧକ ହେକ୍ଟର ପ୍ରତି ୨୦ ରୁ ୩୦ କି.ଗ୍ରା. ମଧ୍ୟରେ ଥିଲା ବେଳେ କ୍ୟାଲ୍‌ସିୟମ, ମ୍ୟାଗ୍ନେସିୟମ ଏବଂ ଗୌଣ ଖାଦ୍ୟ ଉପାଦାନ ଭଲ ସ୍ଥିତିରେ ଥାଏ। ଅଣୁ ଖାଦ୍ୟ ଉପାଦାନ ମଧ୍ୟରେ ଦସ୍ତା , ତମ୍ବା, ଲୁହା ଏବଂ ମାଙ୍ଗାନିଜ ଫସଲ ପାଇଁ ଗ୍ରହଣଯୋଗ୍ୟ ଅବସ୍ଥାରେ ଥାଏ। ଟାଙ୍ଗଣା ଏବଂ ମଲିବଡେନମ୍ ସ୍ୱଳ୍ପରୁ ମଧ୍ୟମ ପରିମାଣ ଥାଏ। 'କ' ସ୍ତର ମାଟିର ଅମ୍ଳତାର ମାପ ୫.୦ ରୁ ୬.୦ ମଧ୍ୟରେ ସୀମିତ ଉକ୍ତ ସ୍ତର ଅଧିକ ଉର୍ବର। ଏହି ସ୍ତରର ମାଟିରେ ଗୁଚ୍ଛ ଚେ଼ର ଥିବା ଫସଲ ଯଥା : ଧାନ, ଗହମ, ମାଣ୍ଡିଆ, ମକା, ଯୁଆର, ବାଜରା ଏବଂ ସବୁ ପ୍ରକାର ସୂକ୍ଷ୍ମ ଖାଦ୍ୟଶସ୍ୟ ଯଥା ସୁଆଁ ଜାତୀୟ ଫସଲ ସଫଳ ଭାବେ ଚାଷ ହୋଇପାରିବ। ପନିପରିବା ଏବଂ ବିଲ ଫସଲର ତଳି ଉତାରିବା ପାଇଁ 'କ' ସ୍ତରର ମାଟି ଅଧିକ ଉପଯୁକ୍ତ।

ପରିଚ୍ଛେଦିକାର 'କ' ସ୍ତରର ନିମ୍ନସ୍ତରକୁ 'ଖ' ସ୍ତର କୁହାଯାଏ। ଉକ୍ତ ସ୍ତରର ରଙ୍ଗ ବାଦାମୀ। ଉକ୍ତ ସ୍ତରର ଦୈର୍ଘ୍ୟ ପ୍ରସ୍ଥ ପ୍ରାୟ ୫୦ ରୁ ୬୦ ସେ.ମି. ମଧ୍ୟରେ ହୋଇଥାଏ। 'ଖ' ସ୍ତରର ଉପର ମାଟିର ବୟନ ବାଲି, ପଟୁ କିମ୍ବା ବାଲିଆ ଦୋରସା ହୋଇଥିବା ବେଳେ ଏହାର ତଳ ସ୍ତରର ମାଟି ପଟୁ ଚିକିଟା ଏବଂ ଚିକ୍‌ଟା ହୋଇପାରେ। 'ଖ' ସ୍ତରର ମାଟିର ଜଳ ଧାରଣ ଶକ୍ତି କମ୍ କିନ୍ତୁ ଉତ୍ତାପ ଧାରଣ ଶକ୍ତି ଅଧିକ। ଏହି ସ୍ତରର ସ୍ଥୂଳ ସାନ୍ଦ୍ରତା ମଧ୍ୟମ, ରନ୍ଧ୍ର ସଂଖ୍ୟା କମ୍ ଏବଂ ବାୟୁ ଚ଼ଳାଚ଼ଳ ମଧ୍ୟ କମ୍। 'ଖ' ସ୍ତରର ମାଟିର ଜୈବ ଅଙ୍ଗାରର ଅଂଶ ଶତକଡ଼ା ୦.୬୧ ରୁ ୦.୮୦, ସୁଲଭ ଯବକ୍ଷାରଯାନ ହେକ୍ଟର ପ୍ରତି ୨୫୦ ରୁ ୪୫୦ କି.ଗ୍ରା., ସୁଲଭ ଫସ୍‌ଫେଟ ୨୫ ରୁ ୫୦ କି.ଗ୍ରା. ଏବଂ ସୁଲଭ ପଟାସ ୨୦୦ ରୁ ୨୫୦ କି.ଗ୍ରା. ମଧ୍ୟରେ ରହେ। ଉକ୍ତ ସ୍ତରର ମାଟିରେ ଗନ୍ଧକ ମଧ୍ୟମ ଅର୍ଥାତ୍ ହେକ୍ଟର ପ୍ରତି ୧୫ ରୁ ୧୯ କି.ଗ୍ରା. ମଧ୍ୟରେ। ଅଣୁଖାଦ୍ୟ ଉପାଦାନ 'ଖ' ପରିଚ୍ଛେଦିକା ମାଟିରେ ମଧ୍ୟମ ପରିମାଣ ଥାଏ। ଏହି ସ୍ତରର ମାଟିକୁ ଭଲଭାବେ କର୍ଷଣକରି ଲମ୍ୱା ଚେ଼ରଯୁକ୍ତ ଡାଲି ଜାତୀୟ ଫସଲ ଯଥା ମୁଗ, ବିରି, ହରଡ଼, କୋଳଥ ଏବଂ ତୈଳବୀଜ ଜାତୀୟ ଫସଲ ଯଥା ସୋରିଷ, ସୂର୍ଯ୍ୟମୁଖୀ, କୁସୁମୀ, ଚିନାବାଦାମ ପ୍ରଭୃତି ଲାଭଜନକ ଭାବେ ଚାଷ କରାଯାଇପାରିବ। ପରିବା ଫସଲ ମଧ୍ୟରେ ମୂଳା, ଗାଜର, ବିଟ୍, ସାଲଗମ୍ , ବାଇଗଣ ଏବଂ ବିଲାତି ବାଇଗଣ ଆଦି ଅନୁମୋଦିତ ସାର ପ୍ରୟୋଗକରି ଚାଷ କରାଯାଇପାରିବ।

"ପରିଚ୍ଛେଦିକାର 'କ' ସ୍ତରର ନିମ୍ନ ସ୍ତରକୁ 'ଖ' ସ୍ତର କୁହାଯାଏ। ଉକ୍ତ ସ୍ତରର ରଙ୍ଗ ବାଦାମୀ। ଉକ୍ତ ସ୍ତରର ଦୈର୍ଘ୍ୟ ପ୍ରସ୍ଥ ପ୍ରାୟ ୫୦ ରୁ ୬୦ ସେ.ମି. ମଧ୍ୟରେ ହୋଇଥାଏ। 'ଖ' ସ୍ତରର ଉପର ମାଟିର ବୟନ ବାଲି, ପଟୁ କିମ୍ବା ବାଲିଆ ଦୋରସା ହୋଇଥିବା ବେଳେ ଏହାର ତଳ ସ୍ତରର ମାଟି ପଟୁ ଚିକିଟା ଏବଂ ଚିକ୍‌ଟା ହୋଇପାରେ। 'ଖ' ସ୍ତରର ମାଟିର ଜଳ ଧାରଣ ଶକ୍ତି କମ୍ କିନ୍ତୁ ଉତ୍ତାପ ଧାରଣ ଶକ୍ତି ଅଧିକ। ଏହି ସ୍ତରର ସ୍ଥୂଳ ସାନ୍ଦ୍ରତା ମଧ୍ୟମ, ରନ୍ଧ୍ର ସଂଖ୍ୟା କମ୍ ଏବଂ ବାୟୁ ଚ଼ଳାଚ଼ଳ ମଧ କମ୍।"



ପରିଚ୍ଛେଦିକାର 'ଗ' ସ୍ତରର ମାଟିର ଦୈର୍ଘ୍ୟ ପ୍ରସ୍ଥ ୬୦ ରୁ ୧୨୦ ସେ.ମି. ମଧ୍ୟରେ ରହେ। ଉକ୍ତ ସ୍ତରର ମାଟିରେ କର୍ଦ୍ଦମ ସହ କ୍ଷୁଦ୍ର ପଥର ଖଣ୍ଡମାନ ରହିଥାଏ। ଉକ୍ତ ସ୍ତର ମାଟିର ବୟନ ପଟୁ ଚିକିଟା କିମ୍ବା ଚିକିଟା ହୋଇଥାଏ। ଉକ୍ତ ସ୍ତର ମାଟିର ଜଳ ଧାରଣ ଶକ୍ତି ଅଧିକ, କିନ୍ତୁ ଗ୍ରୀଷ୍ମଋତୁରେ ମାଟି ଶୁଖିଲା ପ୍ରାୟ ରହେ। ଉକ୍ତ ସ୍ତରର ମାଟି ଜୈବିକ ପଦାର୍ଥ ଭାଗ କମ୍ କିନ୍ତୁ ଉତ୍ତାପ ଅଧିକ ଏବଂ କମ୍ ବିକିରଣ ଯୋଗୁ ଉଚ୍ଚ ଉତ୍ତାପ ଅଧିକ ଦିନ ରହେ। ମାଟିର ରଙ୍ଗ ଫିକା ଲାଲ ପ୍ରାୟ। ଉକ୍ତ ସ୍ତରର ମାଟିରେ ଜୈବ ଅଙ୍ଗାର 'କ' ଏବଂ 'ଖ' ସ୍ତର ଠାରୁ ସ୍ୱଳ୍ପ ଅର୍ଥାତ୍ ୦.୨୦ ରୁ ୦.୩୦ ଶତକଡା ମଧ୍ୟରେ। ଉକ୍ତ ସ୍ତରର ସୁଲଭ ଯବକ୍ଷାରଯାନ ହେକ୍ଟର ପ୍ରତି ୧୨୦ କି.ଗ୍ରା.ରୁ କମ୍। ସେହିପରି ସୁଲଭ ଫସ୍‌ଫେଟ ହେକ୍ଟର ପ୍ରତି ୪ ରୁ ୯ କି.ଗ୍ରା. ଏବଂ ସୁଲଭ ପଟାସ ୧୦୦ ରୁ ୧୫୦ କି.ଗ୍ରା. ମଧ୍ୟରେ। ଅନ୍ୟାନ୍ୟ ସୁଲଭ ଖାଦ୍ୟ ଅର୍ଥାତ୍ ଗୌଣ ଏବଂ ଅଣୁ ଖାଦ୍ୟ ଉପାଦାନ ମଧ୍ୟ ଯଥେଷ୍ଟ କମ୍। ମାଟି ଅମ୍ଳ ନ ହୋଇ ନିରପେକ୍ଷରୁ କ୍ଷାରୀୟ। 'ଗ' ସ୍ତରର ମାଟି ଅନୁର୍ବର। ଉକ୍ତ ମାଟିକୁ ଗଭୀରତମ ଚାଷ କରି ଦୀର୍ଘତମ ଚେ଼ର ଥିବା ଫଳ ଜାତୀୟ ଗଛ ଯଥା ଆମ୍ବ, ସପେଟା, ଲିଚୁ, ପିଜୁଳି , ଲେମ୍ବୁ , କମଳା, ସେଓ , ବରକୋଳି ପ୍ରଭୃତି ଲଗାଯାଇପାରିବ। ଉକ୍ତ ଗଛଗୁଡ଼ିକର ୨ ପ୍ରକାର ଚେ଼ର ଯଥା ଶାଖା ଚେ଼ର ମାଟିର ୩୦ ରୁ ୪୫ ସେ.ମି. ମଧ୍ୟରେ ସୀମିତ ରହି 'ଖ' ସ୍ତରରେ ଥିବା ବେଳେ ମୂଳ ଚେ଼ର 'ଗ' ସ୍ତର ପର୍ଯ୍ୟନ୍ତ ଲମ୍ୱିଥାଏ। ଏହି ସ୍ତରର ମାଟିରେ ଫସଲ ପାଇଁ ଖାଦ୍ୟ ଉପାଦାନ କମ୍ ଥିବାରୁ ମାଟିକୁ ଗଭୀର ଚାଷକରି ଅନୁମୋଦିତ ଖତ ସାର ପ୍ରୟୋଗ କରିବା ଉଚିତ୍। 'ଗ' ସ୍ତରର ମାଟି ଗଛର ମୂଳ ଚେ଼ରକୁ କେବଳ ଜାବୁଡିଧରି ଗଛକୁ ସିଧା ଠିଆ ହେବାରେ ସାହାଯ୍ୟକରେ।

ପରିଚ୍ଛେଦିକାର ସବା ଶେଷ ସ୍ତରକୁ 'ଘ' ସ୍ତର କୁହାଯାଏ। ଉକ୍ତ ସ୍ତର ଛୋଟ ବଡ଼ ଶିଳାଖଣ୍ଡମାନଙ୍କ ଦ୍ୱାରା ସୃଷ୍ଟି। ଉକ୍ତ ସ୍ତରରେ ପ୍ରାୟ ମାଟି ନ ଥାଏ। ତେଣୁ ଉକ୍ତ ସ୍ତରର ବୟନ ନାହିଁ। ୨ ଶିଳାର ଫାଙ୍କରେ ମୋଟା ବାଲି ଏବଂ କିଛି କର୍ଦ୍ଦମ ଭାଗ ଥାଏ। ଶିଳା ଖଣ୍ଡ ମାନଙ୍କର ରଙ୍ଗ ଫିକା ହଳଦିଆ, ଫିକା ଲାଲ୍ କିମ୍ବା ଫିକା ଧଳା ହୋଇପାରେ। 'ଗ' ସ୍ତରରେ ବଢୁଥିବା ବୃହତ୍ ଗଛଗୁଡ଼ିକର ମୂଳ ଚେ଼ର ସରୁ ଏବଂ ଲମ୍ୱ ହୋଇ ଫାଙ୍କ ମଧ୍ୟକୁ ଆସି ଥାଇପାରେ। ଗଛର ମୂଳ ଚେ଼ରର ଚାପ ଦ୍ୱାରା ଶିଳାଖଣ୍ଡମାନ ଫାଟି ନୂତନ ଶିଳା ସୃଷ୍ଟି କରେ। ଉକ୍ତ ସ୍ତରର ଉତ୍ତାପ ଧାରଣ ଶକ୍ତି ଅଧିକ ଏବଂ ବାୟୁ ଯଥା ଅଙ୍ଗାରକାମ୍ଳ କିଛି ମାତ୍ରାରେ ଥାଏ। ନିମ୍ନଗାମୀ ବର୍ଷାଜଳ ଉକ୍ତ ସ୍ତରରେ ଗଚ୍ଛିତ ହୋଇ ମାଟିର କୈଶିକ ପ୍ରକ୍ରିୟା ଦ୍ୱାରା ଲମ୍ୱି ଆସିଥିବା ଗଛର ଚେ଼ରକୁ ଜଳ ଯୋଗାଏ। 'ଘ' ସ୍ତରର ଦୈର୍ଘ୍ୟ ପ୍ରସ୍ଥ ଅସୀମିତ। କାରଣ ଏହା ପ୍ରାକୃତିକ ପରିବର୍ତ୍ତନ ଯୋଗୁ ଘଟିଥାଏ। ଏହି ପ୍ରକାର ଶିଳାରୁ ଭୂପୃଷ୍ଠର ମାଟି ସୃଷ୍ଟି ହୁଏ। ଶିଳାର ଗୁଣ ନେଇ ମାଟିର ଗୁଣ ହୁଏ। ଶିଳାରୁ ମାଟି ସୃଷ୍ଟି ପାଇଁ ପ୍ରାୟ ୧ ହଜାରରୁ ୧୫ଶହ ବର୍ଷ ପର୍ଯ୍ୟନ୍ତ ସମୟ ଲାଗିଥାଏ। ଏହା ଏକ ପ୍ରାକୃତିକ ପଦ୍ଧତି। ଆମେ ମନୁଷ୍ୟ କେବଳ ମୃତ୍ତିକା ପରିଚ୍ଛେଦିକାକୁ ରକ୍ଷଣାବେକ୍ଷଣ କରି ଏହାର ସଦ୍‌ବ୍ୟବହାର କରିବା ଉଚିତ୍।

-ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ : ୯୫୫୬୭୬୬୦୮୫

## ଆଳୁ ଅମଳ ସମୟରେ...



ବର୍ତ୍ତମାନ ଆଳୁ ଅମଳ ସମୟ। ଏ ସମୟରେ ଚାଷୀଭାଇ କେତୋଟି ଦିଗ ପ୍ରତି ଯତ୍ନଶୀଳ ହେଲେ ଉତ୍କୃଷ୍ଟମାନର ଆଳୁ ଅମଳ କରିବା ସହ ପରବର୍ତ୍ତୀ ସମୟରେ ଆଳୁ ପଚିଯିବା ସମସ୍ୟାକୁ ରୋକାଯାଇପାରିବ। ଆଳୁ ଅମଳ କରିବାର ୧୦-୧୫ ଦିନ ପୂର୍ବରୁ ଜମିରେ ଜଳସେଚନ ବନ୍ଦ କରିଦେବା ଆବଶ୍ୟକ। ଏହାଦ୍ୱାରା ଆଳୁର ଉପର ଚୋପା ଟାଣ ହୁଏ ଏବଂ ଅମଳ ସମୟରେ ଓ ଅମଳ ପରେ ଶଢ଼ିଯିବା ଆଶଙ୍କା କମ୍ ରହେ। ଆଳୁ ଅମଳ ସମୟରେ ଚାଷୀଭାଇ ଯତ୍ନର ସହ ହୁଡ଼ା ଭାଙ୍ଗି ଆଳୁ ଖୋଳିବା ଆବଶ୍ୟକ ଯେପରିକି ଆଳୁ କଟି ନ ଯାଏ। ଯଦି କିଛି ଆଳୁ କଟିଯାଏ ବା ଖଣ୍ଡିଆ ହୋଇଯାଏ, ସେଗୁଡ଼ିକୁ ଅଲଗାକରି ଶୀଘ୍ର ଖାଇବା ପାଇଁ ବ୍ୟବହାର କରିଦେବା ଆବଶ୍ୟକ। ଆଳୁ ଖୋଳିବା ପରେ ତାହାକୁ ପବନ ଚଳାଚଳ କରୁଥିବା ଛାଇ ଜାଗାରେ (ଖୋଲାଘର, ଛାତ ଥିବା ଖଳା ପ୍ରଭୃତି) ପତଳା ସ୍ତରରେ ୬-୮ ଦିନ ରଖି ୩-୪ ଦିନ ଅନ୍ତରରେ ପଚା ଆଳୁକୁ ଅଲଗା କରିବା ଆବଶ୍ୟକ।

## ମାଛ ଯାଆଁଳ ଛାଡ଼ିବା ପୂର୍ବରୁ...

ମାଛ ପୋଖରୀରେ ପଚୁମାଟି ମାଡ଼ିଯାଇଥିଲେ ଏହାକୁ କାଢ଼ି ପାଣି ନିର୍ମଳ ହେବାପରେ ମାଛ ଯାଆଁଳ ଛାଡ଼ନ୍ତୁ। ଯାଆଁଳ ଛାଡ଼ିବା ପରେ ଅଖା ଭିତରେ ଖତ ଓ କୁଣ୍ଡା ରଖି ପୋଖରୀରେ ଛାଡ଼ି ଦିଅନ୍ତୁ। ନୂଆକରି ମାଛଚାଷ କରୁଥିଲେ ପୋଖରୀର ଆକାର ଦେଖି ପୋଖରୀ ପ୍ରତି ୫ରୁ ୧୦କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ। ପାଣିର ସୁବିଧା ଦେଖି ମାଛ ଯାଆଁଳ ଚାଷ କରନ୍ତୁ। ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରରୁ ମାଛ ବିହନକୁ ଯାଆଁଳ ପର୍ଯ୍ୟନ୍ତ ବଢ଼ାଇ ଯେଉଁଠି ଅଧିକ ପାଣିର ସୁବିଧା ରହିଛି ସେଠାରେ ଆଗାମୀ ଦିନ ପାଇଁ ସାଇତି ରଖିହେବ।

## ଡାଲୁଅ ଧାନରେ ରୋଗ-ପୋକ ନିୟନ୍ତ୍ରଣ



ଡାଲୁଅ ଧାନରେ ରୋଗ ପୋକ ନିୟନ୍ତ୍ରଣ ପାଇଁ ନିମ୍ନଲିଖିତ ଉପାୟ ଅବଲମ୍ବନ କରିପାରନ୍ତି। ବିନ୍ଧାପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରୋପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବା ସମ୍ଭାବନା ଅଛି। ଏହି ପୋକ ଲାଗିଲେ, ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ଦିନେ ୨ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ଟି ପୋକ ଲାଗିଲେ ଇମିଡାକ୍ଲୋପ୍ରିଡ୍ ୩ ମି.ଲି./୧ ଲିଟର ବା ବୁପ୍ରୋଫେଜିନ୍ ୧ ମି.ଲି./୧ ଲିଟର ପାଣିରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ। ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ୩୦ ଦିନର ଗଛ ହୋଇଥିଲେ ଟ୍ରାଇକୋଗାମା ଜାପୋନିକମ୍ ପରାଶ୍ରୟୀ କୀଟର ଟ୍ରାଇକୋକାର୍ଡକୁ ଏକର ପ୍ରତି ୨ଟି କାର୍ଡ ହିସାବରେ ପ୍ରତି ସପ୍ତାହ ଅନ୍ତରରେ ଜମିରେ ପ୍ରୟୋଗ କରନ୍ତୁ।

## ପ୍ରାଣୀ ସମ୍ପଦର ସୁରକ୍ଷା



ଗୋରୁଙ୍କର ସାହାଣ,ବଜବଜିଆ ଓ ଫାଟୁଆ ରୋଗ ପାଇଁ ରକ୍ଷା ଏଫ୍‌ଏମ୍‌ଡି ଭାକ୍ସିନ୍ ଓ ଛେଳିମାନଙ୍କର ପିପିଆର୍ ରୋଗ ଲାଗି ପିପିଆର୍ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ। କୁକୁଡ଼ାମାନଙ୍କର ନାଳିଝାଡ଼ା ହେଉଥିଲେ ଅଧା ଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେ ମିଶାଇ ୩ ଦିନ ପର୍ଯ୍ୟନ୍ତ ଦିଅନ୍ତୁ। କୁକୁଡ଼ାର ଘୁମାରୋଗର ନିୟନ୍ତ୍ରଣ ସକାଶେ ୭ଦିନରେ ଲାସୋଟା ପ୍ରତିଷେଧକ ଟିକା ଓ ୧୩-୧୫ଦିନ ଭିତରେ ଆଇବିଡି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ। ବନରାଜା ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରନ୍ତୁ। ଗୃହପାଳିତ ପ୍ରାଣୀଙ୍କୁ ଶୀତ ଦାଉରୁ ରକ୍ଷାକରିବା ପାଇଁ ଗୁହାଳରେ ଫାଙ୍କ ଥିବା ଜାଗାକୁ ଅଖାରେ ବନ୍ଦ କରନ୍ତୁ ଏବଂ ସୁବିଧା ଥିଲେ ଗୋରୁଙ୍କୁ ମଧ୍ୟ ଅଖାରେ ଘୋଡ଼ାଇ ଦିଅନ୍ତୁ। ଗୋରୁଙ୍କର ଫାଟୁଆ ରୋଗ ଓ ଛେଳିଙ୍କର ପିପିଆର୍ ରୋଗ ଲାଗି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ।

# ଖାଲି ପଡୁଥିବା ଜମିରେ ଡାଲି ଫସଲ

(ଶେଷ ଭାଗ)

**ରୋଗ ନିୟନ୍ତ୍ରଣ :** ଡାଲି ଫସଲରେ ଝାଉଁଳା ରୋଗ ଦମନ ପାଇଁ ମେଟିରାମ ୭୦ ପ୍ରତିଶତ ଡବ୍ଲ୍ୟୁଜି ୧୫ ଗ୍ରାମ, ପାଉଁଶିଆ ରୋଗ ପାଇଁ ସଲ୍‌ଫର ୮୦ ପ୍ରତିଶତ ଡବ୍ଲ୍ୟୁପି ୨୦ ଗ୍ରାମ/ପ୍ରୋପିକୋନାଜୋଲ ୨୫ ପ୍ରତିଶତ ଇସି ୧୦ମି.ଲି., ପତ୍ରପୋଡ଼ା ରୋଗ ପାଇଁ କପର ଅକ୍ସିକ୍ଲୋରାଇଡ୍ ୫୦ ପ୍ରତିଶତ ଡବ୍ଲ୍ୟୁପି ୩୦ ଗ୍ରାମ/ମାନ୍‌କୋଜେବ୍ ୭୫ ପ୍ରତିଶତ ଡବ୍ଲ୍ୟୁପି ୨୫ ଗ୍ରାମ, ଜୀବାଣୁଜନିତ ପତ୍ରଚିତା ରୋଗ ପାଇଁ କପର ଅକ୍ସିକ୍ଲୋରାଇଡ୍ ୫୦ ପ୍ରତିଶତ ଡବ୍ଲ୍ୟୁଜି ୨୦ ଗ୍ରାମ + ଷ୍ଟ୍ରେପ୍ଟୋମାଲସିନ୍ ସଲ୍‌ଫେଟ୍ ୯ ପ୍ରତିଶତ +ଟେଟ୍ରାସାଇକ୍ଲିନ୍ ହାଇଡ୍ରୋକ୍ଲୋରାଇଡ୍ ୧ ପ୍ରତିଶତ (୧୦ ଗ୍ରାମ ମିଶ୍ରଣ),ସର୍ବସ୍ପୋରା ପତ୍ରଚିତା ରୋଗ ପାଇଁ କ୍ଲୋରୋଥାଲୋଲିନ୍ ୭୫ ପ୍ରତିଶତ ଡବ୍ଲ୍ୟୁପି ୨୦ ଗ୍ରାମ/କାର୍ବେଜାଣ୍ଡିଜିମ୍ ୧୨ ପ୍ରତିଶତ +ମାନ୍‌କୋଜେବ୍ ୬୩ ପ୍ରତିଶତ ମିଶ୍ରଣର ୨୦ ଗ୍ରାମ, ଫାଇଟୋପଥୋରା ପତ୍ରପୋଡ଼ା ରୋଗ ପାଇଁ ମେଟୋଲାକ୍ସିଲ୍ ୩୫ ପ୍ରତିଶତ ଡବ୍ଲ୍ୟୁଏସ୍‌ଇର ୧୦ ଗ୍ରାମ, ବେକପଚା ରୋଗ ପାଇଁ କାର୍ବେଣ୍ଡାଜିମ୍ ୫୦ ପ୍ରତିଶତ ଡବ୍ଲ୍ୟୁପି ୨୦ ଗ୍ରାମ, କଳଙ୍କି ରୋଗ ପାଇଁ କ୍ଲୋରୋଥାଲୋନିଲ୍ ୭୫ ପ୍ରତିଶତ ଡବ୍ଲ୍ୟୁପି ୨୦ ଗ୍ରାମ/ଡାଇଫେନୋକୋନାଜୋଲ୍ ୨୫ ପ୍ରତିଶତ ଇସି ୧୦ ମିଲି, ସାହେବା ଭୂତାଣୁ ପାଇଁ ସଲ୍‌ଫର ୮୦ ପ୍ରତିଶତ ଡବ୍ଲ୍ୟୁପି ୪୦ ଗ୍ରାମ/ଥାୟୋମେଥୋକାମ୍ ୨୫ ପ୍ରତିଶତ ଇସି ଡବ୍ଲ୍ୟୁଜି ୧୦ ଗ୍ରାମ, ଶୁଖିଲା ଚେରପଚା ରୋଗ ପାଇଁ ଭାଲିଡାମାଇସିନ୍ ୩ ପ୍ରତିଶତ ଏଲ୍. ୨୦ ମିଲି./କାର୍ବେଜାଣ୍ଡିମ୍ ୫୦ ପ୍ରତିଶତ ଡବ୍ଲ୍ୟୁପି ୨୦ ଗ୍ରାମ କୀଟନାଶକକୁ ପ୍ରତି ୧୦ଲିଟର ପାଣିରେ ମିଶାଇ ଫସଲରେ ସିଞ୍ଚନ କରାଯାଏ।



ଛୁଇଁ/ଫଳବିନ୍ଧା ପୋକ ନିୟନ୍ତ୍ରଣ ନିମନ୍ତେ ଦେଶୀୟ ପ୍ରଣାଳୀରେ ୩.୫ ଲିଟର ଗୋମୂତ୍ର ସହ ୩.୫ କି.ଗ୍ରା. ଗୋବର ମିଶାଇ ଏକ ପାତ୍ରରେ ୭ଦିନ ପର୍ଯ୍ୟନ୍ତ ଘୋଡ଼ାଇ ରଖି ପରେ ଛାଣି ପାଣି ମଶାଇ ୧୦୦ ଲିଟର କରାଯାଏ। ଏଥିସହ ୨୦୦ ଗ୍ରାମ ଚୂନ ମିଶାଇ ଛଣାଯିବା ପରେ ଅପରାହ୍ନରେ ଡାଲି ଫସଲରେ ୧ ସପ୍ତାହ ଅନ୍ତରାଳରେ ୨-୩ ଥର ସିଞ୍ଚନ କରାଯାଏ। ଅନ୍ୟ ଫସଲରେ ମଧ୍ୟ ଏହାକୁ ପ୍ରୟୋଗକରି ଫଳବିନ୍ଧା ପୋକ ଦାଉରୁ ଫସଲକୁ ରକ୍ଷା କରିପାରିବେ। ଆହୁରି ମଧ୍ୟ ୧୦୦ଲିଟର ପାଣିରେ ୫ କି.ଗ୍ରା. ଗୁଡ଼ ମିଶାଇ ଭଲ ଭାବରେ ଘାଣ୍ଟି ଗୁଡ଼ପଣା ତିଆରିକରି ଛାଡ଼ି ଏକ ଏକର ଫସଲରେ ସିଞ୍ଚନ କଲେ ପିମ୍ପୁଡ଼ିମାନେ ଗଛରେ ଚଢ଼ି ଫଳବିନ୍ଧା ଓ ପତ୍ରଡିଆଁ ପୋକର ଅଣ୍ଡାଗୁଡିକୁ ଖାଇଯାଆନ୍ତି ଏବଂ ଫସଲ ରକ୍ଷା ପାଇଥାଏ। ସ୍ଥଳବିଶେଷରେ ଜଉ, ସବୁଜ ପତ୍ରଡିଆଁ, ଛୁଇଁ ଶୋଷକ/କାଓ ବଗ୍, ବ୍ଲିଷ୍ଟର ବିଟିଲ ପୋକର ନିୟନ୍ତ୍ରଣ ପାଇଁ ଇମିଡାକ୍ଲୋପ୍ରିଡ୍ ୧୭.୮ ପ୍ରତିଶତ ଏସ୍‌ଏଲ୍ ୨.୮ ମିଲି/ଥାୟୋମେଥୋକାମ ୨୫ ପ୍ରତିଶତ ଡବ୍ଲ୍ୟୁଜି ୨ ଗ୍ରାମ./ଆସେଟାମିପ୍ରିଡ ୨୦ ପ୍ରତିଶତ ଏସ୍‌ପି ୨.୫ ଗ୍ରାମ କୀଟନାଶକକୁ ପ୍ରତି ୧୦ଲିଟର ପାଣିରେ ମିଶାଇ ସିଞ୍ଚନ କରିବା ଦରକାର।

ଅନ୍ୟପକ୍ଷରେ ଡାଲିଜାତୀୟ ଫସଲର ଅମଳ ଏବଂ ତାହାର ପରବର୍ତ୍ତୀ ପରିଚାଳନାର ମଧ୍ୟ ଆବଶ୍ୟକତା ରହିଛି। ମୁଗ, ବିରି ଫସଲରୁ ଛୁଇଁ ତୋଳାଗଲେ ଅଧିକ ଅମଳ ମିଳିଥାଏ। ଛୁଇଁ ଅଧିକ ଦିନ ପାକଳ ଅବସ୍ଥାରେ ରହିଲେ ଫାଟିଯାଇ ବାହାରି ଜମିରେ ଗଳିପଡ଼େ। ଛୁଇଁ ୮୦ ଭାଗ ପାଚିଗଲେ ଅମଳ କରାଯାଏ। ବୁଟ, ମଟରର ପତ୍ର ଝଡ଼ି ଆସିଲେ, ଗଛର କାଣ୍ଡ ଓ ଫଳ ବାଦାମୀ ରଙ୍ଗର ଦେଖାଗଲେ, ଛୁଇଁ ପାକଳ ହୋଇ ଆସିଲେ ଗଛକୁ କାଟି ଆଣି ଖରାରେ ଶୁଖାଇ ଦିଆଯାଏ ଏବଂ ଅମଳ କରାଯାଏ। ଏକର ପ୍ରତି ଉତ୍ପାଦନ ଖର୍ଚ୍ଚ ୧୦-୧୨ ହଜାର ଟଙ୍କା ହେଉଥିବା ବେଳେ ୨୦-୩୦ ହଜାର ଟଙ୍କା ଲାଭ ମିଳିଥାଏ। ତେଣୁ କୃଷକ ଭାଇମାନେ ଅଧିକ ଡାଲି ଚାଷ କରି ବହୁବିଧ ଉପକାର ପାଇପାରିବେ।

-ଡା. ପରେଶ କୁମାର ପଣ୍ଡା,
ସହକାରୀ କୃଷି ନିର୍ଦ୍ଦେଶକ, ଯାଜପୁର
ମୋ : ୯୪୩୭୧୧୨୭୦୪

ଧରିତ୍ରୀ DHARITRI 50 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୨୦/୨୦୨୪ Bhubaneswar, Wednesday, March 20/ 2024

# ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷୀ, ଭିନେଶଙ୍କ ଅପିଲ

ନୂଆଦିଲ୍ଲୀ,୧୯।୩(ପି.ଟି.)

ସୋମବାର ଭାରତୀୟ ରେସ୍‌ଲିଂ ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)ର ଦୈନନ୍ଦିନ କାର୍ଯ୍ୟକ୍ରମ ପରିଚାଳନା ପାଇଁ ଗଠିତ ଆଡ୍‌ହକ କମିଟିକୁ ଭାଙ୍ଗିଦେଇଛି ଭାରତୀୟ ଅଲିମ୍ପିକ୍ସ ମହାସଂଘ(ଆଇଓଏ)। ଏହା ସହ ଡବ୍ଲ୍ୟୁଏଫ୍‌ଆଇ ପୁନର୍ବାର ପରିଚାଳନା ଭାର ଗ୍ରହଣ କରିଛି। ତେବେ ଏଥିରେ ଅସନ୍ତୋଷ ପ୍ରକାଶ କରିବା ସହ

## ଡବ୍ଲ୍ୟୁଏଫ୍‌ଆଇକୁ କ୍ଷମତା ହସ୍ତାନ୍ତର


ଭିନେଶ ଫୋଗଟ ଓ ସାକ୍ଷୀ ମଲିକ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅପିଲ କରିଛନ୍ତି ସାକ୍ଷୀ ମଲିକ୍ ଓ ଭିନେଶ ଫୋଗଟ। ମହିଳାମାନଙ୍କୁ ନିର୍ଯାତିତ କରୁଥିବା ବ୍ରିଜଭୂଷଣ ଶରଣ ସିଂଙ୍କ ପରି ଲୋକଙ୍କ ହାତକୁ ଆଉଥରେ କ୍ଷମତା ହସ୍ତାନ୍ତର ହୋଇଥିବା ବେଳେ ହସ୍ତକ୍ଷେପ ପାଇଁ ମୋଦିଙ୍କୁ ଅପିଲ କରିଛନ୍ତି ଉଭୟ ଖେଳାଳି। ଉଭୟ ସୋସିଆଲ ପ୍ଲାଟଫର୍ମ 'ଏକ୍ସ'ରେ ପୋଷ୍ଟ କରି ଏଭଳି କହିଛନ୍ତି। କୌଣସି ଘଟଣାକୁ ଭିନ୍ନ ଅର୍ଥ ଦେବାରେ ପ୍ରଧାନମନ୍ତ୍ରୀ ମାହିର। ଗୋଟିଏ ପଟେ ବିପକ୍ଷ ଦଳର ନେତାଙ୍କୁ ଟାର୍ଗେଟ କରିବାକୁ ସେ ନାରୀଶକ୍ତିର ଉଦାହରଣ ଦିଅନ୍ତି ମାତ୍ର ବାସ୍ତବତା ଏହାଠାରୁ ଭିନ୍ନ। ନାରୀ ଶକ୍ତି କ'ଣ ନରେନ୍ଦ୍ର ମୋଦି ଏହାର ଉଦାହରଣ ଦିଅନ୍ତୁ ବୋଲି ଲେଖିଛନ୍ତି ଭିନେଶ ଫୋଗଟ। ମହିଳା ରେସ୍‌ଲରମାନଙ୍କୁ ନିର୍ଯାତନା ଦେଇଥିବା ବ୍ରିଜଭୂଷଣଙ୍କ ଭଳି ଲୋକ ପୁନର୍ବାର କ୍ଷମତାକୁ ଫେରୁଛନ୍ତି। ତେଣୁ ପ୍ରଧାନମନ୍ତ୍ରୀ ନାରୀମାନଙ୍କୁ ଢାଲ କରିବା ପରିବର୍ତ୍ତେ ମହିଳା ଆଥ୍‌ଲେଟଙ୍କ ପାଇଁ କିଛି କାର୍ଯ୍ୟ କରିବେ ବୋଲି କହିଛନ୍ତି ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ବିଜୟିନୀ ଭିନେଶ।

ଅନ୍ୟପକ୍ଷରେ ଅବସର ନେଇସାରିଥିବା ଅଲିମ୍ପିକ୍ସ ପଦକ ବିଜୟିନୀ ସାକ୍ଷୀ ମଲିକ ମଧ୍ୟ ଡବ୍ଲ୍ୟୁଏଫ୍‌ଆଇକୁ ସମାଲୋଚନା କରିଛନ୍ତି। ଦେଶ ବର୍ତ୍ତମାନ ଏକ ନୂତନ ଇତିହାସ ଦେଖିବାକୁ ଯାଉଛି। ଦେଶର ଶକ୍ତିଶାଳୀ ବ୍ୟକ୍ତିଙ୍କ ହାତରେ ମହିଳାମାନେ କିଭଳି ଖେଳନା ରହିଥିଲେ ଏହା ତା'ର ଉଦାହରଣ ବୋଲି କହିଛନ୍ତି ସାକ୍ଷୀ। କ୍ଷମତାଶୀଳ ବ୍ୟକ୍ତିମାନେ କିଭଳି ସମ୍ବିଧାନ ଓ ଆଇନରୁ ଉର୍ଦ୍ଧ୍ୱରେ ତା'ର ଏକ ଉଦାହରଣ ଦେଖିବାକୁ ମିଳିଛି। କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ସସ୍‌ପେଣ୍ଡ ହୋଇଥିଲେ ମଧ୍ୟ ସଞ୍ଜୟ ସିଂ ସର୍ବଦା ଏଭଳି ବୟାନ ଦେଉଥିଲେ। କିଛି ଦିନ ମଧ୍ୟରେ ପୁନର୍ବାର କ୍ଷମତାକୁ ଫେରିବା ନେଇ ସେ ଦାବି କରୁଥିବା ବେଳେ ସୋମବାର ଆଇଓଏ ଏହାକୁ ରୂପରେଖ ଦେଇଛି। ଏପରି ହେବା ଦ୍ୱାରା ଭାରତରେ ମହିଳାମାନେ ନିର୍ଯାତିତ ହେଉଥିବାର ଶହ ଶହ ବର୍ଷର ପରମ୍ପରା ବଳବତ୍ତର ରହିବ ବୋଲି ସାକ୍ଷୀ ମଲିକ ପୋଷ୍ଟ କରିଛନ୍ତି।

ଏପ୍ରିଲ ମାସରେ ହେବାକୁ ଥିବା ଅଲିମ୍ପିକ୍ସ ଟ୍ରାଏଲ୍ସ ସଫଳତାର ସହ ସମାପନ ହେବା ପରେ ଆଡ୍‌ହକ କମିଟିକୁ ଭାଙ୍ଗି ଦିଆଯାଇଛି। ଡିସେମ୍ବର ମାସରେ ଅଣ ସାମ୍ବିଧାନିକ କାର୍ଯ୍ୟ କାରଣରୁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଡବ୍ଲ୍ୟୁଏଫ୍‌ଆଇକୁ ବାସନ୍ଦ କରାଯାଇଥିଲା। ପରେ ଆଇଓଏ ପକ୍ଷରୁ ଏକ ୩ ଜଣିଆ ଆଡ୍‌ହକ ପ୍ୟାନେଲ୍ ଗଠନ କରାଯାଇ ଦୈନନ୍ଦିନ କାର୍ଯ୍ୟ ପରିଚାଳନା କରାଯାଉଥିଲା। ଭୂପିନ୍ଦର ସିଂ ବାଜୱାଙ୍କ ନେତୃତ୍ୱରେ ଏହି କମିଟି ଏସିଆନ ଚାମ୍ପିୟନଶିପ୍ ଓ ଏସିଆନ୍ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ପାଇଁ ଟ୍ରାଏଲ୍ସ କରିଥିଲେ।

## ଆଇପିଏଲ୍: ପ୍ରଥମ ମ୍ୟାଚ ଖେଳିବେନି ସୂର୍ଯ୍ୟକୁମାର

**ମୁମ୍ବାଇ, ୧୯।୩ (ପି.ଟି.):** ଆଇପିଏଲ୍‌ରେ ଗୁଜରାଟ ଟାଇଟନ୍ସ ବିପକ୍ଷ ମୁମ୍ବାଇ ଇଣ୍ଡିଆନ୍ସର ଓପନିଂ ମ୍ୟାଚରେ ସୂର୍ଯ୍ୟକୁମାର ଯାଦବ ଖେଳିବେ ନାହିଁ। କାରଣ ତାଙ୍କୁ ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏ)ରୁ ଏ ପର୍ଯ୍ୟନ୍ତ ଫିଟ୍‌ନେସ୍ କ୍ଲିଅରାନ୍ସ ମିଳିନାହିଁ। ଗୁଜରାଟ ଟାଇଟନ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ ମ୍ୟାଚ ମାର୍ଚ୍ଚ ୨୪ରେ ଖେଳାଯିବ। ହର୍ନିଆ ଅସ୍ତ୍ରୋପଚାର ପରେ ବିଶ୍ୱର ନମ୍ବର ୱାନ ଟି୨୦ ବ୍ୟାଟର ସୂର୍ଯ୍ୟକୁମାର ବେଙ୍ଗାଲୁରୁସ୍ଥିତ ଏନ୍‌ସିଏରେ ରିହାବିଲିଟେଶନରେ ଅଛନ୍ତି। ସେ ଡିସେମ୍ବର ପରଠାରୁ ଖେଳିନାହାନ୍ତି। ମଙ୍ଗଳବାର ତାଙ୍କର ଫିଟ୍‌ନେସ୍ ଟେଷ୍ଟ ହୋଇଥିଲା। ୩୩ବର୍ଷୀୟ ଖେଳାଳିଙ୍କର ଆହୁରି ମୂଲ୍ୟାଙ୍କନ ଆବଶ୍ୟକ ରହିଛି। ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଏହାର ପରବର୍ତ୍ତୀ ମ୍ୟାଚଗୁଡ଼ିକ ଯଥା ମାର୍ଚ୍ଚ ୨୭ରେ ସନରାଇଜର୍ସ ହାଇଦ୍ରାବାଦ, ଏପ୍ରିଲ ୧ରେ ରାଜସ୍ଥାନ ରୟାଲ୍ସ ଏବଂ ଏପ୍ରିଲ ୭ରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଖେଳିବ।




# ପନ୍ତଙ୍କ ସହ ଖେଳିବାକୁ ଉତ୍ସାହିତ କୁଶାଗ୍ର

**ବିଶାଖାପାଟଣା,୧୯।୩(ପି.ଟି.):** ବିଶ୍ୱର ସର୍ବବୃହତ୍ ଟି୨୦ ଲିଗ୍ ଆଇପିଏଲ୍‌ରେ ଏକ କଣ୍ଟ୍ରାକ୍ଟ ହାସଲ କରିବା ଅନେକ ଖେଳାଳିଙ୍କ ପାଇଁ ସ୍ୱପ୍ନ। ଝାଡଖଣ୍ଡର ଯୁବ ଉଇକେଟକିପର ବ୍ୟାଟର କୁମାର କୁଶାଗ୍ରଙ୍କ ଏହି ସ୍ୱପ୍ନ ପୂରଣ ହୋଇଥିବା ବେଳେ ବର୍ତ୍ତମାନ ସେ ରିଷଭ ପନ୍ତଙ୍କ ସହିତ ଖେଳିବାକୁ ଯାଉଛନ୍ତି। ଝାଡଖଣ୍ଡର ବୋକାରୋ ସହରରୁ ଆସୁଥିବା ଏହି ୧୯ ବର୍ଷୀୟ ଖେଳାଳି ଜଣଙ୍କ ୧୯ ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ସାରିଛନ୍ତି। ଏହା ମଧ୍ୟରେ ସେ ୧୨୪୫ ରନ୍ ସ୍କୋର କରିଥିବା ବେଳେ ଦିଲ୍ଲୀ କ୍ୟାପିଟାଲ୍ସ ତାଙ୍କୁ ୭.୨ କୋଟି ଟଙ୍କାରେ କିଣିଥିଲା। ଏହା ବ୍ୟତୀତ ଘରୋଇ କ୍ରିକେଟରଙ୍କ ମଧ୍ୟରେ ସୁମିତ କୁମାର ଓ ରିକି ଭୁଇଙ୍କୁ ଦଳ କିଣିଥିଲା। କୁଶାଗ୍ର ବର୍ତ୍ତମାନ ମୁଖ୍ୟ କୋଚ୍ ରିକି ପଣ୍ଟିଂଙ୍କ ନେତୃତ୍ୱରେ ଅଭ୍ୟାସ କରୁଛନ୍ତି। ପ୍ରଥମ ଥର ଆଇପିଏଲ୍ ଖେଳୁଥିବା କୁଶାଗ୍ର ଅନେକ ଅନ୍ତର୍ଜାତୀୟ ଖେଳାଳିଙ୍କୁ ପ୍ରଥମ ଥର ଭେଟିବାକୁ ନେଇ ଉତ୍ସାହିତ ଥିବା କହିଛନ୍ତି। ତେବେ କ୍ୟାପିଟାଲ୍ସ ନେଟ୍ସରେ ରିଷଭ ପନ୍ତଙ୍କ ସହ ଏକତ୍ର ବ୍ୟାଟିଂ କରିବା ଅତ୍ୟନ୍ତ ଚମତ୍କାର ଥିଲା ବୋଲି ସେ କହିଛନ୍ତି।


ଦିଲ୍ଲୀ କ୍ୟାପିଟାଲ୍ସର ନେଟ୍ ସେସନ ଅବସରରେ କୁମାର କୁଶାଗ୍ର।



**SHOWROOMS:** **ODISHA: SAMBALPUR:** RENAULT Sambalpur Mob: +91 8448890323. **BHUBANESWAR**: RENAULT Bhubaneswar Mob: +91 8860076082, RENAULT Bhubaneswar North Mob: +91 7428190232. **BHAWANIPATNA:** RENAULT Bhawanipatna Mob: +91 9438395880. **CUTTACK**: RENAULT Cuttack Mob: +91 9311772648. **JEYPORE:** RENAULT Jeypore Mob: +91 9311596618. **ROURKELA:** RENAULT Rourkela Mob: +91 8860875802. **SUNDERGARH:** RENAULT Sundergarh Mob: +91 9311529949.

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ